# ଧରିତ୍ରୀ
DHARITRI

୪୭

ରାୟଗଡ଼ା, ଶନିବାର, ନଭେମ୍ବର ୨୮/୨୦୨୦ (୧୬ ପୃଷ୍ଠା) | Rayagada, Saturday, November 28/2020 ★

୧୦ମ ଭାଗ ୧୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ସ୍ମିଥ୍‌ଙ୍କ ଦ୍ରୁତ ଶତକ**

ଷ୍ଟିଭେନ୍ ସ୍ମିଥ୍‌ଙ୍କ ଦ୍ରୁତ ଶତକ ବଳରେ ଅଷ୍ଟ୍ରେଲିଆ ଶୁକ୍ରବାର ଅନୁଷ୍ଠିତ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତକୁ ୬୬ ରନରେ ପରାସ୍ତ କରିଛି।

୧୬

୧୪

**ଓଜନିଆ ଲେହେଙ୍ଗା ପିନ୍ଧି ଚର୍ଚ୍ଚାରେ ରାନୀ**

ଅଭିନେତ୍ରୀ ରାନୀ ଚାଟାର୍ଜୀଙ୍କ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବୋହୂ ବେଶରେ ସେ ଓଜନିଆ ଲେହେଙ୍ଗା ପିନ୍ଧି ଚର୍ଚ୍ଚାକୁ ଆସିଛନ୍ତି।



## ପେଟ୍ରୋଲ ୧୯, ଡିଜେଲ ୨୭ ପଇସା ବଢ଼ିଲା

**ଭୁବନେଶ୍ୱର,୨୭।୧୧:** କରୋନା ମହାମାରୀ ସମୟରେ ଲଗାତର ତେଲ ଦର ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଉଛି। ଗତ ସପ୍ତାହ ଶୁକ୍ରବାରଠାରୁ ତେଲ ଦର ବଢ଼ି ଚାଲିଛି। କେବଳ ବୁଧବାରକୁ ଛାଡି ଅନ୍ୟ ସବୁଦିନ ଇନ୍ଧନ ଦର ବଢ଼ିଛି। ଗତ ୮ ଦିନ ମଧ୍ୟରେ ୭ ଦିନ ପେଟ୍ରୋଲ, ଡିଜେଲ ଦର ବଢ଼ିବା ଯୋଗୁ ଏହା ଖାଉଟିଙ୍କ ଚିନ୍ତାରେ ପକାଇଛି। ଲଗାତର ଏଭଳି ଦର ବୃଦ୍ଧି ଲୋକଙ୍କୁ ଅତିଷ୍ଠ କରୁଥିବା ଜଣାପଡିଛି। ଶୁକ୍ରବାର ଭୁବନେଶ୍ୱରରେ ପେଟ୍ରୋଲ ୧୯ ପଇସା ବଢ଼ିବା ଯୋଗୁ ଲିଟର ପିଛା ଦର ୮୨.୫୦ଟଙ୍କା ଛୁଇଁଛି। ସେହିଭଳି ଏଠାରେ ଡିଜେଲ ୨୭ ପଇସା ବଢ଼ିବା ଫଳରେ ଲିଟର ପିଛା ଲୋକଙ୍କୁ ୭୮.୨୬ ଟଙ୍କା ଦେବାକୁ ପଡୁଛି। ଦେଶର ପ୍ରମୁଖ ମେଟ୍ରୋ ସହରଗୁଡିକରେ ପେଟ୍ରୋଲ ଦର ୧୮ରୁ ୧୯ ପଇସା ଏବଂ ଡିଜେଲ ୨୪ରୁ ୧୬ ପଇସା ଉର୍ଦ୍ଧ୍ୱରେ ରହିଛି। ନୂଆ ଦିଲ୍ଲୀରେ ପେଟ୍ରୋଲ ୮୧.୮୯ ଟଙ୍କା ଥିବା ବେଳେ ଚେନ୍ନାଇରେ ୮୪.୯୧ ଟଙ୍କା, କୋଲକାତାରେ ୮୩.୪୪ ଟଙ୍କା ଏବଂ ମୁମ୍ବାଇରେ ସର୍ବାଧିକ ୮୮.୫୮ ଟଙ୍କା ରହିଛି। ସେହିଭଳି ଏହି ସହରଗୁଡିକରେ ଡିଜେଲ ଦର ଯଥାକ୍ରମେ ୭୧.୮୬ ଟଙ୍କା, ୭୭.୩୦ ଟଙ୍କା, ୭୫.୪୩ ଟଙ୍କା ଏବଂ ୭୮.୩୮ ଟଙ୍କା ରହିଥିବା ତୈଳ ବିପଣନ କମ୍ପାନୀଗୁଡିକ ପକ୍ଷରୁ ସୂଚନା ରହିଛି।

# କୃଷକଙ୍କୁ ମାଡ଼ ପରେ ଅନୁମତି

### କୃଷି ଆଇନ ନେଇ ଆଲୋଚନା କରିବାକୁ କେନ୍ଦ୍ର ରାଜି

**ନୂଆଦିଲ୍ଲୀ,୨୭।୧୧ (ପି.ଟି./ଆଇଏଏନ୍ଏସ୍)**





କୃଷି ଆଇନ ବିରୋଧରେ ଆନ୍ଦୋଳନ ପାଇଁ ନୂଆଦିଲ୍ଲୀ ଯାଉଥିବା କୃଷକଙ୍କ ଉପରେ ଲୁହବୁହା ବାଷ୍ପ ପ୍ରୟୋଗ କରି ପୋଲିସ ସେମାନଙ୍କୁ ଅଟକାଉଛି (ବାମ)। ପୋଲିସ ଅଟକାଇବା ପରେ ବିକ୍ଷୋଭରତ ଚାଷୀ ସ୍ଲୋଗାନ ଦେଉଛନ୍ତି।

ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ବିକ୍ଷୋଭରତ ଚାଷୀଙ୍କୁ ଲାଠିମାଡ଼ କରିବା ପରେ ଦିଲ୍ଲୀ ଭିତରକୁ ଯିବା ପାଇଁ କେନ୍ଦ୍ର ସରକାର ଶୁକ୍ରବାର ଅନୁମତି ଦେଇଛନ୍ତି। ୫ ପଡ଼ୋଶୀ ରାଜ୍ୟର ହଜାର ହଜାର କୃଷକଙ୍କ ସହ ପ୍ରାୟ ଦୁଇଦିନ ଧରି ମୁହାଁମୁହିଁ ହେବା ପରେ ଅପରାହ୍ନରେ ପୋଲିସ ସେମାନଙ୍କୁ ଜାତୀୟ ରାଜଧାନୀକୁ ଛାଡ଼ିଛି। କୃଷକଙ୍କୁ ନୂଆଦିଲ୍ଲୀର ବୁରାରିସ୍ଥିତ ନିରଙ୍କାରୀ ପଡ଼ିଆକୁ କେନ୍ଦ୍ର ବିରୋଧରେ ବିକ୍ଷୋଭ ଲାଗି ଏସ୍କର୍ଟ କରି ନିଆଯାଉଛି। ବିଶେଷକରି ପଞ୍ଜାବ ଓ ହରିୟାଣାରୁ ଆସିଥିବା ବିକ୍ଷୋଭକାରୀଙ୍କ ସହ ପୋଲିସ ଏବଂ ଅର୍ଦ୍ଧସାମରିକ ବଳର ସଂଘର୍ଷ ସ୍ଥିତିକୁ ସଙ୍ଗିନ କରିଥିବାବେଳେ କେନ୍ଦ୍ରର ଏହି ନିଷ୍ପତ୍ତି ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି। ତେବେ ୩ କୃଷି ଆଇନ ପ୍ରତ୍ୟାହାର କରା ନ ଯିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି କୃଷକ ସଙ୍ଗଠନଗୁଡ଼ିକ ସ୍ପଷ୍ଟ କରିଛନ୍ତି।

କେନ୍ଦ୍ର ସରକାରଙ୍କ ୩ ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର ଦାବିରେ ପଞ୍ଜାବ, ଉତ୍ତର ପ୍ରଦେଶ, ହରିୟାଣା, ଉତ୍ତରାଖଣ୍ଡ, ରାଜସ୍ଥାନ ଓ କେରଳର ପ୍ରାୟ ୫୦୦ କୃଷକ ସଙ୍ଗଠନ ନଭେମ୍ବର ୨୬-୨୭ରେ 'ଦିଲ୍ଲୀ ଚଲୋ' ଡାକରା ଦେଇଛନ୍ତି। ଏହି କ୍ରମରେ ହଜାର ହଜାର ଚାଷୀ ଟ୍ରାକ୍ଟର ଓ ଅନ୍ୟ ☞ପୃଷ୍ଠା-୪

## କୋଭିଡ୍ ହସ୍ପିଟାଲରେ ୫ ଦଗ୍ଧ

**ରାଜ୍‌କୋଟ୍, ୨୭।୧୧**



ଗୁଜରାଟର ରାଜ୍‌କୋଟ୍‌ସ୍ଥିତ ଉଦୟ ଶିବାନନ୍ଦ କୋଭିଡ୍ ହସ୍ପିଟାଲ ଆଇସିୟୁରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ୫ ରୋଗୀ ଜୀବନ୍ତ ଦଗ୍ଧ ହୋଇଛନ୍ତି। ମୃତବ୍ୟକ୍ତିଙ୍କ ବୟସ ୬୦ରୁ ୭୦ ମଧ୍ୟରେ ହେବ ବୋଲି ମ୍ୟୁନିସିପାଲ କମିଶନର ଉଦିତ୍ ଅଗ୍ରୱାଲ ସୂଚନା ଦେଇଛନ୍ତି। ଆଇସିୟୁରେ ମୋଟ ୭ ଜଣ ଚିକିତ୍ସିତ ହେଉଥିଲେ। ୩ଜଣ ଘଟଣାସ୍ଥଳରେ ପ୍ରାଣ ହରାଇଥିବାବେଳେ ଅନ୍ୟ ୨ ଜଣ ଚିକିତ୍ସା ଲାଗି ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର ବେଳେ ମୃତ୍ୟୁବରଣ କରିଛନ୍ତି। ୩ ମହଲା ବିଶିଷ୍ଟ ହସ୍ପିଟାଲରେ ଆଇସିୟୁ ତଳ ମହଲାରେ ଥିଲା। କୋଭିଡ୍ ହସ୍ପିଟାଲରେ ମୋଟ ୩୩ ଜଣ ଚିକିତ୍ସିତ ହେଉଥିଲେ। ଅଗ୍ନିଶମ ବାହିନୀର କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଆହତ ଜଣେ ବ୍ୟକ୍ତିଙ୍କୁ ଚିକିତ୍ସା ଲାଗି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପ୍ରକାଶ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ହସ୍ପିଟାଲରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଥିଲେ ସୁଦ୍ଧା ନିଆଁକୁ ଦେଖି କର୍ମଚାରୀମାନେ ଭୟଭୀତ ହୋଇପଡ଼ିଥିଲେ। ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

## ବିଧାନସଭା ଆଗରେ ୩ ଚାଷୀଙ୍କ ଆତ୍ମାହୁତି ଉଦ୍ୟମ

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

- ଆଠଗଡ଼ ସମବାୟ ବ୍ୟାଙ୍କ ଋଣ ଜାଲିଆତିର ଶିକାର ହୋଇଥିଲେ
- ମନ୍ତ୍ରୀ ଓ ତାଙ୍କ ଭାଇଙ୍କ ସମ୍ପୃକ୍ତି ଅଭିଯୋଗ





ଆତ୍ମାହୁତି ଉଦ୍ୟମ କରୁଥିବା ୨ ଚାଷୀଙ୍କୁ ପୋଲିସ ଗିରଫ କରି ନେଉଛି।

କଡ଼ା ସୁରକ୍ଷା ବଳୟ ଭେଦ କରି ବିଧାନସଭା ଆଗରେ ପୁଣି ଆତ୍ମାହୁତି ଉଦ୍ୟମ। ଗତ ମଙ୍ଗଳବାର ନୟାଗଡ଼ ପରୀ ହତ୍ୟା ମାମଲାରେ ତାଙ୍କ ବାପା ଓ ମା' ବିଧାନସଭା ଆଗରେ ଆତ୍ମାହୁତି ଉଦ୍ୟମ କରିଥିବାବେଳେ ଶୁକ୍ରବାର ଆଉଏକ ଘଟଣା ଘଟିଛି। ଅଧିବେଶନ ଚାଲିଥିବା ସମୟରେ ୩ଜଣ ଚାଷୀ ବିଧାନସଭା ମୁଖ୍ୟ ଗେଟ୍ ନିକଟରେ ପହଞ୍ଚି ଋଣ ଜାଲିଆତିର ନ୍ୟାୟ ଦାବି କରିଥିଲେ। ସମବାୟ ବ୍ୟାଙ୍କରୁ ଋଣ ନେଇ ନ ଥିଲେ ମଧ୍ୟ ସେମାନଙ୍କ ଖାତାରୁ ଲକ୍ଷାଧିକ ଟଙ୍କାର ଋଣ ଉଠା ଯାଇଛି। ଏନେଇ କାର୍ଯ୍ୟାଳୟରୁ କାର୍ଯ୍ୟାଳୟ ବୁଲି ଚପଲ ଛିଡି ଗଲାଣି, ହେଲେ ପ୍ରଶାସନ ପକ୍ଷରୁ କୌଣସି ☞ପୃଷ୍ଠା-୪




## ଟ୍ରେନ୍ ଧକ୍କାରେ ୩୧ ମଇଁଷି ମୃତ



ଟ୍ରେନ୍ ଧକ୍କାରେ ମୃତ ମଇଁଷି।

**ଢେଙ୍କାନାଳ ଅଫିସ, ୨୭।୧୧**

ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ଯୋରନ୍ଦା ରୋଡ୍ ରେଳଷ୍ଟେଶନ ନିକଟରେ ଶୁକ୍ରବାର ଅପରାହ୍ନ ୩ଟା ୧୧ରେ ଛାତିଥରା ଦୁର୍ଘଟଣା ଘଟିଛି। ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି ଧକ୍କାରେ ୩୧ ମଇଁଷିଙ୍କ ମୃତ୍ୟୁ ଘଟିଛି। ମଇଁଷିଙ୍କ ମୃତଦେହ ରେଳଧାରଣା ଉପରେ ପଡ଼ି ରହିବାରୁ ପ୍ରାୟ ୪୦ ମିନିଟ୍ ଧରି ଟ୍ରେନ୍ ଅଟକି ରହିଥିଲା। ରେଳ କର୍ମଚାରୀ ପହଞ୍ଚି ମୃତ ମଇଁଷିଙ୍କୁ ହଟାଇବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ, ଗୋବିନ୍ଦପୁର ଗ୍ରାମର ସନ୍ତୋଷ ସ୍ୱାଇଁ ନାମକ ଜଣେ ଚାଷୀ ଋଣ କରି ମଇଁଷି ପାଳିଥିଲେ। ସବୁଦିନ ଭଳି ଶୁକ୍ରବାର ସକାଳେ ସେ ମଇଁଷି ପଲକୁ ଚରାଇବାକୁ ଘର ନିକଟ ଜଙ୍ଗଲକୁ ନେଇଥିଲେ। ମଇଁଷିଙ୍କୁ ଚରାଇ ଘରକୁ ଆଣୁଥିବାବେଳେ ଏକ ଛୁଆ ମଇଁଷି ପଲରୁ ବାହାରି ଯୋରନ୍ଦାରୋଡ୍ ଷ୍ଟେଶନ ମନ୍ଦିର ନିକଟ ରେଳ ଧାରଣା ଉପରକୁ ପଳାଇ ଆସି ରଡ଼ି କରିଥିଲା। ଏହାକୁ ଦେଖି ମା' ମଇଁଷି ମଧ୍ୟ ବୋବାଇଥିଲା। ଫଳରେ ପୂରା ପଲ ରେଳଧାରଣା ଉପରକୁ ଉଠି ☞ପୃଷ୍ଠା-୪

## ୭.୫% ଖସିଲା ଜିଡିପି

**ନୂଆଦିଲ୍ଲୀ,୨୭।୧୧**




କରୋନା ମହାମାରୀ ସାରା ବିଶ୍ୱକୁ କବଳିତ କରି ରଖିଛି। ଏହା ଦ୍ୱାରା ବିଶ୍ୱର ଅର୍ଥ ବ୍ୟବସ୍ଥାଗୁଡିକ ସଙ୍କଟ ଦେଇ ଗତି କରୁଛନ୍ତି। ଭାରତୀୟ ଅର୍ଥ ବ୍ୟବସ୍ଥା ମଧ୍ୟ ଏଥିରୁ ବର୍ତ୍ତିପାରିନାହିଁ। ଏଭଳି ସ୍ଥିତିରେ ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୭.୫% ଖସିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍ଏସ୍ଓ) ଶୁକ୍ରବାର ଏଭଳି ରିପୋର୍ଟ ଜାରି କରିଛି।

ସୂଚନାଯୋଗ୍ୟ, କରୋନା ମହାମାରୀକୁ ରୋକିବା ଲାଗି ସରକାର ସାରା ଦେଶକୁ ଲକ୍‌ଡାଉନ କରିଥିଲେ। ଫଳରେ ପ୍ରଥମ ତ୍ରୈମାସ (ଏପ୍ରିଲ-ଜୁନ)ରେ ଜିଡିପି -୨୩.୯% ହ୍ରାସ ପାଇଛି। ଏହା ଭାରତ ଇତିହାସରେ ରେକର୍ଡ ସ୍ତରରେ ଜିଡିପି ହ୍ରାସ। ମାତ୍ର ଦ୍ୱିତୀୟ ତ୍ରୈମାସରେ ଜିଡିପି ଅପେକ୍ଷାକୃତ କମ୍ ହ୍ରାସ ପାଇଛି। ଗତ ଆର୍ଥିକ ବର୍ଷ ସମାନ ସମୟରେ ଜିଡିପି ୪.୫% ବୃଦ୍ଧି ହୋଇଥିଲା। ସେହିଭଳି ଦେଶର ଗ୍ରସ୍ ଭାଲ୍ୟୁ ଆଡେଡ୍(ଜିଭିଏ) କଥା ବିଚାରକୁ ନେଲେ ଏହା ୭% ହ୍ରାସ ପାଇଛି। ଶୁକ୍ରବାର ପ୍ରକାଶିତ ଅନ୍ୟ ଡାଟା ମୁତାବକ, ଦେଶର ୮ କୋର୍ ସେକ୍ଟର ଶିଳ୍ପ ଅଭିବୃଦ୍ଧି ଗତ ବର୍ଷ ସମାନ ସମୟ ତୁଳନାରେ ୨.୫% ହ୍ରାସ ହୋଇଛି। କରୋନା ଭୂତାଣୁ ଅର୍ଥ ବ୍ୟବସ୍ଥାକୁ ଗଭୀର ଝଟ୍‌କା ଦେଇଛି। ଏଭଳି ସ୍ଥିତିରେ ଭାରତ ଟେକ୍ନିକାଲ ମାନ୍ଦାବସ୍ଥା ଦେଇ ଗତି କରୁଛି। ଦ୍ୱିତୀୟ ତ୍ରୈମାସ ଜିଡିପି ଡାଟାକୁ ଦେଖିଲେ ଜଣାଯିବ ଯେ, ଅର୍ଥ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଜାଲ୍ ସାର୍ଟିଫିକେଟ ସମସ୍ୟା




## ସମୁଦ୍ରରେ ଖସିଲା ମିଗ୍ ବିମାନ

**ନୂଆଦିଲ୍ଲୀ:** ଭାରତୀୟ ନୌସେନାର ଏକ ମିଗ୍-୨୯କେ ପ୍ରଶିକ୍ଷଣ ବିମାନ ଆରବ ସାଗରରେ ଖସିପଡ଼ିଛି। ଏହାର ଜଣେ ପାଇଲଟଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଗୁରୁବାର ସନ୍ଧ୍ୟା ୫ଟାରେ ହୋଇଥିବା ଏହି ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ନୌସେନା ପକ୍ଷରୁ କୁହାଯାଇଛି।

# କଳା ଆଇନ ଫେରାଇ ନିଅ

## ଦିଲ୍ଲୀର ନିରଙ୍କାରୀ ପଡ଼ିଆରେ ଚାଷୀଙ୍କ ରଣହୁଙ୍କାର

**ନୂଆଦିଲ୍ଲୀ, ୨୭।୧୧**

କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତି ସମ୍ବଳିତ ୩ ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର ପାଇଁ ଦାବି ଜୋର୍ ଧରିଛି। କୃଷକମାନେ ଏହି 'କଳା ଆଇନ' ଫେରାଇନେବା ପାଇଁ କେନ୍ଦ୍ର ନିକଟରେ ଅଡ଼ିବସିଛନ୍ତି। ଇତିମଧ୍ୟରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି, ସରକାର କୃଷକଙ୍କ ସହ ଆଲୋଚନା ପାଇଁ ସବୁବେଳେ ପ୍ରସ୍ତୁତ। ଆମେ ଡିସେମ୍ବର ୩ରେ ଆଉ ଏକ ପର୍ଯ୍ୟାୟରେ ଆଲୋଚନା ପାଇଁ କୃଷକ ସଙ୍ଗଠନଗୁଡ଼ିକୁ ଆମନ୍ତ୍ରଣ କରିଛୁ। କୋଭିଡ୍-୧୯ ଓ ଶୀତକୁ ଦୃଷ୍ଟିରେ ରଖି ଆନ୍ଦୋଳନରୁ ଓହରିଯିବାକୁ କୃଷକମାନଙ୍କୁ ଅନୁରୋଧ। କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ରକୁ ସମାଲୋଚନା କରି ସତ୍ୟର ଯୁଦ୍ଧ ଲଢ଼ିବାରେ କୃଷକମାନଙ୍କୁ ବିଶ୍ୱର କୌଣସି ସରକାର ଅଟକାଇ ପାରିବେ ନାହିଁ ବୋଲି କହିଛନ୍ତି।

୨୦୨୦ ସେପ୍ଟେମ୍ବର ୨୭ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ମୋହର ପଡ଼ିବା ପରେ ୩ କୃଷି ବିଲ୍ ଆଇନରେ ପରିଣତ ହୋଇଥିଲା। ସେଗୁଡ଼ିକ ହେଲା ଫାର୍ମର୍ସ ପ୍ରଡ୍ୟୁସ୍ ଟ୍ରେଡ୍ ଆଣ୍ଡ କମର୍ସ (ପ୍ରୋଟେକ୍ସନ ଆଣ୍ଡ ଫାସିଲିଟି) ଆକ୍ଟ, ଫାର୍ମର୍ସ (ଏମ୍ପାୱାରମେଣ୍ଟ ଆଣ୍ଡ ପ୍ରୋଟେକ୍ସନ) ଏଗ୍ରିମେଣ୍ଟ ଅନ୍ ପ୍ରାଇସ୍ ଆସ୍ୟୁରାନ୍ସ ଆଣ୍ଡ ଫାର୍ମ ସର୍ଭିସେସ୍ ଏବଂ ଏସେନ୍ସିଆଲ କମୋଡିଟିଜ୍ (ଆମେଣ୍ଡମେଣ୍ଟ) ଆକ୍ଟ, ୨୦୨୦। ଏହି ୩ ଆଇନ ମିଳିତ ଭାବେ 'ନୂଆ କୃଷି ଆଇନ, ୨୦୨୦' ନାମରେ ପରିଚିତ। ପ୍ରଥମେ ଏହି ଆଇନକୁ ୨୦୨୦ ଜୁନ୍‌ରେ ଅଧ୍ୟାଦେଶ ବଳରେ ଅଣାଯାଇଥିଲା। ପରେ ଏହାକୁ ବିଧେୟକ ଭାବେ ଚିଠା ପ୍ରସ୍ତୁତ କରି ପାର୍ଲାମେଣ୍ଟରେ ଆଗତ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନର ରୂପ ନେଇଥିଲେ ହେଁ ଏହାକୁ ଦେଶର କୋଣ ଅନୁକୋଣରେ ବିରୋଧ କରାଯାଉଛି। ବିଶେଷକରି ପଞ୍ଜାବ, ହରିୟାଣା, ମଧ୍ୟପ୍ରଦେଶ ଓ ଛତିଶଗଡ଼ କୃଷି ଆଇନ ବିରୋଧର ହଟ୍‌ସ୍ପଟ ପାଲଟିଛି। କେବଳ ବିରୋଧୀ ନୁହନ୍ତି, କୃଷକ ସଙ୍ଗଠନଗୁଡ଼ିକ ମଧ୍ୟ ଏହି ବିବାଦୀୟ ଆଇନକୁ ପ୍ରତ୍ୟାହାର ପାଇଁ ଦାବି କରୁଛନ୍ତି। ତେବେ ଉକ୍ତ ଆଇନ ବଳରେ ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ କରାଯାଇପାରିବ। ଏହା କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ। କୃଷକମାନେ ସେମାନଙ୍କ ଉତ୍ପାଦିତ ଶସ୍ୟକୁ ଖୋଲା ବଜାରରେ ବିକ୍ରି କରିପାରିବେ। ମଧ୍ୟସ୍ଥ ବ୍ୟବସ୍ଥା ଉଚ୍ଛେଦ ହେବା ଫଳରେ ସେମାନଙ୍କ ମୂଲଚାଲ କ୍ଷମତା ବଢ଼ିବ ବୋଲି କେନ୍ଦ୍ର ସରକାର ଯୁକ୍ତି ବାଢ଼ୁଛନ୍ତି। ଅନ୍ୟପକ୍ଷେ କୃଷକମାନେ ଆଶଙ୍କା କରୁଛନ୍ତି ଯେ, ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ପାଇବାରୁ ବଞ୍ଚିତ ହେବେ। ସେମାନେ ଘରୋଇ ପକ୍ଷଙ୍କ ଦୟାରେ ଚଳିବାକୁ ବାଧ୍ୟ ହେବେ ବୋଲି ଚାଷୀମାନେ ଏହାକୁ ବିରୋଧ କରୁଛନ୍ତି। ଇତିମଧ୍ୟରେ ଦୁଇମାସର ବିରୋଧ ଭିତରେ ପଞ୍ଜାବର ୧୩ କୃଷକଙ୍କ ମୃତ୍ୟୁ ଘଟିଲାଣି। ଏସବୁକୁ ଦୃଷ୍ଟିରେ ରଖି କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ 'ଦିଲ୍ଲୀ ଚଲୋ' ଡାକରା ଦିଆଯାଇଛି। ପଞ୍ଜାବ ଓ ହରିୟାଣା ସମେତ ବିଭିନ୍ନ ରାଜ୍ୟର ହଜାର ହଜାର ଚାଷୀ ଦିଲ୍ଲୀରେ ପହଞ୍ଚିଛନ୍ତି।

ଭାଜପା ନେତୃତ୍ୱାଧୀନ ହରିୟାଣା ତଥା କେନ୍ଦ୍ର ସରକାରଙ୍କ କଡ଼ା ବିରୋଧର ସମ୍ମୁଖୀନ ହୋଇଥିଲେ ସୁଦ୍ଧା କୃଷକମାନେ ପଛକୁ ଫେରିନାହାନ୍ତି କି ମୁଣ୍ଡ ନୁଆଇ ନାହାନ୍ତି। ଲୁହବୁହା ବାଷ୍ପ ସାଙ୍ଗକୁ ତୁହାକୁ ତୁହା ପାଣି ବର୍ଷାକୁ ସହି ସେମାନେ ନିଜ ହକ୍ ପାଇଁ ଲଢ଼େଇ ଜାରି ରଖିଛନ୍ତି। ଦିଲ୍ଲୀ ଯାଉଥିବାବେଳେ ଶୁକ୍ରବାର ହରିୟାଣାର ଭିୱାନିରେ ଏକ ସଡ଼କ ଦୁର୍ଘଟଣାରେ ପଞ୍ଜାବୀ କୃଷକ ତନ୍ନା ସିଂଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ସେପଟେ ଦିଲ୍ଲୀର ବୁରାରିସ୍ଥିତ ନିରଙ୍କାରୀ ଗ୍ରାଉଣ୍ଡରେ ଏକତ୍ରିତ ହେବା ପରେ ଦିଲ୍ଲୀ ସରକାର ସେମାନଙ୍କୁ ପାନୀୟ ଜଳ ଓ ଅନ୍ୟ ଜରୁରୀ ସେବା ଉପଲବ୍ଧ କରାଇଛନ୍ତି। ବିକ୍ଷୋଭରତ ଚାଷୀମାନେ କୃଷି ଆଇନକୁ 'କଳା ଆଇନ' ଭାବେ ଅଭିହିତ କରି ସେମାନଙ୍କ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।



ସିଂଘୁ ସୀମାରେ ବିକ୍ଷୋଭରତ ଚାଷୀଙ୍କୁ ପୋଲିସ ଅଟକାଇଛି।

## ଷ୍ଟାଡିୟମକୁ ଜେଲ କରାଯିବ ନାହିଁ : ଦିଲ୍ଲୀ ସରକାର

**ନୂଆଦିଲ୍ଲୀ, ୨୭।୧୧ (ପି.ଟି.)**

କେନ୍ଦ୍ରର ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ ପଞ୍ଜାବ ଓ ହରିୟାଣା ସମେତ ୬ ରାଜ୍ୟ ଚାଷୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କୁ ଦିଲ୍ଲୀର ନିରଙ୍କାରୀ ଗ୍ରାଉଣ୍ଡରେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରିବାକୁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି। ତେବେ ଏହି ଆନ୍ଦୋଳନ ବେଳେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ବହୁସଂଖ୍ୟକ କୃଷକଙ୍କୁ ଗିରଫ କରାଯାଇପାରେ। ସେମାନଙ୍କୁ ରଖିବା ପାଇଁ ଜେଲ୍‌ରେ ସ୍ଥାନାଭାବ ହେବ। ତେଣୁ ଦିଲ୍ଲୀର ୯ ଷ୍ଟାଡିୟମକୁ ଅସ୍ଥାୟୀ ଜେଲ୍‌ରେ ପରିଣତ କରିବା ପାଇଁ ଅରବିନ୍ଦ କେଜ୍‌ରିୱାଲଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାରଙ୍କୁ ଦିଲ୍ଲୀ ପୋଲିସ ଅନୁରୋଧ କରିଥିଲା। ଏହାକୁ ଦିଲ୍ଲୀ ସରକାର ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଦିଲ୍ଲୀ ଗୃହମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ କହିଛନ୍ତି, ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଭାରତର ପ୍ରତ୍ୟେକ ନାଗରିକଙ୍କ ସାମ୍ବିଧାନିକ ଅଧିକାର। ଏଥିପାଇଁ ସେମାନଙ୍କୁ ଜେଲ୍‌ରେ ରଖାଯାଇପାରିବ ନାହିଁ। କୃଷକମାନଙ୍କ ଦାବି ଯଥାର୍ଥ ହୋଇଥିବାରୁ କେନ୍ଦ୍ର ସରକାର ସଙ୍ଗେ ସଙ୍ଗେ ତାକୁ ମାନିନେବା ଉଚିତ। ଷ୍ଟାଡିୟମଗୁଡ଼ିକୁ ଜେଲ୍ କରାଯିବା ପାଇଁ ପୋଲିସର ଅନୁରୋଧକୁ ଆମେ ପ୍ରତ୍ୟାଖ୍ୟାନ କରିଛୁ।

## ସଂକ୍ଷେପରେ

### ୩ ଯବାନ ଶହୀଦ

**ଜମ୍ମୁ, ୨୭।୧୧ (ଆଇଏଏନ୍‌ଏସ୍):** ଜମ୍ମୁ-କଶ୍ମୀରର ପୁଞ୍ଚ ଓ ରାଜୌରୀ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ପାକିସ୍ତାନୀ ସୈନ୍ୟ ଅସ୍ତ୍ରବିରତି ଉଲ୍ଲଂଘନ କରି ଗୁଳି ଚଳାଇବାରୁ ୩ ଭାରତୀୟ ଯବାନ ଶହୀଦ ହୋଇଛନ୍ତି। ଶୁକ୍ରବାର ରାଜୌରୀର ସୁନ୍ଦରବଣିସ୍ଥିତ ଏଲ୍‌ଓସିରେ ନାଏକ ପ୍ରେମ ବାହାଦୁର ଖତ୍ରୀ ଏବଂ ରାଇଫଲମ୍ୟାନ ସୁଖବୀର ସିଂ ଗୁଳିମାଡ଼ରେ ଗୁରୁତର ହୋଇଥିବାବେଳେ ପରେ ସେମାନଙ୍କର ମୃତ୍ୟୁ ଘଟିଛି। ଗୁରୁବାର ପୁଞ୍ଚ ଜିଲାର ଏଲ୍‌ଓସିରେ ପାକ୍ ସୈନ୍ୟଙ୍କ ଗୁଳିମାଡ଼ରେ ଭାରତୀୟ ସେନାର ଜୁନିୟର କମିଶନ୍‌ଡ ଅଫିସର ସ୍ୱତନ୍ତ୍ର ସିଂ ଗୁରୁତର ଆହତ ହୋଇଥିବାବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି।

### ମେହବୁବା, ଇଲ୍‌ତିଜା ଗୃହବନ୍ଦୀ

**ଶ୍ରୀନଗର, ୨୭।୧୧:** ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମୁଖ୍ୟ ମେହବୁବା ମୁଫ୍‌ତିଙ୍କୁ ଦୁଇଦିନ ହେଲା ଗୃହବନ୍ଦୀ କରାଯାଇଛି। ତାଙ୍କ ସହ ଝିଅ ଇଲ୍‌ତିଜା ମୁଫ୍‌ତିଙ୍କୁ ମଧ୍ୟ ଗୃହବନ୍ଦୀ କରାଯାଇଥିବା ଶୁକ୍ରବାର ମେହବୁବା ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ନିକଟରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପିଡିପି ଯୁବ ଶାଖା ନେତା ୱାହିଦ୍ ପରାଙ୍କୁ ଗିରଫ କରିଥିଲା। ସେ ପୁଲ୍‌ୱାମା ଯାଇ ତାଙ୍କ ପରିବାର ଲୋକଙ୍କୁ ଭେଟିବା ପାଇଁ ଚାହୁଁଥିଲେ। ହେଲେ ପୋଲିସ ପ୍ରଶାସନ ତାଙ୍କୁ ଯିବାକୁ ଦେଇ ନ ଥିଲା। ଭାଜପା ନେତାମାନଙ୍କୁ କଶ୍ମୀରର କୋଣ ଅନୁକୋଣରେ ବୁଲିବାକୁ ଦିଆଯାଉଛି। ହେଲେ କେବଳ ତାଙ୍କ କ୍ଷେତ୍ରରେ ସୁରକ୍ଷା ଅସୁବିଧା ହେଉଛି ବୋଲି ଟୁଇଟର୍‌ରେ ମେହବୁବା କ୍ଷୋଭବ୍ୟକ୍ତ କରିଛନ୍ତି।

### ଭାରତରେ ପ୍ରସ୍ତୁତ ହେବ ସ୍ପୁଟ୍‌ନିକ-ଭି ଟିକା

**ହାଇଦ୍ରାବାଦ, ୨୭।୧୧:** ରୁଷିଆର କୋଭିଡ୍-୧୯ ଟିକା 'ସ୍ପୁଟ୍‌ନିକ-ଭି'ର ୧୦ କୋଟିରୁ ଊର୍ଦ୍ଧ୍ୱ ଡୋଜ୍ ଭାରତରେ ପ୍ରସ୍ତୁତ ହେବ। ଏଥିପାଇଁ ଭାରତର ଫାର୍ମା କମ୍ପାନୀ ହେଟେରୋ ଲାବ୍‌ସ ରୁଷିଆର ପ୍ରତ୍ୟକ୍ଷ ନିବେଶ ପାଣ୍ଠି (ଆର୍‌ଡିଆଇଏଫ୍) ସହ ଚୁକ୍ତି ସ୍ୱାକ୍ଷର କରିଛି। ହାଇଦ୍ରାବାଦର ଜାଡ୍‌ଚେର୍ଲାଠାରେ ଥିବା ହେଟେରୋ ବାୟୋଫାର୍ମାରେ ୨୦୨୧ ପ୍ରଥମ ତ୍ରୈମାସରୁ ଏହି ଟିକାର ଉତ୍ପାଦନ ଆରମ୍ଭ ହେବ ବୋଲି ଉଭୟ ସଂସ୍ଥା ଶୁକ୍ରବାର ସୂଚନା ଦେଇଛନ୍ତି। ଉକ୍ତ ଟିକାର ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ସହ ଏହାର ୧୦ କୋଟି ଡୋଜ୍ ଭାରତୀୟ ବଜାରରେ ବିକ୍ରି ଲାଗି ଆର୍‌ଡିଆଇଏଫ୍ ପୂର୍ବରୁ ହାଇଦ୍ରାବାଦର ଅନ୍ୟତମ ଫାର୍ମା କମ୍ପାନୀ ଡ. ରେଡ୍ଡୀସ୍ ଲାବରେଟୋରୀ ସହ ଚୁକ୍ତି ସ୍ୱାକ୍ଷର କରିସାରିଛି।

## ନୀତୀଶ-ତେଜସ୍ୱୀ ମୁହାଁମୁହିଁ

**ପାଟନା, ୨୭।୧୧**

ନିର୍ବାଚନ ପ୍ରଚାର ବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ଯାଦବଙ୍କୁ କଡ଼ା ସମାଲୋଚନା କରିଥିଲେ। ଅନେକ ସମୟରେ ଏହି ସମାଲୋଚନା ବ୍ୟକ୍ତିଗତ ସ୍ତରକୁ ଖସିଯାଇଥିଲା। ଏହି ଘଟଣାକୁ ନେଇ ଶୁକ୍ରବାର ବିଧାନସଭାରେ ଲାଲୁଙ୍କ ପୁଅ ତଥା ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀଙ୍କ ଉପରେ ବର୍ଷିଥିଲେ। ପ୍ରଚାର ବେଳେ ନୀତୀଶ ଆର୍‌ଜେଡି ମୁଖ୍ୟଙ୍କ ବଡ଼ ପରିବାର ସମ୍ପର୍କରେ କହିବା ସହ ଲାଲୁ ପୁତ୍ରସନ୍ତାନ ପ୍ରତି ଅଧିକ ଆଗ୍ରହୀ ଥିବା ଇସାରା କରିଥିଲେ। ନୀତୀଶଙ୍କର ଗୋଟିଏ ପୁଅ। ଝିଅ ହେବା ଭୟରେ ସେ ଦ୍ୱିତୀୟ ଥର ବାପା ହେଲେ ନାହିଁ କି ବୋଲି ତେଜସ୍ୱୀ ଗୃହରେ ଆକ୍ଷେପ କରିଥିଲେ। ଏଥିରେ ଉତ୍ତେଜିତ ନୀତୀଶ କହିଥିଲେ, ଲାଲୁଙ୍କୁ ଲୋକ ଦଳ ନେତା କରିବା ଓ ତେଜସ୍ୱୀଙ୍କୁ ଉପମୁଖ୍ୟମନ୍ତ୍ରୀ କରିବା ପାଇଁ କିଏ ଦାୟୀ ତାହା ସମସ୍ତେ ଜାଣନ୍ତି।



ତେଜସ୍ୱୀ ଯାଦବ



ନୀତୀଶ କୁମାର

ନୀତୀଶ ଅଣସଂସଦୀୟ ଭାଷା ବ୍ୟବହାର କରିବା ତାଙ୍କର ପ୍ରତିଷ୍ଠାର ପ୍ରତିଫଳନ କରୁଛି ବୋଲି ଆର୍‌ଜେଡି ମୁଖ୍ୟ ମୁଖପାତ୍ର ମନୋଜ ଝା କହିଛନ୍ତି। ନୀତୀଶ ଏବେ ରିମୋଟ କଣ୍ଟ୍ରୋଲ ମୁଖ୍ୟମନ୍ତ୍ରୀ। ପ୍ରକୃତ କ୍ଷମତା କାହା ହାତରେ ତାହା ବିହାର ଜନସାଧାରଣ ଜାଣନ୍ତି ବୋଲି ସେ କହିଥିଲେ।

## 'ବାଇଡେନ୍‌ଙ୍କୁ ବିଜୟୀ ଘୋଷଣା କରାଗଲେ ହ୍ୱାଇଟ୍ ହାଉସ୍ ଛାଡ଼ିବି'

**ୱାଶିଂଟନ, ୨୭।୧୧ (ପି.ଟି.):** ଇଲେକ୍ଟୋରାଲ କଲେଜ ଯଦି ଜୋ ବାଇଡେନ୍‌ଙ୍କୁ ବିଜୟୀ ଘୋଷଣା କରେ, ତେବେ ସେ ହ୍ୱାଇଟ୍ ହାଉସ୍ ଛାଡ଼ିବେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଥମ ଥର ପାଇଁ କହିଛନ୍ତି। ତେବେ ସେ ନିର୍ବାଚନକୁ ସ୍ୱୀକାର କରିବାକୁ ସେ ପ୍ରସ୍ତୁତ ନୁହନ୍ତି ବୋଲି ସ୍ପଷ୍ଟ କରିଦେଇଛନ୍ତି। ନିର୍ବାଚନରେ ଟ୍ରମ୍ପ ପରାଜିତ ହୋଇଥିଲେ ହେଁ ସେ ଏହାକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି।



ବାଇଡେନଙ୍କ ବିଜୟକୁ ସ୍ୱୀକାର କରିବା କଷ୍ଟକର ହେବ ବୋଲି ଟ୍ରମ୍ପ ଖବରଦାତାମାନଙ୍କୁ କହିଛନ୍ତି। ଡିସେମ୍ବର ୧୪ରେ ବାଇଡେନ୍‌ଙ୍କୁ ବିଜୟୀ ଘୋଷଣା କରାଗଲେ ସେ ହ୍ୱାଇଟ୍ ହାଉସ୍ ଛାଡ଼ିବେ ବୋଲି ଜଣେ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ କହିଥିଲେ। ୫୩୮ ସଦସ୍ୟ ବିଶିଷ୍ଟ ଇଲେକ୍ଟୋରାଲ କଲେଜ ବୈଠକ ଡିସେମ୍ବର ୧୪ରେ ବସି ବାଇଡେନ୍‌ଙ୍କୁ ଆନୁଷ୍ଠାନିକ ଭାବେ ଦେଶର ୪୬ତମ ରାଷ୍ଟ୍ରପତି ଘୋଷଣା କରିବ ବୋଲି ଆଶା କରାଯାଉଛି। ଇଲେକ୍ଟୋରାଲ କଲେଜ ବ୍ୟବସ୍ଥାରେ ବାଇଡେନ୍‌ଙ୍କୁ ୩୦୬ ଭୋଟ ମିଳିଥିବାବେଳେ ଟ୍ରମ୍ପଙ୍କୁ ମିଳିଛି ୨୩୨ ଭୋଟ।

## ମାସ୍କରେ ରହିବ ପଲିପ୍ରୋପାଇଲିନ୍ ଫିଲ୍ଟର

**ଓଟାୱା, ୨୭।୧୧**

କରୋନା ସଂକ୍ରମଣ ରୋକିବା ଲାଗି ଏବେ କପଡ଼ା ପ୍ରସ୍ତୁତ ଫେସ୍ ମାସ୍କରେ ପଲିପ୍ରୋପାଇଲିନ୍ କପଡ଼ାର ତୃତୀୟ ସ୍ତର ରଖିବା ଲାଗି କାନାଡାର ଜନସ୍ୱାସ୍ଥ୍ୟ ସଂସ୍ଥା ସୁପାରିସ କରିଛି। ବିଭିନ୍ନ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଫେସ୍ ମାସ୍କରେ ଅତିରିକ୍ତ ସ୍ତର ବ୍ୟବହାର ଦ୍ୱାରା ଫିଲ୍‌ଟ୍ରେଶନ (ବାୟୁକୁ ଛାଣିବା) ଭଲ ହୋଇଥାଏ। ତେବେ କେତେକ କପଡ଼ା ଅନ୍ୟ ତୁଳନାରେ ଅଧିକ ଫିଲ୍‌ଟ୍ରେଶନ କରିଥାଏ। ସେହି ଅନୁଯାୟୀ କାନାଡା ଜନସ୍ୱାସ୍ଥ୍ୟ ସଂସ୍ଥା କପଡ଼ା ମାସ୍କରେ ମଧ୍ୟବର୍ତ୍ତୀ ସ୍ତର ଭାବେ ଇଣ୍ଡଷ୍ଟ୍ରି ଗ୍ରେଡ୍ ସ୍ପୁନ୍‌ବଣ୍ଡ୍ ପଲିପ୍ରୋପାଇଲିନ୍ ବ୍ୟବହାର ଲାଗି ସୁପାରିସ କରିଛି। ଏହା ଅଧିକ କଣିକାକୁ ଛାଣିବା ସହ ପ୍ରଶ୍ୱାସ ନେବାରେ ଅଧିକ ସୁବିଧା ହୋଇଥାଏ। ସ୍ପୁନ୍‌ବଣ୍ଡ ପଲିପ୍ରୋପାଇଲିନ୍‌କୁ ୱେଷ୍ଟବ୍ୟାଣ୍ଡ୍ ଓ କଲାରରେ ବ୍ୟବହାର କରାଯାଇଥାଏ। କପଡ଼ା ଡିଷ୍ଟ୍ରିବ୍ୟୁଟରଙ୍କ ପାଖରେ ଏହା ସହଜରେ ଉପଲବ୍ଧ। ତ୍ରିସ୍ତରୀୟ ମାସ୍କରେ ସୂତା କପଡ଼ାକୁ ବାହାର ସ୍ତର ଏବଂ ୬୮ ଜିଏସ୍‌ଏମ୍ ପଲିପ୍ରୋପାଇଲିନ୍‌କୁ ମଧ୍ୟମ ସ୍ତର ଭାବେ ବ୍ୟବହାର କରାଯାଇ ପାରିବ। ଏହା ଆରାମଦାୟକ ଏବଂ ଧୁଆଯାଇପାରିବ।



### କାନାଡା ଜନସ୍ୱାସ୍ଥ୍ୟ ସଂସ୍ଥାର ସୁପାରିସ

## 'ଉତ୍ପୀଡ଼ନ ପାଇଁ ଆପରାଧିକ ଆଇନ ଅସ୍ତ୍ର ନୁହେଁ'

**ନୂଆଦିଲ୍ଲୀ, ୨୭।୧୧**

### ଅର୍ଣ୍ଣବଙ୍କ ଅନ୍ତରୀଣ ଜାମିନ ବଢ଼ିଲା

ରଚନାତ୍ମକ ଉତ୍ପୀଡ଼ନ ପାଇଁ ଆପରାଧିକ ଆଇନକୁ ଯେପରି ଅସ୍ତ୍ର ଭାବେ ବ୍ୟବହାର କରା ନ ଯାଏ ତାହା ଦେଖିବା ନ୍ୟାୟପାଳିକାର କାର୍ଯ୍ୟ। ରିପବ୍ଲିକ୍ ଟିଭିର ଏଡିଟର-ଇନ୍-ଚିଫ୍ ଅର୍ଣ୍ଣବ ଗୋସ୍ୱାମୀଙ୍କ ଅନ୍ତରୀଣ ଜାମିନ ସମୟ ସୀମାକୁ ଆଉ ୪ ସପ୍ତାହ ବଢ଼ାଇବା ଅବସରରେ ସୁପ୍ରିମକୋର୍ଟ ଏହା କହିଛନ୍ତି। ୨୦୧୮ରେ ଆତ୍ମହତ୍ୟା ପାଇଁ ବାଧ୍ୟ କରିବା ମାମଲାରେ ଏଫଆଇଆର ଖାରଜ କରିବା ପାଇଁ ବମ୍ବେ ହାଇକୋର୍ଟରେ ହୋଇଥିବା ପିଟିଶନର ବିଚାର ଶେଷ ହେବା ପର୍ଯ୍ୟନ୍ତ ଅର୍ଣ୍ଣବ ଓ ଅନ୍ୟ ଦୁଇଜଣ ଜାମିନରେ ରହିବେ। ବମ୍ବେ ହାଇକୋର୍ଟ ଜାମିନ ପାଇଁ ମନା କରିବା ପରେ ଅର୍ଣ୍ଣବ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଇସ୍ତଫା

**କୋଲକାତା, ୨୭।୧୧**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଆଉ ୫ ମାସ ଥିବାବେଳେ ଟିଏମ୍‌ସି ସରକାରରୁ ପରିବହନ ଏବଂ ଜଳସେଚନ ମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଅଧିକାରୀ କିନ୍ତୁ ବିଧାୟକ ପଦରୁ ଇସ୍ତଫା ଦେଇନାହାନ୍ତି। ମନ୍ତ୍ରୀପଦରୁ ଇସ୍ତଫା ପରେ ଭାଜପା ତାଙ୍କୁ ସ୍ୱାଗତ କରିଛି। ପଶ୍ଚିମବଙ୍ଗ ଭାଜପା ଅଧ୍ୟକ୍ଷ ଦିଲୀପ ଘୋଷ କହିଛନ୍ତି, ଦଳରେ ତାଙ୍କ ଭଳି ଯୋଦ୍ଧା ଚାହିଁଲେ ସାମିଲ ହୋଇପାରିବେ। ନନ୍ଦିଗ୍ରାମ ବିଧାୟକ ତଥା ଦୁଇ ଥର ଏମ୍‌ପି ହୋଇଥିବା ଅଧିକାରୀ ୩ ମାସ ହେବ କୌଣସି କ୍ୟାବିନେଟ ବୈଠକରେ ଯୋଗ ଦେଉ ନ ଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜ ପୁତୁରା ତଥା ଏମ୍‌ପି ଅଭିଷେକ୍ ବାନାର୍ଜୀଙ୍କୁ ଗୁରୁତ୍ୱ ଦେବାରୁ ସେ ଅସନ୍ତୁଷ୍ଟ ଥିଲେ। ଦଳୀୟ ନୀତି ନିର୍ଦ୍ଧାରଣ ଓ ବିଭିନ୍ନ ବ୍ୟାପାରରେ ପ୍ରଶାନ୍ତ କିଶୋରଙ୍କ ହସ୍ତକ୍ଷେପକୁ ସେ ଗ୍ରହଣ କରିପାରୁ ନ ଥିଲେ। ଅସନ୍ତୁଷ୍ଟ ଅଧିକାରୀଙ୍କୁ ମନାଇବା ଲାଗି ଦଳ ପକ୍ଷରୁ ଏମ୍‌ପି ସୌଗତ ରାୟଙ୍କୁ ପଠାଯାଇଥିଲେ ହେଁ ସୁଫଳ ମିଳି ନ ଥିଲା।

### ଟିଏମ୍‌ସି ପାଦ ଖସୁଛି





**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬,୧୫,୯୮,୯୯୨ | ୧୪,୪୩,୩୧୨ | ୪,୨୬,୧୦,୬୭୭ |
| ଭାରତ | ୯୩,୨୫,୭୮୬ | ୧,୩୫,୯୦୬ | ୮୭,୩୩,୦୭୩ |
| ଓଡ଼ିଶା | ୩,୧୭,୨୩୯ | ୧୭୧୮(+୫୩) | ୩,୦୯,୭୪୭ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଆବଶ୍ୟକ ହେଲେ ଏସ୍ଆଇଟି ତଦନ୍ତ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ନୟାଗଡ଼ ଜିଲାର ୫ ବର୍ଷର ଝିଅ ପରୀ ହତ୍ୟା ଘଟଣାରେ ଆବଶ୍ୟକ ପଡ଼ିଲେ ଏସ୍ଆଇଟି ତଦନ୍ତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ବିଧାନସଭାରେ ଏନେଇ ଘୋଷଣା କରିଛନ୍ତି। ଭିଡିଓ କନ୍ଫରେନ୍ସରେ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ସବୁବେଳେ ସ୍ୱଚ୍ଛ ଓ ଅବାଧ ତଦନ୍ତ ଉପରେ ଗୁରୁତ୍ୱ ଦେଇଥାନ୍ତି। ଏହି ଘଟଣାକୁ ମଧ୍ୟ ରାଜ୍ୟ ସରକାର ଗମ୍ଭୀରତାର ସହ ନେଇଛନ୍ତି। ମୁଁ ଏଥିରେ ଗଭୀର ମର୍ମାହତ। ଆଇନ ଉପରେ ମୋ ସରକାର ସବୁବେଳେ ବିଶ୍ୱାସ ରଖନ୍ତି। ଗୃହକାର୍ଯ୍ୟରେ ସମସ୍ତ ସଦସ୍ୟ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ପରୀ ହତ୍ୟା ଘଟଣାକୁ ନେଇ ବିଧାନସଭାର ପ୍ରଥମ ଅଧିବେଶନରେ ପ୍ରବଳ ହଟ୍ଟଗୋଳ ପରେ ଗୃହରେ ବିବୃତ୍ତି ରଖିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଶୁକ୍ରବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉଭୟ ଭାଜପା ଓ କଂଗ୍ରେସ ସଦସ୍ୟମାନେ ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। କଂଗ୍ରେସ ସଦସ୍ୟମାନେ ଏହି ଘଟଣାରେ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍ଆଇଟି ତଦନ୍ତ କରିବାକୁ ଦାବି କରିଥିଲେ। ଭାଜପା ବିଧାୟକମାନେ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଏବଂ ସିବିଆଇ ତଦନ୍ତ ଜିଦ୍‌ରେ ଅଟଳ ରହିଥିଲେ। ସଦସ୍ୟମାନଙ୍କ ହଟ୍ଟଗୋଳ ଯୋଗୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ୧୦ଟା ୩୪ରେ ଗୃହକୁ ୩୦ ମିନିଟ୍ ପାଇଁ ମୁଲତବୀ ଘୋଷଣା କରି ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଲାଗି ସର୍ବଦଳୀୟ ବୈଠକ ଡାକିଥିଲେ।



ସର୍ବଦଳୀୟ ବୈଠକ ଅଧିକ ସମୟ ଚାଲିବାରୁ ଅଧିଷ୍ଠାତା ମଣ୍ଡଳୀ ଅଧ୍ୟକ୍ଷ ଅଶ୍ୱିନୀ ପାତ୍ର ଗୃହକୁ ପୁଣିଥରେ ୧୧ଟା ୩୦ ଏବଂ ପରେ ଆହୁରି ୧୫ ମିନିଟ ଅର୍ଥାତ୍ ୧୧ଟା ୪୫ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଏପଟେ ସର୍ବଦଳୀୟ ବୈଠକରେ ମଧ୍ୟ କୌଣସି ନିର୍ଯାସ ବାହାରି ପାରି ନ ଥିଲା। ୧୧ଟା ୪୫ରୁ ବାଚସ୍ପତି ଗୃହ କାର୍ଯ୍ୟ ଆରମ୍ଭ କରିବାରୁ ଭାଜପା ଓ କଂଗ୍ରେସ ସଦସ୍ୟମାନେ ପୁଣିଥରେ ମଧ୍ୟଭାଗକୁ ଆସି ନାରାବାଜି ଦେଇଥିଲେ।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବାଚସ୍ପତି ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ନିର୍ଦ୍ଦିଷ୍ଟ ଭାବେ ୪ଟି ପ୍ରସଙ୍ଗ ଉପରେ ଉତ୍ତର ରଖିବା ପାଇଁ କହିଥିଲେ, ହେଲେ ମନ୍ତ୍ରୀ କୌଣସି ପ୍ରସଙ୍ଗ ଉପରେ ଉତ୍ତର ରଖିଲେନି। ପରୀ ହତ୍ୟା ଘଟଣାରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ସମ୍ପର୍କରେ କିଛି କହି ନ ଥିଲେ। ବାଚସ୍ପତିଙ୍କ ନିର୍ଦ୍ଦେଶକୁ ମନ୍ତ୍ରୀ କିମ୍ବା ସରକାରୀ ଦଳର କୌଣସି ସଦସ୍ୟ ମାନନ୍ତି ନାହିଁ। କଂଗ୍ରେସ ହାଇକୋର୍ଟଙ୍କ ଅଧୀନରେ ଏସ୍ଆଇଟି ତଦନ୍ତ ପାଇଁ ଦାବି କରିଥିଲେ ମଧ୍ୟ ସରକାର ତାହା କରିନାହାନ୍ତି। ମନ୍ତ୍ରୀଙ୍କୁ ସରକାର ଘଣ୍ଟ ଘୋଡ଼ାଉଥିବା ଏଥିରୁ ସ୍ପଷ୍ଟ ହେଉଛି। କ୍ରାଇମବ୍ରାଞ୍ଚ ତଦନ୍ତ ହେଲେ ସେଥିରେ ସରକାରଙ୍କ ହସ୍ତକ୍ଷେପ ରହିବ। ରାଜ୍ୟ ସରକାର ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଇଲେ ତଦନ୍ତ ପ୍ରକ୍ରିୟା ଉପରେ ଲୋକଙ୍କର ବିଶ୍ୱାସ ଆସିବ। ଗୃହ ଓ ସାଧାରଣ ପ୍ରଶାସନ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ବଜେଟ ଖର୍ଚ୍ଚ ଦାବି ଆଲୋଚନା ପାଇଁ ବିରୋଧୀ ଦଳ ଚାହୁଁଥିଲେ ମଧ୍ୟ ସରକାର ସେ ବାଟ ବନ୍ଦ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଏ ପ୍ରସଙ୍ଗରେ କିଛି ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ହୋହଲ୍ଲା କରିବାକୁ ଆମେ ବାଧ୍ୟ ବୋଲି ନରସିଂହ କହିଥିଲେ।

ଏହାପରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ମଧ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଯେଉଁ ମନ୍ତ୍ରୀଙ୍କ ନାଁରେ ଅଭିଯୋଗ ଆସିଛି, ସେହି ମନ୍ତ୍ରୀ ପୂର୍ବରୁ କ୍ରାଇମବ୍ରାଞ୍ଚ ଅଧିକାରଙ୍କ ସହ ଦୁର୍ବ୍ୟବହାର କରିଥିଲେ। ତେଣୁ ମନ୍ତ୍ରୀ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ତଦନ୍ତ ପ୍ରକ୍ରିୟା ଠିକ୍‌ଭାବେ ଚାଲିପାରିବ ନାହିଁ। ସେହିଭଳି ମୁଖ୍ୟମନ୍ତ୍ରୀ ଏନେଇ ନିଷ୍ପତ୍ତି ନ ନେଲେ ଗୃହ ଚାଲିବନି ବୋଲି ପ୍ରଦୀପ୍ତ କହିଥିଲେ। ଏଭଳିସ୍ଥଳେ ଗୃହ ଚଳାଇବା ସପକ୍ଷରେ ଯୁକ୍ତି ବାଢ଼ିଥିଲେ ବିଜେଡି ବିଧାୟକ ଅତନୁ ସବ୍ୟସାଚୀ ନାୟକ। ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ କୋଭିଡ୍ ସମୟରେ ଗୃହ ଚାଲୁଥିବା ବେଳେ ଗତ ଦୁଇଦିନ ହେଲା ହୋହଲ୍ଲା ଚାଲିଛି। ଗୃହ ଓ ସାଧାରଣ ପ୍ରଶାସନ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ଆଲୋଚନା ଶୁକ୍ରବାର ଥିବାବେଳେ ଏହା ଉପରେ ମତ ରଖିବାର ବିରୋଧୀଙ୍କ ପାଖରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ହେଲେ ବିରୋଧୀ ହୀନ ରାଜନୀତି କରି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଲାଗି ପ୍ରସ୍ତୁତ ହେଉନାହାନ୍ତି। ଆଲୋଚନା ପାଇଁ ବିରୋଧୀଙ୍କ ଆନ୍ତରିକତା ନ ଥିବା ସେ କହିଥିଲେ। ନାୟକ ତାଙ୍କର ବକ୍ତବ୍ୟ ରଖୁଥିବା ବେଳେ ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ସମ୍ମୁଖରେ ଛିଡ଼ା ହୋଇ ହଟ୍ଟଗୋଳ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବକ୍ତବ୍ୟ ରଖିବେ ବୋଲି କହିବା ସହ ସଦସ୍ୟମାନେ ନିଜ ନିଜ ଆସନକୁ ଫେରି ଯିବାକୁ ଅନୁରୋଧ କରିଥିଲେ। ବାଚସ୍ପତି ମଧ୍ୟ ବିରୋଧୀଙ୍କୁ ଆସନକୁ ଫେରିଯିବାକୁ କହିଥିଲେ ବି ଗୃହରେ ହଟ୍ଟଗୋଳ ଜାରି ରହିଥିଲା। ବିରୋଧୀ ସଦସ୍ୟମାନେ ପୋଡିୟମ ସମ୍ମୁଖରେ ଛିଡ଼ା ହୋଇ ରହିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ନିବାସରୁ ଭିଡିଓ କନ୍ଫରେନ୍ସରେ ବକ୍ତବ୍ୟ ରଖିଥିଲେ।

ସେହିଭଳି ଅପରାହ୍ଣ ଅଧିବେଶନରେ ମଧ୍ୟ ଆରମ୍ଭରୁ ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିଥିଲା। ଗୃହକାର୍ଯ୍ୟ ୩ଟାରୁ ଆରମ୍ଭ ହେବାପରେ ପ୍ରବଳ ହଟ୍ଟଗୋଳ ଯୋଗୁ ୩ଟା ୬ରେ ବାଚସ୍ପତି ଗୃହକୁ ୧୫ ମିନିଟ ପାଇଁ ମୁଲତବୀ ରଖିଥିଲେ। ୩ଟା ୨୧ରୁ ଗୃହକାର୍ଯ୍ୟ ଆରମ୍ଭ ହେବାପରେ ସମାନ ସ୍ଥିତି ଉପୁଜିଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ଏସ୍ଆଇଟି ତଦନ୍ତ ଇସାରା ଯୋଗୁ ଅପରାହ୍ଣ ଅଧିବେଶନରେ କଂଗ୍ରେସ ସଦସ୍ୟମାନେ ବିରୋଧ ପ୍ରଦର୍ଶନ କରି ନ ଥିଲେ। ଭାଜପାର ହଟ୍ଟଗୋଳ ଯୋଗୁ ବାଚସ୍ପତି ଗୃହ ଓ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବି ଆଲୋଚନା ହୋଇପାରିବ ନାହିଁ ବୋଲି ଘୋଷଣା କରିଥିଲେ। ଗିଲୋଟୋନ୍ ଜରିଆରେ ଏହାକୁ ଗୃହୀତ କରାଯିବ ବୋଲି ରୁଲିଂ ଦେଇ ବାଚସ୍ପତି କହିଥିଲେ। ୩ଟା ୨୩ରୁ ଶନିବାର ପୂର୍ବାହ୍ଣ ୧୦ଟା ୩୦ ପର୍ଯ୍ୟନ୍ତ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ।

# ପରୀ ହତ୍ୟାକାଣ୍ଡର କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ



ଯଦୁପୁରରେ ଏଡିଜି ଯଶୋବନ୍ତ ଜେଠ୍ୱା ଓ ଅନ୍ୟମାନେ।

**ନୟାଗଡ଼ ଅଫିସ,୨୭।୧୧**

ବହୁଚର୍ଚ୍ଚିତ ପରୀ ହତ୍ୟାକାଣ୍ଡର ତଦନ୍ତ ପାଇଁ ଶୁକ୍ରବାର ରାଜ୍ୟ ପୋଲିସ ଆଇନଶୃଙ୍ଖଳା ଏଡିଜି ଯଶୋବନ୍ତ କୁମାର ଜେଠ୍ୱା ନୟାଗଡ଼ରେ ପହଞ୍ଚିଛନ୍ତି। କ୍ରାଇମବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଅସୁସ୍ଥ ଥିବାରୁ ଅତିରିକ୍ତ ଦାୟିତ୍ୱରେ ଜେଠ୍ୱା ଆସି ତଦନ୍ତର ତଦାରଖ କରିଥିଲେ। ସେ ପ୍ରଥମେ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ପରୀ ହତ୍ୟାକାଣ୍ଡ ସମ୍ପର୍କରେ ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ। ପରେ ମୃତ ପରୀର ଅଜାଘର ଖଣ୍ଡପଡ଼ା ଥାନା ଯୋଗିଆପଲ୍ଲୀ ଯାଇ ସେଠାରେ ଥିବା ମା'ବାପାଙ୍କଠାରୁ ସମସ୍ତ କଥା ପଚାରି ବୁଝିଥିଲେ। ସେଠାରୁ ଉଭୟଙ୍କୁ ସାଙ୍ଗରେ ଆଣି ନୟାଗଡ଼ ସଦର ଥାନାର ଯଦୁପୁରରେ ପହଞ୍ଚି ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନ ଦେଖିଥିଲେ। ପରୀ ଅପହରଣ ପରଠାରୁ ମୃତଦେହ ମିଳିବା ପର୍ଯ୍ୟନ୍ତ ଯାହାସବୁ ଘଟଣା ଘଟିଥିଲା ସେ ସମ୍ପର୍କରେ ପରୀର ବାପାଙ୍କୁ ପଚାରି ବୁଝିଥିଲେ। ପରେ ନୟାଗଡ଼ ଏସ୍‌ଡିପିଓ ଓ ଅନ୍ୟ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଗଣମାଧ୍ୟମକୁ ଏଡିଜି ଜେଠ୍ୱା କହିଥିଲେ, ଗୁରୁବାରଠାରୁ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛି। ଗୋଟିଏ ଟିମ୍ ସ୍ପଟ୍‌କୁ ଯାଇ ହତ୍ୟାକାଣ୍ଡ ସମ୍ପର୍କରେ ଅନୁଧ୍ୟାନ କରୁଛି। ସାକ୍ଷୀ ଓ ସନ୍ଦେହରେ ଆସୁଥିବା ବ୍ୟକ୍ତି ବିଶେଷଙ୍କୁ ପଚରାଉଚୁରା କରୁଛି। ସେହିପରି ମୃତ ପରୀର ହାଡ଼, ଅଖାବସ୍ତା ଆଦି ସିଜର ଉପକରଣକୁ ଆନାଲାଇଜ ପାଇଁ ଫରେନ୍‌ସିକ ସାଇନ୍ସ ଲାବରେଟୋରି ସହ ଅନ୍ୟ ଏକ ଟିମ୍ ଯୋଗାଯୋଗରେ ରହିଛି। ପୁଣି ଆନାଲାଇଜ କରିବା ପାଇଁ ଏସ୍‌ସିବିର ଏଫ୍ଏମ୍‌ଟି (ଫରେନ୍‌ସିକ୍ ମେଡିସିନ୍ ଟକ୍ସିକୋଲୋଜି) ବିଭାଗ ସହ ପ୍ରମାଣିତ ଲାଗି ଚେଷ୍ଟା ଜାରି ରହିଛି। ଏଥିରେ ଯାହାକିଛି ଅଛି ଫରେନ୍‌ସିକ୍ ଏକ୍ସପର୍ଟଙ୍କ ସହାୟତାରେ ଶବ ବ୍ୟବଚ୍ଛେଦ ରିପୋର୍ଟର ଅନୁଧ୍ୟାନ କରାଯାଉଛି। ପରୀ ମା'ବାପା ଯେଉଁମାନଙ୍କ ନାଁ କହୁଛନ୍ତି ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ। ହତ୍ୟାକାରୀ ଯିଏ ହୁଅନ୍ତୁ ନା କାହିଁକି ଆମେ ତଦନ୍ତକୁ ତ୍ୱରାନ୍ୱିତ କରି ତ୍ୱରିତ ପଦକ୍ଷେପ ନେବୁ।




# ଜଷ୍ଟିସ୍ ବି.କେ. ପଟେଲ ଓଏଚ୍ଆର୍‌ସି ଅଧ୍ୟକ୍ଷ



**ଭୁବନେଶ୍ୱର,୨୭।୧୧(ବ୍ୟୁରୋ):** ଓଡିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ବିଜୟକୃଷ୍ଣ ପଟେଲ ରାଜ୍ୟ ମାନବାଧିକାର ଆୟୋଗ(ଓଏଚ୍ଆର୍‌ସି)ର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଜଷ୍ଟିସ୍ ପଟେଲଙ୍କ ନାମ ସୁପାରିସ କରିଥିଲା। ରାଜ୍ୟପାଳ ଶୁକ୍ରବାର ଏହାକୁ ଅନୁମୋଦନ କରିଛନ୍ତି।


୧୯୫୩ ଜାନୁଆରୀ ୨୪ରେ ସୁନ୍ଦରଗଡ଼ ସହରରେ ଜନ୍ମଗ୍ରହଣ କରିଥିବା ଜଷ୍ଟିସ ପଟେଲ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଆଇନରେ ଡିଗ୍ରୀ ହାସଲ କରିଥିଲେ। ୨୦୦୮ ଜାନୁୟାରୀ ୧୭ରୁ ୨୦୧୫ ଜାନୁୟାରୀ ୨୩ ପର୍ଯ୍ୟନ୍ତ ସେ ଓଡିଶା ହାଇକୋର୍ଟର ବିଚାରପତି ଥିଲେ। ଏଥିସହ ସେ ରାଜ୍ୟ ଆଇନ ବିଭାଗ ପ୍ରମୁଖ ସଚିବ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ୨୦୧୭ ଜୁନ୍ ୮ ରୁ ୨୦୨୦ ଜାନୁୟାରୀ ୨୩ ପର୍ଯ୍ୟନ୍ତ ରାଜ୍ୟ ଉପଭୋକ୍ତା ବିବାଦ ସମାଧାନ ଆୟୋଗର ସଭାପତି ମଧ୍ୟ ଥିଲେ। ସୂଚନାଯୋଗ୍ୟ, ଜଷ୍ଟିସ୍ ବି.ପି. ଦାସଙ୍କ ପରଠୁ ଗତ ନଭେମ୍ବର ୧୪ରୁ ଓଏଚ୍ଆର୍‌ସି ଅଧ୍ୟକ୍ଷ ପଦବୀ ଖାଲି ରହିଥିଲା।


# ହାଇକୋର୍ଟରେ ଲକ୍ଷ୍ମୀପ୍ରସାଦ ସରପଞ୍ଚ

## ନୟାଗଡ଼ ପରୀ ହତ୍ୟା ମାମଲା
### ପରିବାର ଲୋକଙ୍କ ସୁରକ୍ଷା ଲୋଡ଼ିଲେ

**କଟକ ଅଫିସ,୨୭।୧୧**

ନୟାଗଡ଼ ପରୀ ହତ୍ୟା ମାମଲାରେ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନ ଶୁକ୍ରବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନିଜର ଓ ପରିବାରର ସୁରକ୍ଷା ଲୋଡିଛନ୍ତି। ସେ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରି ମନ୍ତ୍ରୀ ଅରୁଣ ସାହୁ, ଗୃହସଚିବ, ଡିଜିପି, ନୟାଗଡ ଜିଲାପାଳ, ଏସ୍‌ପି ଓ ଆଇଆଇସିଙ୍କୁ ପକ୍ଷଭୁକ୍ତ କରିଛନ୍ତି। ସୌମ୍ୟ ପିଟିଶନରେ ଦର୍ଶାଇଛନ୍ତି, ନୟାଗଡ ଜିଲାର ୫ ବର୍ଷର ଶିଶୁକନ୍ୟା ପରୀ ହତ୍ୟା ମାମଲାରେ ଏକ ଅଡିଓ ଟେପ୍ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏଥିରେ ସୌମ୍ୟ ଓ ମନ୍ତ୍ରୀ ସାହୁଙ୍କ ମଧ୍ୟରେ କିଛି କଥୋପକଥନ ଥିଲା। ଏହି ଅଡିଓ ପାଇଁ ତାଙ୍କ ପାଖକୁ ଅନେକ ସମୟରେ ଧମକପୂର୍ଣ୍ଣ ଫୋନ କଲ୍ ଆସିଛି । ଏହାକୁ ନେଇ ସେ ଓ ତାଙ୍କ ପରିବାର ଲୋକଙ୍କ ଜୀବନ ପ୍ରତି ବିପଦ ଥିବା ପିଟିଶନରେ ଦର୍ଶାଯାଇଛି।




## ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ: ୪୮ ଘଣ୍ଟାରେ ଆଉ ଏକ ଲଘୁଚାପ

**ଭୁବନେଶ୍ୱର,୨୭।୧୧ (ବ୍ୟୁରୋ):** ବାତ୍ୟା 'ନିଭାର' ସ୍ଥଳଭାଗ ଅତିକ୍ରମ କରି ଦୁର୍ବଳ ହେବା ପରେ ବଙ୍ଗୋପସାଗରର ଆଣ୍ଡାମାନ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଲଘୁଚାପରେ ପରିଣତ ହେବ। ଏହାର ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ଅବପାତରେ ପରିଣତ ହେବ। ଏହା ଆସନ୍ତା ଡିସେମ୍ବର ୨ ତାରିଖରେ ତାମିଲନାଡୁ-ପୁଡୁଚେରୀ ଉପକୂଳ ଦେଇ ସ୍ଥଳଭାଗ ଛୁଇଁବ। ତେବେ ଏହା ବାତ୍ୟା ରୂପ ନେବ କି ନାହିଁ ତାହା ଆସନ୍ତା ଦୁଇ ତିନି ଦିନ ମଧ୍ୟରେ ଜଣାପଡ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଲଘୁଚାପ ଦାନା ବାନ୍ଧୁଥିବାରୁ ରାଜ୍ୟରେ ଶୀତ କମିବ। ଆକାଶ ମେଘାଚ୍ଛନ୍ନ ରହିବା ସହ କୁହୁଡ଼ି ପରିମାଣ ବୃଦ୍ଧି ପାଇବ।



**ଆଜିର ମନ୍ତବ୍ୟ**

"ସତ୍ୟର ଯୁଦ୍ଧକୁ ବିଶ୍ୱର କୌଣସି ସରକାର ଅଟକାଇ ପାରିବେ ନାହିଁ।"
—ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସରିତା
ପରିବାରବର୍ଗ


ସତ୍ୟ ନାରାୟଣ
ପରିବାରବର୍ଗ


ସୌମିତ୍ରା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବାପା ଚାପୁଡ଼ାରେ ଝିଅ ମୃତ

**ପଟ୍ଟାଙ୍ଗୀ,୨୭।୧୧(ଡି.ଏନ.ଏ.)**

ପାଠ ପଢ଼ାଇବା ବେଳେ ରାଗି ମାଡ଼ ମାରିବାରୁ ଝିଅର ମୃତ୍ୟୁ ହୋଇଥିଲା। କିନ୍ତୁ ମୃତଦେହ ପୋତିଦେଇ ଝିଅ ନିଖୋଜ ଥିବା ଥାନାରେ ଅଭିଯୋଗ କରିଥିବା ବାପା ଶୁକ୍ରବାର ଧରା ପଡ଼ିଛନ୍ତି। କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା କୋଟିଆ ପଞ୍ଚାୟତ ଟାଉପଦର ଗ୍ରାମରେ ଗତ ୨୧ ତାରିଖରେ ଘଟିଥିବା ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଅଭିଯୁକ୍ତ ବାପା ବାଙ୍ଗୁରୁ ପାଙ୍ଗୀ ଏବଂ ମୃତଦେହ ପୋତିବାରେ ସହଯୋଗ କରିଥିବା ସୋନପୁର ଜିଲାର ଶାମସୁନ୍ଦର ବିଶ୍ୱାଳଙ୍କୁ ଗିରଫ କରିଛି।

ଥାନା ଅଧିକାରୀ ବିଜୟରାଜ ମାଝି କହିଛନ୍ତି, ଟାଉପଦର ଗ୍ରାମର ବାଙ୍ଗୁରୁ ପାଙ୍ଗୀ ଗତ ୨୪ ତାରିଖରେ ଥାନାରେ ପହଞ୍ଚି ଝିଅ ନିଶାରାଣୀ ପାଙ୍ଗୀ(୬) ୨୧ ତାରିଖ ସନ୍ଧ୍ୟାରେ ଅନ୍ୟ ପିଲାଙ୍କ ସହ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିବା ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ନଂ. ୧୦୮/୨୦ରେ ଏକ ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ବାଙ୍ଗୁରୁ ଓ ତାଙ୍କ ସହ ଥାନାକୁ ଆସିଥିବା ଶାମସୁନ୍ଦରଙ୍କୁ ପଚରାଉଚରା କରାଯାଇଥିଲା। ନିକଟସ୍ଥ ଥୁରିଆ ଗ୍ରାମରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ନିଖୋଜ ନିଶାରାଣୀଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ତେବେ ତଦନ୍ତ ବେଳେ ବାଙ୍ଗୁରୁଙ୍କ ଉପରେ ସନ୍ଦେହ ହେବାରୁ ତାଙ୍କୁ ଥାନାକୁ ଡାକି ଅଧିକ ପଚରାଉଚରା କରିବାରୁ ଘଟଣା ପଦାକୁ ଆସିଥିଲା। ପାଠ ପଢ଼ାଇବା ବେଳେ କାନମୂଳକୁ ଚାପୁଡ଼ା ମାରିବାରୁ ଝିଅର ମୃତ୍ୟୁ ହୋଇଥିବା ଏବଂ ଶାମସୁନ୍ଦରଙ୍କ ସହଯୋଗରେ ଭୈରବୀ ମନ୍ଦିର ନିକଟସ୍ଥ ପାହାଡ଼ରେ ମୃତଦେହ ପୋତି ଦେଇଥିବା ବାଙ୍ଗୁରୁ ସ୍ୱୀକାର କରିଥିଲେ। ବାଙ୍ଗୁରୁଙ୍କ ସୂଚନା ଆଧାରରେ ପୋଲିସ ଉକ୍ତ ପାହାଡ଼ରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ହତ୍ୟା ମାମଲା ରୁଜୁ ସହ ଅଭିଯୁକ୍ତ ବାପା ବାଙ୍ଗୁରୁ ଏବଂ ସହଯୋଗୀ ଶ୍ୟାମସୁନ୍ଦରଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ମାଝି ପ୍ରକାଶ କରିଛନ୍ତି।


ଗିରଫ ବାପା ଓ ସହଯୋଗୀ।

**■ ପାହାଡ଼ରେ ପୋତି ଦେଇ ନିଖୋଜ ଅଭିଯୋଗ କରିଥିଲେ**

# ପରୀ ହତ୍ୟାକାଣ୍ଡ: ବିରୋଧୀଙ୍କ ଟାର୍ଗେଟ୍‌ରେ ଶାସକ

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ବହୁଚର୍ଚ୍ଚିତ ପରୀ ହତ୍ୟାକାଣ୍ଡ ଘଟଣାରେ ଶାସକ ଦଳକୁ ଟାର୍ଗେଟ କରିଛି କଂଗ୍ରେସ। ଏହାର ସିବିଆଇ ତଦନ୍ତ, ଏଥିରେ ସମ୍ପୃକ୍ତ ଶାସକ ଦଳର ନେତା ଓ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ମୁଖପାତ୍ର ନିଶିକାନ୍ତ ମିଶ୍ର ଏସ୍‌ପି ଏବଂ ଆଇଆଇସିଙ୍କ କାର୍ଯ୍ୟଧାରାକୁ ସମାଲୋଚନା କରିଛନ୍ତି। ପରୀକୁ ନ୍ୟାୟ ଦାବିରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟାଳୟଠାରୁ ଏକ ବିକ୍ଷୋଭ ଯାତ୍ରା ବିଧାନସଭା ଅଭିମୁଖେ ବାହାରିଥିଲା। ଲୋୟର ପିଏମ୍‌ଜିରେ ମୁଖ୍ୟମନ୍ତ୍ରୀ ଏବଂ କୃଷିମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଶତାଧିକ କର୍ମୀଙ୍କୁ ପୋଲିସ ଗିରଫ କରିଥିଲା। କେତେଜଣ କର୍ମୀ ସୁରକ୍ଷା ବଳୟ ଭେଦି ବିଧାନସଭା ଆଗରେ ପହଞ୍ଚି ନାରାବାଜି କରିଥିଲେ। ଅନ୍ୟପଟେ ଭାଜପା ମଧ୍ୟ ଏହି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରିବା ସହ କୃଷିମନ୍ତ୍ରୀଙ୍କ ବହିଷ୍କାର ଦାବି କରିଛି। ଘଟଣାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର କରିବା ଦାବିରେ ଭାଜପା ପକ୍ଷରୁ ବିଧାନସଭା ଆଗେର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### କୃଷକଙ୍କୁ ମାଡ଼...

ଯାନବାହନରେ ଦିଲ୍ଲୀ ଅଭିମୁଖେ ବାହାରିଥିଲେ। କୃଷକମାନେ ମାସାଧିକ କାଳ ପାଇଁ ଖାଦ୍ୟ ଓ ଅନ୍ୟ ଆବଶ୍ୟକ ସାମଗ୍ରୀ ଧରି ଅଗ୍ରସର ହେଉଥିବାବେଳେ ଗୁରୁବାର ହରିୟାଣା ପୋଲିସ ସେମାନଙ୍କ ପଥ ଅବରୋଧ କରିଥିଲା। ଫଳରେ ଜିଦ୍‌ରେ ଅଟଳ କୃଷକମାନେ ବ୍ୟାରିକେଡ୍ ଭାଙ୍ଗିବା ସହ ପୋଲିସକୁ ଟେକାପଥର ମାଡ଼ କରିଥିଲେ। ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ବାଷ୍ପ ଓ ପାଣି ପ୍ରୟୋଗ କରିଥିଲା। ଅନେକ ସ୍ଥାନରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଥିଲା। ଶୁକ୍ରବାର ମଧ୍ୟ ଏହି ଧାରା ଜାରି ରହିଥିବାବେଳେ କେନ୍ଦ୍ର ସରକାର ମୁଣ୍ଡ ନୁଆଁଇ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଲାଗି ଦିଲ୍ଲୀ ଭିତରକୁ ଯିବା ପାଇଁ କୃଷକଙ୍କୁ ଅନୁମତି ଦେଇଛନ୍ତି। ତେବେ କୃଷକମାନେ ରାମଲୀଲା ମଇଦାନରେ ବିକ୍ଷୋଭ ଲାଗି ଅନୁମତି ମାଗିଥିବାବେଳେ ଦିଲ୍ଲୀ ପୋଲିସ ମନା କରିଦେଇଛି।

ଦିଲ୍ଲୀ ପୋଲିସର ଜନସମ୍ପର୍କ ଅଧିକାରୀ (ପିଆର୍‌ଓ) ଈଶ ସିଂହଲ କହିଛନ୍ତି, ଆନ୍ଦୋଳନକୁ ଓହ୍ଲାଇଥିବା ଚାଷୀ ନେତାମାନଙ୍କ ସହ ଆଲୋଚନା ପରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଲାଗି ଦିଲ୍ଲୀର ନିରଙ୍କାରୀ ଗ୍ରାଉଣ୍ଡକୁ ଯିବା ପାଇଁ ଅନୁମତି ଦିଆଯାଇଛି। ପୋଲିସ ସେମାନଙ୍କୁ ଶାନ୍ତି ବଜାୟ ରଖିବାକୁ ଅନୁରୋଧ କରିଛି। ଏହା ପୂର୍ବରୁ ଚାଷୀମାନେ ଦିଲ୍ଲୀ-ହରିୟାଣା ସୀମାର ସିଂଘୁ ଓ ଟିକ୍ରି ବର୍ଡରରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲେ। ଫଳରେ ପୋଲିସ ଲାଠିଚାର୍ଜ ସହ ଲୁହବୁହା ବାଷ୍ପ ଓ ୱାଟର କ୍ୟାନନ୍ ପ୍ରୟୋଗ କରିଥିଲା। ସିଂଘୁ ଓ ଟିକ୍ରି ବର୍ଡର ଏବଂ ଦିଲ୍ଲୀ-ଗୁରୁଗ୍ରାମ ସୀମାରେ ବିକ୍ଷୋଭ ଯୋଗୁ ଟ୍ରାଫିକ୍ ଜାମ ହୋଇଥିଲା। ଚାଷୀମାନଙ୍କୁ ହରିୟାଣା ସୀମାରୁ ଉତ୍ତର ଦିଲ୍ଲୀର ବୁରାରି ଏରିଆକୁ ବ୍ୟବସ୍ଥିତ ଢଙ୍ଗରେ ନେବା ପାଇଁ ପୋଲିସ ବ୍ୟାପକ ବନ୍ଦୋବସ୍ତ କରିଛି। ଅପରାହ୍ନ ୩ଟାରେ ଟିକ୍ରି ବର୍ଡରରୁ କେତେଜଣ ଚାଷୀଙ୍କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ନିରଙ୍କାରୀ ଗ୍ରାଉଣ୍ଡକୁ ନିଆଯାଇଛି।

ଇତିମଧ୍ୟରେ ପଞ୍ଜାବର କେତେକ କୃଷକ ସଂଗଠନକୁ ଡିସେମ୍ବର ୩ରେ ଆଲୋଚନା ପାଇଁ କେନ୍ଦ୍ର ଆମନ୍ତ୍ରଣ କରିଛି। ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାର କହିଛନ୍ତି, କେନ୍ଦ୍ର ସରକାର ଆଲୋଚନା ଜରିଆରେ ସମାଧାନ ପାଇଁ ସବୁବେଳେ ପ୍ରସ୍ତୁତ। ଚାଷୀମାନେ ସେମାନଙ୍କ ବୈଧ ଦାବି ନେଇ ପ୍ରତ୍ୟକ୍ଷ ଭାବେ କେନ୍ଦ୍ର ସହ ଆଲୋଚନା କରନ୍ତୁ। ସେପଟେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। କୃଷି ଆଇନକୁ ନେଇ ରହିଥିବା ଅସୁବିଧାର ସମାଧାନ ପାଇଁ କେନ୍ଦ୍ର ତୁରନ୍ତ ଆଲୋଚନା ଆରମ୍ଭ କରିବା ଉଚିତ ବୋଲି ଅମରିନ୍ଦର ଟୁଇଟ୍ କରିଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ'କୁ ନେଇ ଚିନ୍ତିତ। ସେ ଏବେ 'ଗୋଟିଏ ଦେଶ ଗୋଟିଏ ବ୍ୟବହାର'କୁ କାର୍ଯ୍ୟକାରୀ କରିବା ଉଚିତ। ବିକ୍ଷୋଭରତ ଚାଷୀଙ୍କ ଉପରେ ପୋଲିସ ପାଣି ବର୍ଷା କରୁଥିବା ଏକ ଭିଡିଓକୁ ଟୁଇଟ୍ କରି ପ୍ରିୟଙ୍କା ଲେଖିଛନ୍ତି, କୃଷକମାନଙ୍କ ସ୍ୱରକୁ ଚପାଇଦେବା ଲାଗି ସେମାନଙ୍କୁ ଭିଜାଯାଉଛି ଓ ରାସ୍ତା ଖୋଳାଯାଉଛି।

### ବିଧାନସଭା ଆଗରେ...

ସମାଧାନ କରାଯାଉନାହିଁ। ଆମେ ଗରିବ ଲୋକ, କେମିତି ୩ ରୁ ୪ଲକ୍ଷ ଟଙ୍କା ଶୁଝିବୁ। ଆପଣଙ୍କ ଗୋଡ଼ ଧରୁଛୁ ଆମକୁ ମରିବାକୁ ଦିଅ। କାନ୍ଦି କାନ୍ଦି ଏମିତି କହୁଥିବା ସମୟରେ ସେମାନେ ଦେହରେ କିରୋସିନ ଢାଳି ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ। ତେବେ ସେଠାରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ସେମାନଙ୍କୁ କାବୁ କରିଥିଲା। ସମସ୍ତଙ୍କ ଘର କଟକ ଜିଲା ଆଠଗଡ଼ ଅଞ୍ଚଳରେ। ଏମାନଙ୍କ ସହ ଶତାଧିକ ଚାଷୀ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଆଠଗଡ଼ ଶାଖାରେ ହୋଇଥିବା ଋଣ ଜାଲିଆତିର ଶିକାର ହୋଇଥିଲେ। ଚାଷୀମାନେ ଋଣ କରି ନ ଥିଲେ ମଧ୍ୟ ତାଙ୍କ ନାଁରେ ଜାଲିଆତି କରାଯାଇ ଋଣ ଉଠାଯାଇଛି। କେତେଜଣ ଚାଷୀ ଅଳ୍ପ କିଛି ଟଙ୍କା ଋଣ ନେଇଥିବାବେଳେ ଲକ୍ଷାଧିକ ଟଙ୍କାର ଋଣ ବୋଝ ଲଦି ଦିଆଯାଇଛି। ଏନେଇ ଚାଷୀମାନେ ଦୀର୍ଘଦିନ ହେବ ଆନ୍ଦୋଳନ କରି ଆସୁଛନ୍ତି। ପୂର୍ବରୁ କଟକ ଜିଲାପାଳଙ୍କୁ ଅଭିଯୋଗ କରିଥିବାବେଳେ ବୁଧବାର ସମବାୟ ବ୍ୟାଙ୍କ ସାମ୍ନାରେ ହଳ, ଲଙ୍ଗଳ, ଧାନ କେଣ୍ଡା ଧରି ଧାରଣା ଦେଇଥିଲେ। ତେବେ ଶୁକ୍ରବାର ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିବା ସମୟରେ ୩ଜଣ ଚାଷୀ ଆଠଗଡ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ତାଙ୍କ ଭାଇ ବୀରେନ୍ଦ୍ରଙ୍କ ନାମରେ ଅଭିଯୋଗ ଆଣିଛନ୍ତି। ବୀରେନ୍ଦ୍ର କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଥିବା ସମୟରେ କୋଟି କୋଟି ଟଙ୍କାର ଋଣ ଜାଲିଆତି କରିଥିବା ନେଇ ସେମାନେ କହିଛନ୍ତି। ତେବେ ଏ ସମ୍ପର୍କରେ ମନ୍ତ୍ରୀ ସ୍ୱାଇଁଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରିନି। ମିଳିଥିବା ସୂଚନାନୁସାରେ, ପୂର୍ବରୁ ଏହି ଜାଲିଆତି ମାମଲାରେ ୯ଜଣଙ୍କୁ ନିଲମ୍ବିତ କରାଯାଇଥିବାବେଳେ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ୭.୫% ଖସିଲା...

ବ୍ୟବସ୍ଥା ପୁଣି ଥରେ ଅଣ୍ଟା ସଳଖିବା ଆରମ୍ଭ କରିଛି। ଅର୍ଥ ବ୍ୟବସ୍ଥାର ସୁଧାର ଧାରା ଆଶାଠାରୁ ଉନ୍ନତ ବୋଲି ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଗୁରୁବାର କହିଥିଲେ। ଅପରପକ୍ଷରେ କରୋନା ମହାମାରୀ ଦ୍ୱାରା କ୍ଷତିଗ୍ରସ୍ତ ୨୪ ପ୍ରମୁଖ ଦେଶ ମଧ୍ୟରେ ଭାରତ ସାମିଲ ରହିଛି। ଭାରତ ବାଦ୍ ବ୍ରିଟେନ ଅର୍ଥ ବ୍ୟବସ୍ଥା ୯.୬% ଖସିଛି। ଏଭଳି ସ୍ଥିତିରେ ଚାଇନା ଏଭଳି ଏକ ଦେଶ ଯେଉଁଠାରେ ଅଭିବୃଦ୍ଧି ହାର ୪.୯% ରହିଛି। କରୋନା ଜନିତ ଲକ୍‌ଡାଉନ କଟକଣାକୁ ଧୀରେ ଧୀରେ ଏବେ ଉଠାଯାଉଛି। ଫଳରେ ଦେଶ ମଧ୍ୟରେ ଆର୍ଥିକ କାର୍ଯ୍ୟକଳାପ ଟ୍ରାକ୍‌କୁ ଫେରୁଛି। ଏହାର ଲାଭ ଅର୍ଥ ବ୍ୟବସ୍ଥା ଉପରେ ପଡିଛି। ୨୦୨୦-୨୧ରେ ଦେଶର ଜିଡିପି ୯.୫% ଖସିବ ବୋଲି ରିଜର୍ଭ ବ୍ୟାଙ୍କ ପୂର୍ବରୁ କହି ସାରିଛି।

### ଟ୍ରେନ୍ ଧକ୍କାରେ...

ଆସିଥିଲା। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଇଣ୍ଟରସିଟି ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଟ୍ରେନ୍ ଧକ୍କା ଏତେ ଜୋର୍ ଥିଲା ଯେ, ଧାରଣା ସମେତ ନିକଟବର୍ତ୍ତୀ ଅଞ୍ଚଳରେ ମଇଁଷିଗୁଡ଼ିକ ଛିଟିକି ପଡ଼ିଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ସେମାନଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରେ ସନ୍ତୋଷଙ୍କ ୨୯ ଏବଂ ସ୍ଥାନୀୟ ଅଞ୍ଚଳର ଅନ୍ୟ ଜଣେ ବ୍ୟକ୍ତିଙ୍କ ୨ଟି ମଇଁଷିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଅନ୍ୟ ୨ଟି ଗୁରୁତର ହୋଇଛନ୍ତି।

**ଗୋଠ ଖାଲି ହୋଇଗଲା:** ପେଟପାଟଣା କଥା ବୁଝୁଥିଲେ ମଇଁଷି ପଲ। ହେଲେ ନିମିଷକ ମଧ୍ୟରେ ସବୁକିଛି ଛାରଖାର ହୋଇଯାଇଛି। ଟ୍ରେନ୍ ଦୁର୍ଘଟଣାରେ ଗୋଠ ଖାଲି ହୋଇଗଲା ବୋଲି କାନ୍ଦି କାନ୍ଦି କହିଛନ୍ତି ମଇଁଷି ପାଳିଥିବା ଚାଷୀ ସନ୍ତୋଷ ସ୍ୱାଇଁ। ଦୁର୍ଘଟଣାରେ ମଇଁଷିଙ୍କ ମୃତ୍ୟୁରେ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି ହୋଇଛି। ୧୧ ମଇଁଷି ଗର୍ଭବତୀ ଥିଲେ। ଏଭଳି ଦୁଃଖ ଭଗବାନ୍ କାହାରିକୁ ନ ଦିଅନ୍ତୁ ବୋଲି ସନ୍ତୋଷ କହିଛନ୍ତି।

# ଡିସେମ୍ବର ପହିଲାରୁ ଖୋଲିବ ମେଡିକାଲ କଲେଜ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

ଡିସେମ୍ବର ୧ରୁ ରାଜ୍ୟର ସମସ୍ତ ମେଡିକାଲ କଲେଜ ଖୋଲିବ। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନଭେମ୍ବର ୨୫ରେ କେନ୍ଦ୍ର ସରକାର ଜାରି କରିଥିବା ଗାଇଡ୍‌ଲାଇନକୁ ତର୍ଜମା କରିବା ପରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ତେବେ କୋଭିଡ୍ ମହାମାରୀ ପ୍ରତିରୋଧ ପାଇଁ ଜାରି କରାଯାଇଥିବା ଏସ୍‌ଓପି/ଗାଇଡ୍‌ଲାଇନକୁ ଅନୁସରଣ କରିବାକୁ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ମେଡିକାଲ କଲେଜ ଓ ଛାତ୍ରୀଛାତ୍ରଙ୍କ ପ୍ରତିନିଧିଙ୍କଠାରୁ ମିଳିଥିବା ଦାବିପତ୍ର ଆଧାରରେ ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି) ମେଡିକାଲ କଲେଜ ଖୋଲିବା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟକୁ ପରାମର୍ଶ ଦେଇଥିଲେ। ମନ୍ତ୍ରଣାଳୟକୁ ଲେଖାଯାଇଥିବା ଚିଠିରେ କମିଶନ ଉଲ୍ଲେଖ କରିଥିଲେ, ୨୦୨୦ ବ୍ୟାଚ୍ ଏମ୍‌ବିବିଏସ୍ ମେଡିକାଲ ଛାତ୍ରୀଛାତ୍ରମାନେ କ୍ଲିନିକାଲ ଟ୍ରେନିଂ ଶେଷ ନ କଲେ ପିଜି-ଏନ୍‌ଇଇଟି ପରୀକ୍ଷା ଦେବାକୁ ଯୋଗ୍ୟ ବିବେଚିତ ହେବେ ନାହିଁ। କୋଭିଡ୍-୧୯ ମହାମାରୀ ଯୋଗୁ ପିଜି-ଏନ୍‌ଇଇଟି ୨୦୨୧-୨୨ ବିଳମ୍ବ ହୋଇଛି। ଆବଶ୍ୟକ ତାଲିମ ଶେଷ କରାଗଲେ ପିଜି-ଏନ୍‌ଇଇଟି ହୋଇପାରିବ ବୋଲି କମିଶନ କହିଛନ୍ତି। ଟ୍ରେନିଂ ବିଳମ୍ବ ହେଲେ ପିଜି ଓ ସୁପରସ୍ପେଶିଆଲିଟି କୋର୍ସ ବିଳମ୍ବ ହେବ। ୨୦୨୦-୨୧ ବର୍ଷ ପାଇଁ ଏମ୍‌ବିବିଏସ୍ ପାଠ୍ୟକ୍ରମ ୪ ମାସ ବିଳମ୍ବ ହୋଇଯାଇଛି। ମେଡିକାଲ କଲେଜ ଖୋଲିବା ବିଳମ୍ବ ହେଲେ ସମଗ୍ର ଦେଶରେ ଆସନ୍ତା ୫ ବର୍ଷରେ ୮୦ ହଜାର ଡାକ୍ତର ମିଳିବା ନେଇ ସମସ୍ୟା ଦେଖାଦେବ। ଏହାକୁ ଦୃଷ୍ଟିରେ ରଖି ଦେଶର ସମସ୍ତ ମେଡିକାଲ କଲେଜ ଆସନ୍ତା ଡିସେମ୍ବର ପହିଲାରୁ ଖୋଲିବାକୁ କମିଶନ ପରାମର୍ଶ ଦେଇଥିଲେ। ୨୦୨୦-୨୧ ପାଠ୍ୟ ବର୍ଷ ୨୦୨୧ ଫେବୃୟାରୀ ପହିଲାରୁ ଆରମ୍ଭ କରିବା ସହ ୨୦୨୧ ପିଜି ପାଠ୍ୟବର୍ଷ ଜୁଲାଇ ପହିଲାରୁ ଆରମ୍ଭ କରିବାକୁ କମିଶନ ପରାମର୍ଶ ଦେଇଛନ୍ତି। ୨୦୨୧-୨୨ ପିଜି-ଏନ୍‌ଇଇଟି ପରୀକ୍ଷା ୨୦୨୧ ମାର୍ଚ୍ଚ କିମ୍ବା ଏହା ମଧ୍ୟରେ ଆରମ୍ଭ କରିବାକୁ କମିଶନ ଚିଠିରେ ଉଲ୍ଲେଖ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଆଜି ଆପଣ ଭୋଗ ବିଳାସ ଓ ମନୋରଞ୍ଜନ ସକାଶେ ଅନୁକୂଳ ପରିବେଶ ପାଇବେ। କିନ୍ତୁ ବେପରୁଆ କାର୍ଯ୍ୟକଳାପରୁ ସ୍ୱାସ୍ଥ୍ୟ ସମ୍ପର୍କୀୟ ଚିନ୍ତାରେ ପଡ଼ିପାରନ୍ତି। ପାରିବାରିକ କାମରେ ଜଣେ ପୁରାତନ ବନ୍ଧୁଙ୍କ ସାହାଯ୍ୟ ମିଳିବ। ପ୍ରଶାସନିକ ସ୍ତରରେ ବୁଝାମଣା ନେଇ ତିକ୍ତତା ସୃଷ୍ଟି ହୋଇପାରେ।

**ବୃଷ** — ପୁରାତନ ରୋଗପୀଡା, ଋଣ ପରିଶୋଧ ଓ ଆତ୍ମୀୟଙ୍କ ବିରୁଦ୍ଧାଚରଣ ବିଷୟରେ ଚିନ୍ତା କରିବେ। ଅନ୍ୟମାନଙ୍କୁ ମନେଇବାକୁ ବିଭିନ୍ନ ଚେଷ୍ଟା କରି ସଫଳତା ପାଇବେ। କଠିନଶ୍ରମଜନିତ ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ପାଇବେ। ବିବାଦୀୟ ଘଟଣାରେ ମନସ୍ତାପ କରିବାକୁ ପଡିପାରେ।

**ମିଥୁନ** — ଆର୍ଥିକ ସ୍ଥିତିରେ ଉନ୍ନତି ଘଟିଲେ ମଧ୍ୟ ଆଶାନୁରୂପ ନ ହେବା କାରଣରୁ ମାନସିକ ସ୍ଥିତି ବିଗିଡ଼ିଯିବ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ସକାଶେ ଅନୁତାପ କରିବେ। ପରିବାରରେ ଛୋଟ କଥାକୁ ନେଇ ପରମୁହୂର୍ତ୍ତରେ କଳହ ଲାଗିପାରେ। ପ୍ରାତଃ ଭ୍ରମଣ ରାଜନୀତି, ପ୍ରଶାସନ, ବାଣିଜ୍ୟ ପାଇଁ ଦିନଟି ବହୁତ ଭଲ।

**କର୍କଟ** — ସମୟର ଅନୁକୂଳ ପ୍ରବାହରେ ଧୀରେ ଧୀରେ ସମସ୍ୟା ସମାଧନ କରି କର୍ମକ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଯାହା ଭାବୁଛନ୍ତି ତାହା ହିଁ ହେବାରେ ଅସୁବିଧା ରହିବ ନାହିଁ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ କରିପାରନ୍ତି। ପରିବାର ଭିତରେ ବିନା କାରଣରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ।

**ସିଂହ** — କ୍ରମଶଃ ଅବନତି ଘଟୁଥିବା ସ୍ୱାସ୍ଥ୍ୟ ସକାଶେ ମନସ୍ତାପ କରିବେ। ଆନୁଷ୍ଠାନିକ କାମରେ ନୀଚ ମନୋଭାବର ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। ବ୍ୟବସାୟିକ ଦୃଷ୍ଟିକୋଣରୁ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ କିମ୍ବା ବନ୍ଧୁ ଗହଣରେ ପ୍ରଶଂସିତ ହେବେ।

**କନ୍ୟା** — କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିଯିବ। ପ୍ରତିବେଶୀଙ୍କ ସାହାଯ୍ୟ ନେଇ କୌଣସି ଅସମାହିତ କାମକୁ ସମ୍ପନ୍ନ କରିବ। ପରିବାରରେ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। କୌଣସି ବନ୍ଧୁଙ୍କ ସକାଶେ ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡିବାକୁ ପଡିପାରେ।

**ତୁଳା** — ନୂତନ କର୍ମାରମ୍ଭ ସକାଶେ ମନ ବଳାଇ ଆନୁଷଙ୍ଗିକ ସାହାଯ୍ୟ, ସୁବିଧା ପାଇବେ। ବର୍ତ୍ତମାନ ସକାଶେ ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ। ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହେବା ଠିକ୍ ହେବନାହିଁ। ପ୍ରଶାସନ, ପ୍ରକାଶନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ବିଛା** — ବିବାଦୀୟ କଥା, ଶତ୍ରୁତା କରୁଥିବା ବ୍ୟକ୍ତି, ଅର୍ଥ ସମ୍ପର୍କୀୟ ସମସ୍ୟା ବିଷୟରେ ଚିନ୍ତା କରିବେ। ଆତ୍ମୀୟଙ୍କ ପ୍ରତିରୋଧ ଆପଣଙ୍କ ଚିନ୍ତାଧାରାକୁ ବିଶୃଙ୍ଖଳିତ କରିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ହଇରାଣ ହେବେ।

**ଧନୁ** — ବନ୍ଧୁଙ୍କ ସ୍ନେହ, ପାରିବାରିକ ଆଦର, ଅର୍ଥ ଓ ଦ୍ରବ୍ୟଲାଭ, ସନ୍ତାନସୁଖ ପ୍ରଭୃତି ପ୍ରାପ୍ତି ଘଟାଇବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସକାଶେ ଦିନଟି ବହୁତ ଶୁଭପ୍ରଦ ରହିବ। ଦୀର୍ଘ ଦିନରୁ ଅଟକି ରହିଥିବା ବକେୟା ଟଙ୍କା ପାଇବାର ମାର୍ଗ ସୁଗମ ହୋଇଯିବ। ଆନୁଷ୍ଠାନିକ ତଥା କର୍ମକ୍ଷେତ୍ର ଓ ସାମାଜିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ମକର** — ଘରକଥା, ଜମିବାଡି, ଯାନବାହନ, ଲୋକସମ୍ପର୍କ, ଆଲୋଚନା ଭିତରେ ସମୟ ଅତିବାହିତ ହେବ। କଳା, କ୍ରୀଡା, ଚଳଚ୍ଚିତ୍ର, ସଙ୍ଗୀତ, ସାହିତ୍ୟାଲୋଚନାରେ ରହିଥିବା ଅସଙ୍ଗତି ଦୂର ହୋଇଯିବ। ବୃତ୍ତିଗତ ଧନ୍ଦାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ନିଜଲୋକଙ୍କ ବେଖାତିର ମନୋଭାବରୁ କଷ୍ଟ ଅନୁଭବ କରିବେ।

**କୁମ୍ଭ** — ବିଭିନ୍ନ ସମସ୍ୟାମୂଳକ କାମର ଅନ୍ତ ଘଟିବା ସମ୍ବନ୍ଧରେ ଅବଗତ ହୋଇପାରିବେ। ଅବଶ୍ୟ ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିପାରନ୍ତି। ଆନୁଷ୍ଠାନିକ କାମ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ପାଇବେ। ସହକର୍ମୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମୀନ** — କୌଣସି କଥାକୁ କେନ୍ଦ୍ରକରି ଶିକ୍ଷା କ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ। କଳା, ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହେବାର ଆଶା ରହିଛି। ଭାବପ୍ରବଣ ବଶତଃ କିଛି କଥା କହି ଅପଦସ୍ଥ ହେବେ। ଭଲ ସମ୍ପର୍କ ଥିବା ବନ୍ଧୁ ନିଜର ସୁବିଧା ହାସଲ ସକାଶେ ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ବୈକୁଣ୍ଠ ଚତୁର୍ଦ୍ଦଶୀ ଶନିବାର, ଶ୍ରୀମନ୍ଦିରରେ ଆଡକିଆ ବା ତ୍ରିବିକ୍ରମବେଶ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ବଡ ଓଷା, ନଭେମ୍ବର ୨୮ ତାରିଖ, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ମେଷରାଶିର ଘାତଚନ୍ଦ୍ର, ଚତୁର୍ଦ୍ଦଶୀରଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୬.୦୬ମି. ଗତେ ଘ.୦୬.୫୦ମି. ମଧ୍ୟେ, ଘ.୦୭.୩୪ମି. ଗତେ ଘ.୦୯.୪୫ମି. ମଧ୍ୟେ, ଘ.୧୧.୫୬ମି. ଗତେ ଘ.୦୨.୫୧ମି. ମଧ୍ୟେ, ଘ.୦୩.୩୪ମି. ଗତେ ଘ.୦୫.୦୨ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୮.୫୦ମି. ଗତେ ଘ.୧୦.୧୨ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Ready to move Duplex for sale at DHPL Villa One Kalarahanga. Contact-9937059891 D-18830

ଭୁବନେଶ୍ୱର ଚନ୍ଦକାଛକରୁ 500mtr. near Nalanda ଓ BCST College ପାଖରେ ଘର ଉପଯୋଗୀ plot ମିଳୁଛି। Immediate registration/possession. 8895492671, 9348870771. D-70112

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଲ IIT 1200sqft. 1,32,000/- (Outright). 9776974912, 7894433357. D-69200

ଭୁବନେଶ୍ୱର ସୁନ୍ଦରପଦା Indus Engineering College backside ସ୍ଥିତିବାନ ପ୍ଲଟ Sqft.299/- ମିଳୁଅଛି। 7848882166. D-70113

2000sqft. 200mtr from bypass NH corner, boundarywall, gharabari plot sale infront of DAV Public School, Kantabada, Bhubaneswar. 7008634668. D-70110

Booking open for 3BHK luxurious & premium flat at Surya Nagar, Bhubaneswar, Genuine buyer contact- DEEPAK-9937329999. D-69939

ଟଙ୍କପାଣି ରୋଡ୍ Sai ମନ୍ଦିରରୁ 2km ମଧ୍ୟରେ gharabari boundary plot କିଣନ୍ତୁ। 7008492511. D-69354

ଗୁଡ଼ିଆ ପୋଖରୀ ସାଇ ମନ୍ଦିର ସମ୍ମୁଖରେ NHରୁ 100ମିଟର ଦୂରତାରେ 6500sqft. ସ୍ଥିତିବାନ୍ ପ୍ଲଟ୍ Rs. 1050sqft. re ବିକ୍ରିହେବ। 9439617047, 9778997744. D-19067

3BHK and 4BHK duplex houses under construction are sale at Mendhasal NH, just at 47lakh and 52lakh. Also land available inside the project at Rs. 1050 per sqft. Contact AMITA- 7978001726. D-70035

Plot for immediate sale 3000sft. at Palasuni (Satya Vihar) & 2400sft. BDA plot near Sum Hospital, Bhubaneswar. Buyers contact DEEPAK-9937329999. D-69941

1740sft. and 860sft. sthitiban plot at Sampur close to Bharatpur GA Colony for sale. 9861040268. D-69940

ସାଇ ବିହାର କଲୋନୀରେ ପିଚୁ ରୋଡ୍‌କୁ ଲାଗି 30' ରାସ୍ତା ଘରବାରି, boundary, ଇଲେକ୍ଟ୍ରିସିଟି ଥାଇ ରଙ୍ଗବକାର, BJEM-II ନିକଟରେ 1500sqft. 6,75,000/- ଦେଇ ସଙ୍ଗେସଙ୍ଗେ ଘର କରନ୍ତୁ। 9437522339. D-70114

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

4/5 BHK Duplex with Gated Community at Balianta. Construction- 2200@ 70lakhs/ 2600@ 80lakhs. MPlanets: 9938219397/ 9861022055. D-19069

Ready to move 2BHK flat [1stfloor] @25 lakh near Mountlitera ZeeSchool, Kateni, Bhubaneswar for sale.9937162220. D-19068




600sqft. fully furnished commercial space available on second floor at Goutam Nagar BMC main road, Bhubaneswar. Contact: 9937203178. D-67579

2BHK flat with parking at Lingipur, rent family Contact: 7894381416. D-59972

Space suitable for godowns, Nursing Home and Educational Institute with open area 2acres having boundary walls & Office at Old Industrial Estate, Jagatpur. Contact: 9437021279. D-19075

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Refreshing your mind & body with best therapy at Lotus Spa. 8018234866 D-69584

Get refreshment body massage by expert therapist contact for 7205084157. D-70025

Thailand massage refreshment Bhubaneswar, Cuttack smart therapist. 9853999966, 9853999966. Homeservices9853999966@gmail.com D-18864

Newly open full body massage SPA in Bhubaneswar. Contact: 7205058838. D-70027

Rejuvenate and Ayurvedic full body massage by smart therapist. 9348123330. D-70028

Swarna SPA newly open positively health benefits with expert therapist. 9556978408. D-70034

Available hot massage & home service one free for one. 9583808247. D-19057

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଶନିବାର, ୨୮ ନଭେମ୍ବର, ୨୦୨୦

**କୋଡିଙ୍ଗାମାଳି ଖଣି ସମ୍ପ୍ରସାରଣ ନେଇ ଜନଶୁଣାଣି ସ୍ଥଗିତ**

**କୋରାପୁଟ,(ସ୍ବ.ପ୍ର.):** ଆସନ୍ତା ୨ରେ କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଓଡିଆପେଣ୍ଠ ପଞ୍ଚାୟତର ଧରଡାଠାରେ କୋଡିଙ୍ଗାମାଳି ବକ୍ସାଇଟ ଖଣି ଖନନ ସମ୍ପ୍ରସାରଣ ନେଇ ହେବାକୁ ଥିବା ଜନଶୁଣାଣିକୁ ଶୁକ୍ରବାର ଜିଲା ପ୍ରଶାସନ ସ୍ଥଗିତ ରଖିଛି। ଏନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅବଗତ କରାଯାଇଛି। ଜନଶୁଣାଣି ସ୍ଥଗିତ ରଖିବା ଲାଗି ପୂର୍ବରୁ କୋଡିଙ୍ଗା ଅଞ୍ଚଳବାସୀ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଜନଶୁଣାଣି କେବେ କେଉଁଠି ହେବ ନୂତନ ତାରିଖ ଧାର୍ଯ୍ୟ ହେଲେ ସମସ୍ତଙ୍କୁ ଅବଗତ କରାଯିବ ବୋଲି ଜିଲାପାଳ କହିଛନ୍ତି। ପୂର୍ବରୁ ଚଳିତ ମାସ ୨୫ରେ ପୋଡାପାଡି ପଞ୍ଚାୟତର ପହଣ୍ଡିଠାରେ ହେବାକୁ ଥିବା ଜନଶୁଣାଣିକୁ ରାୟଗଡା ଜିଲାପାଳ ସ୍ଥଗିତ କରିଥିଲେ ।





କରୋନା କଟକଣା ପାଇଁ ଶୁକ୍ରବାର ନାଗାର୍ଜୁନ ବେଶ ଅବସରରେ ବଡ଼ଦାଣ୍ଡ ଭକ୍ତଶୂନ୍ୟ।

# ବିନା ଭକ୍ତରେ ନାଗାର୍ଜୁନ ବେଶ

**ପୁରୀ ଅଫିସ, ୨୭।୧୧**

ଏକ ଆବେଗମୟ ମୁହୂର୍ତ୍ତର ପରିସମାପ୍ତି ଘଟିଛି। ଶୁକ୍ରବାର ଶ୍ରୀମନ୍ଦିର ରତ୍ନସିଂହାସନରେ ମହାପ୍ରଭୁଙ୍କର ଦୁର୍ଲଭ ନାଗାର୍ଜୁନ ବେଶ ହୋଇଛି। ଦୀର୍ଘ ୨୫ବର୍ଷ ପରେ ପଡ଼ିଥିବା ଏହି ବେଶ କିନ୍ତୁ ଦେଖିପାରି ନାହାନ୍ତି ଭକ୍ତ। ବିଷାଦ ଓ ଅବସୋସ ମଧ୍ୟରେ ଶେଷ ହୋଇଛି ବିଶ୍ୱନିୟନ୍ତାଙ୍କ ବୀର ବେଶ। ଏଥିସହ ଶ୍ରୀମନ୍ଦିର ଇତିହାସରେ ଯୋଡ଼ି ହୋଇଛି ଏକ ନୂଆ ଅଧ୍ୟାୟ। ବିନା ଭକ୍ତରେ ରଥଯାତ୍ରା ଭଳି ନାଗାର୍ଜୁନ ବେଶ ହୋଇଛି ଶ୍ରଦ୍ଧାଳୁଶୂନ୍ୟ। ଭକ୍ତ-ଭଗବାନଙ୍କ ମଧ୍ୟରେ ଲକ୍ଷ୍ମଣରେଖା ଟାଣିଛି ମହାମାରୀ କରୋନା, ଯେଉଁଥିପାଇଁ ସିଂହଦ୍ୱାରକୁ ପାଦ ନ ପକାଇ ଗୁମୁରି କାନ୍ଦୁଥିବା ଶ୍ରଦ୍ଧାଳୁ କେବଳ ହୃଦୟରେ ଦାରୁଦିଅଁଙ୍କ ଏହି ଯୋଦ୍ଧା ବେଶକୁ ଅନୁଭବ କରିଛନ୍ତି। ଅନ୍ୟପକ୍ଷରେ ଗର୍ଭଗୃହରେ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ ନୀତିକାନ୍ତିରେ ୩ଘଣ୍ଟା ବିଳମ୍ବ ଘଟିଛି। ଆଉ ଏହାର ସାକ୍ଷୀ ରହିଛି ରତ୍ନସିଂହାସନ।

ନାଗାର୍ଜୁନ ବେଶ ପାଇଁ ଗୁରୁବାର ରାତି ୧ଟାରେ ଶ୍ରୀମନ୍ଦିରରେ ପହୁଡ଼ ପଡ଼ିଥିଲା। ୨ଟାରେ ଦ୍ୱାରଫିଟା ନୀତି ନିର୍ଘଣ୍ଟ ହୋଇଥିବାବେଳେ ୪୫ ମିନିଟ୍ ବିଳମ୍ବରେ ଦ୍ୱାର ଖୋଲିଥିଲା। ୩ଟା ୨୫ରେ ଭିତରଶୋଧ, ୩ଟା ୩୫ରେ ମଙ୍ଗଳ ଆଳତି ସରିଥିଲା। ଏହାପରେ ଅନ୍ୟାନ୍ୟ ନୀତି ଚାଲିଥିଲା। ଭୋର ୪ଟା ୧୦ରେ ଚକ୍ରକୋଟ ବଳରାମ ଖୁଣ୍ଟିଆଙ୍କ ହରଚଣ୍ଡୀ ସାହି ବାସଭବନରୁ

**ଶ୍ରୀମନ୍ଦିର ଇତିହାସରେ ନୂଆ ଅଧ୍ୟାୟ**
- ଅଧିକ ସେବାୟତଙ୍କୁ ନେଇ ଗର୍ଭଗୃହରେ ବିବାଦ
- ୩ ଘଣ୍ଟା ବିଳମ୍ବ ହେଲା ବେଶ

କଡ଼ା ସୁରକ୍ଷା ମଧ୍ୟରେ ନାଗାର୍ଜୁନ ବେଶ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଭୋର ୪ଟା ୩୫ରେ ଅବକାଶ ପୂଜା ବଢ଼ିବା ପରେ ୪୫ ମିନିଟ୍ ବିଳମ୍ବ ଅର୍ଥାତ୍ ୪ଟା ୪୫ରେ ନାଗାର୍ଜୁନ ବେଶ ଆରମ୍ଭ ହୋଇଥିଲା। ବେଶ ଶୃଙ୍ଗାରର ଅଳ୍ପ କେଇ ମିନିଟ୍ ପରେ ଖୁଣ୍ଟିଆ ଏବଂ ସିଂହାରୀ ସେବାୟତଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ରତ୍ନସିଂହାସନରେ ଅଧିକ ସିଂହାରୀ ସେବାୟତ ଥିବା ଖୁଣ୍ଟିଆ ସେବକ ଅଭିଯୋଗ ଆଣି କାହାକୁ ସେମାନେ ସ୍ୱର୍ଣ୍ଣ ଅଳଙ୍କାର ମଣତି (ଅଳଙ୍କାର ଗଣତି କରି ହେପାଜତରେ ଦେବା) ଦେବେ ସେ ନେଇ ଆପତ୍ତି ଉଠାଇଥିଲେ। ଫଳରେ ବେଶ ଶୃଙ୍ଗାର ବନ୍ଦ ରହିଥିଲା। ଏହାପରେ ପ୍ରଶାସନିକ ଅଧିକାରୀ ପହଞ୍ଚି ବୁଝାଶୁଝା କରିଥିଲେ। ଆପୋସ ସମାଧାନ ପାଇଁ ଉଦ୍ୟମ ଭିତରେ ସମୟ ଗଡ଼ିଥିଲା। ସମାଧାନ ପରେ ଠାକୁରଙ୍କୁ ନାଗାର୍ଜୁନ ବେଶରେ ବିଭୂଷିତ କରାଯାଇଥିଲା। ଭୋର ୪ଟାରୁ ବେଶ ଆରମ୍ଭ ହୋଇ ସକାଳ ୭ଟାରେ ଶେଷ ହେବାକୁ ପୂର୍ବରୁ ନୀତି ନିର୍ଘଣ୍ଟ ହୋଇଥିଲା। ମାତ୍ର ଏହି ବିବାଦ ଯୋଗୁ ୩ ଘଣ୍ଟା ବିଳମ୍ବ ଅର୍ଥାତ୍ ପୂର୍ବାହ୍ନ ୧୦ଟା ୧୫ରେ ବେଶ



ପାରମ୍ପରିକ କଳାକୃତିରେ ସସ୍ମିତା ପଟ୍ଟନାୟକ ଓ ନନ୍ଦିତା ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ।

ଶୃଙ୍ଗାର ସରିଥିଲା। ଏହାପରେ ଅନ୍ୟାନ୍ୟ ନୀତି ଚାଲିଥିଲା। ପୂର୍ବାହ୍ନ ୧୧ଟା ୫ରେ ଗୋପାଳ ବଲ୍ଲଭ, ମଧ୍ୟାହ୍ନ ୧୨ଟା ୨୫ରେ ସକାଳ ଧୂପ ଏବଂ ଅପରାହ୍ନ ୧ଟା ୪୫ରେ ବାଲଧୂପ ବଢ଼ିଥିଲା। ତେବେ ଅପରାହ୍ନ ସାଢେ ୧ଟାରେ ଭୋଗମଣ୍ଡପ ଶେଷ ପାଇଁ ସମୟ ନିର୍ଘଣ୍ଟ ହୋଇଥିବାବେଳେ ଏଥିରେ ଦେଢଘଣ୍ଟା ବିଳମ୍ବ ଘଟିଥିଲା। ଅପରାହ୍ନ ୩ଟାରେ ଭୋଗମଣ୍ଡପ ବଢ଼ିଥିଲା। ସେହିପରି ୨ଟାରେ ବେଶ ଓଲାଗି ପାଇଁ ସମୟ ଧାର୍ଯ୍ୟ ହୋଇଥିବାବେଳେ ୩ଟା ୫୫ରେ ଏହା ଆରମ୍ଭ ହୋଇ ଅପରାହ୍ନ ୫ଟାରେ ସରିଥିଲା। ଏହି ବେଶକୁ ଶ୍ରୀମନ୍ଦିର ପ୍ରଶାସନ ନିଜ ହେପାଜତକୁ ନେଇ ପଶ୍ଚିମ ଦ୍ୱାର ନିକଟ ନୀଳାଦ୍ରି ବିହାର ମ୍ୟୁଜିୟମ୍‌ରେ ସାଇତି ରଖିଛି। ଏହାପରେ ମହାପ୍ରଭୁଙ୍କର ଅନ୍ୟାନ୍ୟ ନୀତିକାନ୍ତି କରାଯାଇଛି।

ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି, ଦୁଇ ସେବାୟତ ଗୋଷ୍ଠୀଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ନୀତିରେ ବିଳମ୍ବ ଘଟିଲା। ଏହାର ତର୍ଜମା କରାଯାଇ ଆଗକୁ ମହାପ୍ରଭୁଙ୍କ ନୀତିକାନ୍ତି କିପରି ଶୃଙ୍ଖଳିତ ହେବ ତାହା ଉପରେ ଗୁରୁତ୍ୱ ଦିଆଯିବ। ସେହିପରି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ବିବାଦ ପରେ ଉଭୟ ପକ୍ଷ ସେବାୟତଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଛି। ପ୍ରଶାସନ ଅନୁରୋଧକୁ ରକ୍ଷା କରି ସହଯୋଗ କରିଥିବାରୁ ଶ୍ରଦ୍ଧାଳୁ, ସେବାୟତ ସମସ୍ତଙ୍କୁ ଜିଲାପାଳ ଧନ୍ୟବାଦ ଦେଇଛନ୍ତି।

## ମୋବାଇଲରେ ବେଶ ଫଟୋ ଉଠାଇବା ଚର୍ଚ୍ଚା

**ପୁରୀ ଅଫିସ,୨୭।୧୧:** ଶ୍ରୀମନ୍ଦିର କର୍ମଚାରୀ, ସେବାୟତ ଏବଂ ସୁରକ୍ଷା କର୍ମଚାରୀ କେହି ବି ମନ୍ଦିର ଭିତରକୁ ମୋବାଇଲ ଫୋନ୍ ନେବେ ନାହିଁ। ସମସ୍ତଙ୍କୁ ଯାଞ୍ଚ କରାଯାଇ ଭିତରକୁ ଛଡ଼ାଯିବ। ସେହିପରି କେହି ବେଶ ବଦଳାଇ ଭିତରକୁ ଯିବାକୁ ଚେଷ୍ଟା କରିବେ ନାହିଁ। ଯଦି ଏହାକୁ କେହି ଅବମାନନା କରନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନାଗାର୍ଜୁନ ବେଶ ସୁରକ୍ଷା ସମ୍ପର୍କରେ ଗୁରୁବାର ଜିଲାପାଳ ବଲୱନ୍ତ ସିଂ ଏହା କହିଥିଲେ। ତଥାପି ଏଥିରେ ବ୍ୟତିକ୍ରମ ଘଟିଛି। ଶୁକ୍ରବାର ରତ୍ନସିଂହାସନରେ ଦାରୁବିଗ୍ରହଙ୍କ ନାଗାର୍ଜୁନ ବେଶର ଫଟୋ ମୋବାଇଲ ଫୋନରେ ଉଠାଯାଇଥିବା ନେଇ ଚର୍ଚ୍ଚା ହେଉଛି। ଜଣେ ସୁରକ୍ଷା କର୍ମଚାରୀ ଏହି ଫଟୋ ଉଠାଇଥିବା ଦିନତମାମ୍ ଆଲୋଚନା ହେଉଥିଲେ ମଧ୍ୟ ଏହାକୁ ପୋଲିସ ଅସ୍ୱୀକାର କରିଛି। ଏ ସମ୍ପର୍କରେ ସିଂହଦ୍ୱାର ଥାନା ଆଇଆଇସି ଗେହ୍ଲି ସାହୁଙ୍କୁ ପଚାରିବାରେ କହିଛନ୍ତି, ଏମିତି ଚର୍ଚ୍ଚା ହେଉଥିବା ଶୁଣିବା ପରେ ଖୋଳତାଡ଼ କରିଥିଲୁ। କିନ୍ତୁ ଏହାର କୌଣସି ସତ୍ୟତା ନାହିଁ।

## ହଟିଲା ୧୪୪ ଧାରା, ମିଳିଲା ପତିତପାବନ ଦର୍ଶନ

ନାଗାର୍ଜୁନ ବେଶ ଅବସରରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଭିଡ଼ ହେବା ଆଶଙ୍କା କରି ଏବଂ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରାଯାଇଥିଲା। ଗୁରୁବାର ରାତି ୨ଟାରୁ ଶୁକ୍ରବାର ମହାପ୍ରଭୁଙ୍କ ବେଶ ଓଲାଗି ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଏହି ସମୟରେ ପତିତପାବନଙ୍କ ଦର୍ଶନ ମିଳିବ ନାହିଁ ବୋଲି ସ୍ପଷ୍ଟ କରିଥିଲା ପ୍ରଶାସନ। ଏହି ନିଷ୍ପତ୍ତିକୁ ଶ୍ରଦ୍ଧାଳୁମାନେ ମାନିଥିଲେ। ଶୁକ୍ରବାର ଅପରାହ୍ନରେ ନାଗାର୍ଜୁନ ବେଶ ଓଲାଗି ପରେ ଭକ୍ତମାନେ ପତିତପାବନଙ୍କ ଦର୍ଶନ ପାଇଥିଲେ। ସନ୍ଧ୍ୟାରେ ପତିତପାବନଙ୍କ ଦର୍ଶନ ଲାଗି ବେଶ୍ ଭିଡ଼ ହୋଇଥିବା ଦେଖିବାକୁ ମିଳିଥିଲା।

## ୫ବର୍ଷର ଧର୍ମପଦ ପୁରସ୍କାର, ଶିଳ୍ପୀ ସମ୍ବର୍ଦ୍ଧନା ଘୋଷଣା

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡିଶା ଲଳିତ କଳା ଏକାଡେମୀ ପକ୍ଷରୁ ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ 'ଧର୍ମପଦ ପୁରସ୍କାର' ୫ବର୍ଷ ପାଇଁ ଘୋଷଣା କରାଯାଇଛି। ଏହାସହ ଏକାଡେମୀ ତରଫରୁ ସମ୍ବର୍ଦ୍ଧିତ ହେବାକୁ ଥିବା ଶିଳ୍ପୀଙ୍କ ନାମ ମଧ୍ୟ ଘୋଷଣା ହୋଇଛି। ୨୦୧୬ରୁ ୨୦୨୦ ପର୍ଯ୍ୟନ୍ତ ୫ଜଣ ବିଶିଷ୍ଟ ଶିଳ୍ପୀ ଧର୍ମପଦ ପୁରସ୍କାର ପାଇବେ। ସେହିଭଳି ୨୫ଜଣଙ୍କୁ 'ଶିଳ୍ପୀ ସମ୍ବର୍ଦ୍ଧନା' ମିଳିବ।




ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ ପୁରସ୍କାର ଘୋଷଣା କରୁଛନ୍ତି।

୨୦୧୬ ପାଇଁ ବରିଷ୍ଠ ଚିତ୍ରଶିଳ୍ପୀ ବନବିହାରୀ ପରିଡା, ୨୦୧୭ ପାଇଁ ବିଶିଷ୍ଟ ସ୍ଥପତି ଶ୍ୟାମ ସୁନ୍ଦର ପଟ୍ଟନାୟକ, ୨୦୧୮ ପାଇଁ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ, ୨୦୧୯ ପାଇଁ ବିଶିଷ୍ଟ ପଟ୍ଟଚିତ୍ର ଶିଳ୍ପୀ ବିନୋଦ ମହାରଣା ଓ ୨୦୨୦ ପାଇଁ ବିଶିଷ୍ଟ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ଧର୍ମପଦ ପୁରସ୍କାର ପାଇବେ। ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଶୁକ୍ରବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଏନେଇ ଘୋଷଣା କରିଛନ୍ତି। ଧର୍ମପଦ ପୁରସ୍କାର ପାଇବାକୁ ଥିବା ଶିଳ୍ପୀଙ୍କୁ ୫ ଲକ୍ଷ ଟଙ୍କା ଓ ସମ୍ବର୍ଦ୍ଧିତ ହେବାକୁ ଥିବା ଶିଳ୍ପୀକୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବରେ ଏସବୁ ପୁରସ୍କାର ପ୍ରଦାନ କରାଯିବ।

ଅନ୍ୟପକ୍ଷରେ ସମ୍ବର୍ଦ୍ଧିତ ହେବାକୁ ଥିବା ଶିଳ୍ପୀଙ୍କ ମଧ୍ୟରେ ୨୦୧୬ ପାଇଁ ଚନ୍ଦ୍ର କୁମାର ସାମନ୍ତରାୟ, ଶରତ ଚନ୍ଦ୍ର ମହାନ୍ତି, ବସନ୍ତ କୁମାରୀ ସାମନ୍ତ, ବାଞ୍ଛାନିଧି ପଟ୍ଟନାୟକ ଓ ଯୋଗେଶ ପ୍ରସାଦ ଦାନୀ, ୨୦୧୭ ପାଇଁ ରାଧାଶ୍ୟାମ ବିଶୋଇ, ଦେବେନ୍ଦ୍ର ଦାସ, ବନମାଳୀ ମହାପାତ୍ର, ଲଲାଟମୋହନ ପଟ୍ଟନାୟକ ଓ ଡ. ଅଲେଖ ଚରଣ ସାହୁ, ୨୦୧୮ ପାଇଁ ଶ୍ରୀଧର ମହାରଣା, ଗୋକୁଳାନନ୍ଦ ଦାସ, ଟୁନେନ୍ଦ୍ର ପଟ୍ଟନାୟକ, କଳ୍ପତରୁ ମହାରଣା ଓ ଅଶୋକ କୁମାର ମହାନ୍ତି, ୨୦୧୯ ପାଇଁ ଶ୍ରୀନିବାସ ପଢିହାରୀ, ଲକ୍ଷ୍ମୀଧର ରଣା, ବ୍ରଜକିଶୋର ଜେନା, ପ୍ରଶାନ୍ତ କୁମାର ଦାସ ଓ ଗୌରାଙ୍ଗ ବାରିକ ଏବଂ ୨୦୨୦ ପାଇଁ ରବିନାରାୟଣ ରଥ, ବିଜୟ କୁମାର ପରିଡା, ପ୍ରଭାକର ମହାରଣା, ଦୀନବନ୍ଧୁ ମହାପାତ୍ର ଓ ବୃନ୍ଦାବନ ମହାରଣା ରହିଛନ୍ତି।

ପୁରସ୍କାର ଘୋଷଣା ସମୟରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଲଳିତ କଳା ଏକାଡେମୀର ସଭାପତି ସୁଦର୍ଶନ ପଟ୍ଟନାୟକ, ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ, ଏକାଡେମୀର କାର୍ଯ୍ୟକାରୀ କମିଟି ସଦସ୍ୟ ପଞ୍ଚାନନ ସାମଲ, ଶ୍ୟାମ ସୁନ୍ଦର ମେହେର ଏବଂ ଅକ୍ଷୟ କୁମାର ସାମଲ ଉପସ୍ଥିତ ଥିଲେ।





















ସମାଜର ପ୍ରଧାନ ଆବଶ୍ୟକତା ହେଉଛି- ବର୍ତ୍ତମାନ ମଣିଷ ଏକ ଆଧ୍ୟାତ୍ମିକ ମଣିଷରେ ବିବର୍ତ୍ତିତ ଅଥବା ପରିବର୍ତ୍ତିତ ହେବ। ଯେପରି କ୍ରମବିବର୍ତ୍ତନରେ ପଶୁ ମଣିଷ ବହୁ ପରିମାଣରେ ବର୍ତ୍ତମାନ ଏକ ଉଚ୍ଚମନଯୁକ୍ତ ମଣିଷରେ ପରିଣତ ହୋଇଛି। -**ଶ୍ରୀମା**

# ଜାଲ୍ ସାର୍ଟିଫିକେଟ ସମସ୍ୟା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଛତିଶଗଡ଼ ସରକାର ଏକ ଉଚ୍ଚସ୍ତରୀୟ ସାର୍ଟିଫିକେଟ ଇନ୍‌ଭେଷ୍ଟିଗେଶନ କମିଟି ବା ପ୍ରମାଣପତ୍ର ତଦନ୍ତ କମିଟି ଗଠନ କରିଛନ୍ତି। ଏହି କମିଟି ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ ଚାକିରି କରିଥିବା ୨୬୭ଟି କେସ୍ ଠାବ କରିଛି। ଯେଉଁମାନେ କୋର୍ଟରୁ ରହିତାଦେଶ ଆଣିଛନ୍ତି ସେମାନଙ୍କୁ ବାଦ୍ ଦେଇ ଅନ୍ୟସମସ୍ତଙ୍କୁ ଚାକିରିରୁ ବରଖାସ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲା ମୁଖ୍ୟ ଶାସନ ସଚିବ ଆର୍.ପି.ମଣ୍ଡଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ମଧ୍ୟରୁ ଅଧିକାଂଶ କେସ୍ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ କିମ୍ବା ଆଗକୁ ଶୁଣାଣି ପାଇଁ ସ୍ଥଗିତ ରହିଛି। ଯାହା ଜଣାପଡୁଛି,କେବଳ ଗତ ଦୁଇ ବର୍ଷରେ ଏଭଳି ୭୫ଟି କେସ୍‌ର ସନ୍ଧାନ ମିଳିଛି। ଏପରି କି ଏହି କେସ୍‌ଗୁଡ଼ିକର ଶୁଣାଣି ସ୍ଥଗିତ ରହିଥିବାର ଆଦେଶ କୋର୍ଟରୁ ପାଇବା ପରେ ବି ଅନେକ ଅଧିକାରୀ ଓ କର୍ମଚାରୀ ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକରେ ଏପର୍ଯ୍ୟନ୍ତ କାମ କରୁଛନ୍ତି। ରାଜ୍ୟର ସାଧାରଣ ପ୍ରଶାସନ ବିଭାଗ(ଜିଏଡି) ପକ୍ଷରୁ କୁହାଯାଇଛି ଯେ, ତଦନ୍ତ କମିଟି ୭୫୮ଟି ଅଭିଯୋଗ ପାଇଥିଲା ଓ ବିଧିବଦ୍ଧ ଯାଞ୍ଚ ପରେ ସେଥିମଧ୍ୟରେ ୨୬୭ଟି ଜାଲ୍ ପ୍ରମାଣପତ୍ର କେସ୍ ମିଳିଥିଲା। ଯେଉଁ ସରକାରୀ ଚାକିରିଆମାନଙ୍କର ଜାତିଗତ ପ୍ରମାଣପତ୍ର ଜାଲ୍ ସେମାନଙ୍କୁ ତୁରନ୍ତ ଚାକିରିରୁ ବାହାର କରିଦେବା ଲାଗି ବାଘେଲା ନିର୍ଦ୍ଦେଶ ଦେଇଛନ୍ତି। ଏହି ସବୁ ଘଟଣାର ବିଭାଗୱାରି ସମୀକ୍ଷା କରିବ ଜିଏଡି, କିନ୍ତୁ ସଂଯୋଗବଶତଃ ଏହି ବିଭାଗରେ ୧୪ ଜଣ ଜାଲ୍ ପ୍ରମାଣପତ୍ରଧାରୀ ଚାକିରିଆ ଅଛନ୍ତି। ଆଶ୍ଚର୍ଯ୍ୟର କଥା ସ୍କୁଲ୍ ଶିକ୍ଷା ବିଭାଗରେ ସବୁଠୁ ବେଶି ପ୍ରାୟ ୪୪ ଜଣ ଏଭଳି ଚାକିରିଆ ରହିଛନ୍ତି।

## ସହଯୋଗ ଚାହୁଁଛନ୍ତି ଗେହଲଟ

ରାଜସ୍ଥାନରେ ସଚିନ ପାଇଲଟଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ରାଜନୈତିକ ସଙ୍କଟରୁ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ମୁକୁଳିବା ପରେ ଏବେ ରାଜ୍ୟ ପ୍ରଶାସନରେ ତାଙ୍କ ମୁଠା ମଜଭୁତ କରିବା ସହ ଅନ୍ୟ ସମ୍ଭାବ୍ୟ ବିପଦକୁ ବ୍ୟର୍ଥ କରିବା ପାଇଁ ଚେଷ୍ଟା କରୁଛନ୍ତି। ୧୯୮୯ ବ୍ୟାଚ୍ ଆଇଏଏସ୍ ଅଧିକାରୀ ନିରଞ୍ଜନ ଆର୍ଯ୍ୟ ୧୦ ଜଣ ଆଇଏଏସ୍ ଅଧିକାରୀଙ୍କୁ ଟପି ରାଜ୍ୟ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ପାଇବା ପରେ ଗେହଲଟ ଏବେ ସମାଧାନ ମୁଡ୍‌ରେ ରହିଛନ୍ତି। ପ୍ରଶାସନିକ ପଦକ୍ଷେପରେ ସମ୍ଭାବ୍ୟ ଜାତିଗତ ମୋଡକୁ ଲକ୍ଷ୍ୟ କରି ଗେହଲଟ ବର୍ତ୍ତମାନ ଅବସରପ୍ରାପ୍ତ ଅନୁସୂଚିତ ଜାତିର ଅଧିକାରୀମାନଙ୍କ ସହଯୋଗ ଆଶା କରିଛନ୍ତି। ସେ ନିକଟରେ ପୂର୍ବତନ ଆଇଏଏସ୍ ଅଧିକାରୀ ମହେନ୍ଦ୍ର ସିଂ, ଲଳିତ ପନୱାର ଏବଂ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଯଶୱନ୍ତ ସମ୍ପତରାମ ଓ ଆର୍.ପି.ସିଂଙ୍କ ସମେତ ଅନ୍ୟମାନଙ୍କୁ ଢ଼େର୍ ଧନ୍ୟବାଦ ଦେଇଛନ୍ତି। ସେମାନେ ଆର୍ଯ୍ୟଙ୍କ ନିଯୁକ୍ତିକୁ ଏକ ଉଚିତ ପଦକ୍ଷେପ ବୋଲି ସ୍ୱୀକାର କରିଥିବା ଯୋଗୁ ଗେହଲଟ ସେମାନଙ୍କ ଉପରେ ଏଭଳି ପ୍ରଶଂସା ଅଜାଡି ଦେଇଛନ୍ତି। ଏହା ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନାକୁ ଶାନ୍ତ କରିବା ଲାଗି ଉଦ୍ଦିଷ୍ଟ । ଅବଶ୍ୟ ନବନିଯୁକ୍ତ ମୁଖ୍ୟ ଶାସନ ସଚିବଙ୍କ ସଫଳ କାର୍ଯ୍ୟକାଳ ଲାଗି ଅବସରପ୍ରାପ୍ତ ଅଧିକାରୀମାନଙ୍କ ସମର୍ଥନ ପାଇଁ ଗେହଲଟଙ୍କ ଖୋଲାଖୋଲି ପ୍ରୟାସ ସେମାନଙ୍କୁ ଦୁଃଖିତ କରିଛି। ଆର୍ଯ୍ୟଙ୍କ ପଦୋନ୍ନତି ଉପରେ ଅବସରପ୍ରାପ୍ତ ଅଧିକାରୀମାନଙ୍କ ଧନ୍ୟବାଦ ପତ୍ରକୁ ଦୃଷ୍ଟିରେ ରଖି ସେମାନଙ୍କୁ କେବଳ ସେ ସାନ୍ତ୍ୱନା ଦେଇଥିଲେ ନା ରାଜ୍ୟ ପ୍ରଶାସନରେ କ୍ଷମତା ଆଧାରକୁ ମଜଭୁତ କରିବା ପାଇଁ ସେମାନଙ୍କ ସମର୍ଥନ ହାସଲ କରିବାର ତାହା ଏକ ପଦକ୍ଷେପ ଥିଲା ? ଜଣେ ଅନୁଭବୀ ରାଜନୀତିଜ୍ଞ ଭାବେ କେଉଁଟି ଠିକ୍ ତାହା ସେ ନିଶ୍ଚିତ ଭାବେ ଜାଣନ୍ତି। ତେବେ ଆମକୁ ଅପେକ୍ଷା କରିବାକୁ ହେବ ଓ ଠିକ୍ ଭାବେ ଏହା ହେଉଛି କି ନାହିଁ ଦେଖିବାକୁ ପଡିବ।

## ବଢ଼ିଲା କାର୍ଯ୍ୟକାଳ

ତିନି ବର୍ଷ କାର୍ଯ୍ୟ କରିବାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ପ୍ରଥମ ନିର୍ଦ୍ଦେଶକ ହେବେ ଏସ୍.କେ.ମିଶ୍ର। ୧୯୮୪ ବ୍ୟାଚ୍ ଭାରତୀୟ ରାଜସ୍ୱ ସେବା(ଆଇଆର୍‌ଏସ୍) ଅଧିକାରୀ ମିଶ୍ର ନଭେମ୍ବର ୨୦୧୮ରେ ନିର୍ଦ୍ଧାରିତ କାର୍ଯ୍ୟକାଳ ୨ ବର୍ଷ ପାଇଁ ଏହି ପଦବୀରେ ନିଯୁକ୍ତି ପାଇଥିଲେ। କିନ୍ତୁ ତାଙ୍କ କାର୍ଯ୍ୟକାଳ ପୂରଣ ହେବାର ଠିକ୍ ପୂର୍ବରୁ ସରକାର ପ୍ରଥମ ନିଯୁକ୍ତି ଅର୍ଡରକୁ ସଂଶୋଧନ କରି କାର୍ଯ୍ୟକାରୀ କରିଥିଲେ ଓ ଏଥିରେ ତାଙ୍କ କାର୍ଯ୍ୟକାଳ ତିନି ବର୍ଷ ହେବ ବୋଲି କହିଥିଲେ। ଯେହେତୁ ସିଭିସି ଆକ୍ଟରେ ଇଡି ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ନେଇ କିଛି ଉଲ୍ଲେଖ ନାହିଁ,ସେଥିପାଇଁ ତଥାକଥିତ ଭାବେ ସଲିସିଟର ଜେନେରାଲଙ୍କ ବୈଧାନିକ ମତ ନେଇ ଏଭଳି ସଂଶୋଧନ କରାଯାଇଥିଲା। ପ୍ରାରମ୍ଭିକ ସୂତ୍ରରୁ ଜଣାପଡିଛି ଯେ,ସରକାର ଅଧ୍ୟାଦେଶ ମାର୍ଗ ଆପଣାଇବାକୁ ସ୍ଥିର କରିଥିଲେ, କିନ୍ତୁ ପରେ ସିଭିସି କମିଟିର ମତ ଲୋଡିଥିଲେ, ଯେହେତୁ ଇଡି ନିର୍ଦ୍ଦେଶକଙ୍କ ନିଯୁକ୍ତି ସିଭିସି ଆଇନ ଦ୍ୱାରା ନିୟନ୍ତ୍ରିତ। ଇଡି ମୁଖ୍ୟଭାବେ ମିଶ୍ର ଏବେ ଅଗଷ୍ଟା ୱେଷ୍ଟଲ୍ୟାଣ୍ଡ,କଂଗ୍ରେସ ନେତା ଡି.କେ.ଶିବକୁମାର, ୟେସ୍ ବ୍ୟାଙ୍କ ଓ ଅନ୍ୟ କେତୋଟି ବହୁ ହାଇ ପ୍ରୋଫାଇଲ ଏବଂ ସମ୍ବେଦନଶୀଳ ତଦନ୍ତର ଦାୟିତ୍ୱରେ ରହିଛନ୍ତି। ଜଣେ ନୂଆ ଇଡି ମୁଖ୍ୟ ନିଯୁକ୍ତି କରି ଏହି ସବୁ କେସ୍‌ର ତଦନ୍ତରେ ବାଧା ସୃଷ୍ଟି ନ କରିବାକୁ ସରକାର ଚାହିଁଛନ୍ତି କି? କିଏ ଜାଣେ,ଆମେ ଯାହା କେବଳ ଅନୁମାନ କରିପାରିବା।

Email: dilipcherian@gmail.com

# ବେକାରି ଚିନ୍ତା ନାହିଁ କାହାର



ଡ. ସନ୍ତୋଷ କୁମାର ମହାପାତ୍ର

କରୋନା ସଂକ୍ରମଣର କୁପ୍ରଭାବରେ କେତେ ପରିବାର ଉଜୁଡିଗଲାଣି, କେତେ ଲୋକ ପ୍ରାଣ ହରାଇଲେଣି, କେତେ ଲୋକ ଜୀବିକା ହରାଇ ବେକାରି ହେଲେଣି ତାହା ଆଲୋଚନା ନ କରି ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ସରକାର ଆତ୍ମନିର୍ଭର ଭାରତ, ଆର୍ଥିକ ସୁଧାର, କମ୍ ମୃତ୍ୟୁ ହାର କଥା କହୁଛନ୍ତି। ବର୍ତ୍ତମାନ ପରିସ୍ଥିତି ଅତ୍ୟନ୍ତ ଜଟିଳ, ନିୟନ୍ତ୍ରଣବିହୀନ ହୋଇଥିଲା ବେଳେ ୨୦୨୧-୨୨ରେ କେତେ ଅଭିବୃଦ୍ଧି ହେବ ତାହା ଆଲୋଚନା କରାଯାଉଛି। କରୋନା ସଂକ୍ରମଣର କୁପ୍ରଭାବ ଜୀବନ ଓ ଜୀବିକା ଉପରେ ଏତେ ମାତ୍ରାରେ ପଡିଛି ଯେ ତାହା ଜୀବିକା ହରାଇଥିବା ବା ଯେଉଁ ପରିବାରରେ କାହାର ଜୀବନ ଯାଇଛି, ସେମାନଙ୍କୁ ନ ପଚାରିଲେ ଜଣେ ଜାଣିପାରିବ ନାହିଁ। ପ୍ରତ୍ୟେକ ଜୀବନ ମୂଲ୍ୟବାନ ବୋଲି ସରକାର ଭୁଲିଯାଉଛନ୍ତି। ଚିନ୍ତାର ବିଷୟ କରୋନା ପୂର୍ବରୁ ଯେଉଁ ବେକାରି ସମସ୍ୟା ଉତ୍କଟ ଥିଲା ତାହା କରୋନା ସଂକ୍ରମଣର କୁପ୍ରଭାବରେ ଆହୁରି ଭୟଙ୍କର ରୂପ ଧାରଣ କରିଛି।

ଉଲ୍ଲେଖଯୋଗ୍ୟ ଯେ, ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ଏବଂ ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଓ) ସୂଚାଇ ଦେଇଛନ୍ତି ଯେ ଯଦି କରୋନା ସଂକ୍ରମଣ ରୋକିବାରେ ସରକାର ବିଫଳ ହୁଅନ୍ତି ପ୍ରାୟ ୬.୧ନିୟୁତ ଯୁବକ (୧୫-୨୪ବର୍ଷ) ଭାରତରେ ଚାକିରି ହରାଇପାରନ୍ତି। ନିର୍ମାଣ ଏବଂ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇଥାଏ। ସେହି କ୍ଷେତ୍ର ତାଲାବନ୍ଦ ଦ୍ୱାରା ଅଧିକ ପ୍ରଭାବିତ ହୋଇଛି। କିନ୍ତୁ ବର୍ତ୍ତମାନ ଏପ୍ରିଲ-ଜୁନ୍ ୨୦୨୦ରେ ଅଭିବୃଦ୍ଧି ବିୟୁକ୍ତାତ୍ମକ ୨୩.୯% ଏବଂ ଜୁଲାଇ-ସେପ୍ଟେମ୍ବରରେ ବିୟୁକ୍ତାତ୍ମକ ୧୦.୨ % ହେବା ଯୋଗୁ କେତେ ଲୋକ ନିଯୁକ୍ତି ବା କର୍ମସଂସ୍ଥାନ ହରାଇଥିବେ ତାହା ଆକଳନ କରିବା କଷ୍ଟକର। ଅବଶ୍ୟ କରୋନା ସଂକ୍ରମଣ ପୂର୍ବରୁ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ବେକାରି ବୃଦ୍ଧି ଘଟିଚାଲିଥିଲା। ଏନ୍‌ଏସ୍‌ଏସ୍‌ଓର ପର୍ଯ୍ୟାୟ ଶ୍ରମଶକ୍ତି ସର୍ବେକ୍ଷଣ (ପିଏଲ୍‌ଏଫ୍‌ଏସ୍) (ଜୁଲାଇ୨୦୧୭-ଜୁନ୍୨୦୧୮) ଅନୁଯାୟୀ ଭାରତର ବେକାରି ହାର ୨୦୧୭-୧୮ରେ ୪୫ବର୍ଷର ସର୍ବୋଚ୍ଚ ସ୍ତର ୬.୧% ହୋଇଥିଲା। ବେକାରି ବୃଦ୍ଧି ଓ ନିଯୁକ୍ତି ହ୍ରାସ ପ୍ରକ୍ରିୟା ବିମୁଦ୍ରୀକରଣ ଏବଂ ଜିଏସ୍‌ଟି କାର୍ଯ୍ୟକାରୀ ହେବାପରେ ଦ୍ରୁତ ହୋଇଛି। ଅଜିମ୍ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟର ତଥ୍ୟ ଅନୁଯାୟୀ ୨୦୧୧-୧୨ରୁ ୨୦୧୭-୧୮ ମଧ୍ୟରେ ଭାରତରେ ମୋଟ ନିଯୁକ୍ତି ୯ନିୟୁତ ହ୍ରାସପାଇଛି; ଯାହା ଦେଶର ଇତିହାସରେ ପ୍ରଥମ ଘଟଣା। ସେହିପରି ଏହି ସଂସ୍ଥାର ଷ୍ଟେଟ୍ ଅଫ୍ ୱାର୍କିଂ ଇଣ୍ଡିଆ ୨୦୧୯ ରିପୋର୍ଟ ଅନୁଯାୟୀ ବିମୁଦ୍ରୀକରଣ ହେତୁ ୨୦୧୬ରୁ ୨୦୧୮ ମଧ୍ୟରେ ପାଞ୍ଚନିୟୁତ ଲୋକ ଚାକିରି ହରାଇଛନ୍ତି।

ସେଣ୍ଟର ଫର ମନିଟରିଂ ଅଫ୍ ଇଣ୍ଡିଆନ୍ ଇକୋନୋମି (ସିଏମଆଇଇ)ର ତଥ୍ୟ ଅନୁଯାୟୀ, ମାର୍ଚ୍ଚ୨୪ ତାଲାବନ୍ଦ ପୂର୍ବରୁ ମାର୍ଚ୍ଚ ୨୨ରେ ବେକାରି ହାର ୮.୪% ଥିଲା। କୋଭିଡ୍ -୧୯ର ପ୍ରସାରକୁ ରୋକିବା ପାଇଁ ତାଲାବନ୍ଦ ଯୋଗୁ ୩ ମେ, ୨୦୨୦ ଶେଷ ହୋଇଥିବା ସପ୍ତାହରେ ଭାରତର ବେକାରି ହାର ୨୭.୧% ବୃଦ୍ଧି ପାଇଥିଲା। ଏପ୍ରିଲରେ ପ୍ରାୟ ୧୨.୧୫କୋଟି ଭାରତୀୟ ନିଯୁକ୍ତି ହରାଇଛନ୍ତି। ୨୦୧୯-୨୦ରେ ନିଯୁକ୍ତି ପାଇଥିବା ସଂଖ୍ୟା ୪୦.୪କୋଟି ଥିଲା। ଏପ୍ରିଲ ୨୦୨୦ରେ ରୋଜଗାର ୨୮.୨କୋଟିକୁ ହ୍ରାସପାଇଥିଲା। ଆପାତତଃ ନିଯୁକ୍ତି ହରାଇଥିବା ଦିନମଜୁରିଆ ଏବଂ ଛୋଟ ବ୍ୟବସାୟୀଙ୍କ ସଂଖ୍ୟା ୯.୧୩କୋଟି। ନିଯୁକ୍ତି ହରାଇଥିବା ଉଦ୍ୟୋଗୀଙ୍କ ସଂଖ୍ୟା୧.୮୨କୋଟି ହୋଇଥିଲାବେଳେ ବେତନଭୋଗୀ ଶ୍ରେଣୀ ମଧ୍ୟରେ ୧.୭୮କୋଟି ନିଯୁକ୍ତି ହରାଇଥିଲେ। ଚିନ୍ତାର ବିଷୟ ହେଉଛି ତାଲାବନ୍ଦ ଉଠିବାପରେ ବେକାରି ହାର ହ୍ରାସପାଇଥିଲା , କିନ୍ତୁ ପରେ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ବେକାରି ହାରରେ ବୃଦ୍ଧିପାଇଛି। ସେପ୍ଟେମ୍ବରରେ ବେକାରି ହାର ୬.୬୭% ଥିଲା, ତାହା ଅକ୍ଟୋବରରେ ୬.୯୮ %କୁ ବୃଦ୍ଧିପାଇଛି। ଅବଶ୍ୟ ଏହି ହାର ବାସ୍ତବରେ ବହୁଅଧିକ। ଏତିକିରେ ରହିବାର କାରଣ ହେଲା, କରୋନା ଯୋଗୁ ଲୋକ ନିଯୁକ୍ତି ଚାହୁଁନାହାନ୍ତି।

ଅବଶ୍ୟ, ତାଲାବନ୍ଦ କୋହଳ ହେଲାପରେ ଅସଂଗଠିତ କ୍ଷେତ୍ରରେ ପୁନର୍ବାର ନିଯୁକ୍ତି ସୃଷ୍ଟିହେଲା, କିନ୍ତୁ ସଂଗଠିତ କ୍ଷେତ୍ରରେ ଉନ୍ନତି ଘଟିଲାନାହିଁ। (ସିଏମ୍‌ଆଇଇ)ର ରିପୋର୍ଟ ଅନୁଯାୟୀ ବେତନଭୋଗୀ ଶ୍ରେଣୀ ତାଲାବନ୍ଦ ଦ୍ୱାରା ଅଧିକ ପ୍ରଭାବିତ ହୋଇଛନ୍ତି। ଏପ୍ରିଲରୁ ଅଗଷ୍ଟ ସୁଦ୍ଧା ଭାରତରେ ପ୍ରାୟ ୨.୧କୋଟି ବେତନପ୍ରାପ୍ତ ବ୍ୟକ୍ତି ଚାକିରି ହରାଇଛନ୍ତି। ଚାକିରିର କ୍ଷତି କେବଳ ବେତନସହାୟକ କର୍ମଚାରୀଙ୍କ ମଧ୍ୟରେ ସୀମିତ ନୁହେଁ ବରଂ ଶିଳ୍ପଶ୍ରମିକ ଏବଂ ପ୍ରଶାସନିକ ଅଧିକାରୀ, ପରିଚାଳନାଗତ ଅଧିକାରୀ ମଧ୍ୟ ଅନ୍ତର୍ଭୁକ୍ତ। ଭାରତରେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଏବଂ ଅଧିକ ନିଯୁକ୍ତି ସୃଷ୍ଟି କରିବାକୁ କର୍ପୋରେଟ୍ କ୍ଷେତ୍ରଗୁଡିକର ଅନିଚ୍ଛା କାରଣରୁ ବେତନପ୍ରାପ୍ତ ଚାକିରି ବୃଦ୍ଧି ତାଲାବନ୍ଦ ପୂର୍ବରୁ ମଧ୍ୟ ନିରାଶ ଜନକ ଥିଲା। ୨୦୧୭-୧୮ରେ ଏହା ୧.୬% ବୃଦ୍ଧିପାଇଲା ବେଳେ ୨୦୧୮-୧୯ରେ ୦.୧% ବୃଦ୍ଧିପାଇଥିଲା। କିନ୍ତୁ୨୦୧୯-୨୦ରେ ୧.୮% ହ୍ରାସ ପାଇଥିଲା। ଏଣୁ ଏହି ବେତନପ୍ରାପ୍ତ ଚାକିରିଆ ସଂଖ୍ୟା ୨୦୧୬-୧୭ରେ ୮.୬୩କୋଟି ଥିଲାବେଳେ ତାହା ୨୦୧୯-୨୦ରେ ୮.୬୧କୋଟିକୁ ହ୍ରାସ ପାଇଥିଲା। ସାଧାରଣତଃ ଭାରତରେ ମୋଟ ନିଯୁକ୍ତିରେ କେବଳ ୨୧% ବେତନଭୋଗୀ ଅଟନ୍ତି। ଏହି ଲୋକମାନେ ବିଭିନ୍ନ ସଙ୍କଟ ବେଳେ କ୍ଷତିଗ୍ରସ୍ତ ହୋଇ ନ ଥାନ୍ତି। ଯଦି ହୁଅନ୍ତି କମ୍ ହୋଇଥାନ୍ତି। ପୁନଶ୍ଚ ଏମାନେ ଅସଂଗଠିତ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରିଥାନ୍ତି। ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧିରେ ଏମାନଙ୍କ ମୁଖ୍ୟ ଅବଦାନ ଥାଏ। ଏମାନଙ୍କ ସ୍ଥିତି ଏପରି ସଂକଟମୟ ହେଲେ ଅନ୍ୟର କଥା କ'ଣ କହିବା। ପୁନଶ୍ଚ ଭାରତରେ ୭୧% ଶ୍ରମିକଙ୍କର କୌଣସି ଲିଖିତ ନିଯୁକ୍ତିପତ୍ର ନାହିଁ। ସରକାରୀ ତଥା ରାଷ୍ଟ୍ରାୟତ୍ତ ଶିଳ୍ପରେ କାର୍ଯ୍ୟରତ ଶ୍ରମିକ ମଧ୍ୟରୁ ୪୫% କୌଣସି ଆନୁଷ୍ଠାନିକଭାବେ ନିଯୁକ୍ତି ପାଇ ନାହାନ୍ତି। ଏଣୁ ପରିସ୍ଥିତି କେତେ ଭୟଙ୍କର ସହଜରେ ଅନୁମେୟ।

ସହରାଞ୍ଚଳର ପ୍ରବାସୀ ଶ୍ରମିକମାନଙ୍କ ଦୁର୍ଦ୍ଦଶା ସବୁଠାରୁ ଭୟଙ୍କର । ଏମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନେ ହଠାତ୍ ଚାକିରି ହରାଇବା ଯୋଗୁ ବଞ୍ଚିବାର, ଜୀବିକାର କୌଣସି ବିକଳ୍ପ ପାଇଲେନାହିଁ। ଯେଉଁ କମ୍ପାନୀରେ କାର୍ଯ୍ୟକରୁଥିଲେ, ତା'ର ମାଲିକ ତାଙ୍କୁ ସହାୟତା ଦେଲାନାହିଁ। ସେହି ରାଜ୍ୟ ସରକାର କୌଣସି ସାହାଯ୍ୟ କଲେନାହିଁ। ରହିବାକୁ ଏମାନେ ସ୍ଥାନ ପାଇଲେ ନାହିଁ କାରଣ ଘରଭଡା ଦେବାକୁ ଅର୍ଥ ନ ଥିଲା। ନିଜ ଜନ୍ମସ୍ଥାନକୁ ଫେରିବାକୁ ବାଧ୍ୟହେଲେ ଏବଂ ସଂକ୍ରମଣ ପ୍ରସାରର ନିନ୍ଦା ସହିଲେ। ସରକାରଙ୍କ କହିବାନୁସାରେ, କୋଭିଡ୍-୧୯ ପ୍ରଭାବରେ ୧କୋଟିରୁ ଅଧିକ ପ୍ରବାସୀ ଶ୍ରମିକ ନିଜ ନିଜ ରାଜ୍ୟକୁ ଫେରିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ଏବଂ ଆହତ ହୋଇଛନ୍ତି ସେମାନଙ୍କ ବିଷୟରେ ସରକାରଙ୍କ ନିକଟରେ କୌଣସି ତଥ୍ୟ ନାହିଁ।

ଉଦାରୀକରଣ ପରେ ଆମ ଦେଶରେ ଜିଡିପି ବୃଦ୍ଧି ଅନୁସାରେ ନିଯୁକ୍ତି ବୃଦ୍ଧି ପାଉ ନ ଥିଲା। ପରେ ନିଯୁକ୍ତିବିହୀନ ଅଭିବୃଦ୍ଧି ଦେଖାଦେଇଥିଲା ; ଯାହା କ୍ରମଶଃ ପୁଞ୍ଜି, ଟେକ୍ନୋଲୋଜିର ବହୁଳ ବ୍ୟବହାର, ଘରୋଇ ଶିଳ୍ପମାଲିକଙ୍କର ଅଧିକ ଲାଭଖୋର ମନୋଭାବ, ସରକାର ରାଷ୍ଟ୍ରାୟତ୍ତ ଶିଳ୍ପକୁ ଦୁର୍ବଳ କରିବା ଯୋଗୁ ନିଯୁକ୍ତିବିହୀନ ଅଭିବୃଦ୍ଧି ନିଯୁକ୍ତି ହରାଇବା ଅଭିବୃଦ୍ଧିରେ ରୂପାନ୍ତରିତ ହୋଇଛି ; ଯାହାର କୁପ୍ରଭାବ ଶିକ୍ଷିତ ଯୁବକଙ୍କ ଉପରେ ପଡିଛି। ବେଶି ଶିକ୍ଷିତ ଲୋକ, ଯୁବକ ସଂଗଠିତ କ୍ଷେତ୍ରରେ ନିଯୁକ୍ତିପାଇଁ ଚେଷ୍ଟାକରନ୍ତି। ସଂଗଠିତ କ୍ଷେତ୍ରରେ ଆଶାଜନକଭାବେ ନିଯୁକ୍ତି ସୃଷ୍ଟି ହେଉନାହିଁ। ସରକାର କ୍ରମଶଃ ସଂଗଠିତ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟିକରିବା ପରିବର୍ତ୍ତେ ହ୍ରାସ କରୁଛନ୍ତି ଏବଂ କମ୍ପାନୀଗୁଡ଼ିକ ଉପରେ ନିଯୁକ୍ତି ସୃଷ୍ଟି ପାଇଁ କୌଣସି ଚାପନାହିଁ। କମ୍ପାନୀଗୁଡ଼ିକ ବେକାରିଙ୍କ ବୃଦ୍ଧିର ଫାଇଦା ନେଇ କମ୍ ଦରମାରେ ଖଟାଉଛନ୍ତି। ମାର୍କ୍ସଙ୍କ 'ଶ୍ରମର ସଂରକ୍ଷଣ ସେନା'(Reserve army of labour) ତତ୍ତ୍ୱ ଏଠାରେ ପ୍ରଯୁଜ୍ୟ। ୨୦୧୪ ଲୋକ ସଭା ନିର୍ବାଚନ ପୂର୍ବରୁ ନରେନ୍ଦ୍ର ମୋଦି ବର୍ଷକୁ ୨କୋଟି ନିଯୁକ୍ତି ସୃଷ୍ଟିକରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତି ଭ୍ରମଥିଲା ଏବଂ ପାଣିରଗାର ହୋଇଛି।

ବେରୋଜଗାର ଯୁବକମାନଙ୍କୁ ଶୋଷଣ କରିବା ଏବଂ ସେମାନଙ୍କୁ ରାଜନୈତିକ କାର୍ଯ୍ୟରେ ରାଜନେତାମାନେ ବ୍ୟବହାର କରିବା କିମ୍ବା ଦଳୀୟ ଆଇଟିସେଲରେ ନିୟୋଜିତ କରିବା ସହଜ ହୋଇଥିବାରୁ ଶାସକଶ୍ରେଣୀ ଅଧିକ ନିଯୁକ୍ତି ସୃଷ୍ଟିକରିବାକୁ ଆଗ୍ରହୀ ନୁହନ୍ତି। ଜଣେ ବେକାର ବ୍ୟକ୍ତିଟିଏ ବୁଝିପାରୁ ନିଜେ ତା'ର ସମସ୍ୟା ପାଇଁ ସେ ଯେତିକି ଦାୟୀ, ସରକାରଙ୍କ ନୀତି ମଧ୍ୟ ଅନୁରୂପ ଭାବେ ଦାୟୀ। ଶିକ୍ଷିତ ଯୁବତୀ ଯୁବକ ବେକାରି ହେଲେ ପରିସ୍ଥିତି ଭୟଙ୍କର ହୋଇଥାଏ ଏବଂ ସାମାଜିକ ଅସ୍ଥିରତା ସୃଷ୍ଟିହୋଇଥାଏ। ନ୍ୟାଶନାଲ କ୍ରାଇମ୍ ରେକର୍ଡ଼ସ ବ୍ୟୁରୋ (ଏନ୍‌ସିଆରବି) ଅନୁଯାୟୀ, ୨୦୧୮ରେ ଜଣେ ବେକାର ବ୍ୟକ୍ତି ପ୍ରତି ଘଣ୍ଟାରେ ଆତ୍ମହତ୍ୟା କରିଥିଲେ। କୋଭିଡ୍-୧୯ ଭୟଙ୍କର ମାନସିକ ଆଘାତ,ଉଦ୍‌ବେଗ ତଥା ଡିପ୍ରେସନ ସୃଷ୍ଟିକରିଛି ; ଯାହା ପରିସ୍ଥିତିକୁ ଆହୁରି ସଙ୍ଗିନ କରିବ। ବେକାରି ହେଉଛି ଭାରତର ଏକନମ୍ବର ସମସ୍ୟା। ଏହା ସାମାଜିକ ସ୍ଥିରତା ପାଇଁ ଏକ ବଡ଼ ପ୍ରତିବନ୍ଧକ ଭାବରେ ଛିଡା ହୋଇଛି। ଯଦି ଏହି ସମସ୍ୟାର ସମାଧାନ ନ ହୁଏ ତେବେ ଏହା ସମାଜର ଅଶେଷ କ୍ଷତିକରିବ ଏବଂ ସାମାଜିକ ଉତ୍ତେଜନା ସୃଷ୍ଟିକରିବ। ସେଥିରୁ କେହି ମୁକ୍ତି ପାଇପାରିବେ ନାହିଁ।

ମୋ-୯୪୩୭୨୦୮୭୬୨,
Email ; skmohapatra67@gmail.com

# ଶିଶୁ ମୃତ୍ୟୁହାର କମିବ କେମିତି



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ମିଳିତ ଜାତିସଂଘ କିମ୍ବା ଅନ୍ୟ କୌଣସି ଆନ୍ତର୍ଜାତିକ ସଂଗଠନ ପକ୍ଷରୁ ଯେତେବେଳେ ବି ବିଶ୍ୱରେ ଶିକ୍ଷା ଓ ସ୍ୱାସ୍ଥ୍ୟର ସ୍ଥିତି ସମ୍ବନ୍ଧିତ ରିପୋର୍ଟ ପ୍ରକାଶ ପାଏ, ସେଥିରେ ଭାରତ ସମ୍ପର୍କରେ ବିଶେଷ କିଛି ଉତ୍ସାହପ୍ରଦ ସୂଚନା ନ ଥାଏ। ଏହି କ୍ରମରେ ନିକଟରେ ଜାତିସଂଘ ସଂସ୍ଥା ୟୁନିସେଫ ପକ୍ଷରୁ ପ୍ରକାଶିତ ବିଶ୍ୱରେ ଶିଶୁଙ୍କ ସ୍ଥିତି ରିପୋର୍ଟରେ ମଧ୍ୟ ଏହାର ପୁନରାବୃତ୍ତି ହୋଇଛି। ଶିଶୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତର ନିରାଶାଜନକ ସ୍ଥିତିର ଚିତ୍ର ଏଥିରେ ପ୍ରତିଫଳିତ ହୋଇଛି। ରିପୋର୍ଟ ଅନୁଯାୟୀ ଗତ ୨୦୧୯ରେ ସାରା ବିଶ୍ୱରେ ଠିକଣା ପ୍ରତିଷେଧକମୂଳକ ବ୍ୟବସ୍ଥା ଏବଂ ଚିକିତ୍ସା ଦ୍ୱାରା ଆରୋଗ୍ୟ ହୋଇପାରୁଥିବା ରୋଗରେ ଆକ୍ରାନ୍ତ ହୋଇ ପ୍ରାୟ ୫.୨ ନିୟୁତ ପାଞ୍ଚବର୍ଷରୁ କମ୍ ବୟସର ଶିଶୁ ଅକାଳରେ ପ୍ରାଣ ହରାଇଥିଲେ। ଏହି ଅଭାଗା ଶିଶୁଙ୍କ ମଧ୍ୟରେ ଭାରତୀୟ ଶିଶୁଙ୍କ ସଂଖ୍ୟା ଥିଲା ୧.୨ ନିୟୁତ। ମୃତ ଭାରତୀୟ ଶିଶୁଙ୍କ ମଧ୍ୟରେ ୩୯ପ୍ରତିଶତ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ଏବଂ ଜନ୍ମର ଚାରି ସପ୍ତାହ ମଧ୍ୟରେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ପ୍ରାଣ ହରାଇଥିବା ବେଳେ ୧୪.୯ ପ୍ରତିଶତ ଶିଶୁଙ୍କ ନିମୋନିଆରେ ମୃତ୍ୟୁ ହୋଇଥିଲା। ଡାଇରିଆ ୯.୮ ପ୍ରତିଶତ ଶିଶୁଙ୍କ ପାଇଁ ଘାତକ ହୋଇଥିଲା। ପୁଷ୍ଟିହୀନତା ଏବଂ ଅନ୍ୟ ରୋଗରେ ଅବଶିଷ୍ଟ ଶିଶୁଙ୍କ ମୃତ୍ୟୁ ହୋଇଥିଲା। ଯେଉଁ ସବୁ କାରଣରୁ ପ୍ରାୟ ୧୨ ଲକ୍ଷ ଶିଶୁଙ୍କ ମୃତ୍ୟୁ ହେଲା, ତାହା ଆଦୌ ଅସାଧ୍ୟ ନୁହେଁ। ଠିକଣା ପ୍ରତିଷେଧକମୂଳକ ପଦକ୍ଷେପ ଏବଂ ସମୟୋଚିତ ଚିକିତ୍ସା ଦ୍ୱାରା ମୃତ୍ୟୁକୁ ଏଡ଼ାଯାଇ ପାରିଥାନ୍ତା। ଏହା ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧି ପଛରେ ଗୋଡ଼ାଉଥିବା ଭାରତରେ ଶିଶୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତର ନିରାଶାଜନକ ସ୍ଥିତିର ବୟାନ କରୁଛି।

ମା'ର ଗର୍ଭାଶୟର ଏକ ତରଳ ଆବର୍ତ୍ତ ଓ ନିରାପଦ ଉତ୍ତାପ ମଧ୍ୟରେ ଶିଶୁଟି ରହିଥାଏ, ଜନ୍ମ ପରେ ବାହାର ଥଣ୍ଡା ତାକୁ ସ୍ୱାଭାବିକ ଭାବେ ଅସ୍ୱସ୍ତିକର ହୋଇଥାଏ। ଶିଶୁଟିକୁ ଉଷୁମ ରଖିବା ପାଇଁ ଆବଶ୍ୟକ ମାତ୍ରାରେ ଇଲେକ୍ଟ୍ରିକ୍ ବଲ୍‌ବ ବା ରୁମ୍ ହିଟର ବ୍ୟବହାର କରିପାରନ୍ତି, ମାତ୍ର କାଠ ବା କୋଇଲା ନିଆଁ ଦ୍ୱାରା ନୁହେଁ, କାରଣ ଏହାର ଧୂଆଁ ଶ୍ୱାସରୁଦ୍ଧ କରିପକାଏ। ଉଷୁମ ପାଇଁ ପିଲା ପାଖରେ ଗରମ ପାଣି ବୋତଲ ରଖନ୍ତୁ ନାହିଁ। ଶିଶୁଥିବା ଘରଟିକୁ ଉପଯୁକ୍ତ ପରିମାଣରେ ବାହାର ପବନ ଓ ସୂର୍ଯ୍ୟାଲୋକ ଆସିବାକୁ ଦିଅନ୍ତୁ। ମନେରଖନ୍ତୁ ମା'ର ପ୍ରଥମ ଦୁଇଦିନର କ୍ଷୀରରେ ପ୍ରଚୁର ପରିମାଣରେ ବିଭିନ୍ନ ପ୍ରତିରୋଧକ ଶକ୍ତିର ଜୀବନୀ ରହିଥାଏ। ଏହାକୁ କଷକ୍ଷୀର କହି ନଷ୍ଟ ନ କରି ପିଲାଙ୍କୁ ଖାଇବାକୁ ଦିଅନ୍ତୁ। ପିଲାର ନାହିକୁ ରବର ବା ସୂତାରେ ନ ବାନ୍ଧି, ନୂଆବ୍ଲେଡ଼ ଓ ଡେଟଲ ଦ୍ୱାରା ସଫା ରଖନ୍ତୁ। ବେଟାଡାଇନ ବା ରେକ୍ଟିଫାଏଡ଼ ସ୍ପିରିଟ ଲଗାଇପାରନ୍ତି । ପିଲା ଶାରୀରିକ ତତ୍ତ୍ୱ ଅନୁସାରେ ଦିନକୁ ୨୦/୨୨ ଘଣ୍ଟା ଶୋଇବ, ଏଥିରେ ବ୍ୟସ୍ତ ହେବାର ନାହିଁ। ପ୍ରତି ପିଲା ପ୍ରଥମ ୨/୪ମାସ ଦିନରେ ଶୁଅନ୍ତି ଓ ରାତିରେ କାନ୍ଦନ୍ତି କାରଣ ସେମାନେ ମା' ଗର୍ଭରେ ଥିବାବେଳେ ଦିନରେ ମା' ବୁଲାବୁଲି କରିବା ଦ୍ୱାରା ସେମାନେ ହଲିଥାଆନ୍ତି, ଯାହାକି ସେମାନଙ୍କୁ ଶୋଇବାରେ ଆରାମ ଲାଗିଥାଏ। ହେଲେ ରାତିରେ ମା' ଶୋଇଗଲା ପରେ ସେମାନେ ସେ ଅବସ୍ଥା ପାଉ ନ ଥିବାରୁ ସ୍ୱାଭାବିକ ଭାବେ ଶୁଅନ୍ତି । ପ୍ରଥମେ କ୍ଷୀର ଖାଇବା ପରେ ପିଲାମାନେ ଦିନକୁ ୫/୬ଥର ପରିସ୍ରା ଓ ୮/୧୦ଥର ହଳଦିଆ ରଙ୍ଗର ଝାଡ଼ା କରନ୍ତି। ଏଥିରେ ବ୍ୟସ୍ତ ହେବାର ନାହିଁ। ପିଲାମାନେ ମା'କ୍ଷୀର ଖାଇବା ସମୟରେ କ୍ଷୀର ସହ କିଛି ବାୟୁ ଖାଇଥାଆନ୍ତି; ଯାହାଫଳରେ ପେଟ ଫୁଲିଥାଏ। ଏହା ଛାଏଁ ଭଲ ହୋଇଯାଏ। ଏହାକୁ ଲୋକମାନେ ଭୁଲ୍‌ରେ ପେଟପମ୍ପା ବୋଲି କହିଥାନ୍ତି। ଜନ୍ମ ହେବା ପରେ ପରେ ପିଲାଙ୍କ ଦେହରେ ଜଣ୍ଡିସ ହୋଇଥାଏ। ଏହା ୧୦/୧୫ ଦିନ ରହିଥାଏ। ଏହା ସ୍ୱାଭାବିକ ଭାବେ ଭଲ ହୋଇଯାଏ। ତେବେ ବେଶି ହଳଦିଆ ରଙ୍ଗ ଦେଖାଦେଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ପିଲାଙ୍କ ମୁଣ୍ଡରେ କଳା ଆଦୌ ଲଗାନ୍ତୁ ନାହିଁ, ଏହା ଚର୍ମ ସଂକ୍ରମଣ କରିପାରେ । ପିଲାଙ୍କ ମୁଣ୍ଡର କେଶକୁ ଉଷୁମ ତେଲ ପାଣିରେ ସଫା କରନ୍ତୁ। କିଛିକ୍ଷେତ୍ରରେ ଶିଶୁର ସମ୍ମୁଖ ଭାଗରେ ଦାନ୍ତ ବାହାରି ଆସେ। ଏହା ପ୍ରାକୃତିକ ବ୍ୟବସ୍ଥା, ଏହାକୁ ଦାନ୍ତୁରା ଭାବିବା ଭୁଲ୍ ଧାରଣା। ଶିଶୁଟି ଝିଅ ହୋଇଥିଲେ ଜନ୍ମ ହେବା ୩/୪ ଦିନ ପରେ ଜନନେନ୍ଦ୍ରିୟରୁ ସାମାନ୍ୟ ରକ୍ତ ବାହାରେ, ଏହା ଚିନ୍ତାଜନକ ନୁହେଁ। ମନେରଖନ୍ତୁ ଜନ୍ମ ହେବା ପରେ ପରେ ନବଜାତକର ପାରିପାର୍ଶ୍ୱିକ ସ୍ୱାସ୍ଥ୍ୟଗତ ପରିବେଶ ସହ ସ୍ୱାଭାବିକ ହେବାକୁ ସମୟ ଲାଗିଥାଏ। ତେବେ ସଦାସର୍ବଦା ଉଷୁମ ଓ ବିଶୋଧିତ ବ୍ୟବସ୍ଥା ଦ୍ୱାରା ଏହାକୁ ସଂକ୍ରମଣଠାରୁ ଦୂରେଇ ରଖନ୍ତୁ।

ଚିନ୍ତାର ବିଷୟ ହେଲା, ଭାରତ ତୁଳନାରେ ଅପେକ୍ଷାକୃତ ଅର୍ଥନୈତିକ ଦୃଷ୍ଟିରୁ ପଛୁଆ ନେପାଳ ଓ ବାଂଲାଦେଶରେ ଶିଶୁ ସ୍ୱାସ୍ଥ୍ୟସେବାର ସ୍ଥିତି ଉନ୍ନତତର। ଭାରତରେ ଜନ୍ମ ହେଉଥିବା ପ୍ରତି ୧୦୦୦ ଶିଶୁରେ ୪୮ ଜଣ ଶିଶୁ ପଞ୍ଚମ ଜନ୍ମଦିନ ପାଳନ ପୂର୍ବରୁ ମୃତ୍ୟୁମୁଖରେ ପଡୁଥିବା ବେଳେ ନେପାଳ ଓ ବାଂଲାଦେଶର ପାଞ୍ଚ ବର୍ଷରୁ କମ୍ ବୟସରେ ଶିଶୁ ମୃତ୍ୟୁହାର ଯଥାକ୍ରମେ ୧୦୦୦:୩୬ ଏବଂ ୧୦୦୦:୩୮। ଅର୍ଥନୈତିକ ଅଭିବୃଦ୍ଧିରେ ଚାଇନାକୁ ପଛରେ ପକାଇ ଦେଇଥିବାରୁ ଭାରତ ଗର୍ବିତ। ଅଥଚ ଚାଇନାରେ ଶିଶୁ ମୃତ୍ୟୁ ହାର ୧୦୦୦:୧୧ ହୋଇଥିବା ବେଳେ ଭାରତରେ ଶିଶୁ ମୃତ୍ୟୁ ହାର ଏହାର ଚାରିଗୁଣ (୧୦୦୦:୪୮)। ୧୯୯୦ରେ ଭାରତରେ ଜନ୍ମ ହେଉଥିବା ୧୦୦୦ ଶିଶୁରେ ୧୨୬ ଶିଶୁ ପାଞ୍ଚବର୍ଷ ବୟସର ହେବା ପୂର୍ବରୁ ମୃତ୍ୟୁ ହେଉଥିଲା। ଗତ ୨୫ ବର୍ଷ ମଧ୍ୟରେ ସ୍ଥିତିରେ ନିଶ୍ଚିତ ଭାବେ ଉନ୍ନତି ଘଟିଛି। କିନ୍ତୁ ତାହା ଯଥେଷ୍ଟ ନୁହେଁ। ଶିଶୁ ମୃତ୍ୟୁହାର ବର୍ତ୍ତମାନ ଠାରୁ ଦୁଇଗୁଣ ହାରରେ ହ୍ରାସ ପାଇବା ଦରକାର। ଶିଶୁ ମୃତ୍ୟୁ ହାରରେ ଭାରତର ସ୍ଥିତି ନାଇଜେରିଆ, କଙ୍ଗୋ ଆଦି ଆଫ୍ରିକୀୟ ଦେଶମାନଙ୍କ ସହ ସମାନ। ଉଲ୍ଲେଖନୀୟ ବିଷୟ ହେଲା ସାରା ବିଶ୍ୱରେ ପାଞ୍ଚବର୍ଷ ବୟସ ପୂର୍ବରୁ ଯେତିକି ଶିଶୁଙ୍କ ମୃତ୍ୟୁ ହୁଏ, ତା'ର ଅଧାରୁ ଅଧିକ ଭାରତ, କଙ୍ଗୋ, ନାଇଜେରିଆ ଆଦି ୫ଟି ଦେଶରେ ହୋଇଥାଏ। ଦେଶର ଶିଶୁ ମୃତ୍ୟୁ ହାର କମାଇବା ପାଇଁ ଶିଶୁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଉନ୍ନତି ଅଣାଯିବା ସହ ଶିଶୁ ସ୍ୱାସ୍ଥ୍ୟ ସଂକ୍ରାନ୍ତ ସଚେତନତାର ପ୍ରସାର ଏକାନ୍ତ ଆବଶ୍ୟକ। ୟୁନିସେଫ ରିପୋର୍ଟରେ ସତର୍କ କରି ଦିଆଯାଇଛି ଯେ, ଶିଶୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସକାରାତ୍ମକ ପରିବର୍ତ୍ତନ ନ ଆସିଲେ ୨୦୩୦ ବେଳକୁ ସମଗ୍ର ବିଶ୍ୱରେ ଯେତିକି ସଂଖ୍ୟକ ପାଞ୍ଚବର୍ଷରୁ କମ୍ ଶିଶୁ ମୃତ୍ୟୁ ମୁଖରେ ପଡ଼ିବେ, ସେଥିରେ ଭାରତର ଭାଗ ଥିବ ୧୭ପ୍ରତିଶତ। ଆଶା, ଭାରତୀୟ ନେତୃବୃନ୍ଦ ୟୁନିସେଫ ରିପୋର୍ଟକୁ ଗୁରୁତ୍ୱର ସହ ନେଇ ସ୍ୱାସ୍ଥ୍ୟସେବା, ବିଶେଷ କରି ଶିଶୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଆଣିବା ସକାଶେ ନିଷ୍ଠାପର ପ୍ରୟାସ କରିବେ।

ସହଯୋଗୀ ପ୍ରଫେସର, ଶିଶୁରୋଗ ବିଭାଗ,
ଶିଶୁଭବନ, କଟକ, ମୋ: ୯୪୩୭୧୨୪୦୭୪

## ଏଇ ଭାରତରେ

ସୃଜନଶୀଳତା ସ୍ରଷ୍ଟାଙ୍କ ଦାନ। ଏହା ହୋଇ ନ ଥିଲେ ଜଣେ ଚା' ବିକାଳି କେମିତି ବହି ପରେ ବହି ଲେଖିଚାଲନ୍ତା ! ଏଭଳି ଦିବ୍ୟକୃପା ଲାଭ କରିଥିବା ଚା' ବିକାଳି ଜଣକ ହେଉଛନ୍ତି ଦିଲ୍ଲୀର ଲକ୍ଷ୍ମଣ ରାୟ। ତାଙ୍କୁ ଏବେ ବୟସ ୬୭। ସେ ଜଣେ ଚା' ଦୋକାନୀ, ଜଣେ ଲେଖକ ଓ ପ୍ରକାଶକ। ତାଙ୍କ ଲିଖିତ ବହିଗୁଡ଼ିକୁ ଚା' ଦୋକାନରେ ବିକ୍ରି କରୁଛନ୍ତି। କେବଳ ବହି ବିକ୍ରିକରି ସେ ମାସକୁ ୮,୦୦୦ ଟଙ୍କା ପାଉଛନ୍ତି। ତାଙ୍କ ଜୀବନର ଅନୁଭୂତିକୁ ସାଉଁଟି ଏବେ ସୁଦ୍ଧା ସେ ୨୫ଖଣ୍ଡ ବହି ଲେଖି ସାରିଲେଣି ଓ ସେଥିରୁ ୩୦,୦୦୦ କପି ବିକ୍ରି କରିଛନ୍ତି। ଲକ୍ଷ୍ମଣଙ୍କ ଜନ୍ମ ମହାରାଷ୍ଟ୍ରର ଅମରାବତୀ ସହରରେ । ୮ ବର୍ଷ ବୟସବେଳୁ ସେ ବହି ପଢିବା ଆରମ୍ଭ କରିଥିଲେ। ପରେ ଦିଲ୍ଲୀ ଆସି କିଛିଦିନ ଶ୍ରମିକ ଭାବେ କାମ କରି ରୋଜଗାର କଲେ। ୧୯୭୭ରେ ଚା'ଦୋକାନ କରିବା ପରେ ୧୯୭୯ରେ ସାହିତ୍ୟକଳା ପ୍ରକାଶନ ଖୋଲି ତାଙ୍କ ପ୍ରଥମ ବହି ପ୍ରକାଶ କରିଥିଲେ। ୫୦ ବର୍ଷ ବୟସରେ ସ୍ନାତକ ଡିଗ୍ରୀ ଓ ୬୩ ବର୍ଷ ବୟସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି ଲକ୍ଷ୍ମଣ। ସେ ମଧ୍ୟ ସାଇକେଲରେ ଦିଲ୍ଲୀର ବିଭିନ୍ନ ସ୍ଥାନକୁ ଯାଇ ବହି ବିକ୍ରି କରୁଛନ୍ତି। ଲକ୍ଷ୍ମଣ ତାଙ୍କ ଲେଖା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ସେ ଏବେ ପିଏଚ୍‌ଡି କରିବା ଲାଗି ଯୋଜନା କରିଛନ୍ତି। ଚା'ଦୋକନ ତାଙ୍କୁ ଜୀବନରେ ସବୁ ଦେଇଛି ଓ ସେ ଜୀବନସାରା ତାହାକୁ ଚଳାଇବେ ବୋଲି କହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ନଭେମ୍ବର ୧୯୯୫

- ଜାଫ୍‌ନାର ଉତ୍ତରାଞ୍ଚଳରେ ସରକାରୀ ସୈନ୍ୟ ଏବଂ ଏଲ୍‌ଟିଟିଇ ଗେରିଲାଙ୍କ ମଧ୍ୟରେ ସଂଘର୍ଷ ଘଟି ୫୫ ଗେରିଲାଙ୍କ ସମେତ ୧୨ ସରକାରୀ ସୈନ୍ୟ ନିହତ।
- ବିହାରର ବେଗୁସରାଇ ଜିଲାରେ ଗଙ୍ଗାନଦୀରେ ନୌକା ଦୁର୍ଘଟଣାରେ ୨୦ ଜଣ ମୃତ।

## ଚିରନ୍ତନୀ

ଚକିତ ହରିଣୀ-ନୟନ ଚାହିଁଛି
ମୋହରି ମିଳନ ଆଶେ,
କୁସୁମ କଳିକା ମଉନେ ରହିଛି
ମୋହରି ବିରହ ପ୍ରାସେ।
-(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | 9 | | | 8 | 4 | | E | 3 | | | | | 1 |
| | B | | | | | | 7 | C | 1 | | 9 | | | |
| | | | | 3 | E | | | 8 | | D | | 0 | | |
| 2 | 3 | | 1 | | | A | | B | C | | E | | | |
| | | | 9 | D | | 2 | | | | | | | | |
| | D | | | | | | | 0 | A | | | 9 | E | |
| | | 1 | 8 | | B | | 6 | A | | 2 | | | | 5 |
| | | | | | 7 | 3 | 4 | | 5 | 0 | | A | | B |
| | | | | E | | | 8 | | | | B | | D | 4 |
| 7 | | | | 9 | | | | | | | | 1 | | 2 |
| | | | | | 3 | 0 | A | 2 | | | | E | | |
| 6 | 9 | B | | | C | | 5 | | | | | | | |
| 8 | | 5 | B | | | | D | 9 | | | | | 7 | A |
| 0 | | | D | 8 | | E | | | | | | | | |
| 3 | E | | 7 | A | | | | | 6 | | 8 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 6 | 2 | C | 8 | 3 | E | A | 7 | 0 | 5 | 9 | 4 | D | 1 |
| 3 | D | 0 | A | 9 | E | C | 5 | 4 | 1 | 2 | 8 | 6 | B | 7 |
| 8 | E | 5 | 7 | 2 | 1 | 6 | D | 3 | A | 4 | B | C | 0 | 9 |
| 1 | C | 4 | 0 | B | 6 | 2 | 8 | 9 | 7 | D | 3 | E | A | 5 |
| A | 9 | 7 | D | 5 | 4 | B | 0 | 1 | E | C | 6 | 3 | 8 | 2 |
| 7 | A | 8 | 5 | 3 | 2 | 4 | C | 0 | B | 9 | E | 1 | 6 | D |
| E | B | D | 6 | 7 | 9 | 8 | 3 | 2 | 4 | A | 1 | 5 | C | 0 |
| 2 | 3 | C | 1 | 0 | D | A | E | 6 | 5 | 8 | 7 | 9 | 4 | B |
| 5 | 0 | 9 | E | 4 | C | D | 1 | B | 6 | 3 | 2 | A | 7 | 8 |
| 6 | 4 | 1 | 8 | A | B | 7 | 9 | 5 | D | 0 | C | 2 | 3 | E |
| C | 1 | 3 | 4 | 6 | 5 | 0 | 7 | 8 | 9 | E | D | B | 2 | A |
| 9 | 5 | 6 | B | D | 7 | 3 | 2 | A | 8 | 1 | 4 | 0 | E | C |
| D | 8 | E | 2 | 1 | 0 | 9 | 6 | C | 3 | B | A | 7 | 5 | 4 |
| 4 | 7 | A | 9 | C | 8 | 5 | B | E | 2 | 6 | 0 | D | 1 | 3 |
| 0 | 2 | B | 3 | E | A | 1 | 4 | D | C | 7 | 5 | 8 | 9 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜ୍ଞାନକୌଶଳ ଉପଯୋଗରେ ଚୋର ଧରାଯାଉ

ମହାଶୟ,

ଲୋକେ ନିରାପଦ ପାଇଁ ବ୍ୟାଙ୍କରେ ଟଙ୍କା ରଖନ୍ତି । ସରକାରଙ୍କର ବି ଟଙ୍କା ରଖିବାର ଏକମାତ୍ର ଜାଗା ବ୍ୟାଙ୍କ। ପୁଣି ଲୋକମାନେ ଟଙ୍କା ପଇସା ଉଠାଣର ସୁବିଧା ପାଇଁ ସରକାର ଏଟିଏମ୍ କାଉଣ୍ଟର ଖୋଲିବା ଆରମ୍ଭ କଲେ । ଏବେ ଯାହା ଦେଖାଯାଉଛି ବ୍ୟାଙ୍କ ଆଉ ଏଟିଏମ୍ ଆଦୌ ନିରାପଦ ନୁହେଁ । ବାରମ୍ବାର ବ୍ୟାଙ୍କରୁ ଡକାୟତି ହେବା ଫଳରେ ସୁନା, ରୁପା ଓ ଟଙ୍କାର ନିରାପତ୍ତା ଉପରେ ବଡ ପ୍ରଶ୍ନ ଉଙ୍କି ମାରୁଛି । କରୋନାର ଭୟାବହତାରେ ରାଜକୋଷ ଉପରେ ବଡ ବୋଝ ପଡିଥିବାବେଳେ ବ୍ୟାଙ୍କ ଓ ଏଟିଏମ୍ ଲୁଟ ସରକାରଙ୍କ ପାଇଁ ଚିନ୍ତାଜନକ ନିଶ୍ଚୟ। ଏପରି ଲୁଟତରାଜ ଲାଗିରହିଲେ ବ୍ୟାଙ୍କ ଉପରେ ବୋଝ ଉପରେ ନଳିତା ବିଡା ପରି ହେବ। ସରକାର ବିଜ୍ଞାନର ଜ୍ଞାନ କୌଶଳରେ ଏପରି ପଦକ୍ଷେପ ନିଅନ୍ତୁ, ଯେପରି ଲୁଟେରାମାନେ ବ୍ୟାଙ୍କ କିମ୍ବା ଏଟିଏମ୍ ଛୁଇଁଲେ ବିପଦରେ ପଡିବେ। ନଚେତ ସବୁ ଶେଷ ହୋଇଯିବ।

-ସଚ୍ଚିଦାନନ୍ଦ ମିଶ୍ର, ଗଡହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆରୋଗ୍ୟ ସେତୁ ଆପ୍ କାର୍ଯ୍ୟାବଳୀର ସମ୍ପୂର୍ଣ୍ଣ ତଥ୍ୟ ଦିଅ

**ନୂଆଦିଲ୍ଲୀ, ୨୭।୧୧**

ଆରୋଗ୍ୟ ସେତୁ ଆପ୍ଲିକେଶନର କାର୍ଯ୍ୟାବଳୀ ଓ ଏହାର ସମ୍ପୂର୍ଣ୍ଣ ବୈଷୟିକ ତଥ୍ୟ ପ୍ରଦାନ କରିବା ଲାଗି କର୍ଣ୍ଣାଟକ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ଜଣେ ଏହି ଆପ୍ ଡାଉନ୍‌ଲୋଡ୍ କଲେ କିପରି ବ୍ୟକ୍ତିଗତ ଡାଟା ସରକାରଙ୍କୁ ଶେୟାର କରାଯାଇପାରୁଛି, ତାହା କୋର୍ଟ ଜାଣିବାକୁ ଚାହିଁଛନ୍ତି। ମୁଖ୍ୟ ବିଚାରପତି ଅଭୟ ଓକା ଓ ବିଚାରପତି ଏସ୍. ବିଶ୍ୱଜିତ୍ ସେଠୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏନେଇ କେନ୍ଦ୍ରକୁ କେତୋଟି ପ୍ରଶ୍ନ ପଚାରିଛନ୍ତି। ସେଗୁଡ଼ିକ ହେଲା-୧. ଜଣେ ବ୍ୟକ୍ତି ଏହି ଆପ୍ ଡାଉନ୍‌ଲୋଡ୍ କଲେ ସରକାରଙ୍କ ପାଖରେ କିଭଳି ଡାଟା ଉପଲବ୍ଧ ହୋଇଥାଏ ? ୨. ଯଦି ଜଣେ ଏହି ଆପ୍ ଡାଉନ୍‌ଲୋଡ୍ କରି ଆତ୍ମ ମୂଲ୍ୟାଙ୍କନ ପରୀକ୍ଷଣ କରୁଥାଏ, ତେବେ ଏହି ଡାଟା ସରକାରଙ୍କ ପାଖରେ ଉପଲବ୍ଧ ହୁଏ କି ? ୩. ଯଦି ଜଣେ ବ୍ୟକ୍ତି ବ୍ଲୁ ଟୁଥ୍ ଅନ୍‌କରି ଏହି ଆପ୍ ଡାଉନ୍‌ଲୋଡ୍ କରେ, ସରକାରଙ୍କ ପାଖରେ କିଭଳି ଟାଡା ଉପଲବ୍ଧ ହୋଇଥାଏ ? ୪. ଆତ୍ମ ମୂଲ୍ୟାଙ୍କନ ପରୀକ୍ଷଣ ଲାଗି ଏହି ଆପ୍ ଡାଉନ୍‌ଲୋଡ୍ କରିବା ବାଧ୍ୟତାମୂଳକ କି? ୫. ଏହି ଆପ୍ ଡାଉନ୍‌ଲୋଡ୍ କରିବାବେଳେ ବ୍ଲୁ ଟୁଥ୍ ଆପେ ଆପେ ଅନ୍ ହୋଇଯାଏ କି? ୬. ୨୦୨୦ ମେ ୧୧ ସୁଦ୍ଧା ସରକାରଙ୍କ ହସ୍ତଗତ ହୋଇଥିବା ପ୍ରତିକ୍ରିୟା ଡାଟାର ସ୍ଥିତି କ'ଣ ? ୭. କିଭଳି ଜରୁରିକାଳୀନ ସ୍ଥିତିରେ ଜଣେ ବ୍ୟକ୍ତିଙ୍କ ଆରୋଗ୍ୟ ସେତୁ ଆପ୍ ନାଲି କିମ୍ବା ନାରଙ୍ଗି ହୋଇଥାଏ ? କେଉଁଭଳି ପରିସ୍ଥିତିରେ ଏହା ସବୁଜ ଓ ହଳଦିଆ ହୋଇଥାଏ ?




**କେନ୍ଦ୍ରକୁ ରିପୋର୍ଟ ମାଗିଲେ କର୍ଣ୍ଣାଟକ ହାଇକୋର୍ଟ**

ଶୁଣାଣି ବେଳେ ଖଣ୍ଡପୀଠ କହିଛନ୍ତି, ବିନା ମତାମତରେ ଜଣେ ବ୍ୟକ୍ତିଙ୍କ ଗୋପନୀୟ ତଥ୍ୟ ପ୍ରଘଟ କରାଯାଉଛି। ଅନ୍ୟ ଏକ ଘଟଣାକ୍ରମରେ ଜଣେ କରୋନା ସଂକ୍ରମିତ ହୋଇ ନ ଥିଲେ ବି ତାଙ୍କୁ କରୋନା ଆକ୍ରାନ୍ତ ଭାବେ ଦର୍ଶାଯାଉଛି। ଜଣେ ବ୍ୟକ୍ତି ଡାଇବେଟିସ୍ ଆକ୍ରାନ୍ତ ହୋଇଥିବାବେଳେ ଏହାକୁ ଅନ୍ୟ କେହି ଜାଣିବ କାହିଁକି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଅତିରିକ୍ତ ସଲିସିଟର ଜେନେରାଲ ଏମ୍. ବି. ନରଗୁଣ୍ଡ କହିଥିଲେ, ଏହା ଏକ ଅନ୍‌ଲାଇନ୍ ଡାକ୍ତରୀ ସୂଚନା, ଏହା କେବଳ ସରକାରଙ୍କୁ ଦିଆଯାଇଥାଏ। ଏହା ଡାକ୍ତରଙ୍କୁ ଭେଟି ଜଣେ ଆକ୍ରାନ୍ତ ବ୍ୟକ୍ତି ନିଜ ରୋଗର ଇତିହାସ ସମ୍ପର୍କରେ ଜଣାଇବା ଭଳି। ଏହା ଆଇନ ସହ ଜଡ଼ିତ ଓ ସରକାର କୌଣସି ବ୍ୟକ୍ତିଙ୍କ ଗୋପନୀୟ ତଥ୍ୟ ବାହାରକୁ ଛାଡ଼ି ନ ଥାନ୍ତି ।

# ତେଲନଦୀକୁ ଡେଇଁ ଦିବ୍ୟାଙ୍ଗ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ବଲାଙ୍ଗୀର ଅଫିସ/ଗୁଡଭେଲା, ୨୭।୧୧(ଡି.ଏନ.ଏ.)**

ତୁଷରା ତେଲନଦୀ ପୋଲ ଉପରୁ ଶୁକ୍ରବାର ଜଣେ ଦିବ୍ୟାଙ୍ଗ ଯୁବକ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ତେବେ ପୋଲିସ ଟିମ୍ ସମ୍ପୃକ୍ତ ଯୁବକଙ୍କୁ ନଦୀରୁ ଉଦ୍ଧାର କରିଛି। ପ୍ରେମରେ ବିଫଳ ପରେ ସେ ଏପରି ପଦକ୍ଷେପ ଗ୍ରହଣ କରିଥିବା ଚର୍ଚ୍ଚାର ହେଉଛି । ବଲାଙ୍ଗୀର ଜିଲା ବେଲପଡା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବକ ନିଜର ତିନିଚକିଆ ମୋଟର ସାଇକେଲ (ନଂ.ଓଆର୧୭ଜେ ୬୯୩୬)ରେ ଅପରାହ୍ଣ ପ୍ରାୟ ୩ଟାରେ ପୋଲ ଉପରକୁ ଆସି ନଦୀକୁ ଡେଇଁ ପଡିଥିଲେ। ନଦୀରେ କମ୍ ପାଣି ଥିବାରୁ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା । ଉଦ୍ଧାର ପରେ ତାଙ୍କୁ ତୁଷରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଛାଡି ଦିଆଯାଇଛି । ସମ୍ପୃକ୍ତ ଯୁବକ କୁଆଡ଼େ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ହେଲେ ତାଙ୍କ ପରିବାର ଲୋକ ଏଥିରେ ବାଧା ଦେବାରୁ ଏବଂ ସମ୍ପୃକ୍ତ ଯୁବତୀଙ୍କ ବିବାହ ଅନ୍ୟତ୍ର ହୋଇଯାଇଥିବାରୁ ଏହାକୁ ସହି ନ ପାରି ସେ ଆତ୍ମହତ୍ୟା କରିବାକୁ ସ୍ଥିର କରିଥିବା ପୋଲିସକୁ ସୂଚନା ଦେଇଛନ୍ତି ।

**ପ୍ରେମରେ ବିଫଳ ହେବା ପରେ ଚରମ ନିଷ୍ପତ୍ତି**

**KEONJHAR DISTRICT TRUCK OWNER'S ASSOCIATION**
AT/P.O.: KEONJHAR - 758001 (ODISHA), Ph. No.- 06766-253048
Regd. No. 18935/18 1984-85 E-mail: kdtoakjr@gmail.com

We not only run Trucks
We run an Economy
AND

PROVIDES THE SOCIETY:-
- Two bedded special cabin at District Head Quarter Hospital.
- Special Cabin at Ghasipura, Barapada & Hatadihi P.H.C.
- Free Ambulance Service (24 Hours)
- Corpse Carrying - MAHAYATRA Vehicle
- Crane Service
- Drinking water supply through overhead tank at Dhenkikote.
- Maa Tarini Kalyan Mandap at Ghatgaon & Jhadeswar Kalyan Mandap at Ghasipura.
- Service During natural calamities.
- Drinking Water facility provided for General People in-front of KDTOA Office.
- Financial Aid for medical treatment to Poor's & many more......

Mr. Ramakanta Nayak, PRESIDENT
Mr. Surya Narayan Kar, GENERAL SECRETARY
Mr. Dillip Ku. Panda, Mr. Padmalochan Sahoo, VICE PRESIDENT
Mr. Rudra Narayan Mishra, TREASURER
Mr. Debasis Pattanayak, Mr. Sanjay Ku. Singh, JOINT SECRETARY

**EXECUTIVE BODY MEMBERS**
1. Mr. Tapan Ku. Barik
2. Mr. Bijaya Ku. Barik
3. Mr. Jitendra Ku. Pati
4. Mr. Debaprasad Prusty
5. Mr. Sunil Ku. Barik
6. Mr. Bibhu Ranjan Palei
7. Mr. Bijay Ku. Sahoo
8. Mr. Ajay Ku. Sahoo
9. Mr. Khirod Ku. Sahoo
10. Mr. Pratap Chandra Sahoo
11. Mr. Kulamani Sahoo
12. Mr. Sudeep Ku. Sahoo
13. Mr. Bhagaban Sahoo
14. Mr. Ranjan Ku. Biswal
15. Mr. Rabindra Ku. Puhan

# ପୁଅ ଆକାଶଙ୍କ ସହ ଜେଲଗଲେ ଅଭୟକାନ୍ତ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବରିଷ୍ଠ ଆଇଏଫ୍‌ଏସ୍ ଅଧିକାରୀ ତଥା ରାଜ୍ୟର ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକ ଓ ପୁଅ ଆକାଶଙ୍କୁ ଶେଷରେ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ପରେ ଉଭୟଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ସେମାନଙ୍କ ଜାମିନ ଆବେଦନକୁ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ, ଠକେଇ ମାମଲା**

ଖାରଜ କରିଦେବା ସହ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଅଧିକ ପଚରାଉଚରା ପାଇଁ ଭିଜିଲାନ୍ସ ପକ୍ଷରୁ ସେମାନଙ୍କୁ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରାଯାଇଥିଲେ ମଧ୍ୟ ଅନୁମତି ମିଳି ନ ଥିବା ସୂଚନା ମିଳିଛି। ଅନ୍ୟପଟେ ଅଭୟକାନ୍ତଙ୍କ ପୁତୁରା ଓ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି ଭିଜିଲାନ୍ସ। ତେବେ ଯାଞ୍ଚରୁ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିବା ଭିଜିଲାନ୍ସର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଥିବାବେଳେ ଯାଞ୍ଚ ଜାରି ରହିଥିବାରୁ ଚୂଡ଼ାନ୍ତ ଆକଳନ ରିପୋର୍ଟ ଦିଆଯାଇନି। ଘଟଣାର ଅଧିକ ତଦନ୍ତ ପାଇଁ ୨୦ ଜଣିଆ ସଦସ୍ୟଙ୍କୁ ନେଇ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଛି। ଏଥିସହ ରାଜ୍ୟ ସରକାର ଅଭୟକାନ୍ତଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି।

ଭିଜିଲାନ୍ସ ଟିମ୍ ଗୁରୁବାର ଅଭୟକାନ୍ତ ଓ ପୁଅ ଆକାଶଙ୍କୁ ବିମାନରେ ମୁମ୍ବାଇରୁ ଧରି ଭୁବନେଶ୍ୱରରେ ପହଞ୍ଚିବା ପରେ ଭିଜିଲାନ୍ସ ସେଲ୍ କାର୍ଯ୍ୟାଳୟରେ ଏମାନଙ୍କ ସହ ଅଭୟକାନ୍ତଙ୍କ ପୁତୁରା ହର୍ଷ ଓ ଡ୍ରାଇଭରଙ୍କୁ ବସାଇ ମୁହାଁମୁହିଁ ଜେରା କରାଯାଇଥିଲା। ଶୁକ୍ରବାର ଅଭୟକାନ୍ତ ଓ ପୁଅ ଆକାଶଙ୍କୁ କୋର୍ଟଚାଲାଣ ପୂର୍ବରୁ କ୍ୟାପିଟାଲ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେଠାରେ ଅଭୟକାନ୍ତ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ସେ କୌଣସି ଅର୍ଥ ହଡ଼ପ କରିନାହାନ୍ତି। କିଛି ବି ଠକେଇ ହୋଇନି। ପୁଅ ଆକାଶ ନିଜ ଟଙ୍କାରେ ଅୟସ କରୁଥିଲେ। ତାଙ୍କର ମାସକ ଦରମା ଏକ କୋଟି ଟଙ୍କା। ସେହିପରି ଆକାଶ କହିଥିଲେ, ଉଦ୍ଦେଶ୍ୟମୂଳକ ଭାବେ ସେମାନଙ୍କୁ ହଇରାଣ କରାଯାଉଛି। ସେମାନେ କୌଣସି ଦୁର୍ନୀତିରେ ସମ୍ପୃକ୍ତ ନାହାନ୍ତି।

ସୂଚନାଯୋଗ୍ୟ, ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ସମେତ ବାହାର ରାଜ୍ୟରେ ଥିବା ଅଭୟକାନ୍ତଙ୍କ ଘର ଓ ଅଫିସ ସମେତ ୧୨ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଭୁବନେଶ୍ୱର, ମୁମ୍ବାଇ, ପୁଣେ, ଉଦୟପୁରରେ ଚଢାଉ ସମୟରେ ଘରୁ ମିଳିଛି ପ୍ରାୟ ୬୦ଲକ୍ଷ ନଗଦ ଟଙ୍କା, ୮୦୦ଗ୍ରାମର ସୁନା ଅଳଙ୍କାର ଓ ୨୩ଲକ୍ଷ ଟଙ୍କାର ସୁନାଗହଣା କ୍ରୟ ବିଲ୍ ଜବତ ହୋଇଥିଲା। ସେହିଭଳି ପୁଅ ଆକାଶଙ୍କ ଆକାଉଣ୍ଟରେ ୯.୪ କୋଟି ଟଙ୍କା ଜମା ରହିଛି। ତାଙ୍କ ନାଁରେ ୩ଟି ଦାମୀ କାର୍ ସହ ଏକାଧିକ ବାଇକ୍ ରହିଛି। ଟାଟା ମୋଟର୍ସ ନାମରେ ଜାଲ୍ କାଗଜପତ୍ର ବଳରେ ଆକାଶ ବହୁ କୋଟି ଟଙ୍କା ଠକେଇ କରିଥିବା କ୍ରାଇମବ୍ରାଞ୍ଚରେ ଅଭିଯୋଗ ପରେ ଭିଜିଲାନ୍ସ ଖୋଳତାଡ଼ କରି ଏହି ଅମାପ ଆୟବହିର୍ଭୂତ ସମ୍ପତ୍ତିକୁ ଠାବ କରିଥିଲା।

**ଚାକିରିରୁ ନିଲମ୍ବନ କଲେ ସରକାର**







କ୍ୟାପିଟାଲ ହସ୍ପିଟାଲକୁ ଅଭୟକାନ୍ତ ଓ ପୁଅ ଆକାଶଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନିଆଯାଉଛି।

ନବତିତ୍ ବଳୟର ସନ୍ଧାନେ

UTKAL UNIVERSITY



# ଉତ୍କଳ ବିଶ୍ୱବିଦ୍ୟାଳୟ

ସଫଳତାର ଅୟମାରମ୍ଭ: ୨୭ ନଭେମ୍ବର ୧୯୪୩

ଓଡ଼ିଶାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରତିଷ୍ଠା ଦିବସରେ ସଫଳତାର ସ୍ମୃତିଚାରଣ




❖ ଅତ୍ୟାଧୁନିକ ଗବେଷଣା ଓ ପ୍ରଶାସନିକ ଅଟ୍ଟାଳିକାର ବାସ୍ତବିକ ପରିକଳ୍ପନା।
❖ ୧୦୫ ଫୁଟ ଉଚ୍ଚତା ବିଶିଷ୍ଟ ତ୍ରିରଙ୍ଗାର ପ୍ରତିଷ୍ଠାପନ ଓ ସମ୍ବିଧାନର ମୁଖବନ୍ଧ ତିନିଭାଷାରେ ଉଲ୍ଲେଖ।
❖ ଭାରତର ପ୍ରାକ୍ତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ କରକମଳରେ ଉଦ୍‌ଘାଟିତ ଭିତ୍ତିପ୍ରସ୍ତର ନିକଟରେ ବିଶ୍ୱଶାନ୍ତିର ଚିରନ୍ତନ ପ୍ରତୀକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକ ଅବସରରେ ଆକର୍ଷଣୀୟ ଉଦ୍ୟାନ ଓ ଅହିଂସାସ୍ଥଳ ନିର୍ମାଣ।
❖ ପରିଜା ପାଠାଗାରର ନବୀକରଣ ସହ ବିଶିଷ୍ଟ ଦାର୍ଶନିକ ଓ ଓଡ଼ିଶାର ବରପୁତ୍ର ପ୍ରଫେସର ମନୋଜ ଦାସଙ୍କ ନାମରେ 'ପଠନ ଗୃହ'ର ଲୋକାର୍ପଣ।
❖ ପିଏଚ୍.ଡ଼ି. ଛାତ୍ରଛାତ୍ରୀଙ୍କ ପାଇଁ ୧୬ଟି ଇଣ୍ଟରନେଟ୍ ଓ ୱାଇଫାଇଯୁକ୍ତ ସ୍ୱତନ୍ତ୍ର ଗବେଷଣା କରିଡ଼ୋରର ନବୀକରଣ।
❖ ପରିଜା ପାଠାଗାର ସମ୍ମୁଖରେ ବାହନମୁକ୍ତ ପ୍ରାଙ୍ଗଣ ଓ ସେଣ୍ଟ୍ରାଲ ପ୍ଲାଜାର ଆଧୁନିକୀକରଣ।
❖ ବିଶ୍ୱବିଦ୍ୟାଳୟର କମ୍ୟୁନିଟି ହଲ୍, 'ଶ୍ରଦ୍ଧା ମଣ୍ଡପ'ର ନବୀକରଣ।
❖ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ତିନି ହଜାର ଆସନ ବିଶିଷ୍ଟ ଧର୍ମପଦ ଦୀକ୍ଷାନ୍ତ ପରିସର ନିର୍ମାଣ।
❖ ୨୦୧୬ ମସିହାରେ ନାକ୍ ଏ+ ମାନ୍ୟତା ପାଇବାପରେ ୨୦୧୮ ମସିହାରେ ବିଶ୍ୱବିଦ୍ୟାଳୟକୁ କାଟାଗୋରୀ ୱାନ୍ ମାନ୍ୟତା ସହିତ ଗ୍ରେଡ଼େଡ୍ ଅଟୋନୋମି।
❖ ନିକଟ ଅତୀତରେ ସର୍ବଭାରତୀୟ ସ୍ତରରେ ଏନ୍.ଆଇ.ଆର୍.ଏଫ୍ (୨୦୧୯-୨୦) ରାଙ୍କିଙ୍ଗ୍‌ରେ ଉତ୍କଳର ଗୌରବମୟ ଉପସ୍ଥିତି (୯୬ତମ ସ୍ଥାନ)।
❖ ବିଶ୍ୱବିଦ୍ୟାଳୟର ଗ୍ରାମୀଣ ସମ୍ପର୍କ ସ୍ଥାପନା ଯୋଜନା: ୯ଟି ଜିଲ୍ଲାରେ ଆବଶ୍ୟକ ଅନୁଯାୟୀ କାର୍ଯ୍ୟ ମନୋନୟନ ଏବଂ ତ୍ୱରାନ୍ୱିତ।
❖ ନୂତନ କ୍ୟାମ୍ପସରେ ଆଧୁନିକ ରୁରାଲ ଟେକ୍ନୋଲୋଜି ପାର୍କର ନିର୍ମାଣ।
❖ ଅନ୍ତର୍ଜାତୀୟ କାର୍ଯ୍ୟାଳୟର ସଫଳତା ପୂର୍ବକ ବିଭିନ୍ନ ରାଷ୍ଟ୍ରର ଭିଜିଟିଙ୍ଗ ପ୍ରଫେସରଙ୍କ ଆଗମନ, ବକ୍ତୃତା ପ୍ରଦାନ ଓ ଗବେଷଣାର ସହଭାଗିତା।
❖ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେବାଭୂମିର ପରିକଳ୍ପନା।
❖ କ୍ୟାମ୍ପସ୍‌ରେ ବହୁ ପ୍ରତୀକ୍ଷିତ ପାଚେରି କାର୍ଯ୍ୟର ନିର୍ମାଣ।
❖ ବିଶ୍ୱବିଦ୍ୟାଳୟର ବିଭିନ୍ନ ସେଣ୍ଟର ଅଫ୍ ଏକ୍ସିଲେନ୍‌ସରେ ନୂତନ ଗବେଷଣାର ଅୟମାରମ୍ଭ।
❖ ବିଶ୍ୱବିଦ୍ୟାଳୟର କାର୍ଯ୍ୟରତ ମହିଳା ଅଧ୍ୟାପିକା ଓ କର୍ମଚାରୀଙ୍କ ପ୍ରତି ସମ୍ବେଦନଶୀଳ ମନୋଭାବ ସହିତ ଡ଼େ କେୟାର ସେଣ୍ଟରର କାର୍ଯ୍ୟାରମ୍ଭ।

ନବୀକରଣର ନବ ଆଶା ନେଇ ଆପଣମାନଙ୍କର ଶୁଭକାମନା, ଆଶା ଓ ଅପେକ୍ଷାରେ ସମ୍ବେଦନଶୀଳ ଉତ୍କଳ

• ପ୍ରଫେସର ସବିତା ଆଚାର୍ଯ୍ୟ, କୁଳପତି, ଉତ୍କଳ ବିଶ୍ୱବିଦ୍ୟାଳୟ • ଡ଼. ଅଭୟ କୁମାର ନାୟକ, କୁଳସଚିବ, ଉତ୍କଳ ବିଶ୍ୱବିଦ୍ୟାଳୟ • ପ୍ରଫେସର ବସନ୍ତ କୁମାର ମଲ୍ଲିକ, ପିଜି କାଉନ୍‌ସିଲ ଅଧକ୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟ

## ଜୟପୁରରେ ଶ୍ରୀ ଜୀଉଙ୍କ ନାଗାର୍ଜୁନ ବେଶ

ଜୟପୁର, (ନି.ପ୍ର.): ଜୟପୁର ଜଗନ୍ନାଥ ମନ୍ଦିରରରେ ଶ୍ରୀଜୀଉ ନାଗାର୍ଜୁନ ବେଶରେ ସଜ୍ଜିତ ହୋଇଛନ୍ତି। ପ୍ରଥମ ଥର ଏପରି ବେଶ ମନ୍ଦିରରେ ହୋଇଛି । କୋଭିଡ ନିୟମ ଯୋଗୁ ଶ୍ରଦ୍ଧାଳୁଙ୍କୁ ମନ୍ଦିର ପ୍ରବେଶ ମନା ଥିବାରୁ ଏହି ଦୁର୍ଲଭ ବେଶଦର୍ଶନରୁ ସେମାନେ ବଞ୍ଚିତ ହୋଇଛନ୍ତି । ଅପରାହ୍ନରେ ଅନଭୋଗ ପରେ ପ୍ରଭୁଙ୍କୁ ନାଗାର୍ଜୁନ ବେଶ କରାଯାଇଥିଲା । ଏଥିପାଇଁ ଦୀର୍ଘ ୨ ଘଣ୍ଟା ସମୟ ଲାଗିଥିଲା ।


ଜୟପୁରରେ ଠାକୁରଙ୍କ ଦୁର୍ଲଭ ନାଗାର୍ଜୁନ ବେଶ ।


ଉମରକୋଟ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ନାଗାର୍ଜୁନ ବେଶ ।


ଦାମନଯୋଡ଼ିରେ ଠାକୁରଙ୍କ ନାଗାର୍ଜୁନ ବେଶ ।


ଟିକିରିରେ ଠାକୁରମାନେ ନାଗାର୍ଜୁନ ବେଶରେ ସଜ୍ଜିତ ହୋଇଛନ୍ତି ।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

କୋରୁକୋଣ୍ଡା, ୨୭।୧୧(ଡି.ଏନ.ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ପଞ୍ଚାୟତର ଏମ୍ଭି-୩୬ ନିକଟରେ ଏକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ମଲିନ ଦାସ। ଚିତ୍ରକୋଣ୍ଡାରୁ ଆସୁଥିବା ଏକ ବାଲି ବୋଝେଇ ଟ୍ରକ୍ ବାଇକକୁ ଧକ୍କାଦେବାରୁ ପଛରେ ବସିଥିବା ମଲିନ ଟ୍ରକ୍‌ରେ ଚାପିହୋଇ ରହିଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବାଇକ ଚାଳକ ଜଗଦୀଶ ହାଲ୍‌ଦାର ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଓର୍କେଲ ଥାନା ଅଧିକାରୀ ସୌମେନ୍ଦୁ ତ୍ରିପାଠୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ।

### ଜିଲା କ୍ରିକେଟ୍ ସଂଘ ବୈଠକ: ଯୁବପିଢ଼ିଙ୍କୁ ଗୁରୁତ୍ୱ

ମାଲକାନଗିରି, ୨୭।୧୧ (ଡି.ଏନ୍.ଏ.)- ମାଲକାନଗିରି ଜିଲା କ୍ରିକେଟ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲାରେ କ୍ରୀଡ଼ାବିତ ଓ ପ୍ରତିଭାଙ୍କ ଅଭାବ ନାହିଁ। ପୂର୍ବରୁ ବହୁ ପ୍ରତିଭାବାନ ଖେଳାଳି ରାଜ୍ୟ ଓ ଦେଶ ପାଇଁ ସୁନାମ ଆଣିଛନ୍ତି। ଆଗାମୀ ଦିନରେ ମୁଖ୍ୟତଃ ନୂଆ ଯୁବପିଢ଼ିଙ୍କୁ କିଭଳି କ୍ରିକେଟ ଖେଳ ପ୍ରତି ଆକୃଷ୍ଟ କରାଯିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ମୁଖ୍ୟତଃ କ୍ରିକେଟ ଖେଳ ଉପକରଣ ସହ ପ୍ରଶିକ୍ଷଣ ଶିବିର ଆୟୋଜନ କରି ଭୁବନେଶ୍ୱରରୁ କୋଚ୍ ଆସି ଯେପରି ମାଲକାନଗିରିରେ କୋଚିଂ ଦେବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିପାଇଁ ଜିଲା କ୍ରିକେଟ ସଂଘର ନିଜସ୍ୱ ପଡିଆ ନିର୍ମାଣ, ବିଦ୍ୟାଳୟ ଓ କଲେଜ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ କରି ଖେଳାଳିଙ୍କୁ ଉତ୍ସାହିତ କରିବା ଲାଗି ଆଲୋଚନା ହୋଇଥିଲା। ବୈଠକରେ ସଭାପତି ଏମ୍‌ଡି ଫାରୁକ, ସାଧାରଣ ସମ୍ପାଦକ ହୃଦାନନ୍ଦ ସାହୁ, କୋଷାଧକ୍ଷ ସତବୀର ସିଂ, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଏସ୍.ପ୍ରସାଦ ରାଓ, ଯୁଗ୍ମ ସମ୍ପାଦକ ରାଜକୁମାର ପୁରୋହିତ, ଶଙ୍କର ଖିତି ପ୍ରମୁଖ ଉପସ୍ଥିତ ଥିଲେ।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ପାପଡାହାଣ୍ଡି, ୨୭।୧୧(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଚଚରାଗୁଡା ନିକଟରେ ଶୁକ୍ରବାର ଏକ ବାଇକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ବିରିଗୁଡା ଗ୍ରାମର ସୁଦୁ ଭତରା। ସୂଚନା ଅନୁଯାୟୀ, ସୁଦୁ ଭଣ୍ଡିଆ ଗ୍ରାମକୁ ନୀଳଗିରି ଗଛ କାଟିବା ପାଇଁ ଯାଇଥିଲେ। ହୋଣ୍ଡା ସାଇନ ବାଇକ୍ ଯୋଗେ ସେ ସନ୍ଧ୍ୟାର ଫେରିବା ବେଳେ ଚଚରାଗୁଡା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପାପଡାହାଣ୍ଡି ଡାକ୍ତରଖାନାକୁ ପଠାଇବା ବାଟରେ ତଣ୍ଡାଗୁଡ଼ା ନିକଟରେ ସୁଦୁଙ୍କ ମୃତ୍ୟୁ ହୋଇଥିଲା।

### ଶୁକ୍ରବାର କୋରାପୁଟ କରୋନାମୁକ୍ତ ଜିଲା

କୋରାପୁଟ, ୨୭।୧୧, (ସ୍ୱ.ପ୍ର.)- କୋରାପୁଟ ଜିଲାରୁ ଶୁକ୍ରବାର କେହି ହେଲେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ଏହା ପ୍ରଶାସନ ପାଇଁ ଆଶ୍ୱସ୍ତକର ବିଷୟ ହୋଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୭୦୮ ରହିଥିବା ବେଳେ ସେଥିରୁ ୭୬୨୭ ସୁସ୍ଥ ହୋଇ ଘରକୁ ଫେରିଥିବା ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି।

# ବନ ବିଭାଗର ଜଙ୍ଗଲକଟାକୁ ବିରୋଧ

ବୈପାରୀଗୁଡା, ୨୭।୧୧(ଡି.ଏନ୍.ଏ)

ଜଙ୍ଗଲକୁ ସୁରକ୍ଷା ଦେବା ବନ ବିଭାଗର ଦାୟିତ୍ୱ । ମାତ୍ର ଖୋଦ ବନ ବିଭାଗ ଜଙ୍ଗଲରୁ ଗଛ କାଟି ବିରୋଧର ସମ୍ମୁଖୀନ ହୋଇଛି। ଏପରି ଘଟିଛି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଗଣ୍ଡେଶ୍ୱର ବନାଞ୍ଚଳର ଧଣ୍ଡରାଖୋଲ ସଂରକ୍ଷିତ ଜଙ୍ଗଲରେ । ଶୁକ୍ରବାର ବୈପାରୀଗୁଡା ବନ ଉନ୍ନୟନ ନିଗମର କେତେକ କର୍ମଚାରୀ ଶ୍ରମିକଙ୍କୁ ନେଇ ଧଣ୍ଡରାଖୋଲ ସଂରକ୍ଷିତ ଜଙ୍ଗଲରେ ଗଛ କାଟୁଥିଲେ । ଏପରି ଘଟଣା ନଜରକୁ ଆସିବା ପରେ ଦଣ୍ଡାବାଡି , ପଟପଦର, ଗୌଡଗଡା, ରତାଖଣ୍ଡି, କାଣ୍ଡିକିଗଡା ଏବଂ ଡାମଡ ବନ ସୁରକ୍ଷା ସମିତି ପକ୍ଷରୁ ବିରୋଧ କରାଯାଇଥିଲା । ଘଟଣା ସ୍ଥଳରେ ଶରତ ଚନ୍ଦ୍ର ନାୟକ, ଫରେଷ୍ଟର ବନ ଉନ୍ନୟନ ନିଗମର ଏସଡିଏମ୍ ଚୈତନ୍ୟ ତନ୍ତି ଏବଂ ପିକେ ସାହୁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ । ସେତେବେଳକୁ ପ୍ରାୟ ୫ଟି ମୂଲ୍ୟବାନ ଶାଳ ଓ ଟାଙ୍ଗି ଗଛ କଟା ସରିଥିଲା । ତେବେ ଲୋକଙ୍କ ବିରୋଧ ଯୋଗୁ ଗଛକଟା ବନ୍ଦ ରହିଥିଲା । ଏ ସମ୍ପର୍କରେ ବନ ଉନ୍ନୟନ ନିଗମର ଏସଡିଏମ୍ ନାୟକ ଏବଂ ବନାଞ୍ଚଳ ଅଧିକାରୀ ସୁରେଶ ଦାସଙ୍କୁ ପଚାରିବାରୁ ସେ କହିଲେ ଯେ, ସରକାରୀ ନିୟମ ଅନୁସାରେ ପରିପକ୍ୱ ଗଛଗଡିକ ଚିହ୍ନଟ କରାଯାଇ କାଟିବାକୁ ନିଷ୍ପତ୍ତି ନିଆଯାଇଛି । ଏହା ଆଇନ୍ ସଙ୍ଗତ। ତେବେ ବନ ସୁରକ୍ଷା ସମିତିଙ୍କ ବିନା ପରାମର୍ଶରେ ଗଛ କଟାଯିବା ସମ୍ପର୍କରେ ପଚାରିବାରୁ ପୂର୍ବରୁ ସେମାନଙ୍କଠାରୁ ସହମତି ନିଆଯାଇଥିବା କହିଥିଲେ।


ଗଛ କଟାଯିବାର ଦୃଶ୍ୟ ।

# ଓଡ଼ିଶା-ଛତିଶଗଡ଼ ସୀମାରେ ଯୋଗାଣ ବିଭାଗର ଯାଞ୍ଚ

ଉମରକୋଟ, ୨୭।୧୧(ଡି.ଏନ୍.ଏ.)

ଓଡ଼ିଶା-ଛତିଶଗଡ଼ ସୀମା ଦଣ୍ଡୋଷୋରାରେ ଗୁରୁବାର ବିଳମ୍ବିତ ରାତିରେ ନବରଙ୍ଗପୁର ଜିଲା ଯୋଗାଣ ବିଭାଗ ଧାନ ଗାଡ଼ିସବୁ ଯାଞ୍ଚ କରିଥିଲା । ତେବେ କାଲି କୌଣସି ଧାନ ଗାଡି ଛତିଶଗଡ଼କୁ ଯାଉ ନ ଥିବା ସୂଚନା ମିଳିଛି। ପ୍ରକାଶ ଯେ, ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀମାନେ ବିଭିନ୍ନ କାରଣରୁ ନାମ ପଞ୍ଜୀକରଣ କରିପାରି ନାହାନ୍ତି। ଉକ୍ତ ଚାଷୀମାନେ ଅଳ୍ପ ଦରରେ ବାହାର ବ୍ୟବସାୟୀଙ୍କୁ ଧାନ ସବୁ ବିକ୍ରି କରୁଛନ୍ତି। ଛତିଶଗଡ଼ରେ ଧାନ କୁଇଣ୍ଟାଲ ପ୍ରତି ୨୫୦୦ ଟଙ୍କା ଥିବାବେଳେ ଉମରକୋଟରେ ୧୮୬୮ଟଙ୍କା ରହିଛି। ତେଣୁ ଏଠାରୁ ଛତିଶଗଡ଼ ବେପାରୀମାନେ ଅଳ୍ପ ଦରରେ ଚାଷୀଙ୍କଠାରୁ ଧାନ କିଣି ନେଇ ନିଜ ଅଞ୍ଚଳରେ ବିକ୍ରି କରି ଲାଭବାନ ହେଉଛନ୍ତି। ଏହି ଧାନ ଚାଲାଣକୁ ରୋକିବାକୁ ଏକ ସ୍କ୍ୱାଡ ଗଠନ କରାଯାଇଛି। ଏହି ସ୍କ୍ୱାଡ ବିଭିନ୍ନ ଅଞ୍ଚଳ ବୁଲି ଧାନ ଚାଲାଣ ରୋକିବାକୁ ଯାଞ୍ଚ କରିବ। ଗୁରୁବାର ବିଳମ୍ବିତ ରାତିରେ ହୋଇଥିବା ଯାଞ୍ଚରେ ଜିଲା ଯୋଗାଣ ଅଧିକାରୀ ସୁଦୀପ୍ କୁମାର ସାହୁ, ଅତିରିକ୍ତ ଯୋଗାଣ ଅଧିକାରୀ ଏନ୍. ଲକ୍ଷ୍ମଣ ରାଓ, ବ୍ଲକ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଖିଲ, ରାଇଘର ବ୍ଲକ ଯୋଗାଣ ଅଧିକାରୀ ଦୀପକ କୁମାର ପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଛତିଶଗଡ଼ ସୀମାନ୍ତରେ ଯୋଗାଣ ବିଭାଗ ଅଧିକାରୀ ଓ କର୍ମଚାରୀମାନେ।

# ୯କୋଟିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ ନଷ୍ଟ

ମାଲକାନଗିରି, ୨୭।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠଙ୍କ ନେତୃତ୍ୱରେ ଅବକାରୀ ଓ ପୋଲିସ ବିଭାଗ ମାଥିଲି ଥାନା ଅଧୀନ ସୁକ୍ରିପୁଟ, ଗୁମାଝରଣ ଓ ଦାମାଗୁଡା ଗ୍ରାମ ନିକଟ ଜଙ୍ଗଲ ଓ ଚାଷଜମିରେ କରାଯାଇଥିବା ୬୨ ଏକର ଜମିରେ ଗଞ୍ଜେଇ ଗଛ ନଷ୍ଟ କରିଛନ୍ତି। ଏଥିରେ ଇନ୍ସପେକ୍ଟର ଗଙ୍ଗା ପାଇକରାୟ, ଏଚ୍. ଜଗା ରାଓ, ଦିଲୀପ ନାୟକ, ଏସ୍‌ଆଇ ଦିନେଶ କୁମାର ରାଜୁଖିତି, ଜ୍ଞାନ ସାହୁ, ପ୍ରବୀଣ ସାହୁ, ଏସ୍. ମାଝି, ଆର୍. ହନ୍ତାଳ, ଜେମସ୍ ସାହୁ, ଏବଂ ଜୟପୁର ନବରଙ୍ଗପୁରର କର୍ମଚାରୀ ସାମିଲ ହୋଥିଲେ। ନଷ୍ଟ କରାଯାଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ୯ କୋଟିରୁ ଊର୍ଦ୍ଧ୍ୱ ବୋଲି ସୂଚନା ମିଳିଛି।

# ଖେଳିଲାବେଳେ ଚଢ଼ିଗଲା ଟ୍ରକ, ଜଣେ ଶିଶୁ ମୃତ

କୋଷାଗୁମୁଡ଼ା/କୋଡିଙ୍ଗା, ୨୭।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ଥାନା ବଡଆମ୍ବଡା ପଞ୍ଚାୟତ ଉମରଗାଁଠାରେ ଗୁରୁବାର ସକାଳ ୮ଟା ସମୟରେ ଟ୍ରକ ଚାପାରେ ଜଣେ ଶିଶୁର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ଅଛନ୍ତି। ମୃତକ ହେଲେ ଉମରଗାଁର ସୁକରାମ ଭତରା (୭)। ଏହି ଗାଁର ଯମୁନା କୁମ୍ଭାର(୬) ଗୁରୁତର ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ଉମର ଗାଁ ଆଶିଷ ଗୁପ୍ତାଙ୍କ ଦୋକାନରେ ମକା ଲୋଡ୍ କରିବା ପାଇଁ ଏକ ଟ୍ରକ(ସିଜି-୦୪ଜେ-୧୪୨୫) ଆସିଥିଲା। ନିକଟରେ ଥିବା ଯମୁନାଙ୍କ ଘର ବାରଣ୍ଡାରେ ସୁକରାମ ଓ ଯମୁନା ଖେଳୁଥିଲେ। ଏହି ସମୟରେ ଟ୍ରକ୍‌ଟି ଘର ଉପରକୁ ମାଡି ଯାଇଥିଲା। ଏଥିରେ ସୁକରାମଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଯମୁନା ଗୁରୁତର ଅଛନ୍ତି। ସେମାନଙ୍କୁ ଜଗଦଲପୁର ଡାକ୍ତରଖାନା ନିଆଯାଇଥିଲା। ଘଟଣାସ୍ଥଳରୁ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଏ ନେଇ କୋଷାଗୁମୁଡା ପୋଲିସ କେସ ନଂ ୧୪୫/୨୦ରେ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା କୋଷାଗୁମୁଡା ଥାନା ଏସ୍‌ଆଇ ଶଶୀଭୂଷଣ ମଙ୍ଗରାଜ ସୂଚନା ଦେଇଛନ୍ତି।

# ରାୟଗଡ଼ା ଜିଲାରେ ଧାନ, କପା ସଂଗ୍ରହ ଆରମ୍ଭ


ଚାଷୀ ପ୍ରତିନିଧି ରାଜେନ୍ଦ୍ର ନାୟକ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ରାୟଗଡ଼ା ଅଫିସ, ୨୭।୧୧

ରାୟଗଡ଼ା ଜିଲାରେ ଶୁକ୍ରବାର ଖରିଫ ଧାନ ଓ କପା ଏବଂ ମାଣ୍ଡିଆ ମଣ୍ଡି ଖୋଲିଛି। ସ୍ଥାନୀୟ ଆର୍‌ଏମ୍‌ସି କାର୍ଯ୍ୟାଳୟ ପରିସର ୟାର୍ଡ ପ୍ରାଙ୍ଗଣରେ ଜିଲାସ୍ତରୀୟ ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଚାଷୀ ପ୍ରତିନିଧି ରାଜେନ୍ଦ୍ର ନାୟକ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ସିଏସ୍‌ଓ ରବିନ୍ଦ୍ର ବେହେରା, ଡିଆର୍‌ସିଏସ୍ ପ୍ରମୋଦ କୁମାର ସାହୁ, ଆର୍‌ଏମ୍‌ସି ସଚିବ ଅନିଲ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କ ଟଙ୍କା ଆକାଉଣ୍ଟକୁ ପଠାଯିବ ବୋଲି ଜିଲାପାଳ କହିଛନ୍ତି। ଧାନର ସର୍ବାଧିକ ମୂଲ୍ୟ କୁଇଣ୍ଟାଲ ପିଛା ୧୮୮୮ ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ସାଧାରଣ ଧାନର ମୂଲ୍ୟ ୧୮୬୮ ଟଙ୍କା ରହିଛି। ୧୮ହଜାର ୪ଶହ ୨୫ ଜଣ ଧାନ ଚାଷୀ ନିଜ ନାମ ପଞ୍ଜୀକରଣ କରିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ୯ହଜାର ଚାଷୀଙ୍କୁ ଟୋକନ ଦିଆଯାଇଥିବା ଜଣାପଡ଼ିଛି। ଚଳିତ ବର୍ଷ ଧାନ ସଂଗ୍ରହ ନିମନ୍ତେ ୧୧୯ ମିଲର ଭାଗ ନେଇଛନ୍ତି। ଧାନ କ୍ରୟ ଏବଂ ଧାନର ମାନ ପରୀକ୍ଷା ସମୟରେ ଜିଲାପାଳ ବୁଲି ଦେଖିଥିଲେ। ଚାଷୀ ଓ ମିଲରଙ୍କ ଉପସ୍ଥିତିରେ ଧାନ କ୍ରୟ ଶୁଭାରମ୍ଭ ହୋଇଛି। ଧାନ କିପରି ସୁରକ୍ଷିତ ରହିବ ଏବଂ ଚାଷୀ କିପରି ଶୀଘ୍ର ଟଙ୍କା ପାଇବେ ସେ ନେଇ ବ୍ୟବସ୍ଥା କରାଯାଇଥିବା କୁହାଯାଇଛି। ଜିଲାରେ ୪୨ ଧାନକ୍ରୟ କେନ୍ଦ୍ରରେ ଧାନ କ୍ରୟ ଆରମ୍ଭ ହେବ। ଏଥିରେ ୮ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ରହିଥିବା ଜଣାପଡ଼ିଛି। ୧୪ ଟି ଲ୍ୟାମ୍ପସରୁ ଧାନ ସଂଗ୍ରହ ହେବ। ଚାଷୀଙ୍କ ସୁବିଧା ନେଇ ଗୁରୁତ୍ୱ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ନିର୍ମାଣ ଶ୍ରମିକ ବୋର୍ଡକୁ ରାଜନୀତିରୁ ଦୂରେଇ ରଖିବା ଦାବି

ନବରଙ୍ଗପୁର, ୨୭।୧୧(ବି.ପ୍ର.)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ନବରଙ୍ଗପୁର ଜିଲା ଶାଖା ପକ୍ଷରୁ ମାଝିଗୁଡା ଛକରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଛି। ଏଥିସହ ରାଜ୍ୟ ଶ୍ରମ କମିଶନର ତଥା ସଚିବଙ୍କ ଉଦ୍ଦେଶ୍ୟରେ ଜିଲପାଳଙ୍କ ଜରିଆରେ ୧୧ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ମଜଦୁର ସଂଘ ଜିଲା ଉପସଭାପତି ରଙ୍ଗନାଥ ଜେନା, ଓଡିଶା କୋଠାବାଡି ଓ ଅନ୍ୟ ନିର୍ମାଣ ମଜଦୁର ସଂଘର ଜିଲା ସଭାପତି ପରମେଶ୍ୱର ବିଷୋୟୀ, ସମ୍ପାଦକ ରାମ ବିଷୋୟୀ ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କରୋନା ସମୟରେ ନିର୍ମାଣ ଶ୍ରମିକଙ୍କର ପାଇଁ ଆସିଥିବା ୧୫୦୦ଟଙ୍କା ସହାୟତା ରାଶି ଏଯାଏ ବ୍ଲକ ଓ ପୌରାଞ୍ଚଳର ଅନେକ ଶ୍ରମିକ ପାଇ ନାହାନ୍ତି। ଜିଲା ଶ୍ରମ କାର୍ଯ୍ୟାଳୟ ଖାଲିଥିବା ପଦବୀ ପୂରଣ, ସହକାରୀ ଶ୍ରମ ଅଧିକାରୀ ଓ ଶ୍ରମ ନିରୀକ୍ଷକଙ୍କୁ ନିଯୁକ୍ତି, ନିର୍ମାଣ ଶ୍ରମିକଙ୍କର ସହାୟତା ରାଶି ଓ ଉପକରଣ ସମ୍ବନ୍ଧୀୟ ଆବେଦନ ପତ୍ରର ଯାଞ୍ଚ କରାଯାଇ ସେମାନଙ୍କୁ ପ୍ରଦାନ, ଶ୍ରମିକ ପଞ୍ଜୀକରଣ କରାଯାଇ କାର୍ଡ ପ୍ରଦାନ, ଜିଲାସ୍ତରରେ ନିର୍ମାଣ ଶ୍ରମିକମାନଙ୍କ ଲାଗି ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟାଳୟ ସହ ପାନୀୟଜଳ ଓ ପରିମଳ ବ୍ୟବସ୍ଥା, ଜିଲା ଶ୍ରମ କାର୍ଯ୍ୟାଳୟଗୁଡିକରେ ସ୍ୱତନ୍ତ୍ର ରେକର୍ଡରୁମ୍, ନିର୍ମାଣ ଶ୍ରମିକ ବୋର୍ଡକୁ ରାଜନୀତିଠାରୁ ଦୂରେଇ ରଖିବା ଆଦି ଦାବି କରାଯାଇଛି।

# ମଣ୍ଡି ଉଦ୍‌ଘାଟନ କଲେ ଗୁଣପୁର ଉପଜିଲାପାଳ

ଗୁଣପୁର, ୨୭।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଆର୍‌ଏମ୍‌ସି ପରିସରରେ ଶକ୍ରବାର ଧାନ, କପା ଏବଂ ମାଣ୍ଡିଆ ମଣ୍ଡି ଖୋଲିଛି। ଉପଜିଲାପାଳ ତଥା ଆର୍‌ଏମ୍‌ସିର ଅଧକ୍ଷ ଜେ.ସୋନାଲ୍ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଧାନ କ୍ରୟର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଆର୍‌ଏମ୍‌ସି ସମ୍ପାଦକ ଦଳପତି କାର୍ଜି, ଜିଲା ପରିଷଦ ସଭ୍ୟ ଅଶ୍ୱୀନି ଗମାଙ୍ଗ, ଏଆର୍‌ସିଏସ ଅଧିକାରୀ ଥିଓପିଲ ଶବର, ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ସ୍ୱାଇଁ, କେସିସି ବ୍ୟାଙ୍କ ଶାଖା ପରିଚାଳକ ହରିଶ୍ଚନ୍ଦ୍ର ରାଓ, ବ୍ଲକ୍ କୃଷି ଅଧିକାରୀ ମନୋରଞ୍ଜନ ସେଠୀ, ବରିଷ୍ଠ କୃଷିବିତ୍ କୃଷ୍ଣ ପ୍ରସାଦ ବେବର୍ତ୍ତା, ବିଜେଡି ନେତା ଦେବେନ୍ଦ୍ର ଚୌଧୁରୀ, ଲ୍ୟାମ୍ପସର ପୂର୍ବତନ ନିର୍ଦ୍ଦେଶକ ଗୌରିଶଙ୍କର ଦାସଙ୍କ ସମେତ ମିଲ୍ ମାଲିକ ଏବଂ ଚାଷୀମାନେ ଉପସ୍ଥିତ ଥିଲେ।


ଉପଜିଲାପାଳ ଜେ. ସୋନାଲ୍ ମଣ୍ଡି ଶୁଭାରମ୍ଭ କରୁଛନ୍ତି।

# ଫସଲ ସୁରକ୍ଷିତ ରଖିବାକୁ ଚାଷୀ ତତ୍ପର

ଡାବୁଗାଁ/ଚନ୍ଦାହାଣ୍ଡି, ୨୭।୧୧ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲାରେ କିଛିଦିନ ହେବ ଶୀତର ପ୍ରକୋପ ବଢିଛି। କୋହଲା ପାଗ ସହ ଝିପିଝିପି ବର୍ଷା ମଧ ହେଉଛି। ଏପରି ପାଗ ଚାଷୀଙ୍କ ଚିନ୍ତା ବଢାଇଛି। ଚାଷୀଙ୍କ ଉତ୍ପାଦିତ ଧାନ, ମକା, ବିରି, କାନ୍ଦୁଲ ଭଳି ଫସଲ ସବୁ ବାହାରେ ପଡିଛି। କୋହଲା ପାଗ ସହ ବର୍ଷା ହେବାର ସମ୍ଭାବନା ଥିବାରୁ ଫସଲ ଆଶଙ୍କା ରହିଛି। ବର୍ଷା ହେଲେ ବର୍ଷକର ପରିଶ୍ରମ ବୃଥା ଯିବ। ଏହା ମଧ୍ୟରେ ଚାଷୀ ଉତ୍ପାଦିତ ଫସଲ ସୁରକ୍ଷା ପାଇଁ ଚେଷ୍ଟା କରୁଛନ୍ତି। ଚଳିତବର୍ଷ ଚାଷୀ ଋଣ କରି ଧାନ, ମକା ଭଳି ଫସଲ ସବୁ କରିଥିଲେ। ଫସଲ ଭଲ ହୋଇଥିଲାବେଳେ ଭଲ ଦି' ପଇସା ରୋଜଗାର କରିବା ପାଇଁ ସେମାନେ ଆଶା ବାନ୍ଧିଥିଲେ। ଏବେ କିନ୍ତୁ ପ୍ରକୃତି ଦାଉ ସାଧୁଛି। ସେହିଭଳି ଏଠାରେ ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବା ଯୋଗୁ ଚାଷୀ ଖୋଲାରେ ଉତ୍ପାଦିତ ଶସ୍ୟ ପକାଇ ରଖିଛନ୍ତି ବୋଲି ଚନ୍ଦାହାଣ୍ଡି ଓ ଡାବୁଗାଁ ଅଞ୍ଚଳର ଚାଷୀମାନେ କହିଛନ୍ତି। ସରକାରଙ୍କ ଧାର୍ଯ୍ୟ ଦରରେ ମକା ମଞ୍ଜି ବିକ୍ରି କରିବା ନେଇଁ ଚାଷୀ ଅପେକ୍ଷା କରିଥିବାବେଳେ କୋହଲାପାଗକୁ ନେଇ ସେ ଚିନ୍ତାରେ ପଡିଛି। ସେହିଭଳି ଚନ୍ଦାହାଣ୍ଡିରେ ଚଳିତବର୍ଷ ଭଲ ବର୍ଷା ହୋଇଥିବାରୁ ଚାଷୀ ପଡିଆ ଜମି ଓ ହୁଡ଼ାରେ ହରଡ ଫସଲ କରିଥିଲା। ବର୍ତ୍ତମାନ


ଡାବୁଗାଁରେ ଚାଷୀ ଧାନକୁ ସୁରକ୍ଷିତ ଜାଗାକୁ ନେବାର ବ୍ୟବସ୍ଥା କରୁଛନ୍ତି।

### କୋହଲା ପାଗ ପାଇଁ ଚିନ୍ତାରେ କୃଷକ

ହରଡ଼ ଫୁଲ ଧରି କଷି ଆରମ୍ଭ ହେଲାଣି। କୋହଲା ପାଗ ଏବଂ ବର୍ଷା ସମ୍ଭାବନା ଥିବାରୁ ହରଡ ଗଛରୁ ଫୁଲ ଝଡ଼ିବା ସହ ରୋଗପୋକ ଲାଗିବା ଆଶଙ୍କା ରହିଛି ବୋଲି ଚାଷୀମାନେ କହିଛନ୍ତି। ଚଳିତବର୍ଷ ଚନ୍ଦାହାଣ୍ଡିରେ ହରଡ଼ ଚାଷ ଭଲଥିବାରୁ ଚାଷୀମାନେ ଦି'ପଇସା ପାଇବା ଆଶା ବାନ୍ଧି ଥିଲେ। ହରଡ଼ ଗଛରେ ଫୁଲ ଧରିବା ସମୟରେ ଲଘୁଚାପଜନିତ ମେଘୁଆ ପାଗ ସେମାନଙ୍କ ଆଶା ମଉଳାଇ ଦେଇଛି। ହରଡ ଏକ ଅର୍ଥକରୀ ଫସଲ ହୋଇଥିବା ସତ୍ତ୍ୱେ କୃଷିବିଭାଗ ଠିକ୍ ସମୟରେ ବିହନ ଓ ଚାଷୀଙ୍କୁ ଫସଲ ସମ୍ବନ୍ଧରେ ପରାମର୍ଶ ଦେଉ ନ ଥିବା ଚାଷୀମାନେ କହିଛନ୍ତି। କୃଷି ବିଭାଗ ଏଥିପ୍ରତି ଯତ୍ନବାନ ହେଲେ ଚାଷୀ ଉପକୃତ ହେବେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

## ଉଦ୍ୟାନ ଅଧିକାରୀଙ୍କ ଘରୁ ଡକାୟତି: ୪ ଗିରଫ

ରାୟଗଡ଼ା ଅଫିସ : ରାୟଗଡ଼ା ଜିଲା ସହକାରୀ ଉଦ୍ୟାନ ଅଧିକାରୀ(ଏଡିଏଚ୍‌ଓ) ଜଗନ୍ନାଥ ବିଦ୍ଧାଣିଙ୍କ ଘରେ ଡକାୟତି ଅଭିଯୋଗରେ ଟାଉନ୍ ଥାନା ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ରାଣୀଗୁଡ଼ା ଫାର୍ମ ଅଞ୍ଚଳର ତ୍ରିନାଥ ମାଝି(୨୯), ଗୌତମ ବିଡିକା(୨୭), ଅଜୟ କୁମାର ମହାପାତ୍ର(୨୮)ଏବଂ ସିକୁ ଦାଶ(୨୪)। ସୂଚନା ଅନୁଯାୟୀ, ନଭେମ୍ବର ୨୨ରେ ଏଡିଏଚ୍‌ଓ ବିଦ୍ଧାଣିଙ୍କ ଘରେ ଦୁର୍ବୃତ୍ତମାନେ ପଶି ଜୋର ଜବରଦସ୍ତ ୧.୩ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏ ନେଇ ୨୩ରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ୧୦ହଜାର ଟଙ୍କା ଜବତ ହୋଇଛି । ଏହି ଡ଼କାୟତି ଦଳ ୨୩ ତାରିଖରେ ଉକ୍ତ ଅଞ୍ଚଳର ଡି. ରେଡ଼ିଙ୍କଠାରୁ ମଧ ୧୭ଶହ ଟଙ୍କା ଛଡ଼ାଇ ନେଇଥିଲେ ।

**ସଂକ୍ଷେପରେ**

### ନିଖୋଜ ଛାତ୍ରଙ୍କ ମୃତଦେହ ଉଦ୍ଧାର

କାଳିମେଳା,୨୭।୧୧(ଡି.ଏନ.ଏ.)- ମାଲକାନଗିରି ଜିଲା କାଳିମେଳା ବ୍ଲକ ଅନ୍ତର୍ଗତ ଭେଙ୍କଟାପଲମ ଗ୍ରାମ ନିକଟସ୍ଥ ପଟେରୁ ନଦୀରେ ଗାଧୋଉଥିବା ବେଳେ ବୁଡିଯାଇ ନିଖୋଜ ହୋଇଯାଇଥିବା ଛାତ୍ର ରାକେଶ ମଣ୍ଡଳଙ୍କ ମୃତଦେହ ୪୦ ଘଣ୍ଟା ପରେ ଉଦ୍ଧାର ହୋଇଛି। ବୁଧବାର ଅପରାହ୍ନ ୨ଟାରେ ସେ ସାଙ୍ଗମାନଙ୍କ ସହ ନଦୀକୁ ଗଧୋଇବାକୁ ଯାଇ ପାଣିରେ ବୁଡିଯାଇ ନିଖୋଜ ହୋଇଯାଇଥିଲେ। ଗତ ଦୁଇଦିନ ଧରି କାଳିମେଳା ଅଗ୍ନିଶମ କର୍ମାଚରୀ ନଦୀର ବିଭିନ୍ନ ସ୍ଥାନରେ ଖୋଜାଖୋଜି ଜାରି ରଖିଥିଲେ। ଶୁକ୍ରବାର ସକାଳେ ନଦୀରେ ରାକେଶଙ୍କ ମୃତଦେହ ଭାସୁଥିବା ନାମକୋଣ୍ଡା ଗ୍ରାମର କେତେକ ଲୋକ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ପରେ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ । ଘଟଣା ଘଟିଥିବା ସ୍ଥାନରୁ ପ୍ରାୟ ୧୦ କିମି ଦୂର ନାମକୋଣ୍ଡାରୁ ତାଙ୍କ ମୃତଦେହ ମିଳିଛି। ଏ ନେଇ ରାକେଶଙ୍କ ମାମୁ କାଳିମେଳା ଥାନାରେ ଜଣାଇବା ପରେ ପୋଲିସ ୪୮।୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ସୁରଜ କୁମାର ଝାଙ୍କର କହିଛନ୍ତି। ସୂଚନାଯୋଗ୍ୟ ବୁଧବାର କାଳିମେଳାର ରବିନ ମଣ୍ଡଳଙ୍କ ପୁଅ ରାକେଶ ୭ଜଣ ସାଙ୍ଗଙ୍କ ସହ ମିଶି ଉକ୍ତ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ଯାଇଥିଲେ। ଘଟଣା ତଦନ୍ତ ଏଏସଆଇ ବିଜୟ କୁମାର ତାଣ୍ଡି କରୁଛନ୍ତି ।

### ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର ଅଭିଯୋଗ

ମାଲକାନଗିରି, ୨୭।୧୧(ଡି.ଏନ୍.ଏ.) ମାଲକାନଗିରି ସଦର ମହକୁମାସ୍ଥିତ ଭେଟେରିନାରି ସାହିର ଜଣେ ଯୁବତୀଙ୍କୁ ଏମ୍‌ଭି- ୨ ଗ୍ରାମର ଜଣେ ଯୁବକ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରାଯାଇଛି। ବର୍ତ୍ତମାନ ଯୁବତୀ ଜଣକ ୩ମାସର ଗର୍ଭବତୀ ରହିଛନ୍ତି। ଯୁବକ ଜଣକ ଅନ୍ୟତ୍ର ବିବାହ କରିବାକୁ ଯୋଜନା କରୁଥିବା ବେଳେ ଧରାପଡ଼ିଛନ୍ତି। ଏନେଇ ମାଲକାନଗିରି ଥାନାରେ ଏକ ମାମଲା ରୁଜୁ ହୋଇଛି। ଖବରରୁ ଜଣାପଡ଼ିଛି ଏମ୍‌ଭି- ୨ ଗ୍ରାମର ସତ୍ୟନାରାୟଣ ହନ୍ତାଲ ଗତ ଦୁଇବର୍ଷ ଧରି ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ବାରମ୍ବାର ବଳାତ୍କାର କରିଥିଲେ। ଯୁବତୀ ଜଣକ ଗର୍ଭବତୀ ହେବା ପରେ ସତ୍ୟନାରାୟଣଙ୍କୁ ବିବାହ ପାଇଁ କହିଥିଲେ। ମାତ୍ର ସତ୍ୟନାରାୟଣ ତାଙ୍କୁ ବିବାହ କରିବା ବଦଳରେ ଔଷଧ ଦେଇ ଗର୍ଭପାତ କରିବାକୁ ଚେଷ୍ଟା କରିଥିଲେ। ତାଙ୍କ ବିବାହ ଅନ୍ୟତ୍ର ସ୍ଥିର ହୋଇଛି, ସେ ତାଙ୍କୁ ବିବାହ କରିପାରିବେ ନାହିଁ ବୋଲି କହିଥିଲେ। ଫଳରେ ପୀଡ଼ିତା ମାଲକାନଗିରି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତ ସତ୍ୟନାରାୟଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

### ରେଳମନ୍ତ୍ରୀଙ୍କୁ ଭେଟିଲେ ଏମ୍‌ପି

କୋରାପୁଟ,୨୭।୧୧(ସ୍ୱ.ପ୍ର.)- କୋରାପୁଟ ଲୋକସଭା ଆସନ ଅଞ୍ଚଳରେ ରେଳ ବ୍ୟବସ୍ଥାକୁ ନେଇ ଶୁକ୍ରବାର କେନ୍ଦ୍ର ରେଳମନ୍ତ୍ରୀ ପିୟୁଷ ଗୋଏଲଙ୍କ ସହିତ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଆଲୋଚନା କରିଛନ୍ତି। କେନ୍ଦ୍ର ରେଳମନ୍ତ୍ରୀଙ୍କ ସହିତ କୋରାପୁଟ ଓ ରାୟଗଡା ଜିଲାର ରେଳ ଚଳାଚଳ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ପୂର୍ବତଟ ରେଳବାଇର ରାୟଗଡା ଜିଲାର ଗୁରଉପୁର-ଥେରୁବାଲି ୭୯.୧୫ କିଲୋମିଟର ରେଳ ଲାଇନ ନୂତନ ପ୍ରୋଜେକ୍ଟର କାର୍ଯ୍ୟାରମ୍ଭ କରିବା ପାଇଁ ଏମ୍‌ପି କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ଜୟପୁର, କୋରାପୁଟ ଭାୟା ରାୟଗଡା ଦେଇ ଭୁବନେଶ୍ୱରକୁ ଦିନବେଳା ଟ୍ରେନ ସମୟ ନିର୍ଦ୍ଧାରଣ ଆଲୋଚନା ଚାଲିଥିବା ରେଳମନ୍ତ୍ରୀ କହିଛନ୍ତି। ଏଥିସହ କୋଭିଡ କଟକଣା ଯୋଗୁ ଭୁବନେଶ୍ୱର -ଭବାନୀପାଟଣା ଲିଙ୍କ ଏକ୍ସପ୍ରେସ ରାୟଗଡା ପରିବର୍ତ୍ତେ ପଶ୍ଚିମ ଓଡିଶା ରୁଟରେ ଗତି ପରିବର୍ତ୍ତନ କରି ଚଳାଚଳ କରୁଛି। ଏଥିଯୋଗୁ ରାୟଗଡା ଜିଲାବାସୀ ଅସୁବିଧା ସମ୍ମୁଖୀନ ହେଉଥିବା ରେଳମନ୍ତ୍ରୀଙ୍କ ସହ ଏମ୍‌ପି ଆଲୋଚନା ବେଳେ ଅବଗତ କରାଇଛନ୍ତି।

# ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ

**ପୋଲିସ-ମାଓବାଦୀ ଗୁଳି ବିନିମୟ ଘଟଣା**

ମାଲକାନଗିରି,୨୭।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଯନ୍ତ୍ରୀ ପଞ୍ଚାୟତର ତୋଟାଗୁଡ଼ା ଜଙ୍ଗଲରେ ଗୁରୁବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏଥିରେ ଜଣେ ହାର୍ଡକୋର ମାଓବାଦୀ କିଶୋର ନିହତ ହୋଇଥିବା ବେଳେ ଜଣେ ଆହତ ହୋଇଥିଲେ। ବହୁ ପରିମାଣର ମାଓବାଦୀ ସାମଗ୍ରୀ ଜବତ ହୋଇଥିଲା। ଜବତ ସାମଗ୍ରୀ ମଧ୍ୟରେ ଗୋଟିଏ ଏକେ ୪୭ ରାଇଫଲ, ୩ଟି ଏକେ ୪୭ ମାଗାଜିନ୍, ୪୦ଟି ୭.୬୨ ଏମ୍‌ଏମ୍ ଅଫୁଟା ଗୁଳି, ଗୋଟିଏ ଇନ୍‌ସାସ୍ ରାଇଫଲ ବାୟୋନେଟ୍, ଗୋଟିଏ ଆଇଇଡି, ୧୧ଟି ଡିଟୋନେଟର, ୨ଟି ମଟରଲା କମ୍ୟୁନିକେଶନ ସେଟ୍, ଗୋଟିଏ ୱାକିଟାକି ଚାର୍ଜର, ଗୋଟିଏ କ୍ୟାମେରା ଫ୍ଲାସ୍, ଦୁଇଟି ରିମୋଟ, ଗୋଟିଏ ଏମ୍ପାୟର ମିଟର, ଦୁଇଟି ପିଥୁ, ଗୋଟିଏ ଘଡି, ଗୋଟିଏ ଛୁରି ସହ ମାଓବାଦୀ ପୁସ୍ତିକା ରହିଛି। ନିହତ କିଶୋରଙ୍କ ସମ୍ପର୍କରେ ସୂଚନା ଦେଇ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୋରାପୁଟ ଡିଆଇଜି ସଫିମ୍ ଅହମ୍ମଦ କେ. କହିଛନ୍ତି, ସେ ଛତିଶଗଡ଼ ବସ୍ତର ଜିଲା ଚଣ୍ଡାମେଟା ଗ୍ରାମର ନିବାସୀ ଥିଲେ। କିଶୋର ଓରଫ ମାସା କବାସୀ ରୂପେ ପରିଚିତ କିଶୋର ୨୦୦୭ରୁ ସିପିଆଇ (ମାଓବାଦୀ) ଦଳରେ ସାମିଲ ହୋଇଥିଲେ। ବହୁ ହିଂସାରେ ଜଡିତ ରହି ଏବେ ମିଲିଟାରି ପ୍ଲାଟୁନର ଆନ୍ଧ୍ର-ଓଡ଼ିଶା ବର୍ଡର ଜୋନାଲ କମିଟି ସଦସ୍ୟ ଥିଲେ। ତାଙ୍କ ପାଇଁ ସରକାର ୮ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ସ୍ୱାଭିମାନ ଅଞ୍ଚଳରେ ମାଓବାଦୀଙ୍କ ଗୁପ୍ତ ବୈଠକ ଚାଲିଥିବା ସୂଚନା ଏସ୍‌ଓଜି ଓ ଡିଵିଏଫ୍ ଏବଂ ଆନ୍ଧ୍ରର ବିଏସ୍‌ଏଫ୍ ଓ ଗ୍ରେହାଉଣ୍ଡସ୍ ପକ୍ଷରୁ ମିଳିତ ଭାବେ ଯନ୍ତ୍ରୀ ପଞ୍ଚାୟତର ତୋଟାଗୁଡ଼ା ଜଙ୍ଗଲରେ କୋମ୍ବିଂ ଅପରେଶନ କରାଯାଇଥିଲା। ଏହି ସମୟରେ ମାଓବାଦୀମାନେ ପୋଲିସ ଆସୁଥିବା ସୂଚନା ପାଇ ପ୍ରଥମେ ଗୁଳିଚାଳନା କରିଥିଲେ। ପୋଲିସ ମଧ୍ୟ ଏହାର ଜବାବ ଦେଇଥିଲା। ପୋଲିସର ପ୍ରଭାବୀ ଜବାବ ନିକଟରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ତଲାସୀ ସମୟରେ ଆହତ ଅବସ୍ଥାରେ ଜଣେ ମାଓବାଦୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ କିଶୋରଙ୍କ ମୃତଦେହ ମିଳିଥିଲା। ଖବରଦାତା ସମ୍ମିଳନୀରେ ବିଏସ୍‌ଏଫ୍ କମାଣ୍ଡାଣ୍ଟ ଶିବ ଓମ୍, ମାଲକାନଗିରି ଏସ୍‌ପି ହୃଷିକେଶ୍ ଡି. ଖିଲାରି ପ୍ରମୁଖ ଉପସ୍ଥିତ ଥିଲେ।



ଜବତ ମାଓବାଦୀ ସାମଗ୍ରୀ।

## ନିଖୋଜ ସାନଭଉଣୀଙ୍କୁ ଉଦ୍ଧାର କଲା ବଡ଼ ଭଉଣୀ

**ଅପହରଣ ଅଭିଯୋଗ ଆଣିଲେ ପରିବାର**

ପାପଡାହାଣ୍ଡି/ମଇଦଲପୁର, ୨୭।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅଞ୍ଚଳର ଜଣେ ନିଖୋଜ ନାବାଳିକାଙ୍କୁ ତାଙ୍କ ବଡ଼ ଭଉଣୀ ଉଦ୍ଧାର କରିଛନ୍ତି। ସାନ ଭଉଣୀଙ୍କୁ ଅପହରଣ କରାଯାଉଥିବା ନେଇ ବଡ଼ ଭଉଣୀ ମଇଦଲପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଝରିଗାଁ ବ୍ଲକ ଅଞ୍ଚଳର ଜଣେ ନାବାଳିକା ଗୁରୁବାରରୁ ନିଖୋଜ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ନାବାଳିକା ଜଣଙ୍କ ଗାଁର ଅନ୍ୟ ୨ଜଣ ଝିଅଙ୍କ ସହ ଜଣେ ଦଲାଲଙ୍କ ସହଯୋଗରେ ତ୍ରିପୁରା ସିଲେଇ ତାଲିମ୍ ପାଇଁ ଯାଇଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଏହାପରେ ପରିବାର ଲୋକେ ସମ୍ପୃକ୍ତ ଦଲାଲଙ୍କୁ ଫୋନ୍ ଲଗାଇ ଥିଲେ ମଧ ସେ ଉଠାଇ ନ ଥିଲେ। ଉମରକୋଟରେ ରହୁଥିବା ନାବାଳିକାଙ୍କ ବଡ଼ ଭଉଣୀ ତ୍ରିପୁରା ଯାଉଥିବା ଏକ ବସ୍(ଟିଏନ୍-୩୬ଏମ୍-୫୦୫୫)କୁ ପାପଡାହାଣ୍ଡି ବ୍ଲକ ମୁଆକୋଟ ନିକଟ କାଳୁ ବାଡ଼ ନିକଟରେ ଦେଖି ପଚରାଉଚରା କରିଥିଲେ। ଉକ୍ତ ବସ୍‌ରେ ୩୯ଜଣ ଯୁବତୀଙ୍କୁ ତ୍ରିପୁରା ଚାଲାଣ କରାଯାଉଥିଲା। ସେମାନଙ୍କ ମଧ୍ୟରେ କିନ୍ତୁ ତାଙ୍କ ସାନ ଭଉଣୀ ନ ଥିଲେ। ପଚରାଉଚରା ବେଳେ ମୁଆକୋଟ ପଞ୍ଚାୟତ ଦୋସରାଭାଟା ଗ୍ରାମରେ ତାଙ୍କ ଭଉଣୀଙ୍କୁ ରଖାଯାଇଥିବା ଖବରପାଇ ସେଠାକୁ ଯାଇଥିଲେ। ଉକ୍ତ ଗାଁରୁ ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। ବସ୍‌ରେ ଯୁବତୀଙ୍କୁ ତ୍ରିପୁରା ନିଆଯାଉଥିବା ଖବରପାଇ ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ଗାଈପାଇ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଛନ୍ତି।



କୋରାପୁଟରେ ନାଗାର୍ଜୁନ ବେଶରେ ଶ୍ରୀଜୀଉ ।

## ବାଇପାସ୍ ରାସ୍ତା ନେଇ ମିଳିତ ସର୍ଭେ

କୋରାପୁଟ,୨୭।୧୧(ସ୍ୱ.ପ୍ର.)

କୋରାପୁଟ ସହରରେ ପ୍ରସ୍ତାବିତ ପାଇପାସ ରାସ୍ତା ନିର୍ମାଣ ନେଇ ମିଳିତ ସର୍ଭେ ଆରମ୍ଭ ହୋଇଛି। ଜିଲାପାଳ ମଧୁସୂଦନ ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀ ରେଲୱେ ପଡିଆ ସହିତ ଆଖପାଖ ସ୍ଥାନ ପରିଦର୍ଶନ କରିଛନ୍ତି। ଜିଲାପାଳଙ୍କ ସମେତ ଉପଜିଲାପାଳ ଲିଳିତ କୁମାର କହଁର, ତହସିଲଦାର ରଞ୍ଜନ ମାନସେଠ, ସୁପରଭାଇଜର ଗୋଲକ ବିହାରୀ ପରିଡା, ରେଲୱେରଏଡିଇଏନ ବି. ଏସ.ଆର. ମୂର୍ତ୍ତି, ଏମ୍‌ପି ପ୍ରତିନିଧି ମନୋଜ ଆଚାର୍ଯ୍ୟ, ବିଧାୟକ ପ୍ରତିନିଧି ସୁରେଶ ପଟ୍ଟନାୟକ, ପଟ୍ଟାଙ୍ଗି ବିଧାୟକ ପ୍ରତିନିଧି ଅନନ୍ତ ରାମ ମାଟାମ, ନିର୍ବାହୀଯନ୍ତ୍ରୀ ନିହାରରଞ୍ଜନ ବେହେରା, ସହାୟକ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ ପାତ୍ର, ସହକାରୀ ଯନ୍ତ୍ରୀ ମଧୁସୂଦନ ମୁର୍ମୁ, ଡେପୁଟି କଲେକ୍ଟର ସାଗରିକା ଷଡଙ୍ଗୀ, ପ୍ରସନ୍ନ କୁମାର ନାୟକ ପ୍ରମୁଖ ସର୍ଭେ କରିଥିଲେ । ରେଲୱେ କୋଲନୀରୁ ବାଇପାସ ରାସ୍ତା ୧୭ ମିଟର ଦୂରତା ଥିବା ବେଳେ ରେଲୱେ ପକ୍ଷରୁ ଶୁକ୍ରବାର ମାପଚୁପ କରାଯାଇଥିଲା । ରେଲୱେ କୋଲନୀରୁ ବାଇପାସ ରାସ୍ତା ଦୂରତା ୬୦ ମିଟର ଓ ରେଲବାଇ ପାଚେରୀ ରାସ୍ତାରୁ ୪୮ ମିଟର ରହିଥିବା ଅଧିକାରୀମାନେ ଜାଣିବାକୁ ପାଇଥିଲେ । ଦୂରତା ଅଧିକା ଥିବାରୁ ବାଇପାସ ରାସ୍ତା ନିର୍ମାଣ ଆରମ୍ଭ ହେବ ବୋଲି ଆଶା କରାଯାଉଛି ।

# ପରୀ ହତ୍ୟା ମାମଲା ନେଇ ବିକ୍ଷୋଭ

**ମନ୍ତ୍ରୀ ଅରୁଣ ସାହୁଙ୍କ କୁଶପୁତ୍ତଳିକା ଦାହ**

ଜୟପୁର ୨୭।୧୧ (ନି.ପ୍ର.)

ପରୀ ହତ୍ୟା ମାମଲାକୁ ନେଇ ବିଧାନସଭାଠାରୁ ସବୁଠି ବିକ୍ଷୋଭ ଆନ୍ଦୋଳନ ଜାରି ରହିଛି। ପରୀକୁ ନ୍ୟାୟ ଦେବା ପାଇଁ ଶୁକ୍ରବାର କୋରାପୁଟ ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜଗତଜନନୀ ଛକଠାରୁ ଏକ ଶୋଭାଯାତ୍ରା ବାହାରି ରଜାନହରଠାରେ ପହଞ୍ଚି ସରକାର ବିରୋଧୀ ସ୍ଲୋଗାନମାନ ଦେଇଥିଲେ। ମନ୍ତ୍ରୀ ଅରୁଣ ସାହୁଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଘଟଣାର କ୍ରାଇମବ୍ରାଞ୍ଚ ନୁହେଁ ସିବିଆଇ ତଦନ୍ତ କରିବାକୁ ଦାବି କରାଯାଇଥିଲା। ମନ୍ତ୍ରୀ ସାହୁଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ସହ ଜିଲାର ପୋଲିସ ଅଧିକାରୀଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହିଳା ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଥିଲା। କୋରାପୁଟ ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁରଭି ପାଣି, ସୀମା କରଣଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।




ଜଗତଜନନୀ ଛକଠାରୁ ବାହାରିଥିବା ଶୋଭାଯାତ୍ରା ।

## ବାଣ ଫୁଟାଇ ଜରିମାନା ଗଣିଲେ ହୋଟେଲ ମାଲିକ

ସେମିଳିଗୁଡା,୨୭।୧୧(ସ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ୨୬ ନମ୍ବର ଜାତୀୟ ରାଜପଥରେ ବାଣ ଫୁଟାଇ କୋଭିଡ ନିୟମ ଭାଙ୍ଗି ଜରିମାନା ଗଣିଛନ୍ତି ଜଣେ ହୋଟେଲ ମାଲିକ। ତାଙ୍କ ନାମ ସୁନୀଲ ଅଗ୍ରୱାଲ। ସେ ନିଜ ସାନଭାଇଙ୍କ ବିବାହରେରେ ବରଯାତ୍ରୀ ନେଇ ଯାଉଥିବା ବେଳେ ବାଣ ଫୁଟାଇ କୋଭିଡ ନିୟମ ଉଲ୍ଲଙ୍ଘନ କରିଥିଲେ। ଘଟଣା ସ୍ଥଳରେ ସେମିଳିଗୁଡା ଥାନା ଅଧିକାରୀ ଧୀରେନ କୁମାର ବେହେରା ଓ ସୁନାବେଡ଼ା ଏସଡ଼ିପିଓ ନିରଞ୍ଜନ ବେହେରା ପହଞ୍ଚି ବାଣ ଫୁଟା ବନ୍ଦ କରିବା ପାଇଁ ତାଗିଦ କରି ୨୦ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ।


**REQUIRED URGENTLY**
Skilled/semi skilled/unskilled staff female candidates only. Graduates, Undergraduates, ITI, Diploma above 18+ years. For reputed Cellphone MFG Company in Hyderabad.
Contact No.
6300130866 (Hyd.)
8455948657 (Odisha)

**APPOINTMENT**
ଭୁବନେଶ୍ୱରରେ ଘରୋଇ ଗାଡ଼ି ଚଳେଇବା ପାଇଁ ଡ୍ରାଇଭର ଆବଶ୍ୟକ। (ରହିବା ସୁବିଧା ଅଛି)
ଯୋଗାଯୋଗ:
9937203178

**STEEL AND POWER PLANT JOB**
ଓଡ଼ିଶା ଶିଳ୍ପାଞ୍ଚଳ ଢେଙ୍କାନାଳ, ଅନୁଗୁଳ, କଟକ, ରାୟଗଡା, ବଲାଙ୍ଗୀର,ପାରାଦ୍ୱୀପ ଝାରସୁଗୁଡା, ପାଇଁ ତୁରନ୍ତ ପ୍ରାର୍ଥୀ ଆବଶ୍ୟକ
Qualification: 9th/10th to B.Tech
Salary : Rs 9,380/- to Rs 90,800/-
Email your CV to :
bpplplants234@gmail.com
7606082800

Required Airport Ground staff. (10th to graduate) Air ticketing tag boy, Airhostess, ITI, Diploma, Ex-Army man Guard, Supervisor, Loader Driver, Salary 23700 to 78300 Send your resume. email:- indianaviationacademy33@gmail.com
9311057196, 9311220493

**JOBS IN AIRPORT**
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Air Hostess, Ground Staffs, Supervisors, Checkers, Loaders, Drivers, Guards & Helpers
Quali : ୨ାଠ ପଢିଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
7381891254, 9984845594

**PANACEA INSTITUTE OF PHARMACEUTICAL SCIENCES**
At: Radharamanpur, P.O.- Khuntuni, Cuttack, Odisha - 754029
**APPOINTMENT**
The interested candidates for the Post of Principal and Professor, Associate Professor, Assistant Professor in Pharmaceutics, Pharmachemistry, Pharma Analysis, Pharmacology and Pharmacognosy are to apply online **(e-mail ID: chairmanpipsbdp@gmail.com)** with Resume along with all testimonials, Pharmacy registration, teaching experiences, PAN Card, Aadhaar Card, Colour Passport Size Photograph etc. on or before 01.12.2020 for newly open B.Pharm & D.Pharm course. Qualification, experience & salary as per PCI/BPUT/Govt. of Odisha norms.
Chairman
Panacea Institute of Pharmaceutical Sciences (PIPS)

भारतीय प्रौद्योगिकी संस्थान, भुवनेश्वर
**INDIAN INSTITUTE OF TECHNOLOGY, BHUBANESWAR**
**9th ANNUAL CONVOCATION**
9th Annual Convocation of the Institute will be held on **4th December, 2020** at Institute Campus, Argul, Khordha. Shri Ramesh Pokhriyal 'Nishank', Minister of Education, Govt. of India has kindly agreed to grace the occasion as Chief Guest. Degree recipients are requested to visit the Institute website and follow the link **https://www.iitbbs.ac.in/convocation2020** for further information, updates and to complete the requisite formalities for attending the convocation.
Registrar

**PARADIP PORT TRUST**
**CORRIGENDUM TO e-TENDER CALL NOTICE**
E-tenders are invited on behalf of Paradip Port Trust for the work **"Establishment of 400 Bedded Super Specialty Hospital at Paradip Port with an option to develop Medical College and further expansion of hospital on PPP basis"**. The last date & time of submission of tender **20.01.2021 on 14.00 Hrs.** For details, please refer website : **http://eprocure.gov.in/eprocure/app.**
Chief Medical Officer
PPT/PR/325/2020-21, Dt.27.11.2020

**PARADIP PORT TRUST**
**e-TENDER CALL NOTICE (e-TCN)**
Name of the work : **"Providing Assistance for Berthing/Unberthing of Vessels and other Marine Operations at Paradip Port Trust for a period of 03 Years".** Estimated cost : **Rs.3,91,66,000/-.** Last date & time of submission of tender through online bidding is 1500 hours on Dt.17.12.2020. For further details, please log on to the website : **https://eprocure.gov.in/eprocure/app.**
Dy.Conservator
PPT/PR/327/20-21 Dt.27.11.2020

**PANCHAYAT SAMITI, SEMILIGUDA**
No. 4662/VII-03/2020 **SHORT TENDER NOTICE** Date: 26.11.2020
The Block Development Officer, Semiliguda invites sealed tenders on percentage rate basis in conformity with the Tender Call Notice (TCN) No. 4659/VII-3/2020, dated 26.11.2020 from the registered contractors of State PWD/WR/Rural Works/NH/MI/CPWD for the following work.

| Sl. No. | Name of the Work | Estiamted Amount put to tender (in Rs.) | EMD to be Deposited (in Rs.) | Cost of Tender Paper (in Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Box Cell Bridge along the road towards Tahasil Office, Semiliguda | 44,09,368/- | 45,000/- | 6,000/- | "B" & "A" | 5 (Five) Months |

Sale of Tender Papers : 27.11.2020 to 07.12.2020 from 10.00 A.M. to 1.00 P.M. on working days
Receipt of Tender Papers : Till 07.12.2020 upto 3.00 P.M.
Opening of Tender Papers : 08.12.2020 at 11.00 A.M.
The details of the tender call notice is available in the website 'http//www.koraput.nic.in'.
Sd./- Block Development Officer, Semiliguda

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 7ରେ ପ୍ଲଟ ନଂ – E/252 ଟିକୁ ଶ୍ରୀ ଅଶୋକ କୁମାର ବାଜୋରିଆ, ପିତା – ୰ ଚିରଞ୍ଜିଲାଲ ବାଜୋରିଆ, ସା – ଜଗନ୍ନାଥ ବଲ୍ଲଭ, ପୋ – ବକ୍ସି ବଜାର, ଥା – ଲାଲବାଗ, ଜିଲ୍ଲା – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଅଶୋକ କୁମାର ବାଜୋରିଆ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ପିସ୍ତା ଦେବୀ ଅଗ୍ରୱାଲ, ସ୍ୱାମୀ – ଘନଶ୍ୟାମ ଦାସ ଅଗ୍ରୱାଲ, ମାର୍ଫତ – ଅମରନାଥ ଷ୍ଟୋର, ରେଣୁକା ବାପ ପୁଅ ଶାଢୀ ସେଣ୍ଟର ନିକଟ, ଚୌଧୁରୀ ବଜାର, ପୋ – ବକ୍ସି ବଜାର, ଥା – ପୁରୀଘାଟ, ଜିଲ୍ଲା – କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।
ସଚିବ

**ସର୍ବସାଧାରଣ ବିଜ୍ଞପ୍ତି**
ICICI Bank
ICICI Bank Limited
ପଞ୍ଜୀକୃତ କାର୍ଯ୍ୟାଳୟ: ଲ୍ୟାଣ୍ଡମାର୍କ, ରେସ୍ କୋର୍ସ ସର୍କଲ, ଭଦୋଦରା ୩୯୦୦୦୭।
କର୍ପୋରେଟ୍ କାର୍ଯ୍ୟାଳୟ: ଆଇସିଆଇସିଆଇ ବ୍ୟାଙ୍କ ଟାୱାର୍ସ, ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ, ମୁମ୍ବାଇ ୪୦୦ ୦୫୧ ।
**ସୁନା ନିଲାମ ତଥା ଆମନ୍ତ୍ରଣ ବିଜ୍ଞପ୍ତି**
ନିମ୍ନବର୍ଣ୍ଣିତ ଋଣଗ୍ରହୀତାମାନଙ୍କୁ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍ (''ଆଇସିଆଇସିଆଇ ବ୍ୟାଙ୍କ'')ଠାରୁ ସେମାନେ ହାସଲ କରିଥିବା ସୁନା ଅଳଙ୍କାର ବଦଳରେ ସୁବିଧା (''ସୁବିଧା'') ବାବଦୀୟ ବକେୟା ଅର୍ଥରାଶି ପୈଠ କରିବା ଲାଗି ନୋଟିସ ଜାରି କରାଯାଇଥିଲା। ସେମାନେ ବକେୟା ଦେୟ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ସେମାନଙ୍କ ଦ୍ୱାରା ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାରଗୁଡ଼ିକର ନିଲାମ **ଡିସେମ୍ବର ୦୮, ୨୦୨୦** ଦିନ ସଞ୍ଚାଳନ କରିବା ଲାଗି ଆମେ ବାଧ ହେଉଛୁ। କୌଣସି ଆଗୁଆ ନୋଟିସ ବିନା ଖାତାକୁ ଅପସାରିତ କରିବା/ନିଲାମ ତାରିଖକୁ ବଦଳାଇବାର ପ୍ରାଧିକାର ଆଇସିଆଇସିଆଇ ବ୍ୟାଙ୍କର ରହିଛି । ନିଲାମ୍ ଅନ୍‌ଲାଇନ୍ – **https://jewel-auction.procuretiger.com**ରେ ଅପରାହ୍ନ **୧୨.୩୦ ଘଟିକାରୁ ୩.୩୦ ଘଟିକା** ମଧ୍ୟରେ ସଞ୍ଚାଳନ କରାଯିବ। ସବିସ୍ତୃତ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ପ୍ରଦତ୍ତ ୱେବସାଇଟ୍‌ରେ ଲଗ୍ ଇନ୍ କରନ୍ତୁ । ମୃତ ଋଣଗ୍ରହୀତାଙ୍କ କ୍ଷେତ୍ରରେ, ସମସ୍ତ ସର୍ତ୍ତାବଳୀ ଆଇନଗତ ଉତ୍ତରାଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ହେବ ।

| ଋଣ ଖାତା ନଂ. | ଗ୍ରାହକଙ୍କ ନାମ |
|---|---|
| ଶାଖାର ନାମ: ବାଲିଗୁଠ | |
| ୨୬୪୯୦୫୦୦୧୮୯୧ | ପ୍ରଭାସ ଗନ୍ଥାୟତ |
| ଶାଖାର ନାମ: ବ୍ରହ୍ମପୁର- ମେଡିକାଲ କଲେଜ ରୋଡ୍ | |
| ୧୪୯୭୦୫୦୦୨୫୩୦ | ପ୍ରଦୀପ କୁମାର ପଟ୍ଟନାୟକ |
| ଶାଖାର ନାମ: ଭବାନୀପାଟଣା | |
| ୦୭୭୭୦୫୦୦୩୭୩୮ | ଅମିତା ମହାପାତ୍ର |
| ୦୭୭୭୦୫୦୦୪୫୩୪ | ସୁରେନ୍ଦ୍ର ମିଶ୍ର |
| ୦୭୭୭୦୫୦୦୫୧୫୧ | ଲିଙ୍ଗରାଜ ଦୁବେ |
| ୦୭୭୭୦୫୦୦୫୦୩୧ | କ୍ଷୀରସିନ୍ଧୁ ମେହେର |
| ଶାଖାର ନାମ: ଭୁବନେଶ୍ୱର | |
| ୦୦୬୧୦୫୦୨୦୧୪୮ | ସତ୍ୟଜିତ ମହାପାତ୍ର |
| ୦୦୬୧୦୫୦୨୭୨୬୬ | ମନୋଜ କୁମାର ସାହୁ |
| ୦୦୬୧୦୫୦୨୭୪୭୬ | ମନୋଜ କୁମାର ସାହୁ |
| ୦୦୬୧୦୫୦୨୭୬୫୫ | ମନୋଜ କୁମାର ସାହୁ |
| ୦୦୬୧୦୫୦୨୭୭୦୦ | ମନୋଜ କୁମାର ସାହୁ |
| ୦୦୬୧୦୫୦୨୭୭୧୩ | ରାକେଶ କୁମାର ଜେନା |
| ୦୦୬୧୦୫୦୨୦୯୯୯ | ଶ୍ରୀକାନ୍ତ କୁମାର ଜେନା |
| ୦୦୬୧୦୫୦୨୩୬୩୭ | ସରୋଜ ନାୟକ |
| ୦୦୬୧୦୫୦୨୮୩୩୩ | ମନୋରଞ୍ଜନ ଜେନା |
| ୦୦୬୧୦୫୦୨୬୪୯୬ | ପୂଜା |
| ଶାଖାର ନାମ: ଭୁବନେଶ୍ୱର-କଟକ ରୋଡ୍ | |
| ୧୫୦୦୦୫୦୦୪୪୬୬ | ବିଜୟ ଦାସ |
| ଶାଖାର ନାମ: ଭୁବନେଶ୍ୱର- ନୟାପଲ୍ଲୀ | |
| ୦୨୮୪୦୫୦୦୭୬୭୮ | ସୁଶାନ୍ତ କୁମାର ମିଶ୍ର |
| ୦୨୮୪୦୫୦୦୯୭୯୦ | ଚନ୍ଦନେଶ୍ୱର ପଣ୍ଡା |
| ଶାଖାର ନାମ: ଭୁବନେଶ୍ୱର-ଖଣ୍ଡଗିରି | |
| ୧୯୭୧୦୫୦୦୧୮୮୩ | ବଳରାମ ସାହୁ |
| ଶାଖାର ନାମ: ଭୁବନେଶ୍ୱର-ବମିଖାଲ | |
| ୨୭୯୬୦୫୦୦୦୦୯୫୧ | ମନୋଜ କୁମାର ମୁଦୁଲି |
| ଶାଖାର ନାମ: ଭୁବନେଶ୍ୱର- ଚନ୍ଦ୍ରଶେଖରପୁର | |
| ୧୪୯୯୦୫୦୦୨୬୫୧ | ପ୍ରଭାତ ଚନ୍ଦ୍ର ସୂତାର |
| ୧୪୯୯୦୫୦୦୨୨୭୪ | ଚିତ୍ରସେନ ନାୟକ |
| ୧୪୯୯୦୫୦୦୩୪୦୦ | ସୁଶୀଳା ଦାସ |
| ଶାଖାର ନାମ: ଭୁବନେଶ୍ୱର- ପଟିଆ | |
| ୩୬୯୧୦୫୦୦୦୧୭୭ | ଦୀନେଶ କୁମାର ରଥ |
| ୩୬୯୧୦୫୦୦୦୨୮୫ | ଦୀନେଶ କୁମାର ରଥ |
| ଶାଖାର ନାମ: ଭୁବନେଶ୍ୱର- ବିବେକାନନ୍ଦ ମାର୍ଗ | |
| ୬୫୮୬୦୫୬୦୨୨୬୪ | ଭିମଲା ବେନ୍ ପଟେଲ |
| ଶାଖାର ନାମ: ବଲାଙ୍ଗୀର | |
| ୦୫୨୫୦୫୦୦୬୯୮୩ | ସୁମିତ୍ରା ଗିଧି |
| ୦୫୨୫୦୫୦୦୭୦୦୩ | କୌଶଲ୍ୟା କୁମାର |
| ୦୫୨୫୦୫୦୦୭୦୦୭ | ଧୀରେନ୍ଦ୍ର କୁମାର ପଟେଲ |
| ଶାଖାର ନାମ: ବଣାଇଗଡ଼ | |
| ୩୦୬୨୦୫୦୦୦୯୩୪ | ସୁଦର୍ଶନ କୁମାର ସାହୁ |
| ୩୦୬୨୦୫୦୦୧୫୧୭ | ମମତାମୟୀ ବେହେରା |
| ଶାଖାର ନାମ: ଚଣ୍ଡିଖୋଲ | |
| ୨୦୩୪୦୫୦୦୯୧୩୦ | ହରିହର ନାଥ |
| ୨୦୩୪୦୫୦୦୯୫୯୩ | ସନ୍ତୋଷ ରାଉତ |
| ଶାଖାର ନାମ: ଚନ୍ଦ୍ରଗିରି | |
| ୩୮୯୪୦୫୦୦୧୬୯୦ | ଭାରିମଲ ନାୟକ |
| ୩୮୯୪୦୫୦୦୧୬୯୧ | ଭାରିମଲ ନାୟକ |
| ଶାଖାର ନାମ: ଛତ୍ରପୁର | |
| ୨୦୩୬୦୫୦୦୧୭୨୬ | ରାଜେନ୍ଦ୍ର କୁମାର ନାୟକ |
| ଶାଖାର ନାମ: ଡିକିଟି | |
| ୩୨୬୮୦୫୦୦୨୩୧୨ | ଅବିନାଶ ପଣ୍ଡା |
| ଶାଖାର ନାମ: ଡୁବୁରି | |
| ୨୦୨୩୦୫୦୦୦୮୫୪ | ଦୁର୍ଗାଶିଷ ମଙ୍ଗରାଜ |
| ଶାଖାର ନାମ: ହିଞ୍ଜିଳିକାଟୁ, ଓଡ଼ିଶା | |
| ୩୨୭୦୦୫୦୦୦୭୮୭ | କେ ବିନୋଦ ପାତ୍ରୋ |
| ଶାଖାର ନାମ: ଜଟଣୀ | |
| ୧୯୮୫୦୫୦୦୨୯୨୭ | ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ |
| ଶାଖାର ନାମ: ଝାରସୁଗୁଡ଼ା | |
| ୦୪୬୮୦୫୦୦୩୪୭୭ | ସଦାଶିବ ପରିଡ଼ା |
| ୦୪୬୮୦୫୦୦୩୭୦୩ | ରୋଶନ ସରାଫ |
| ୦୪୬୮୦୫୦୦୩୭୬୬ | ସୂର୍ଯ୍ୟନାରାୟଣ ରାଉତ |
| ଶାଖାର ନାମ: କରଞ୍ଜିଆ | |
| ୩୦୪୫୦୫୦୦୦୬୭୯ | ସାଇଦା ବିବି |
| ଶାଖାର ନାମ: କୃଷ୍ଣାନନ୍ଦପୁର, ଓଡ଼ିଶା | |
| ୩୨୭୩୦୫୦୦୬୦୮୦ | ଏସ୍‌କେ ଲୋକମାନ ଅଲୀ |
| ୩୨୭୩୦୫୦୦୬୧୨୬ | ଏସ୍‌କେ ଲୋକମାନ ଅଲୀ |
| ଶାଖାର ନାମ: ମୋହନା | |
| ୩୨୭୭୦୫୦୦୦୮୭୯ | ପ୍ରଭାତ କୁମାର ସିଂହ |
| ୩୨୭୭୦୫୦୦୧୩୦୯ | ପ୍ରଭାତ କୁମାର ସିଂହ |
| ଶାଖାର ନାମ: ନୟାଗଡ଼ | |
| ୦୭୮୦୦୫୦୦୮୪୮୧ | ନବକିଶୋର ନନ୍ଦ |
| ଶାଖାର ନାମ: ପ୍ରତାପଶାସନ, ଓଡ଼ିଶା | |
| ୩୬୮୫୦୫୦୦୧୧୫୦ | ସୁପ୍ରିୟା ସାହୁ |
| ୩୬୮୫୦୫୦୦୧୧୯୮ | ସୁପ୍ରିୟା ସାହୁ |
| ୩୬୮୫୦୫୦୦୦୬୭୩ | ଭାସ୍କର ପାତ୍ର |
| ଶାଖାର ନାମ: ରାଇଘର, ଓଡ଼ିଶା | |
| ୩୨୬୨୦୫୦୦୦୨୮୧ | ହରେନ ହାଲଦାର |
| ୩୨୬୨୦୫୦୦୩୧୬୦ | ଦେବବ୍ରତ ବରାଇ |
| ୩୨୬୨୦୫୦୦୨୯୫୨ | ହରବିଳାସ ମଣ୍ଡଳ |
| ଶାଖାର ନାମ: ରାଉରକେଲା - ଛେଣ୍ଡ | |
| ୧୮୯୧୦୫୦୦୦୯୭୮ | ସନ୍ଦୀପ କୁମାର ବେହେରା |
| ୧୮୯୧୦୫୦୦୧୧୨୮ | ସନ୍ଦୀପ କୁମାର ବେହେରା |
| ୧୮୯୧୦୫୦୦୧୩୨୦ | ମିଲି ବେହେରା |
| ଶାଖାର ନାମ: ରାଉରକେଲା - କୋଏଲ ନଗର | |
| ୨୫୨୧୦୫୦୦୦୯୦୪ | ଅରୁଣ କୁମାର ଘୋଷ |
| ୨୫୨୧୦୫୦୦୦୭୦୭ | ଅସ୍ମିତା ବେହେରା |
| ୨୫୨୧୦୫୦୦୦୮୫୩ | ସିଏଚ୍ ସନ୍ତୋଷ ଦୋରା |
| ଶାଖାର ନାମ: ରାଉରକେଲା | |
| ୦୧୯୫୦୫୦୧୧୦୦୫ | ଭେଙ୍କଟେଶ୍ୱର |
| ଶାଖାର ନାମ: ସୋନପୁର, ଓଡ଼ିଶା | |
| ୩୬୯୦୦୫୦୦୦୩୬୨ | କିଶୋର ଚନ୍ଦ୍ର ପ୍ରଧାନ |
| ଶାଖାର ନାମ: ଟାଙ୍ଗୀ | |
| ୩୨୫୯୦୫୦୧୩୧୬୯ | ମଙ୍ଗୁଳି ଚରଣ ବେହେରା |
| ଶାଖାର ନାମ: ତେଲେନପାଲି, ଓଡ଼ିଶା | |
| ୩୬୭୯୦୫୦୦୦୬୮୪ | ସୁଜାତା ସ୍ୱାଇଁ |

ତାରିଖ: ୨୮।୧୧।୨୦୨୦
ସ୍ଥାନ: ବଲାଙ୍ଗୀର, ଗଜପତି, ଗଞ୍ଜାମ, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, ଖୋର୍ଦ୍ଧା, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ସୋନପୁର, ସୁନ୍ଦରଗଡ଼
ସ୍ୱା./- ପ୍ରାଧିକୃତ ଅଧିକାରୀ
ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍ ପାଇଁ

**ମାଲକାନଗିରି ବନଖଣ୍ଡ**
ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର
ପ୍ରକୃତି କୋଳକୁ ଆସନ୍ତୁ, ପର୍ଯ୍ୟଟନ ସ୍ଥଳୀ, ମାଲକାନଗିରି
ମାଲକାନଗିରି ଜିଲ୍ଲାର ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ସତୀଗୁଡ଼ା ଓ ଚିତ୍ରକୋଣ୍ଡା ଭ୍ରମଣ କରନ୍ତୁ। ଏହାର ଶାନ୍ତ ଓ ନୀରବ ପରିବେଶକୁ ଉପଭୋଗ କରନ୍ତୁ। ଏଠାରେ ଭ୍ରମଣ ନିମନ୍ତେ ସମସ୍ତ ପ୍ରକାର ଆବଶ୍ୟକୀୟ ସୁବିଧା ସୁଯୋଗ ଉପଲବ୍ଧ ଅଛି। ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ବନ ବିଭାଗ ସହାୟତାରେ ସ୍ଥାନୀୟ ଗୋଷ୍ଠୀ ଦ୍ୱାରା ପରିଚାଳିତ।



ସତୀଗୁଡ଼ା ପର୍ଯ୍ୟଟନ ସ୍ଥଳୀ



ଚିତ୍ରକୋଣ୍ଡା ପର୍ଯ୍ୟଟନ ସ୍ଥଳୀ

ଅନ୍ୟାନ୍ୟ ଆକର୍ଷଣ: ସୁନ୍ଦର ବଗିଚା, ନୌବିହାର, ଆଦିବାସୀ ସଂଗ୍ରହାଳୟ, ନଦୀ ବନ୍ଧର ଦୃଶ୍ୟ, ବିହଙ୍ଗ ଅବଲୋକନ, ଦର୍ଶନ ଗମ୍ବୁଜ, ଚଲାବାଟ ଆଦିର ସୁବିଧା ରହିଛି। ପାଖରେ ଥିବା ଅନ୍ୟ ଦର୍ଶନୀୟ ସ୍ଥାନ: ଗୁରୁପ୍ରିୟା ସେତୁ, ବାଲିମେଳା ବନ୍ଧ, ଇଲେକ୍ଟ୍ରି ଉତ୍ପାଦନ କେନ୍ଦ୍ର, ଏକାଯୋଡ଼ି ଜଳ ପ୍ରପାତ, ଗୁମାଝରଣ ଜଳ ପ୍ରପାତ, ଆମାକୁଣ୍ଡ ଝରଣା ଇତ୍ୟାଦି।
ରହିବା ବ୍ୟବସ୍ଥା ଅନ୍‌ଲାଇନ୍ ମାଧ୍ୟମରେ ସଂରକ୍ଷଣ କରିପାରିବେ।
**Online at www.ecotourodisha.com**
ଅଧିକ ଅନ୍ୱେଷଣ ଓ ସମ୍ପର୍କ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ହିମାଂଶୁ ଶେଖର ସାହୁ, ଚଳମାନ ସଂଖ୍ୟା: ୯୪୩୮ ୧୭୧୫୧୭
ଧନ୍ୟବାଦ ସହ: ଖଣ୍ଡୀୟ ବନାଧିକାରୀ, ମାଲକାନଗିରି

**GOVERNMENT COLLEGE OF ENGINEERING, KEONJHAR**
( A Constituent College of BPUT, Odisha)
At : Jamunalia, P.O.: Old Town, Dist., Keonjhar, Pin: 758002 (Odisha)
Tel:06766-213180 / Web: www.gcekjr.ac.in / Mail id- principal@gcekjr.ac.in
No.1154Date: 27/11/2020
**NOTICE FOR REPORTING OF CANDIDATES FOR ADMISSION INTO 1ST YEAR B.TECH FOR THE ACADEMIC SESSION 2020-21**
The candidates allotted by OJEE-2020 for admission in this college for 1st year B.Tech in the academic session 2020-21 are required to report to the college for admission from 02.12.2020 to 10.12.2020 branch-wise. The details on date of reporting,documents to be submitted, fee to be deposited, fee structure, etc. are available on the college website **www.gcekjr.ac.in**.
*Sd/- Principal, Government College of Engineering, Keonjhar*

**S.C.S. COLLEGE (AUTONOMOUS), PURI**
**ADMISSION NOTICE: 2020-21**
No. CAD-817: Applications are invited for admission into the following Self-Financing Courses offered under Utkal University for the Session 2020-21 (PPP). The Admission into 2 Yr. MBA Course shall be made through Odisha JEE - 2020.

| Course | Annual Fee | Eligibility |
|---|---|---|
| 3 Yr. BBA Bachelor of Business Administration | Rs.15,000/- | Minimum 40% in +2 or equivalent in any Stream |
| MBA Master of Business Administration | Rs.45,000/- | ODISHA JEE 2020 |

**Scholarship: Available for eligible SC, ST, OBC & Minority Category.**
The application form for BBA can be obtained from the College on all working days on payment of Rs.100/- and the form duly filled in all respect should reach the Principal on or before 04.12.2020.
OIPR-11021/11/0003/2021
PRINCIPAL
7873692880, 9439616026, 9776242247, 8917663919

## ଖିଲିଖିଲି ହସ

(ବ୍ୟାଙ୍କ ମ୍ୟାନେଜର ଏବଂ ସାଣ୍ଟା ମଧ୍ୟରେ କଥାବାର୍ତ୍ତା)

**ବ୍ୟାଙ୍କ ମ୍ୟାନେଜର :** ଦେଖନ୍ତୁ ସାଣ୍ଟା ବାବୁ, ଆପଣ ଯେତିକି କ୍ୟାସ ନେବାକୁ ଚାହୁଁଛନ୍ତି ତାହା ଆମ ପାଖରେ ଏବେ ନାହିଁ। କାରଣ କିଛି ସମୟ ପୂର୍ବରୁ କ୍ୟାଶ ଶେଷ ହୋଇଯାଇଛି।


**ସାଣ୍ଟା :** ମତେ କିନ୍ତୁ ଏବେ କ୍ୟାଶ ଦରକାର।

**ବ୍ୟାଙ୍କ ମ୍ୟାନେଜର :** ଦେଖନ୍ତୁ ଆପଣ ରାଗନ୍ତୁ ନାହିଁ ଶାନ୍ତି ସହ କଥାବାର୍ତ୍ତା କରନ୍ତୁ।

**ସାଣ୍ଟା:** ଠିକ୍ ଅଛି ଶାନ୍ତିକୁ ଡାକନ୍ତୁ, ମୁଁ ତାଙ୍କ ସହ କ୍ୟସ୍ ବିଷୟରେ କଥା ହେବି।

**ପୋ**ଲିଓ ଟିମ୍ ଘରକୁ ଆସିବା ଦେଖି ହରି ପଚାରିଲା ଆରେ ବନ୍ଧୁକ ଆଉ ଛୁରି କୁଆଡ଼େ ଗଲେ। ଏକଥା ଶୁଣି ପୋଲିଓ ଟିମ୍‌ର ସଦସ୍ୟ ଦୌଡ଼ି ପଳାଇ ଯାଉଥିଲେ। ଏହା ଦେଖି ହରି ବଡ଼ ପାଟିଲେ କହିବାକୁ ଲାଗିଲା ଆରେ କୁଆଡ଼େ ପଳାଇ ଯାଉଛ, ବନ୍ଧୁକ ଆଉ ଛୁରି ହେଉଛି ମୋ ପିଲାଙ୍କ ନାଁ।

## ଆଇନା



ସୌମ୍ୟାସ୍ମିତା
୧୦ ବର୍ଷ

## କବିତା

### ଡଙ୍ଗାରେ ଡଙ୍ଗାଟୁ

ଡଙ୍ଗାରେ ଡଙ୍ଗାଟୁ ଯାଆରେ ଭାସି
ଭାସି ଭାସି ଯିବୁ ହୋଇ ତୁ ଖୁସି।
ନଈରେ ଯିବୁ ତୁ ନାଳରେ ଯିବୁ,
ନ ଡରି ସମୁଦ୍ର ନଈର ସୁଅ
ଏମାଟିର ପୁଅ ସାହସୀ ଭାରି,
ଯାଏ ସେ ବିଦେଶ ବାଣିଜ୍ୟ କରି।
ମାଟି କଥା ଚିନ୍ତା କରୁ ଯେ ଥିଲା ,
ଧନରତ୍ନେ ଦେଶ ଭରିଣ ଥିଲା।
ଆମ ଉତ୍ପାଦିତ ଦରବ ସବୁ,
ବିଦେଶୀଙ୍କ ମନ ହରଇ ସବୁ।
କଣ୍ଟିଲୋର କଂସା ବାସନ ନେଇ,
ଯାଉଥିଲା ସବୁ ବୋଇତେ ବୋହି।
କାର୍ତ୍ତିକ ପୂର୍ଣ୍ଣମା ତିଥିରେ ପରା,
ଯାଉଥିଲା କରି ବାଲିଯାତରା।



ଯାଇଛି ସେ ଦିନ ରହିଛି ଚିହ୍ନ,
ସବୁ କଥା ଲାଗେ ସତେ ସପନ।
ହେ ଡଙ୍ଗା ମୋର ତୋ ପାଶେ ଅଳି,
ଅତୀତକୁ ସତେ ଆଣିବୁ ପୁଣି।

*–ଅରୂପ କୁମାର ବିଶ୍ୱାଳ,*
ପାରାଦୀପ, ଜଗତ୍‌ସିଂହପୁର

### କିଏ ହେବ ଶୀତ ପରି

ନରମ ଖରାଟି ଭାରି ମନୋରମ
ଦେହକୁ ବାଧୁନି ଆଉ
ଶୀତ ଆସିଲାଣି ଗୀତ ଗାଇ ଗାଇ
ବରଷଟା ଯାଉ ଯାଉ।
କଅଁଳ ଘାସରେ କାକର ଟୋପାଟି
ଆକାଶୁ ପଡୁଛି ଝରି
ସୁନେଲି କିରଣେ ଦିଶେ ଝଲମଲ
ମୁକୁତା କି ହେବ ସରି।
ଫୁଟିଲାଣି ଫୁଲ ବାଡି ବଗିଚାରେ
ଏକ ଆରକେକୁ ବଳି
ନାଲି ହଳଦିଆ ଗୋଲାପି ରଙ୍ଗ ଯେ
କିଏ ସେ ଦେଇଛି ବୋଳି।
ରେଜେଇ ଚାଦର ସୁଇଟର ଟୋପି
ପେଡିରୁ କାଢ଼ିଲେ ମୁହଁ
ସୂରଜ ତାପରେ ଅସଲକୁ ତେଜି
ସେକି ହେଉଛନ୍ତି ଦେହ।
ବୋଉ କହୁଥିଲା ଏଇ ସନ କାଳେ
ଶୀତଟା ସାଧିବ ଦାଉ
କରୋନା କରିବ ଭାରି ହୀନିମାନ
ଜଗି ନ ଚଳିଲେ ଆଉ।
କାଲୁଆ ପାଗକୁ ନ ଡରି ଆଉ ମୁଁ
ନିଇତି ମାଜିବି ଦେହ
ଥଣ୍ଡା କାଶ ମୋର ମାଡିବେନି ପାଖ
ଘୋଡେଇ ରଖିଲେ ମୁହଁ।
ଶୀତର ନିୟମ ହେଲେ ବେନିୟମ
ଶୀତ ହେବ ମୋର ଅରି
ଶୀତ ସହ ଯେବେ ବସିବି ସଙ୍ଗାତ
କିଏ ହେବ ଶୀତ ପରି।

*–ଛନ୍ଦା ମିଶ୍ର, ୩–ଆର୍/୬,*
ବିଜେବି ନଗର, ଭୁବନେଶ୍ୱର

### ବୋଉ

କାର୍ତ୍ତିକ ମାସର ପାହାନ୍ତି ସକାଳୁ
ପବିତ୍ର ପକାଏ ବୋଉ,
ସକାଳର ଖରା ଡେରିରେ ଆସଇ
ବୋଉ ହାତ ଧୋଉ ଧୋଉ।
ଫୁକିଆ ତାରାର ଫିକା ଆଲୁଅରେ
ବୋଉ ବସି ଆଙ୍କେ ଝୋଟି,
ଗଛର ପତର ଆଖି ମଳୁଥାନ୍ତି
ନିଦରୁ ସଅଳ ଉଠି।
ଅଙ୍ଗାର କଳାରେ ଶୁଖା ପତରରେ
ନାଲି ଇଟା ଖଣ୍ଡେ ଘୋରି,
ବୋଉ ରଖିଥାଏ ମୁରୁଜ ତିଆରି
ଖରାରେ ସୁଖେଇ କରି ।
ଆକାଶ ଦୀପକୁ ସଜ କରେ ବୋଉ
ମାଟି ଠେକି ଟିଏ ଆଣି,
ପିତୃ ପୁରୁଷଙ୍କୁ ଦୀପ ଟିଏ ଜାଳି
ଭକତିରେ ଦିଏ ଟାଣି ।
ପୁଣ୍ୟ କାର୍ତ୍ତିକରେ ହବିଷ ପାଳଇ
ବକତେ ଦିନରେ ଖାଇ,
ସାରା ଆୟୁଷକୁ ଆମ ସୁଖ ପାଇଁ
ଦିଅଁ ପାଖେ ଦିଏ ଥୋଇ ।

*–ତପନ କୁମାର ସ୍ୱାଇଁ*
*ଅଇବିଲି, ତିର୍ତ୍ତୋଲ*

### ଶୀତୁଆ ସକାଳ

କାର୍ତ୍ତିକରେ ଶୀତ ଆସିଛିରେ ମିତ
ଆସରେ ଗାଇବା ଗୀତ
ପତର ଉପରେ କାକରର ଟୋପା
ମନକୁ କରେ ମୋହିତ।
ଶୀତର ସକାଳ କୁନା ମୁନା ପାଇଁ
ସାଜିଛି ଯମର ଦଣ୍ଡ
କମ୍ବଳ ଭିତରୁ ବାହାରିବେ ନାହିଁ
ଖରାପ କରନ୍ତି ମୁଣ୍ଡ।
ପୂରୁବ ଦିଗକୁ ଫଟାଇ ଦେଇଣ
ଆସଇ ସୂରୁଜ ଉଇଁ
ଚଷା ବାପୁଡାର ଧାନ ଅମଳରେ
ମନ ହୁଏ ହାଇଁପାଇଁ।
ଚଷାର ଘରଣୀ ନିଆଁ ଲୁଣ୍ଡା ଦେଇ
ଚୁଲିରେ ହାଣ୍ଡି ବସାଏ
ମଥାନ ଉପର ପତ୍ର ଗହଳିରୁ
ଧୂଆଁ ଶୋଭା ପାଉଥାଏ।
କି କହିବି ଆଉ ମୋ ଗାଆଁର କଥା
ଶୀତ ସକାଳ ଚରିତ
ଦୁଃଖ ହରିନିଏ ଶୁଖୁଆ ଭଜାକୁ
ଗରମ ପଖାଳ ଭାତ।

*–ବିଜୟଲକ୍ଷ୍ମୀ ପାଣିଗ୍ରାହୀ,*
*ଜୟପୁର, କୋରାପୁଟ*

## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ଶୀର୍ଷାସନରେ ତୀରଚାଳନା



ପିଲାମାନେ ତୁମେ ସମସ୍ତେ ତୀରଚାଳନା ଦେଖିଥିବ। ସାଧାରଣତଃ ହାତରେ ସମସ୍ତେ ତୀର ଚଳାଇଥାନ୍ତି। କିନ୍ତୁ କିଛି ଲୋକ ବି ଅଛନ୍ତି ଯେଉଁମାନେ ଗୋଡ଼ରେ ତୀର ଚଳାଇବା ବି ଅଭ୍ୟାସ କରିଥାନ୍ତି। ଗୋଡ଼ରେ ତୀର ଚଳାଇ ଅନେକ ବି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କିନ୍ତୁ ଏବେ ଜଣେ ବ୍ୟକ୍ତି ଶୀର୍ଷାସନ ମୁଦ୍ରାରେ ରହି ତୀର ଚଳାଇ ଲକ୍ଷ୍ୟଭେଦ କରିବାକୁ ସକ୍ଷମ ହୋଇଛନ୍ତି। ଏଥିପାଇଁ ସେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ବି ନିଜ ନାଁ ସାମିଲ କରି ପାରିଛନ୍ତି। ଏଭଳି ରେକର୍ଡର ଅଧିକାରୀ ହୋଇଛନ୍ତି ଆମେରିକାର ବ୍ରିଟିନୀ ୱାର୍ଲସ। ବ୍ରିଟିନୀ ଶୀର୍ଷାସନ ମୁଦ୍ରାରେ ତଳେ ହାତ ରଖି ଗୋଡ଼ ଉପରକୁ କରି ୪୦ ଫୁଟ ଦୂରକୁ ଲକ୍ଷ୍ୟ ଭେଦ କରି ପାରିଛନ୍ତି। ୫.୫ ଇଞ୍ଚ ସର୍କଲରେ ସେ ତୀର ଚଳାଇ ଗିନିଜ୍ ବୁକ୍‌ରେ ସ୍ଥାନ ପାଇଛନ୍ତି। ଏଭଳି ଏକ ରେକର୍ଡ ନିମନ୍ତେ ବ୍ରିଟିନୀଙ୍କୁ ବହୁ ଦିନ ଧରି ଟ୍ରେନିଂ ନେବା ସହିତ ଏକାଗ୍ରତାର ସହିତ ଅଭ୍ୟାସ କରିଛନ୍ତି ବୋଲି କହିଛନ୍ତି। ବ୍ରିଟିନୀଙ୍କ ପୂର୍ବରୁ ୨୦୧୨ରେ ଆର୍ଜେଣ୍ଟିନାର କ୍ଲୋଡିଆଙ୍କ ୧୮ ଫୁଟ ଦୂରରୁ ଲକ୍ଷ୍ୟଭେଦ କରି ଏଭଳି ରେକର୍ଡ କରିଥିଲେ। ସେହିପରି ୨୦୧୪ ମସିହାରେ କାଲିଫର୍ନିଆର ନୈନ୍‌ସୀ ସିପକର କ୍ଲୋଡିଆଙ୍କ ରେକର୍ଡ ଭାଙ୍ଗି ୨୦ ଫୁଟ ଦୂରରୁ ତୀରଚାଳନା କରି ଗିନିଜ୍ ବୁକ୍‌ରେ ନିଜ ନାଁ ଦାଖଲ କରିଥିଲେ।

## ମତାମତ

▶ପିଲାଙ୍କ ଧରିତ୍ରୀ ପୃଷ୍ଠାରେ କହିଲ ଦେଖି ସ୍ତମ୍ଭଟି ବହୁତ ଭଲ ଲାଗୁଛି। ଏଥର କାର୍ତ୍ତିକ ମାସକୁ ବିଭିନ୍ନ ଭାବରେ ସୁନ୍ଦରଭାବେ ବର୍ଣ୍ଣନା କରାଯାଇଥିଲା।
*–ଗୀତାଞ୍ଜଳି ନାୟକ, ରାଜାବଗିଚା, କଟକ*

▶ଏଥରର କବିତାଗୁଡ଼ିକ ବହୁତ ସୁନ୍ଦର ଲାଗିଲା। କବିତା ମାଧ୍ୟମରେ ବହୁ ଶିକ୍ଷଣୀୟ କଥା ସ୍ଥାନ ପାଇଥିଲା।
*–ରାଲୁସ୍ମିତା ସ୍ୱାଇଁ, କଲ୍ୟାଣପୁର, ଭୁବନେଶ୍ୱର*


▶ଗପ ମାଧ୍ୟମରେ ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ମହୁମାଛିଙ୍କ ସମ୍ପର୍କରେ ସୁନ୍ଦର ଲେଖା ପ୍ରକାଶ ପାଇଥିଲା।
*–ଶିଶିର କୁମାର, ତିର୍ତ୍ତୋଲ, ଜଗତ୍‌ସିଂହପୁର*

▶କାର୍ଟୁନ ସ୍ତମ୍ଭରେ 'ଟଗଲା ଭୀମୁ' ବେଶ୍ ମନଛୁଆଁ ହୋଇପାରିଛି।
*–ଶାନ୍ତନୁ ସ୍ୱାଇଁ, ବମିଖାଲ, ଭୁବନେଶ୍ୱର*

▶ପିଲାଙ୍କ ଧରିତ୍ରୀ ପୃଷ୍ଠାର କବିତାଗୁଡ଼ିକ ଛୋଟ ଛୋଟ ହୋଇଥିବାରୁ ମତେ ପଢ଼ିବା ପାଇଁ ବହୁତ ଭଲ ଲାଗିଲା।
*–ସଂଘମିତ୍ରା ମହାନ୍ତି, କେନ୍ଦୁଝର*

## କହିଲ ଦେଖି

(୧)ଶରୀରରେ ରୋଗ କରିଲେ ଘର
ଯାଉ ଆମେ ତହିଁ ହୋଇ ତତ୍ପର
ରୋଗୀର ସେବାରେ ଘଣ୍ଟା ଚବିଶି
ମାନେନି କେବେ ସେ ଦିବସ ନିଶି ।।




ଉତ୍ତର :–**ଡାକ୍ତରଖାନା**

(୨)ଜ୍ଞାନୀ ଗୁଣୀଙ୍କର ଜନମ ସ୍ଥଳ
ନୀତି ଶିକ୍ଷା ଦିଏ ପୁଣି ସଂସ୍କାର
ମଣିଷ ତିଆରି ସେ କାରଖାନା
ଦେଶ ଭବିଷ୍ୟତ ତା ହାତରେ ଗଢ଼ା ।।



ଉତ୍ତର:–**ବିଦ୍ୟାଳୟ**

(୩)ଚୋରି ଡକାୟତି ହେଲେ କେଉଁଠି
ଏତଲା ଦେବାକୁ ଲୋକେ ଯାଆନ୍ତି
ଖାକିଧାରୀ ବାବୁ ସେଠି ଥାଆନ୍ତି
ଅପରାଧୀ ଧରି ଦଣ୍ଡ ଦିଅନ୍ତି



ଉତ୍ତର:–**ଥାନା**

(୪)ସକାଳ ସଞ୍ଜରେ ହୁଏ ଆରତୀ
ପୂଜା କରିବାକୁ ନନା ଥାଆନ୍ତି
ମନୋବାଞ୍ଛା ନେଇ ଭକ୍ତ ଆସନ୍ତି
ଠାକୁର ଦର୍ଶନ ସାରି ଫେରନ୍ତି



ଉତ୍ତର:–**ମନ୍ଦିର**

## ତୁମ ତୂଳୀରୁ






**–ତ୍ରିନାଥ ନନ୍ଦୀ**
କ୍ଲାସ–୯, ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲେଶ୍ୱର





**–ଅନନ୍ୟା ରୂପାଲି ତ୍ରିପାଠୀ**
କ୍ଲାସ–୬, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ





**ଗୁରୁ ପ୍ରସାଦ ବେହେରା,**
କ୍ଲାସ–୬, ସେଣ୍ଟ ଜାଭିୟର୍ସ ସ୍କୁଲ, ଭୁବନେଶ୍ୱର

## ତୁମ ପଢ଼ିବା ପାଇଁ

### ଶୁଆ–ଶାରୀ



ପ୍ରକାଶ ପାଇଛି ତ୍ରୈମାସିକ ଶିଶୁ କିଶୋର ପତ୍ରିକା ଶୁଆ–ଶାରୀ। ପିଲାମାନଙ୍କ ପଢ଼ିବା ଭଳି ଏଥିରେ ଛୋଟ ଛୋଟ ଗପ ଓ କବିତା ସୁନ୍ଦରଭାବେ ଚିତ୍ର ସହିତ ସ୍ଥାନ ପାଇଛି। ଏହା ସହିତ 'ଅବଦୁଲ୍ କଲାମ' କବିତାରେ ବୈଜ୍ଞାନିକଙ୍କ ସମ୍ପର୍କରେ ଅନେକ ଜାଣିବା କଥା ରହିଛି। ସେହିପରି ଓଡ଼ିଶାର ପ୍ରଥମ ଓକିଲ ମଧୁସୂଦନ ଦାସ ଏବଂ ଆଇନ୍‌ଷ୍ଟାଇନ୍‌ଙ୍କୁ ନେଇ ଏଥିରେ ଥିବା ଦୁଇଟି ପ୍ରବନ୍ଧରେ ପିଲାଙ୍କ ପାଇଁ ଅନେକ ଜାଣିବା କଥା ରହିଛି। ଶହୀଦ ଯବାନଙ୍କୁ ନେଇ କବିତା ବି ରହିଛି। ପରିବେଶ ସୁରକ୍ଷା, ଜଳ ସୁରକ୍ଷା ସହ ପିଲାଙ୍କ ପାଇଁ ଏଥିରେ ଅନେକ ଶିକ୍ଷଣୀୟ କଥା, ଗୀତ ଓ ଗପ ମାଧ୍ୟମରେ ସ୍ଥାନ ପାଇଛି। ପତ୍ରିକାର ପ୍ରଚ୍ଛଦ ପୃଷ୍ଠାରେ ସ୍ୱାସ୍ଥ୍ୟକର୍ମୀଙ୍କୁ ଦେବୀ ମାଆଙ୍କ ରୂପ ଦେଇ ଏକ ସୁନ୍ଦର ଚିତ୍ର ପିଲାଙ୍କୁ ନିଶ୍ଚିତ ଆକୃଷ୍ଟ କରିପାରିବ। ସମୀର କୁମାର ପାଢ଼ୀଙ୍କ ଦ୍ୱାରା ସମ୍ପାଦିତ ଏହି ପତ୍ରିକାଟିର ମୂଲ୍ୟ ରହିଛି ୨୦ ଟଙ୍କା। ଯୋଗାଯୋଗ : 'ଶୁଆ–ଶାରୀ', ଟେନସା, କ୍ୱାର୍ଟର ନଂ– ବି–୧୧୭, ସୁନ୍ଦରଗଡ଼।

## ଟଗଲା ଭୀମୁ




## କାଉ କୋଇଲି କଳି




ଗୋଟିଏ ବୁଢ଼ା ଝଙ୍କାଳିଆ ବରଗଛ ଡାଳରେ କାଉ ଓ କୋଇଲି ବସା ବାନ୍ଧି ରହୁଥିଲେ। ଦୁଇଜଣ ଉପରକୁ ଭଲ ସାଙ୍ଗ ଥିଲେ। ମାତ୍ର କେହି କାହାକୁ ସହି ପାରୁ ନ ଥିଲେ। ଅନେକ ସମୟରେ କଳିଗୋଳ କରୁଥିଲେ। କଳିର ମୁଖ୍ୟ କାରଣ ଥିଲା ଉଭୟ ନିଜ ନିଜକୁ ବଡ ବୋଲି ଭାବୁଥିଲେ। କୋଇଲି ସୁନ୍ଦର ଗୀତ ଗାଇପାରେ ବୋଲି ତା' ମନରେ ଭାରି ଗର୍ବ। ସେହିଭଳି କାଉ ପଚାଶଢା ଜିନିଷ ପରିଷ୍କାର କରି ପରିବେଶକୁ ରକ୍ଷାକରେ ବୋଲି ତା' ମନରେ ବି କାହିଁ କେତେ ଯେ ଗର୍ବ।

ଦିନେ କାଉ ମୁହଁକୁ ମୋଡି କୋଇଲିକୁ ଗାଳିଦେବାକୁ ଲାଗିଲା। 'ତୋ ଅପେକ୍ଷା ମୋର ଆଦର ଅଧିକ। ମୋତେ ଲୋକମାନେ ବହୁତ ଭଲପାଆନ୍ତି। ତୁଚ୍ଛାଟାରେ ଯାହାତୁ ଫୁଲେଇ ହେଉଛୁ –ରାଗରେ ଗରଗର ହୋଇ କାଉ କହିଲା। କୋଇଲି ତହୁଁ କହିଲା 'ତୁ ଆଉ ସେ ବଡ଼ିମା ଦେଖାନା। ମୋତେ ଛୋଟଠାରୁ ବଡ ସମସ୍ତେ ଭଲପାଆନ୍ତି। ମୋ ଗୀତର ସୁର ଅତି ମଧୁର। ମୁଁ ସୁନ୍ଦର ଗୀତ ଗାଇ ଲୋକଙ୍କୁ ଖୁସିକରେ। ତେଣୁ ମୁଁ ସମସ୍ତଙ୍କର ଅତି ପ୍ରିୟ।'

''ମୁଁ ପରିବେଶର ବନ୍ଧୁ। ପଚାଶଢା ଜିନିଷ ଖାଇ ରାସ୍ତାଘାଟ ନାଳନର୍ଦ୍ଦମା ପରିଷ୍କାର କରେ। ରୋଗରୁ ଲୋକମାନଙ୍କୁ ରକ୍ଷାକରେ। ତେଣୁ ମୁଁ ସମସ୍ତଙ୍କର ପ୍ରିୟ।''–କାଉ ଜୋରରେ କହିଲା।

''ଆଉ ତୁ ଏତେ ଫୁଲେଇ ହ,ନା ମ ! ତୁ ତ ବୁଲି ବୁଲି ଅଇଁଠା ଖାଉଛୁ। ସେଥିରେ ପୁଣି ଏତେ ଫୁଟାଣି। ଏମିତି ତୋଠାରୁ ମୁଁ ତ ଦେଖିବାକୁ ଅଧିକ ସୁନ୍ଦର।'' ଆଖି ନଚେଇ କୋଇଲି କହିଲା।

କାଉ ଏଥର ଆଉ ନିଜକୁ ସମ୍ଭାଳିପାରିଲା ନାହିଁ। ଧାଇଁ ଗଲା କୋଇଲି ପାଖକୁ। 'ତୋର ଏତେ ସାହସ ମୋତେ ଅଇଁଠାଖାଇ ବୋଲି କହିବୁ ? ଆଜି ଦେଖିବି ତୋତେ କିଏ ରକ୍ଷା କରୁଛି।'

ଆର ଏକ ଗଛରେ କଜଳପାତି ରହୁଥିଲା। କାଉ କୋଇଲିର କଳି ବିଷୟରେ ସବୁ ଲୁଚି ଲୁଚି ଶୁଣୁଥିଲା। ସେ ଆଉ ଚୁପ୍ ରହିପାରିଲା ନାହିଁ। ଉଡିଆସି ବରଗଛ ଡାଳରେ ବସିଲା। ଗୋଟିଏ କିଛି ସମାଧାନ କରିବ ବୋଲି ଉଭୟଙ୍କୁ ପାଖକୁ ଡାକିଲା। ଅବଶ୍ୟ କଜଳପାତି ବୟସରେ ବଡ ବୋଲି ତାକୁ ଉଭୟ କାଉ ଓ କୋଇଲି ମାନନ୍ତି। 'ଭାବିଛି ତମ ଦୁଇଜଣକୁ ଗୋଟିଏ କଥା କହିବି। ମାନିବ ଯଦି କୁହ'– କଜଳପାତି କହିଲା।'ହଁ, ଆମେ ତମ କଥା ମାନିବୁ।'ଏଥର କଜଳପାତି ମୁରବିପଣିଆ ଦେଖାଇ ଆରମ୍ଭ କଲା। ''ଆମେ କେହି କାହାଠାରୁ ସାନ ନୁହଁ କି ବଡ ବି ନୁହଁ। ଆମେ ସଭିଏଁ ସମାନ। ଗୋଟିଏ ଜାତିରେ ଆମର ଜନମ। ରଙ୍ଗ କଳା ହେଲେ ବି ଆମେ କେହି ଅସୁନ୍ଦର ନୁହଁ। ଭଗବାନ ଯାହାକୁ ଯେପରି ଗଢିଛନ୍ତି।

ସେହି ଭଗବାନ ହିଁ ଆମ ସମସ୍ତଙ୍କଠାରୁ ବଡ। ସେ ଯାହାକୁ ଯେପରି କର୍ମ ଦେଇଛନ୍ତି ଆମେ ସେହିଭଳି କରିବା ଉଚିତ। ତେଣୁ ଆମେ କେହି କଳିଗୋଳ କରିବାନି। ଖୁସିରେ ରହିଲେ ଶାନ୍ତିରେ ରହିବା।''

କଜଳପାତି କଥା କାଉ ଓ କୋଇଲି ବୁଝିପାରିଲେ। ଆଉ କଳିଗୋଳ ନ କରି ପରସ୍ପର ସାଙ୍ଗ ହୋଇ ରହିବେ ବୋଲି ଶପଥ କଲେ। ତେଣୁ ଆମେ ସମସ୍ତେ ଆମ ନିଜ ନିଜ କାମକୁ ବଡ ମନେକରିବା। କୋଉ କାମ ଛୋଟ ନୁହେଁ। ଆମେ ଆମ କାମ ଠିକ୍ ଭାବେ କଲେ ଆମର ମଙ୍ଗଳ ହେବ। ସୁଖ ଶାନ୍ତି ଫେରିବ। ସମସ୍ତେ ଖୁସିରେ ରହିବେ।

**–ଅଧ୍ୟାପକ ଶରତ କୁମାର ଦାସ,**
ବଡବିଲ ମହାବିଦ୍ୟାଳୟ,
ବଡବିଲ, କେନ୍ଦୁଝର

# ପାର୍ବଣରେ ଇ-କମର୍ସ ବିକ୍ରି ୫୮ ହଜାର କୋଟି

ନୂଆଦିଲ୍ଲୀ,୨୭।୧୧



ଚଳିତ ବର୍ଷ ପାର୍ବଣରେ ଦେଶର ଇ-କମର୍ସ କମ୍ପାନୀଗୁଡିକରେ ଜୋରଦାର କାରବାର ହୋଇଛି। କମ୍ପାନୀଗୁଡିକ ପ୍ରାୟ ୫୮ ହଜାର କୋଟି ଟଙ୍କାର ମୋଟ କାରବାର ହାସଲ କରିଛନ୍ତି। କରୋନା ମହାମାରୀ ଯୋଗୁ ବଜାର ପ୍ରଭାବିତ ରହିଥିଲା। ଏଭଳି ସ୍ଥିତିରେ ଇ-କମର୍ସର ଏଭଳି କାରବାର ସ୍ତର ହାସଲ ଲୋକଙ୍କ କ୍ରୟ ଟ୍ରେଣ୍ଡକୁ ଦେଖାଉଛି। ଅର୍ଥାତ ଲୋକମାନେ ଇ-କମର୍ସରୁ କ୍ରୟ ବଢାଇଥିବା ଜଣାପଡିଛି। ଗତ ବର୍ଷ ପାର୍ବଣରେ ପ୍ରାୟ ୩୫ ହଜାର କୋଟି ଟଙ୍କାର କାରବାର କମ୍ପାନୀଗୁଡିକ ହାସଲ କରିଥିଲେ। ହେଲେ ଚଳିତ ବର୍ଷ ବ୍ୟବସାୟରେ ଉନ୍ନତି ହେବା ଯୋଗୁ ଗତ ବର୍ଷ ତୁଳନାରେ ଏହା ପ୍ରାୟ ୬୫% ବଢି ୫୮ ହଜାର କୋଟି ଟଙ୍କା ଛୁଇଁଥିବା ରେଡ୍‌ସିର ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି।

ପାର୍ବଣ ପୂର୍ବ ବିକ୍ରିଠାରୁ ପାର୍ବଣ ବିକ୍ରି ବେଶ ଉନ୍ନତ ହୋଇଛି। ସେପ୍ଟେମ୍ବରରେ କମ୍ପାନୀଗୁଡିକ ୨୨ ହଜାର କୋଟି ଟଙ୍କାର ବ୍ୟବସାୟ କରିଥିଲେ। ଏହା ପାର୍ବଣରେ ୫୮ ହଜାର କୋଟିକୁ ବୃଦ୍ଧି ପାଇଛି। ପାର୍ବଣର ପ୍ରଥମ ପର୍ଯ୍ୟାୟ ବିକ୍ରିରୁ ୨୯ ହଜାର କୋଟି, ଦ୍ୱିତୀୟ ପର୍ଯ୍ୟାୟ ବିକ୍ରିରୁ ୮,୭୦୦ କୋଟି ଏବଂ ତୃତୀୟ ପର୍ଯ୍ୟାୟରେ ୧୦,୭୦୦ କୋଟି ଟଙ୍କାର ବିକ୍ରି ହୋଇଛି। ଦେଶର ଇ-କମର୍ସ କମ୍ପାନୀ ମଧ୍ୟରେ ଆମାଜନ ଏବଂ ଫ୍ଲିପକାର୍ଟ ଭଳି ସଂସ୍ଥା ରହିଛନ୍ତି। ଇ-କମର୍ସ କାରବାର ବେଶ ଆଦୃତ ହେଉଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି। ଉନ୍ନତ ମୂଲ୍ୟ, ତ୍ୱରିତ ସାମଗ୍ରୀ ପାଇବା ଏବଂ ବାହାରକୁ ଯିବାକୁ ପଡୁ ନ ଥିବାରୁ ଏହି ପ୍ଲାଟଫର୍ମରୁ କିଣିବାକୁ ଲୋକମାନେ ଆଗଭର ହେଉଛନ୍ତି।

ମୋଟ ସାମଗ୍ରୀ ମଧ୍ୟରୁ ମୋବାଇଲର ଅଂଶ ପ୍ରାୟ ୪୭% ରହିଛି। ସାମଗ୍ରୀର ସୁଲଭ ଦରରେ ମିଳୁଥିବାରୁ ଟାୟାର-୨ ସହରରେ ଗ୍ରାହକଙ୍କ ସଂଖ୍ୟା ବଢିଛି। ଏହି ସହରଗୁଡିକରେ ଗ୍ରାହକ ପ୍ରାୟ ହାରାହାରି ୬,୬୦୦ ଟଙ୍କା ଖର୍ଚ୍ଚ କରିଛନ୍ତି। ଗତ ବର୍ଷ ତୁଳନାରେ ଫ୍ୟାଶନ ସେଗମେଣ୍ଟ କାରବାର ସମାନ୍ୟ କମି ୧୩% ରହିଛି। ଏହା ଗତ ବର୍ଷ ୧୬% ରହିଥିଲା। କୋଭିଡ୍-୧୯ କଟକଣା ଲାଗି ବିବାହ ଏବଂ ଉତ୍ସବ ନ ଥିବାରୁ ଲୋକମାନେ ଫ୍ୟାଶନ କ୍ରୟ କମାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ସେହିଭଳି ହୋମ ଏବଂ ହୋମ୍ ଫର୍ନିଶିଂ ସାମଗ୍ରୀ କାରବାର ରେକର୍ଡ ଭାଙ୍ଗିଛି। ୱାର୍କଫ୍ରମ ହୋମ ଏବଂ ଷ୍ଟଡି ଫ୍ରମ ହୋମ ଯୋଗୁ ଏହି ପ୍ରଡକ୍ଟ ଚାହିଦା ବଢିଥିବା କୁହାଯାଉଛି।

# ୮ ବର୍ଗ ଋଣରେ ଚକ୍ରବୃଦ୍ଧି ସୁଧ ଛାଡ଼ ହେବ

ନୂଆଦିଲ୍ଲୀ,୨୭।୧୧



କରୋନା ମହାମାରୀ ସମୟରେ ରିଜର୍ଭ ବ୍ୟାଙ୍କ ମୋରାଟୋରିୟମ ଘୋଷଣା କରିଥିଲା। ଏହାର ଅବଧି ଅଗଷ୍ଟ ୩୧ ଯାଏ ରହିଥିଲା। ମୋଟ ୬ ମାସ ଯାଏ ଏହା ଲାଗୁ ହୋଇଥିଲା। ଏହି ସମୟରେ କିଛି ବ୍ୟାଙ୍କ ସୁଧ ଉପରେ ସୁଧ ଲାଗୁ କରିଥିବା ଦେଖାଯାଇଥିଲା। ସୁପ୍ରିମକୋର୍ଟରେ ଏ ନେଇ ପିଟିଶନ ଫାଇଲ କରାଯାଇଥିଲା। ୨ କୋଟି

**ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ**

ଟଙ୍କାର ଋଣର ସୁଧ ଉପରେ ସୁଧ ଲାଗୁ ହେବ ନାହିଁ ବୋଲି ଶୁଣାଣି ବେଳେ ସରକାର ସୁପ୍ରିମକୋର୍ଟଙ୍କୁ କହିଥିଲେ। ୮ ବର୍ଗର ଋଣ ଉପରେ ଏହାକୁ କାର୍ଯ୍ୟକାରୀ କରାଇବା ନେଇ ସମସ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, କରୋନା ଯୋଗୁ କେବଳ ଲୋକଙ୍କର ସ୍ୱାସ୍ଥ୍ୟ ସମସ୍ୟା ଉପୁଜିନାହିଁ ବରଂ ଏହା ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଏଣୁ ଏହାକୁ ବିଚାର କରି ସରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଚକ୍ରବୃଦ୍ଧି ସୁଧ ଛାଡ ହେବାକୁ ଥିବା ୮ କ୍ଷେତ୍ର ମଧ୍ୟରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ), ଶିକ୍ଷା, ହାଉସିଂ, କଞ୍ଜ୍ୟୁମର ଡ୍ୟୁରେବଲ, କ୍ରେଡିଟକାର୍ଡ, ଅଟୋମୋବାଇଲ, ପର୍ସନାଲ ଏବଂ କଞ୍ଜପଶନ ଋଣ ରହିଥିବା ଜଣାପଡିଛି।

# ୧୨୬% ସ୍ତରରେ ବିତ୍ତୀୟ ନିଅଣ୍ଟ




**ନୂଆଦିଲ୍ଲୀ,୨୭।୧୧:** ଦେଶର ବିତ୍ତୀୟ ନିଅଣ୍ଟ ୭ ମାସରେ ୯.୫୩ ଲକ୍ଷ କୋଟି ଟଙ୍କା ଛୁଇଁଛି। ଚଳିତ ଆର୍ଥିକ ବର୍ଷ ବଜେଟରେ ହୋଇଥିବା ଧାର୍ଯ୍ୟ ଲକ୍ଷ୍ୟର ଏହା ୧୨୬.୭% ସ୍ତରରେ ରହିଛି। ସରକାରଙ୍କ ଆୟ ଏବଂ ବ୍ୟୟ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ବିତ୍ତୀୟ ନିଅଣ୍ଟ କୁହାଯାଏ। ଅର୍ଥାତ ସରକାର ଯେତିକି ଆୟ କରନ୍ତି ଏହା ଠାରୁ ଖର୍ଚ୍ଚ ବଢିଗଲେ ଏହା ରାଜକୋଷ ଉପରେ ଚାପ ପକାଇଥାଏ। ସରକାର ଏହି ସମୟ ମଧ୍ୟରେ ୫.୭୬ ଲକ୍ଷ କୋଟି ଟଙ୍କାର ନେଟ୍ ଟିକସ ସଂଗ୍ରହ କରିଛନ୍ତି। ଗତ ବର୍ଷ ତୁଳନାରେ ଟିକସ ସଂଗ୍ରହ ୧୫.୭% ହ୍ରାସ ପାଇଛି। ସେହିଭଳି ସରକାରଙ୍କ ମୋଟ ଖର୍ଚ୍ଚ ବିଚାର କରିଲେ ଏହା ୧୬.୬ ଲକ୍ଷ କୋଟି ଟଙ୍କା ରହିଥିବା ସରକାରୀ ରିପୋର୍ଟରୁ ସାମ୍ନାକୁ ଆସିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ୮% ଟପିବା ନେଇ ଆକଳନ କରାଯାଇଛି। ଏହା ମୋଟ ଜିଡିପିର ୩.୫% ସ୍ତରରେ ରହିବ ବୋଲି ସରକାର କହିଥିଲେ। କରୋନା ମହାମାରୀ ଯୋଗୁ ସରକାରଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡୁଥିବାରୁ ବିତ୍ତୀୟ ନିଅଣ୍ଟ ବଢିଥିବା ଜଣାପଡିଛି।

# ପିଜିଆଇ ଇଣ୍ଡିଆର 'ମେନ୍ ଅଫ୍ ପ୍ଲାଟିନମ' କଲେକ୍ସନ



**ଭୁବନେଶ୍ୱର,୨୭।୧୧:** ପ୍ଲାଟିନମ୍ ଗିଲ୍ଡ ଇଣ୍ଡିଆ (ପିଜିଆଇ) ପକ୍ଷରୁ ପୁରୁଷମାନଙ୍କ ପାଇଁ ଏହାର ନୂଆ କଲେକ୍ସନ' ମେନ ଅଫ୍ ପ୍ଲାଟିନମ୍' ରେଞ୍ଜ ବଜାରକୁ ଆସିଛି। ଏହି ନୂତନ କଲେକ୍ସନରେ ଥିବା ପ୍ରତ୍ୟେକ ସୂକ୍ଷ୍ମ ପିସ୍‌ଗୁଡିକୁ ଅତି ଯତ୍ନର ସହ ଡିଜାଇନ କରାଯାଇଛି। ଷ୍ଟାଇଲର ଏକ ଭାବନାକୁ ପାଳନ କରିବା ପାଇଁ କମ୍ପାନୀ ଏଭଳି ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରିଥିବା କହିଛି। ଏହା ବିରଳ ଓ କ୍ଲାସି ଭଳି ଅନୁଭବ ପ୍ରଦାନ କରିବାରେ ସହାୟକ ହେବ। ପ୍ରତ୍ୟେକ ଷ୍ଟେଟମେଣ୍ଟ ପିସ୍ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଭାବନାକୁ ପ୍ରତିଫଳିତ କରୁଛି। ଏହି ନୂଆ ମେନ୍ ଅଫ ପ୍ଲାଟିନମ କଲେକ୍ସନରେ ପୁରୁଷମାନଙ୍କ ପାଇଁ ଏକ ବିସ୍ତୃତ ବର୍ଗର କଲେକ୍ସନ ଯେପରିକି ପ୍ଲାଟିନମ ଚେନ୍, ପେନଡାଣ୍ଟ ଓ ରିଷ୍ଟ ୱେୟାର ଆଦି ସାମିଲ ରହିଛି। ଏକ ନୂତନ ରୂପରେଖ ଦ୍ୱାରା ଅନୁପ୍ରାଣିତ ଓ ଏକ ମ୍ୟାଟେ ସିନ ଦ୍ୱାରା ଫିନିସ ହୋଇଥିବା ଏହି ରେଞ୍ଜ ହେଉଛି ବୋଲ୍ଡ ଓ ଡାଇନାମିକ। ଏହି ଧାତୁ ସୁନା ତୁଳନାରେ ୩୦ ଗୁଣ ଅଧିକ ବିରଳ ଏବଂ ଯୁବ ଭାରତୀୟମାନଙ୍କ ପାଇଁ ଦ୍ରୁତ ବେଗରେ ଏକ ପସନ୍ଦର ମେଟାଲରେ ପରିଣତ ହେଉଛି। ମେନ ଅଫ ପ୍ଲାଟିନମ ରେଞ୍ଜରେ ପୁରୁଷମାନଙ୍କ ପାଇଁ ଥିବା ସମସ୍ତ ଡିଜାଇନର ଗହଣାଗୁଡିକ ବର୍ତ୍ତମାନ ଦେଶବ୍ୟାପୀ ଅଗ୍ରଣୀ ଜୁଏଲେରୀ ରିଟେଲ ଷ୍ଟୋର ଗୁଡିକରେ ଉପଲବ୍ଧ ହେଉଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି।


## ODISHA LIFT IRRIGATION CORPORATION LIMITED

(A Government of Odisha Undertaking)

## OFFICE OF THE EXECUTIVE ENGINEER, L.I. DIVISION, KORAPUT

E-mail ID: exengerolickpt@gmail.com

**e-Tender Notice**

**Bid Identification No. E.E., Koraput (OLIC) 07/20-21 Dt.25.11.2020**

No. CAD-826: Installation & Energisation/Revivial of 35 Nos. Packages of Lift Irrigation Project Works under different Blocks of Koraput & Malkangiri District.

| | | | |
|---|---|---|---|
| | Execution of L.I. Project Works | - | Under Koraput & Malkangiri District |
| 1 | Cost of Projects | - | 10.56 to 20.33 lakhs each |
| 2 | Class of Contractors | - | Valid Civil 'D' or 'C' Class with Electrical H.T. Licnece (As per specified in DTCN |
| 3 | Availability of Bid in portal | - | 07.12.2020 at 10.00 A.M. to 14.12.2020 upto 05.00 P.M. |
| 4 | Bid Clarification | - | On or before 10.12.2020 during office hours in the Office of the Executive Engineer, L.I. Division, Koraput |
| 5 | Bid opening | - | 15.12.2020 at 11.00 A.M. onwards |

The bidders who have awarded similar nature of work previously but not satisfactory progress till date or the defaulter contractors need not apply. All other information will available in Govt. portal **www.tendersorissa.gov.in**.

**Executive Engineer, L.I. Division, Koraput**

**OIPR-32173/11/0004/2021**


# କୋର୍ ସେକ୍ଟର ଅଭିବୃଦ୍ଧି ୨.୫% ହ୍ରାସ



**ନୂଆଦିଲ୍ଲୀ,୨୭।୧୧:** କରୋନା ମହାମାରୀର ଯୋଗୁ ଅର୍ଥବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଛି। ଦେଶ ମଧ୍ୟରେ ଆର୍ଥିକ କାର୍ଯ୍ୟକଳାପ ମଧ୍ୟ ପ୍ରଭାବିତ ହୋଇ ରହିଛି। ଲକଡାଉନ କଟକଣାକୁ ସରକାର ଧୀରେ ଧୀରେ କୋହଳ କରୁଥିବା ବେଳେ ଆର୍ଥିକ କାର୍ଯ୍ୟକଳାପକୁ ଅନୁମତି ମିଳିଛି। ହେଲେ ବି ଅର୍ଥ ବ୍ୟବସ୍ଥା ଉପରେ ରହିଥିବା ପ୍ରଭାବ କମିନାହିଁ। ଏଭଳି ସ୍ଥିତିରେ ଦେଶର ୮ କୋର ସେକ୍ଟର ଶିଳ୍ପ ଅଭିବୃଦ୍ଧି ଅକ୍ଟୋବରରେ ୨.୫% ହ୍ରାସ ପାଇଛି। ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରୀ ପ୍ରଡକ୍ଟ ଏବଂ ଇସ୍ପାତ ଉତ୍ପାଦନ କମିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଅକ୍ଟୋବର ୨୦୧୯ରେ କୋର୍ ସେକ୍ଟର ୫.୫% ହ୍ରାସ ହୋଇଥିବା ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଡାଟାରୁ ଏହା ଜଣାପଡିଛି। ଅକ୍ଟୋବରରେ କୋଇଲା, ସାର ଏବଂ ବିଦ୍ୟୁତ ଉତ୍ପାଦନ ଭଲ ସ୍ଥିତିରେ ରହିଛି। ଏପ୍ରିଲରୁ ଅକ୍ଟୋବର ମାସରେ କୋର ସେକ୍ଟର ୧୩% ଖସିଛି। ଏହା ଗତ ଆର୍ଥିକ ବର୍ଷ ସମାନ ସମୟରେ ୦.୩% ହ୍ରାସ ହୋଇଥିଲା।


## OFFICE OF THE REGULATED MARKET COMMITTEE, BHADRAK

**EXPRESSION OF INTEREST**

**Notice No.62 Date:26.11.2020**

Sealed quotations are invited from the reputed service providers to provide the services of 30 Nos. of paddy quality analyst to the RMC, Bhadrak on daily wages basis to be engaged at different paddy purchase centers to check the quality of paddy. The intended service providers may submit their quotations by Regd. Post to the Chairman, RMC, Bhadrak quoting the rate of wages per day of one person on or before 08.12.2020.

The quotations will be opened at 11.00 A.M. on 09.12.2020 in the Office of the Sub-Collector, Bhadrak. The quotationer or his/her representative may attend the opening of quotation as scheduled.

The details term and condition of engagement of quality analyst can be obtained from the Office of the RMC, Bhadrak in any working day.

The authority reserves all rights to cancel any or all quotations without assigning any reason thereof.

**Sd./- Chairman, RMC, Bhadrak**



## GOVERNMENT OF ODISHA
## OFFICE OF THE EXECUTIVE ENGINEER PHULBANI (R&B) DIVISION, PHULBANI

e-mail-eeplbrb@gmail.com

**INVITATIONS FOR BIDS (IFB)**

No. B-463:- **'e' procurement Notice**

**Bid Identification No. EE-R&B-PLB-08-2020-21**

| | | |
|---|---|---|
| 1) (a) Name of the work | : | Building work-1 No. |
| Estimated Cost | : | Rs.29.448 lakhs |
| 2) Period of Completion | : | As notified in Tender Call Notice. |
| 3) Date & Time of availability of Bid documents in the portal | : | From 01.12.2020, 10.00 A.M. to 10.12.2020, 5.00 P.M. |
| 4) Last date / time for receipt of bids in the portal | : | Up to 5.00 P.M. of dated 10.12.2020. |
| 5) Name and address of the O.I.T. | : | Executive Engineer, Phulbani (R&B) Division. |

Further details can be seen from the website www.tendersodisha.gov.in
Corrigendum if any shall be published only in the above website.

**Sd./- P.Samantara**

OIPR-34066/11/0004/2021 **Executive Engineer, Phulbani (R&B) Division**



## THE ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

**E-auction Notice (02.12.2020 – 80th E-auction)**

**IRON ORE CLO**

**No. CAD-832:-** The Odisha Mining Corporation Ltd. intends to sell various grades of Iron ore CLO produced at different iron ore mines at Daitari, Gandhamardan Regions (Block-A & B) & Tiring Pahar Under Barbil Region in Keonjhar District and Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 AM to 2.00PM on 02.12.2020.**

For details, please visit the website of MSTC i.e. **www.mstcecommerce.com**

OIPR-30005/11/0111/2021 **DGM (S&M)**



## ତହସିଲଦାରଙ୍କ କାର୍ଯ୍ୟାଳୟ, ସୋନପୁର

**ଦୀର୍ଘ ମିଆଦୀ ଲିଜ୍ ନିଲାମ ଇସ୍ତାହାର**

ବିଜ୍ଞପ୍ତି ସଂଖ୍ୟା 6193 ତାରିଖ 25.11.2020

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୋନପୁର ତହସିଲ ଅନ୍ତର୍ଗତ 'ମହୁଲଖୁଣ୍ଟ ମୋରୁମ ଖାଦାନ' ପାଇଁ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ, ୨୦୧୬ (O.M.M.C. Rules, 2016) ମୁତାବକ ପାଞ୍ଚ ବର୍ଷ ନିମନ୍ତେ ୨୦୨୦-୨୧ ଆର୍ଥିକବର୍ଷଠାରୁ ୨୦୨୪-୨୫ ଆର୍ଥିକବର୍ଷ ପର୍ଯ୍ୟନ୍ତ ଦିଆଯିବ। ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା- ବିଜ୍ଞାପନ, ସର୍ତ୍ତାବଳୀ, ସୈରାତ ଉତ୍ସର ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.subarnapur.nic.inରେ ଉପଲବ୍ଧ କରାଯାଇଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ ବିଜ୍ଞାପନରେ ଦର୍ଶାଯାଇଥିବା Form-M ପୂରଣ କରି ତତ୍‌ସହିତ ଆବଶ୍ୟକ ଦସ୍ତାବିଜ ସଂଲଗ୍ନକରି ଜଉମୁଦା ଲଫାପାରେ ତହସିଲଦାର, ସୋନପୁରଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ଅଥବା ରେଜେଷ୍ଟ୍ରି ଡାକ ଯୋଗେ ଦତ୍ତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ।

**ସ୍ୱା./- ତହସିଲଦାର, ସୋନପୁର**



## OFFICE OF THE PURI MUNICIPALITY, PURI

**No. 8049** **Dt. 25.11.20**

**QUOTATION CALL NOTICE**

Puri Municipality invites sealed quotations from the experienced AMC providers for Annual Maintenance Contract of Air Conditioners installed in various wings of Puri Municipality Office, Puri, so as to reach the Executive Officer, Puri Municipality on or before Dt.11.12.20 by 05 P.M. through Registered Post/Speed Post only. The terms & condition, technical specification & quotation paper will be available in the website **www.ulbodisha.gov.in & www.puri.nic.in** from Dt.28.11.20 at 11 A.M. to Dt.11.12.20 by 5 P.M. & the same will be opened on Dt.14.12.20 at 11.00 A.M. in presence of bidders or their authorized representatives who wish to attend.

The authority reserves the right to modify/reject any or all the quotation without assigning any reason thereof.

Category of AMC:

1. For Comprehensive AMC of maintenance & service charges of each Split AC 1.5 & 2.00 Ton.
2. For rate contract service for charge of genuine spares of different companies, Samsung, Voltas, Hitachi, Godrej, Blue Star, L.G.

**Sd./- Executive Officer, Puri Municipality, Puri**



## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA

**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**

E-mai: dpmunrhmrayagada@gmail.com Phone: 06856-235357

**No. E-379:-** **For quality & timely completion of the execution of the works, One agency can take maximum 3 Nos. of work. If the selected agency could not complete the work within the given stipulated time, then the agreement will be stands cancelled without giving any further notice. If any agency found default previously, in such case the said agency will not be taken in to consideration & bids submitted by the agency will not be opened & rejected by the tender selection committee**. The decision of the tender committee is final and binding. The successful tenderers are required to execute an agreement in P1 format and submit the work programme on receipt of the work order. The authority reserves the right to reject any or all tenders without asssigning any reason thereof. **The detail communication regarding tender with list of works, document objection, list of selected agency, work order & other official communication can be available at DPMU, NHM Office, Rayagada or at www.rayagada.nic.in only.**

**Sd./- Chief District Medical & Public Health Officer Rayagada**

OIPR-10035/11/0006/2021


# ଏଲ୍‌ଆଣ୍ଡଟିକୁ ୨୫ ହଜାର କୋଟିର ବୁଲେଟ ଟ୍ରେନ କଣ୍ଟ୍ରାକ୍ଟ



**ନୂଆଦିଲ୍ଲୀ,୨୭।୧୧:** ଦେଶ ମଧ୍ୟରେ ବୁଲେଟ ଟ୍ରେନ ଚଳାଚଳ ପ୍ରକଳ୍ପ କାର୍ଯ୍ୟକାରି କରିବା ଲାଗି ଏଲ୍‌ଆଣ୍ଡଟି ୨୫ ହଜାର କୋଟି ଟଙ୍କାର କଣ୍ଟ୍ରାକ୍ଟ ଲାଭ କରିଛି। ନ୍ୟାଶନାଲ ହାଇସ୍ପିଡ ରେଲ୍ କର୍ପୋରେଶନ (ଏନ୍ଏଚ୍ଏସ୍ଆର୍‌ସିଏଲ୍) ଗୁରୁବାର ଏଭଳି ଚୁକ୍ତିରେ ସାମିଲ ହୋଇଛି। ଏହା ସର୍ବାଧିକ ସରକାରୀ ପାଣ୍ଠି ଭିତ୍ତିକ ସିଭିଲ୍ କଣ୍ଟ୍ରାକ୍ଟ ବୋଲି କୁହାଯାଉଛି। ଅହମ୍ମଦାବାଦ-ମୁମ୍ବାଇ ବୁଲେଟ ଟ୍ରେନ ପ୍ରକଳ୍ପର ବିଭିନ୍ନ ଆନୁଷଙ୍ଗିକ କାର୍ଯ୍ୟ ଏଲ୍‌ଆଣ୍ଡଟି କରିବ। ୩୨୫ କିମିର ବିଭିନ୍ନ କାର୍ଯ୍ୟ ଏହି କମ୍ପାନୀ କରିବ। ଏଥିଲାଗି ଲୋକଙ୍କୁ ନିୟୋଜିତ କରାଯିବା ସହ ଗ୍ରାଉଣ୍ଡ ଏବଂ ଷ୍ଟାର୍ଟ ୱାର୍କ ଆରମ୍ଭ ହୋଇଥିବା ଏଲ୍‌ଆଣ୍ଡଟି ପକ୍ଷରୁ ସୂଚନା ଦିଆଯାଇଛି।


## ODISHA LIFT IRRIGATION CORPORATION LTD.

(A GOVT. OF ODISHA UNDERTAKING)

## OFFICE OF THE EXECUTIVE ENGINEER, L.I.DIVISION, GUNUPUR

E-mail: www. eeolicgnp@ymail.com

**"E"- Procurement Notice**

**BID IDENTIFICATION NO. OLIC-GNPR-05/20-21 dt.25.11.2020**

No. CAD-831: The Executive Engineer, Lift Irrigation Division, Gunupur on behalf of Odisha Lift Irrigation Corporation Limited, Bhubaneswar invites Item wise Rate bids in online mode for New and Revival of Installation & Energisation of Lift Irrigation Projects on turnkey basis from reputed contractors / firms having both valid Civil and H.T. license holders registered within the State issued by PWD/PHED/RWSS/ Irrigation/Rural works of required class and valid HT license issued by E.L.B.O, Odisha with experience in similar nature of work of erection of 11KV line, L.T. line & commissioning of electrical substation for power supply to Community Lift Irrigation Projects along with installation of pump set, starter and its energisation including laying of pipe line & construction of all structures with all materials. Contractors / firms having civil license can also participate in the above tender making Joint venture with valid HT license holders and vice-versa. Proofs of registration from the appropriate authorities are to be enclosed along with the bid/bids. The details are available in the Government Tender Website i.e. www.tendersodisha.gov.in , any other related documents are prescribed below.

**1. Total Nos. of Packages: 44 Nos., 2. Approximate Estimated Cost: Rs. 4.22 Lakhs to 44.10 Lakhs., 3. Period of completion: 90 days for all Projects from the date of handing over the site. 4. Other details as follows.**

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Last date of submission of original bid documents/cost of bid (On Online Mode) | Date & time of opening of tender in the Office of the Executive Engineer, L.I. Division, Gunupur |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, L.I. Division, Gunupur | OLIC-GNPR-05/20-21 | 09.12.2020 | 18.12.2020 | 16.12.20 | 18.12.2020 Online Mode | 22.12.2020 |

**Executive Engineer, L.I. Division, Gunupur**

**OIPR-32144/11/0009/2021**



## ମାଲକାନଗିରି ପୌର ପରିଷଦ, ମାଲକାନଗିରି
## OFFICE OF THE MUNICIPAL COUNCIL, MALKANGIRI

**ODISHA, PIN - 764045, Ph.: 06861-230244**

**Letter No. 3160/Mpl. 2020** **Date: 25.11.2020**

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜନସାଧାରଣଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ମାଲକାନଗିରି ପୌର ପରିଷଦ ଶହୀଦ ରମେଶ ଚନ୍ଦ୍ର ହାଲ୍‌ଦାରଙ୍କ ସ୍ମୃତି ଉଦ୍ଦେଶ୍ୟରେ ମାଲକାନଗିରି ପୌର ପରିଷଦରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟକୁ "ଶହୀଦ ରମେଶ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ମାଲକାନଗିରି" ନାମରେ ଏବଂ ସର୍କିଟ ହାଉସଠାରୁ ଜେଡ୍ ଏ କଲୋନୀ ରାସ୍ତାକୁ "ଶହୀଦ ରମେଶ ଚନ୍ଦ୍ର ମାର୍ଗ" ନାମରେ ନାମିତ କରିବା ପାଇଁ ପ୍ରସ୍ତାବ ରଖିଅଛି। ଏହାର ସପକ୍ଷରେ ବା ବିପକ୍ଷରେ କିଛି ମତାମତ ଥିଲେ ବିଜ୍ଞପ୍ତି ପ୍ରକାଶନର ଏକମାସ ମଧ୍ୟରେ ଯଥା ତା୨୮।୧୨।୨୦୨୦ରିଖ ସୁଦ୍ଧା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ପେଠ କରିବା ପାଇଁ ଅନୁରୋଧ।

**ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ**
**ପୌର ପରିଷଦ, ମାଲକାନଗିରି**



## NOTICE INVITING BID
## ODISHA STATE MEDICAL CORPORATION LIMITED (OSMCL)

**In front of Ram Mandir, Convent Square, Unit - III, Bhubaneswar - 751 001**
**Tel. (0674) 2380950, Website: www.osmcl.nic.in, E-mail: logistics.osmcl.od@nic.in**
**Bid Ref. No. OSMCL/2021-22/DRUGS-DHS-GEN-GR-II/02 Date: 27.11.2020**

No. CAD-829: Online bids through e-Tender portal **(https://tendersodisha.gov.in)** are invited from eligible bidders for **Supply of Drugs & Medical Consumables (Group - II) as per the particulars mentioned below:**

| Sl. No. | Particulars | Date and Time | |
|---|---|---|---|
| 1 | Date & time of release of bid | 27.11.2020, 3 P.M. | |
| 2 | Date & time for submission of queries by E-Mail ID: **logistics.osmcl.od@nic.in** | 02.12.2020 upto 5.00 P.M. | |
| 3 | Date & time of Online bid submission | Start Date & Time | End Date & Time |
| | | 07.12.2020, 3 P.M. | 28.12.2020, 6.00 P.M. |
| 4 | Date & time for submission of Tender Documents, Tender Document Fee and EMD amount as per Section-IV of tender document | Start Date & Time | End Date & Time |
| | | 29.12.2020, 10 A.M. | 05.01.2021, 11.00 A.M. |
| 5 | Date & time of online Technical Bid opening | 05.01.2021, 11.30 A.M. | |
| 6 | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: **www.osmcl.nic.in** and **https://tendersodisha.gov.in**. The authority reserves the right to accept/reject any part thereof or all the bids without assigning any reason thererof.

**OIPR-10112/11/0036/2021** **Sd./- Managing Director, OSMC Ltd., Odisha**



GOVERNMENT OF ODISHA **No. B-464**

## OFFICE OF THE EXECUTIVE ENGINEER, KALAHANDI (R&B) DIVISION, BHAWANIPATNA

E-mail: eekalahandi@gmail.com, Fax No. 06670-230512, Cell No. 9437050413

**E-Procurement Notice**

**Bid Identification No. BC KLD-13/2020-21**

**No. 9485** **Dated: 18.11.2020**

| | | | |
|---|---|---|---|
| 1 | Name of the Work | : | 02 (Two) Nos. of Infrastructure Development Works and 12 (Twelve) Nos. of Building Works. |
| 2 | Estimated Cost | : | Varies from 40.0 lakhs to 80.0 lakhs |
| 3 | Period of Completion | : | Varies from 06 (Six) to 08 (Eight) Calendar Months |
| 4 | Date and time of availability of bid document in the portal | : | 11.00 hours of 01.12.2020 to 17.00 hours of 14.12.2020 |
| 5 | Last date/time for receipt of bid in the portal | : | 17.00 hours of 14.12.2020 |
| 6 | Name and address of the Officer Inviting Bid | : | Executive Engineer, Kalahandi (R&B) Division, Bhawanipatna |
| 7 | Date & venue of opening of the Single & Double Cover Bid and Technical Bid (Cover 1) of Double cover Bid | : | On 15.12.2020 at 11.00 A.M. in the Office of the Executive Engineer, Kalahandi (R&B) Division, Bhawanipatna |

Further details can be seen from the e-procurement portal **https://tendersorissa.gov.in**.

**Sd./- (Er. A.K. Babu)**
**Executive Engineer, Kalahandi (R&B) Division**
**OIPR-34017/11/0004/2021**

## ସୁଶୀଲ ମୋଦି ଭାଜପା ରାଜ୍ୟ ସଭା ପ୍ରାର୍ଥୀ

**ପାଟନା, ୨୭।୧୧:** ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦିଙ୍କୁ ଭାଜପା ରାଜ୍ୟ ସଭା ଉପନିର୍ବାଚନ ଲାଗି ପ୍ରାର୍ଥୀ କରିଛି। ବିହାର ବିଧାନସଭାରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସଂଖ୍ୟାଗରିଷ୍ଠ ଥିବାରୁ ସୁଶୀଲଙ୍କ ରାଜ୍ୟ ସଭା ଯିବା ସହଜ ହେବ। ବିରୋଧୀ ଦଳ ଆର୍‌ଜେଡି ପ୍ରାର୍ଥୀ ଦେଲେ ଡିସେମ୍ବର ୧୪ରେ ଭୋଟ ଗ୍ରହଣ କରାଯିବ। ଲୋକ ଜନଶକ୍ତି ପାର୍ଟିର ପ୍ରତିଷ୍ଠାତା ତଥା କେନ୍ଦ୍ରମନ୍ତ୍ରୀ ରାମବିଲାସ ପାଶ୍ୱାନଙ୍କ ପରଲୋକ ପରେ ଉକ୍ତ ଆସନ ଖାଲିପଡ଼ିଥିଲା।

# ବିମାନବନ୍ଦରରୁ ୪୦୦ ଗ୍ରାମ ସୁନା ଜବତ

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଜଣେ ଯାତ୍ରୀଙ୍କଠାରୁ ଶୁକ୍ରବାର ଅପରାହ୍ନରେ ୪୦୦ ଗ୍ରାମର ସୁନା ଜବତ ହୋଇଛି। ଏହିଘଟଣାରେ ସମ୍ପୃକ୍ତ ଯାତ୍ରୀଙ୍କୁ ଅଟକ ରଖାଯିବା ସହ ଜବତ ସୁନାକୁ କଷ୍ଟମ ବିଭାଗକୁ ହସ୍ତାନ୍ତର କରାଯାଇଛି। ମିଳିଥିବା ସୂଚନା ମୁତାବକ, ସମ୍ପୃକ୍ତ ଯାତ୍ରୀ ଭୁବନେଶ୍ୱରରୁ ଫ୍ଲାଇଟ୍ (ନଂ.୬ଇ ୨୦୯) ଚେନ୍ନାଇ ଯିବା ପାଇଁ ଶୁକ୍ରବାର ଅପରାହ୍ନ ସାଢେ ୩ଟାରେ ବିମାନବନ୍ଦରରେ ପ୍ରବେଶ



କରିଥିଲେ। ସନ୍ଧ୍ୟା ୬ଟା ୧୦ରେ ତାଙ୍କର ଫ୍ଲାଇଟ୍ ଥିବାବେଳେ ଏୟାର ପୋର୍ଟସିକ୍ୟୁରିଟି ଗେଟ୍(ଏଏସଜି)ରେ ତାଙ୍କୁ ଯାଞ୍ଚ କରାଯାଇଥିଲା। ମାତ୍ର ସେ ଡୋର ଫ୍ରେମ ମେଟାଲ ଡିଟେକ୍ଟର(ଡିଏଫ୍‌ଏମଡି) ସଂସ୍ପର୍ଶରେ ଆସିବା ପରେ ତାଙ୍କ ଦେହରେ ଧାତୁଥିବା ଜଣାପଡିଥିଲା। ସେଠାରେ ସିଆଇଏସଏଫ ଅଧିକାରୀମାନେ ଯାଞ୍ଚ କରିବା ପରେ ତାଙ୍କ ଶରୀରର ମଝି ଅଂଶରେ ଧାତବ ପଦାର୍ଥ ଥିବା ସ୍ପଷ୍ଟ ହୋଇଥିଲା। ଅଭିଯୁକ୍ତ ଶରୀର ଭିତରେ ୪୦୦ ଗ୍ରାମ ସୁନା ଲୁଚାଇ ନେଇ ଯାଉଥିବା ସ୍ୱୀକାର କରିଥିଲେ। ଏଥିସହ ତାଙ୍କ ଶରୀରରୁ ୪୦୦ ଗ୍ରାମ ଓଜନର ସୁନା ଜବତ କରାଯାଇ କଷ୍ଟମ ବିଭାଗକୁ ତଦନ୍ତ ପାଇଁ ହସ୍ତାନ୍ତର କରାଯାଇଥିଲା। ଜବତ ୪୦୦ ଗ୍ରାମ ସୁନାର ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କଷ୍ଟମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବରେ ପ୍ରଦର୍ଶିତ ହେବ ମୟୂରଭଞ୍ଜ ଛଉ

**ବାରିପଦା ଅଫିସ, ୨୭।୧୧**

ବିଶ୍ୱ ପ୍ରସିଦ୍ଧ ମୟୂରଭଞ୍ଜର ଛଉନୃତ୍ୟ ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବରେ ପ୍ରଦର୍ଶିତ ହେବ। ଟରୋଣ୍ଟରେ ଅନୁଷ୍ଠିତ ହେଉଥିବା ୭ଦିନିଆ ଅନ୍ତର୍ଜାତୀୟ ଅନ୍‌ଲାଇନ ନୃତ୍ୟ ମହୋତ୍ସବରେ ଆସନ୍ତା ୨୯ତାରିଖରେ ଏହା ପ୍ରଦର୍ଶିତ ହେବ। ଗୁରୁ ଫରେନ ନାରାୟଣଙ୍କ ମୟୂରଭଞ୍ଜ ଛଉ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ ପକ୍ଷରୁ ଏହା ପ୍ରଦର୍ଶିତ ହେବାକୁ ଥିବା ବେଳେ ଆଦିବାସୀ ସମ୍ପ୍ରଦାୟର ନୃତ୍ୟ ଧ୍ୱଜାତାଳ ସ୍ଥାନ ପାଇବ। ଏଥିରେ ନୃତ୍ୟଶିଳ୍ପୀ କୁଶ ଘଡ଼େଇ, କ୍ରିଷ୍ଣା ଘଡ଼େଇ, ଦୁର୍ଗାମାଧବ ରାଉତ, ଗଗନ ଆକାଶ ବିନ୍ଧାଣୀ, ପ୍ରିୟଙ୍କା ଘଡ଼େଇ, ଦୀପ୍ତି ଚକ୍ରବର୍ତ୍ତୀ, ରଞ୍ଜିତା ଧଡ଼ା, ନୈନାବତ ଧଡ଼ା, ବାଦ୍ୟକାର ନବକିଶୋର ଘଡ଼େଇ, ଗୋପନାଥ ଘଡ଼େଇ, ଅଶୋକ ବୈଠା ଓ ବିକାଶ ଘଡ଼େଇ ପ୍ରମୁଖ ଅଂଶ ଗ୍ରହଣ କରିଛନ୍ତି। ଟରୋଣ୍ଟରେ ରହୁଥିବା ବାରିପଦାର ଝିଅ ତଥା ଛଉ ନୃତ୍ୟ ଶିଳ୍ପୀ ଜିନି ଓରଫ ମଧୁସ୍ମିତା ଘଡ଼େଇ ଏହି କାର୍ଯ୍ୟକ୍ରମ ପାଇଁ ଗୁରୁ ଫରେନ ନାରାୟଣଙ୍କୁ ଯୋଗାଯୋଗ କରିଥିଲେ।

# କଙ୍ଗନାଙ୍କୁ ମିଳିବ କ୍ଷତିପୂରଣ

**ମୁମ୍ବାଇ, ୨୭।୧୧:** ମୁମ୍ବାଇ ପଲି ହିଲ୍‌ଠାରେ ଥିବା ବଙ୍ଗଳାରେ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରନାୱତଙ୍କ ଅଫିସ୍‌ର କିଛି ଅଂଶକୁ ବ୍ରିହନମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ସେପ୍ଟେମ୍ବର ମାସରେ ଭାଙ୍ଗିଦେଇଥିଲା। ଏଥିପାଇଁ କଙ୍ଗନା ୨ କୋଟି ଟଙ୍କା କ୍ଷତିପୂରଣ ଦାବି କରିଥିଲେ। ମହାରାଷ୍ଟ୍ର ସରକାର ଓ ଶିବସେନାକୁ ସମାଲୋଚନା କରିବାରୁ ତାଙ୍କ ଅଫିସ୍ ଭଙ୍ଗାଗଲା ବୋଲି ସେ ଅଭିଯୋଗ କରିଥିଲେ। ତାଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ବମ୍ବେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ନାଗରିକ ବିରୋଧରେ ବାହୁବଳ ପ୍ରୟୋଗକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି।

# ବାଙ୍କିବାହାଲ-ଟପରିଆ ରାସ୍ତା ନିର୍ମାଣକୁ ନେଇ ବିଧାନସଭା ଘେରାଉ

**ଭୁବନେଶ୍ୱର,୨୭।୧୧**

ସୁନ୍ଦରଗଡ଼ ଜିଲାର ହେମଗିର ବ୍ଲକ ଅନ୍ତର୍ଗତ ବାଙ୍କିବାହାଲଠାରୁ ଟପରିଆକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ନିର୍ମାଣକୁ ନେଇ ସ୍ଥାନୀୟ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଉକ୍ତ ରାସ୍ତା ନିର୍ମାଣ ଘଟଣାକୁ ନେଇ ଶୁକ୍ରବାର ସ୍ଥାନୀୟ ବିଧାୟିକା କୁସୁମ ଟେଟେଙ୍କ ସମେତ ରେଙ୍ଗାଲି, ବୀରମିତ୍ରପୁର, ଦେବଗଡ଼ ଏବଂ ଲିସିଙ୍ଗା ବିଧାୟକଙ୍କ ନେତୃତ୍ୱରେ ବିଧାନସଭା ଘେରାଉ କରାଯାଇଥିଲା। ଏହି ଅବସରରେ ପ୍ରାୟ ୩ ଶହ ଲୋକ ରାଜରାସ୍ତାରେ ବିକ୍ଷୋଭ କରିଥିଲେ। ଏହି ଅଞ୍ଚଳରେ ଏସିଆର ସର୍ବବୃହତ୍ କୋଇଲା ଖଣି ରହିଛି। ବାଙ୍କିବାହାଲଠାରୁ ଟପରିଆ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର କୋଇଲା ବୋଝେଇ ଭାରିଯାନ ଗମନାଗମନ କରୁଥିବାରୁ ଉକ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଦୀର୍ଘ ୨୫ ବର୍ଷ ହେବ ନୂତନ ରାସ୍ତା ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ସୁଦ୍ଧା ସରକାର କିମ୍ବା ବିଭାଗ ଖାଲି ପ୍ରତିଶ୍ରୁତି ଦେଇ ଚୁପ୍ ବସି ପଡୁଛନ୍ତି। ଫଳରେ ଏପର୍ଯ୍ୟନ୍ତ ଉକ୍ତ ରାସ୍ତା ପାଇଁ ଆବଶ୍ୟକ ଟେଣ୍ଡର ପ୍ରକ୍ରିୟା ବି ଆରମ୍ଭ ହୋଇପାରିନାହିଁ। ଏହି ରାସ୍ତା ନିର୍ମାଣ ପାଇଁ ଶେଷ ଥର ଗତ ଜୁଲାଇ ମାସରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବୋଲି ସ୍ଥାନୀୟ ଜନସାଧାରଣଙ୍କୁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହି ରାସ୍ତା ନିର୍ମାଣ ନେଇ ଜନ ଅଧିକାର ନେତୃତ୍ୱରେ ପୂର୍ତ୍ତ ବିଭାଗକୁ ଏକ ଆବେଦନପତ୍ର ଦିଆଯାଇଥିଲା। ପୂର୍ତ୍ତ ବିଭାଗ ଅଧିକାରୀ ଆଗାମୀ ଜାନୁୟାରୀ ମାସ ମଧ୍ୟରେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ନେଇ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସୂଚନା ମିଳିଛି।





























## ସଂକ୍ଷେପରେ

### ଏଭରେଷ୍ଟ ଶୃଙ୍ଗର ନୂଆ ଉଚ୍ଚତା ଘୋଷଣା ହେବ

**କାଠମାଣ୍ଡୁ, ୨୭।୧୧:** ୨୦୧୫ର ବଡ଼ ଭୂକମ୍ପ ଓ ଅନ୍ୟାନ୍ୟ କାରଣରୁ ଏଭରେଷ୍ଟ ଶୃଙ୍ଗର ଉଚ୍ଚତାରେ ପରିବର୍ତ୍ତନ ହୋଇଥିବା ନେଇ ବିତର୍କ ହେଉଥିଲାବେଳେ ନେପାଳ ସରକାର ଏହାର ପ୍ରକୃତ ଉଚ୍ଚତା ମାପ କରୁଛନ୍ତି। ନେପାଳ ଓ ଚାଇନା ମିଳିତ ଭାବେ ବିଶ୍ୱର ଏହି ସର୍ବୋଚ୍ଚ ଶୃଙ୍ଗର ଉଚ୍ଚତା ଖୁବ୍‌ଶୀଘ୍ର ଘୋଷଣା କରିବେ। ୧୯୫୪ରେ ଭାରତ ସର୍ଭେ ଅଫ୍ ଇଣ୍ଡିଆ କରିଥିବା ମାପ ଅନୁଯାୟୀ ଏଭରେଷ୍ଟର ଉଚ୍ଚତା ୮,୮୪୮ ମିଟର। ୧୯୭୫ରେ ଚାଇନା ସର୍ବେକ୍ଷଣକାରୀ ସଂସ୍ଥା ଏହାର ଉଚ୍ଚତା ୮,୮୪୮.୧୩ ମିଟର ବୋଲି ଉଲ୍ଲେଖ କରିଥିଲା। ୨୦୦୫ରେ ହୋଇଥିବା ଏକ ସର୍ଭେରେ ଏଭରେଷ୍ଟ ଉଚ୍ଚତା ୮,୮୪୪.୪୩ ମିଟର ବୋଲି କୁହାଯାଇଥିଲା।

### ଟିକା ପ୍ରସ୍ତୁତିର ସମୀକ୍ଷା ଲାଗି ଆଜି ୩ ସହରକୁ ଯିବେ ମୋଦି

**ନୂଆଦିଲ୍ଲୀ, ୨୭।୧୧:** କରୋନା ଟିକା ପ୍ରସ୍ତୁତିର ସମୀକ୍ଷା କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୩ ସହର ଗସ୍ତ କରିବେ। ଏନେଇ ପିଏମ୍‌ଓ ପକ୍ଷରୁ ଶୁକ୍ରବାର ପ୍ରକାଶ କରାଯାଇଛି। ପ୍ରଥମେ ସେ ଅହମଦାବାଦସ୍ଥିତ ଜାଇଡସ୍ ବାୟୋଟେକ ପାର୍କ ଯିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ହାଇଦ୍ରାବାଦସ୍ଥିତ ଭାରତ ବାୟୋଟେକ ଗସ୍ତ କରିବେ। ଶେଷରେ ପୁଣେସ୍ଥିତ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଯାଇ ସେଠାରେ ସେ ବୈଜ୍ଞାନିକଙ୍କ ସହ ଟିକା ପ୍ରସ୍ତୁତି, ବିକାଶ, ବଜାରପ୍ରବେଶ ସମ୍ପର୍କରେ ସମୀକ୍ଷା କରିବେ। ଦେଶରେ ମହାମାରୀ କରୋନା ସ୍ଥିତି ପୁଣି ବିଗିଡ଼ିବାରେ ଲାଗିଛି। ସମସ୍ତେ ଟିକାକୁ ଅପେକ୍ଷା କରି ରହିଛନ୍ତି। ଦେଶବାସୀଙ୍କ ବ୍ୟଗ୍ରତା, ଆବଶ୍ୟକତାକୁ ଦେଖି ସରକାର ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଜାରି ରଖିଛନ୍ତି। ଜାଇଡସ୍ ବାୟୋଟେକ ଏହାର କରୋନା ଟିକା 'ଜାଇକୋଭ୍-ଡି'ର ପ୍ରଥମ ପର୍ଯ୍ୟାୟ କ୍ଲିନିକାଲ ଟ୍ରାଏଲ ଶେଷକରି ଅଗଷ୍ଟରୁ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଆରମ୍ଭ କରିଥିଲା। ଶନିବାର ସକାଳ ୯.୩୦ରେ ମୋଦି ସେଠାକୁ ପ୍ରଥମେ ଗସ୍ତକରି ଟିକା ବିକାଶ ସମ୍ପର୍କରେ ପଚାରି ବୁଝିବେ। ଏହା ପରେ ସେ ୧୨.୩୦ରେ ପୁଣେସ୍ଥିତ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ପହଞ୍ଚିବେ। ଶେଷରେ ସେ ହାଇଦ୍ରାବାଦସ୍ଥିତ ଭାରତ ବାୟୋଟେକ ଗସ୍ତ କରିବେ। ଏବେ ସେଠାରେ କୋଭାକ୍ସିନ ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଚାଲିଛି। ୩ଟି ଫାର୍ମର ସ୍ଥିତି ସମୀକ୍ଷା କରିବା ପରେ ପ୍ରଧାନମନ୍ତ୍ରୀ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।



# ୧୩ ବର୍ଷରେ ମାତ୍ର ୧୧ ଶିଳ୍ପ

**ଯାଜପୁର ଅଫିସ,୨୭।୧୧**

- ମୋଟ ୫୩ ବୃହତ୍ ଶିଳ୍ପକୁ ମିଳିଛି ମଞ୍ଜୁର
- ଶିଳ୍ପରେ ସ୍ଥାୟୀ ନିଯୁକ୍ତି ଚିତ୍ର ଅସ୍ପଷ୍ଟ

ରାଜ୍ୟରେ ୨୦୦୭ରୁ ବିଭିନ୍ନ ପର୍ଯ୍ୟାୟରେ ୫୩ଟି ସ୍ଲରି ପାଇପ୍‌ଲାଇନ୍, ଆଇରନ ଓର ବେନିଫିକେଶନ ଓ ପେଲେଟ ପ୍ଲାଣ୍ଟକୁ ଅନୁମୋଦନ ଦିଆଯାଇଛି। ଷ୍ଟେଟ୍ ଲେଭଲ ସିଙ୍ଗଲ୍ ୱିଣ୍ଡୋ କ୍ଲିଏରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ପକ୍ଷରୁ ଅନୁମୋଦନ ପାଇଥିବା ଏହି ବୃହତ୍ ପ୍ରକଳ୍ପଗୁଡିକ ମାଧ୍ୟମରେ ୪୫,୬୮୬.୮୯ କୋଟି ଟଙ୍କା ପୁଞ୍ଜିନିବେଶ ପ୍ରସ୍ତାବ ରହିଥିବାବେଳେ ୧୯,୯୦୫ ନିଯୁକ୍ତି ଆକଳନ କରାଯାଇଛି। ହେଲେ ୧୩ ବର୍ଷ ମଧ୍ୟରେ ମାତ୍ର ୧୧ଟି ପ୍ରକଳ୍ପ ଆଂଶିକ କିମ୍ବା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ଏଥିରେ ୫୭୫୩.୩୧ କୋଟି ଟଙ୍କା ପୁଞ୍ଜି ନିବେଶ ହୋଇଥିବାବେଳେ ୪,୩୭୯ ନିଯୁକ୍ତି ମିଳିଥିବା ଆକଳନ ହୋଇଛି। ଅନ୍ୟ ୪୨ ପ୍ରକଳ୍ପ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ରହିଛି। ଏହାବାଦ୍ ୩ଟି ପ୍ରକଳ୍ପ ବିଚାରାଧୀନ ରହିଛି। ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଧାନସଭାରେ ଗତ ୨୦ ତାରିଖରେ ଏହି ଉତ୍ତର ଦେଇଛନ୍ତି।

ଉତ୍ତରରେ ପୁଞ୍ଜିନିବେଶ ବିଷୟ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଥିବାବେଳେ କେତେ ସ୍ଥାନୀୟ ଲୋକଙ୍କୁ ସ୍ଥାୟୀ କିମ୍ବା ଠିକା ନିଯୁକ୍ତି ମିଳିଛି ତାହା କୁହାଯାଇନାହିଁ। ଫଳରେ ତାହା ସରକାରଙ୍କୁ ଅଜଣା, ନା ଲୁଚାଇବାକୁ ଚେଷ୍ଟା କରାଯାଉଛି ସେନେଇ ସାଧାରଣରେ ପ୍ରଶ୍ନଉଠିଛି। କାରଣ ସ୍ଥାୟୀ ନିଯୁକ୍ତି ଆଶାରେ ରାଜ୍ୟବାସୀ ଶିଳ୍ପ କାରଖାନାକୁ ସ୍ୱାଗତ କରୁଛନ୍ତି। ହେଲେ ସ୍ଥାୟୀ ଚାକିରି ତ ଦୂରର କଥା, ଅସ୍ଥାୟୀ ଠିକା ସଂସ୍ଥାରେ ଦିନ ମଜୁରିଆ କାର୍ଯ୍ୟ ପାଇଁ ବି ଏବେ ଜିଲା ତଥା ରାଜ୍ୟ ବାହାର ଲୋକଙ୍କୁ ଅଗ୍ରାଧିକାର ମିଳୁଛି। ଯେଉଁ କିଛି ଲୋକ ଜମିବାଡି, ଘରଦ୍ୱାରା ହରାଇ କାରଖାନାରେ ଚାକିରି କରୁଛନ୍ତି, ତାହା ମଧ୍ୟ ସ୍ଥାୟୀ ନୁହେଁ। ବିଭିନ୍ନ ଜିଲାରେ ଖୋଲିଥିବା ଶିଳ୍ପ କାରଖାନାରେ ଅଫିସର ପଦବୀରେ ନିଯୁକ୍ତି ଏବଂ ଦରମା ବୃଦ୍ଧିରେ ଅଣଓଡ଼ିଆଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଏଭଳି ପାତରଅନ୍ତର ଯୋଗୁ ବିଭିନ୍ନ ସମୟରେ ଆନ୍ଦୋଳନ ହେଉଥିବାବେଳେ ଷଡ଼ଯନ୍ତ୍ର କରି ଦବାଇ ଦିଆଯାଉଛି।

ବିଧାନସଭାର ଉତ୍ତର ଅନୁଯାୟୀ, ସୁନ୍ଦରଗଡ଼ ଜିଲାରେ ଶ୍ୟାମ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ୧୦୨୦ ଜଣଙ୍କୁ ନିଯୁକ୍ତି ଦେଇଥିବାବେଳେ ଆର୍ଯ୍ୟନ ମାଇନିଂ ଆଣ୍ଡ ଟ୍ରେଡିଂ କର୍ପୋରେଶନ ୧୨୦, ଭାସ୍କର ଷ୍ଟିଲ ଆଣ୍ଡ ଫେରୋ ଆଲଏଜ ୬୩୪, ଶ୍ରୀ ମହାବୀର ଫେରୋ ଆଲଏଜ ୧୪୦, ବିକ୍ରମ ପ୍ରା.ଲି. ୧୧୦, ଏସେଲ ମାଇନିଂ ଆଣ୍ଡ ଇଣ୍ଡଷ୍ଟ୍ରିଜ ଲିଃ ୩୫୦, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିଃ ୧୪୧, କେନ୍ଦୁଝରର ଜିଲାରେ ଏସେଲ ମାଇନିଂ ଆଣ୍ଡ ଇଣ୍ଡଷ୍ଟ୍ରିଜ ଲିଃ ୧୦୦, ଜିନ୍ଦଲ ଷ୍ଟିଲ ଆଣ୍ଡ୍ ପାୱାର ଲିଃ ୪୫୦ ଓ ମିନେରାଲ୍ସ ପ୍ରା.ଲିଃ ୧୯୨ ଏବଂ କେନ୍ଦୁଝର ଓ ଯାଜପୁର ଜିଲାରେ ବ୍ରାହ୍ମଣୀ ରିଭର୍ସ ପେଲେଟ ଲିଃ ୧୧୨୨ ଜଣଙ୍କୁ ନିଯୁକ୍ତି ଦେଇ ଷ୍ଟିଲ ପେଲେଟାଇଜେଶନ ଉତ୍ପାଦନ ଆରମ୍ଭ କରିଛି। କେନ୍ଦୁଝର ଓ ଭଦ୍ରକ ଜିଲାର ସୋସିଏଡେଡ ଦେ ଫୋମେଣ୍ଟୋ ଇଣ୍ଡଷ୍ଟ୍ରିଆଲ ପ୍ରା.ଲି, ସୁନ୍ଦରଗଡ଼ ଜିଲାର ଲାଠିକଟା ଏନଭାରୋକେୟାର ଇନଫ୍ରାସଲ୍ୟୁଶନ ପ୍ରା.ଲି. ଓ କୋଇରା ଏନଭାରୋକେୟାର ଇନଫ୍ରାସଲ୍ୟୁଶନ ପ୍ରା.ଲି. ପ୍ରକଳ୍ପର ଅନୁମୋଦନ ବିଚାରାଧୀନ ରହିଛି।

# ସୌମ୍ୟ କହିଲେ ଛୋଟ ଘଟଣା, ଲେଖାଶ୍ରୀ ପଚାରିଲେ ବଡ଼ କ'ଣ

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ବିଜେଡି ଉପସଭାପତି ତଥା ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ନାବାଳିକା ପରୀ ହତ୍ୟାକାଣ୍ଡକୁ ଏକ ଛୋଟ ଘଟଣା ବୋଲି ମତ ଦେଇଛନ୍ତି। ଏହାକୁ ନେଇ ଭାଜପା ସୌମ୍ୟଙ୍କୁ କଡ଼ା ସମାଲୋଚନା କରିଛି। ନୟାଗଡ଼ ଜିଲାର ୫ ବର୍ଷର ଝିଅ ପରୀ ହତ୍ୟା ଘଟଣାକୁ ନେଇ ବିଧାନସଭା ଭିତରେ ଓ ବାହାରେ ବିରୋଧୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହି ପ୍ରସଙ୍ଗରେ ସୌମ୍ୟ କହିଛନ୍ତି, ଏହା ଏକ ଛୋଟିଆ ଘଟଣା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧୀ ଦଳର ଦାବିକୁ ସମ୍ମାନ ଜଣାଇ ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ ପାଇଁ ସଙ୍କେତ ଦେଇଛନ୍ତି। ଏସ୍‌ଆଇଟିର ତଦନ୍ତ ପରେ ଦୋଷୀ କିଏ ଜଣାପଡ଼ିଯିବ। ଏତେ ବ୍ୟସ୍ତ ହେଲେ କ'ଣ ହେବ। ଅଭିଯୋଗ ବହୁତ ପ୍ରକାର ହେବ। ସେଥିରେ କାହାର ସମ୍ପୃକ୍ତି ଅଛି, ନ ଅଛି ତଦନ୍ତ ହେଲେ ଜଣାପଡ଼ିବ। ଆଉ ଏହି ଘଟଣାକୁ ଅଧିକ ନ ଘାଣ୍ଟି ବିରୋଧୀ ଦଳ ଗୃହ ଚଳାଇବାରେ ସହଯୋଗ କରିବା ଉଚିତ ବୋଲି ସୌମ୍ୟ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ତେବେ ବଡ଼ ଘଟଣା କ'ଣ ସୌମ୍ୟ ବାବୁ କୁହନ୍ତୁ। ୫ ବର୍ଷର ଏକ ଛୋଟ ଝିଅକୁ ସ୍ପଷ୍ଟ ଦିବାଲୋକରେ ଉଠାଇ ନେଇ ହତ୍ୟା କରିଦେଲେ। ତାକୁ ମାରି ତା'ର ଅଙ୍ଗ ବିକ୍ରି କରାଯାଇଛି। ଉକ୍ତ କୁନି ଝିଅ ସହ ଆଉ କ'ଣ ହୋଇଥିଲେ ବଡ଼ ହୋଇଥାଆନ୍ତା ବୋଲି ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି।



ପରୀ ଘଟଣାକୁ ନେଇ ଶୁକ୍ରବାର ବିଧାନସଭାରେ ବିରୋଧୀ ହଟ୍ଟଗୋଳ କରୁଛନ୍ତି।

# ୬୨୭ ସଂସ୍ଥାର ଜଳକର ବକେୟା ୩୯୩୬.୮୬ କୋଟି

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

**କୋର୍ଟ କଚେରି ଯାଇଥିବା ୨୬ ସଂସ୍ଥା ଉପରେ ୩୦୭୫.୫୫ କୋଟି ଗଡୁଛି**

ଜଳବାୟୁ ପରିବର୍ତ୍ତନ, ଦ୍ରୁତ ଶିଳ୍ପାୟନ ଓ ସହରୀକରଣ କାରଣରୁ ରାଜ୍ୟର ଅଧିକାଂଶ ନଦୀରେ ଜଳ ପ୍ରବାହ ହ୍ରାସ ପାଇବାରେ ଲାଗିଛି। ୨୦୫୦ ବେଳକୁ ରାଜ୍ୟରେ ଉତ୍କଟ ପାନୀୟ ଜଳ ସଙ୍କଟ ସୃଷ୍ଟି ହେବା ନେଇ ପରିବେଶବିତ୍ ଚେତାବନୀ ଦେଲେଣି। ଏଭଳି ସ୍ଥିତିରେ ଗତ କିଛିବର୍ଷ ହେବ ରାଜ୍ୟର ବିଭିନ୍ନ ନଦୀ ଓ କେନାଲ ଜଳକୁ ଶିଳ୍ପସଂସ୍ଥାଗୁଡିକୁ ଅତି ସ୍ୱଳ୍ପ ମୂଲ୍ୟରେ ଟେକି ଦିଆଯାଉଛି। ଅନ୍ୟପକ୍ଷରେ ଶିଳ୍ପ ସଂସ୍ଥାଗୁଡିକ ବହୁ ପରିମାଣରେ ଜଳ ଶୋଷୁଥିଲେ ମଧ୍ୟ ଏ ବାବଦ ଟିକସ ଫାଙ୍କି ଚାଲିଛନ୍ତି। ଏପରି କି କୋର୍ଟ କଚେରି ଦ୍ୱାରସ୍ଥ ହୋଇ ବହୁ କୋଟି ଟଙ୍କାର ଜଳକର ଦୀର୍ଘବର୍ଷ ଧରି ପଇଠ କରୁନାହାନ୍ତି। ଫଳରେ ରାଜ୍ୟ ଜଳ ସମ୍ପଦ ହରାଉଥିଲେ ମଧ୍ୟ ଏ ବାବଦ କ୍ଷତି ଭରଣା ହୋଇପାରୁନାହିଁ।

୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟର ବିଭିନ୍ନ ଶିଳ୍ପ, ଖଣି, ବ୍ୟବସାୟିକ ସଂସ୍ଥା ଓ ରେଲ୍‌ୱେ ଆଦି ୬୨୭ ସଂସ୍ଥା ଉପରେ ୩୯୩୬.୮୬ କୋଟି ଟଙ୍କା ଜଳକର ବକେୟା ପଡିଛି। ସେଥିରୁ କୋର୍ଟ କଚେରିରେ ମାମଲା ଯୋଗୁ ୨୬ ସଂସ୍ଥା ଉପରେ ୩୦୭୫.୫୫ କୋଟି ଟଙ୍କା ଦୀର୍ଘବର୍ଷ ହେବ ବକେୟା ପଡିଛି। ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଶୁକ୍ରବାର ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହି ତଥ୍ୟ ଦେଇଛନ୍ତି।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଅନୁଗୋଳସ୍ଥିତ ଭରତପୁର ଓସିପି ଉପରେ ୩୦୨୮.୪୪ ଲକ୍ଷ ଟଙ୍କା ଥିବାବେଳେ ଭୁବନେଶ୍ୱରୀ ଓସିପି ଉପରେ ୧୧୬୦.୦୬ ଲକ୍ଷ, ଅନନ୍ତ ଓସିପି ୧୦୨୭.୨୦ ଲକ୍ଷ, ଜଗନ୍ନାଥ କୋଲିଏରି ଉପରେ ୧୨୪୨ ଲକ୍ଷ, ତାଳଚେର କୋଲିଏରି ଉପରେ ୮୩୬.୮୮ ଲକ୍ଷ, ନନ୍ଦିରା କୋଲିଏରି ଉପରେ ୧୪୩୮.୨୮ ଲକ୍ଷ, ଯୋଡ଼ାସ୍ଥିତ ଟାଟା ଷ୍ଟିଲ୍ ଉପରେ ୧୫,୯୭୫.୭୫ ଲକ୍ଷ, କେନ୍ଦୁଝରସ୍ଥିତ ଏସାର ଷ୍ଟିଲ୍ ଇଣ୍ଡିଆ ଉପରେ ୮୩୫.୨୭ ଲକ୍ଷ, ଆସ୍କା ଟିନିକଲ ଉପରେ ୧୪୪୫.୨୮ ଲକ୍ଷ, ସମ୍ବଲପୁର ଜନସ୍ୱାସ୍ଥ୍ୟ ଡିଭିଜନ ଉପରେ ୧୭୧୬.୯୮ ଲକ୍ଷ ଟଙ୍କା ଜଳକର ବାକି ରହିଛି। ସେହିପରି ଜେ.କେ. କର୍ପୋରେଶନ ଲିମିଟେଡ ଉପରେ ୯୨୭୦.୫୬ ଲକ୍ଷ ଟଙ୍କା ବାକି ରହିଥିବା ବେଳେ ବେଲପାହାଡ଼ ସ୍ଥିତ ଟାଟା ରିଫ୍ରାକ୍ଟୋରିଜ ଲିମିଟେଡ ଉପରେ ୬୫୦୩.୦୩ ଲକ୍ଷ, ଦକ୍ଷିଣ ପୂର୍ବ ରେଳପଥ ଝାରସୁଗୁଡା ଉପରେ ୩୫୬୯୫ ଲକ୍ଷ, ଭିରାଜ ଷ୍ଟିଲ୍ ଆଣ୍ଡ ଏନର୍ଜି ଉପରେ ୨୯୯୩.୫୧ ଲକ୍ଷ, ବ୍ରଜରାଜନଗର ସ୍ଥିତ ଓରିଏଣ୍ଟ ପେପର ମିଲ୍ ଉପରେ ୨୧୬୧୨ ଲକ୍ଷ, ଭୂଷଣ ଲିମିଟେଡ ଉପରେ ୭୬୬୨ ଲକ୍ଷ, ବନହରପାଲି ଆଇଟିପିଏସ୍ ଉପରେ ୧୦୮୩.୪୭ ଲକ୍ଷ, ଶ୍ୟାମ ସମ୍ବଲପୁର ସ୍ଥିତ ମେଟାଲିକ ଆଣ୍ଡ ଏନର୍ଜି ଉପରେ ୧୦୩୭୦.୮୩ ଲକ୍ଷ, ସମ୍ବଲପୁର ଜନସ୍ୱାସ୍ଥ୍ୟ ଡିଭିଜନ ଉପରେ ୬୫୩୪.୨୪ ଲକ୍ଷ, ଢେଙ୍କାନାଳ ରିଲାଏନ୍ସ ଏନର୍ଜି ଉପରେ ୨୮୭୧.୦୯ ଲକ୍ଷ, ଭୂଷଣ ଷ୍ଟିଲ୍ ଉପରେ ୫୬୩୭.୭୩ ଲକ୍ଷ, ବିଆର୍‌ଓ ଆଇରନ ଆଣ୍ଡ ଷ୍ଟିଲ୍ ଉପରେ ୧୯୯୬.୨୮ ଲକ୍ଷ, ଶ୍ରୀ ମହାବୀର ଫେରୋ ଆଲଏଜ ଉପରେ ୬୨୫୧ ଲକ୍ଷ, ଷ୍ଟିଲ୍ ଅଥରିଟି ଇଣ୍ଡିଆ ଉପରେ ୨୨୦୬୮ ଲକ୍ଷ ଟଙ୍କା ବାକି ରହିଛି। ଅନ୍ୟପକ୍ଷରେ ମାମଲା ରୁଜୁ କରିଥିବା ୨୬ ସଂସ୍ଥା ନିକଟରୁ ୫୦ ପ୍ରତିଶତ ବକେୟା ଆଦାୟ କରିବା ପାଇଁ ସରକାର ହାଇକୋର୍ଟରେ ମିସ୍ କେସ୍ ଫାଇଲ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଶିଳ୍ପ ସଂସ୍ଥାଗୁଡିକୁ ଯୋଗାଇ ଦିଆଯାଉଥିବା ଜଳ ଫ୍ଲୋମିଟର ଜରିଆରେ ମପାଯାଇ ମୂଲ୍ୟ ଧାର୍ଯ୍ୟ କରାଯାଇଥାଏ। ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଜଳସେଚନ ବିଭାଗ ୫ କ୍ୟୁସେକ ଜଳ ନେଉଥିବା ଶିଳ୍ପ ପାଇଁ ପ୍ରତି ୧ ହଜାର ଲିଟର ପାଣି ନିମନ୍ତେ ୯ ଟଙ୍କା ୫୨ ପଇସା ଧାର୍ଯ୍ୟ କରିଥିବାବେଳେ ୫ କ୍ୟୁସେକରୁ ଅଧିକ ଜଳ ନେଉଥିବା ଶିଳ୍ପ ସକାଶେ ପ୍ରତି ୧ ହଜାର ଲିଟରକୁ ୧୨ ଟଙ୍କା ୬୦ ପଇସା ଧାର୍ଯ୍ୟ କରିଛି। ଏହି ହିସାବ ସରକାରୀ ସ୍ତରରେ ରଖାଯାଇଥିବାବେଳେ ବାସ୍ତବ ପରିସ୍ଥିତି କିନ୍ତୁ ଅଲଗା। ସବୁ ନ ହେଲେ ମଧ୍ୟ ଅଧିକାଂଶ ଶିଳ୍ପ ସଂସ୍ଥା ସରକାରୀ ଅନୁମୋଦନଠାରୁ ଯଥେଷ୍ଟ ଅଧିକ ଜଳ ଶୋଷଣ କରୁଛନ୍ତି।

# 'ଉତ୍କଳ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳୁ'

**କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର**

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ):** ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଏହାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏନେଇ ଶୁକ୍ରବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କଙ୍କୁ ଚିଠି ଲେଖି ଏହି ପ୍ରସଙ୍ଗରେ ବ୍ୟକ୍ତିଗତ ହସ୍ତକ୍ଷେପ ଲାଗି ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାରେ ବିଶେଷକରି ଭୁବନେଶ୍ୱର ନିକଟରେ ଦ୍ୱିତୀୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ ଓଡ଼ିଶାର ଶିକ୍ଷାବିତ୍ ଦୀର୍ଘଦିନରୁ ଦାବି ହୋଇ ଆସୁଛି। ବିହାର ଏବଂ ଆନ୍ଧ୍ରପ୍ରଦେଶ ଭଳି ପଡୋଶୀ ରାଜ୍ୟ ସହ ତୁଳନା କରାଗଲେ ବିହାରରେ ୪ ଏବଂ ଆନ୍ଧ୍ରପ୍ରଦେଶରେ ୩ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରହିଛି। ମାତ୍ର ଓଡ଼ିଶାରେ କେବଳ କୋରାପୁଟରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରହିଥିବାବେଳେ ଏହାଦ୍ୱାରା କେବଳ ଦକ୍ଷିଣ ଓଡ଼ିଶାର ଛାତ୍ରୀଛାତ୍ର ଲାଭ ପାଉଛନ୍ତି। ଭୁବନେଶ୍ୱର ଆଗାମୀ ଦିନରେ ପୂର୍ବ ଭାରତର ଅର୍ଥନୀତି ଓ ଶିକ୍ଷା କ୍ଷେତ୍ରର ପେଣ୍ଠସ୍ଥଳି ହେବ। ଉତ୍କଳ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଲେ ଉପକୂଳ ଏବଂ ପୂର୍ବ ଓଡ଼ିଶାର ଛାତ୍ରୀଛାତ୍ରମାନେ ଉପକୃତ ହେବା ସହ ଏହି ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହାସହ ଶିଳ୍ପ ଓ ଶିକ୍ଷାବିତ୍‌ଙ୍କ ମଧ୍ୟରେ ସମନ୍ୱୟ ତିଆରି ହେବା ସହ ଅତ୍ୟାଧୁନିକ ଗବେଷଣାକୁ ପ୍ରୋତ୍ସାହନ ଦେବ। ୭୫ ବର୍ଷର ଐତିହ୍ୟ ଏବଂ ପରମ୍ପରାର ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ତଥା ଓଡ଼ିଶାର ଛାତ୍ରୀଛାତ୍ରଙ୍କ ଆବଶ୍ୟକତା, କଲ୍ୟାଣ ଏବଂ ଦେଶର ଉଚ୍ଚ ଶିକ୍ଷା ଅନୁଷ୍ଠାନକୁ ସଶକ୍ତ କରିବା ଜରୁରୀ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ରାଶନ କାର୍ଡ ସଂଶୋଧନରେ ମନ୍ଥରତା

**କଟକ ସଦର,୨୭।୧୧(ଡି.ଏନ.ଏ.)**

୨୦୨୧ରୁ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ଗୋଟିଏ ଦେଶ, ଗୋଟିଏ ରାଶନକାର୍ଡ ନିୟମ ଲାଗୁ ହେବ। ଏଥିପାଇଁ ରାଜ୍ୟରେ ରାଶନକାର୍ଡର ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ କଟକ ସଦର ବ୍ଲକରେ ଏହି କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। କାରଣ ସଂଶୋଧନ ପାଇଁ ଡାଟାଏଣ୍ଟ୍ରି ଅପରେଟର ଜଣକ ଯୋଗାଣ ବିଭାଗ କାର୍ଯ୍ୟ ଛାଡ଼ି ପଞ୍ଚାୟତିରାଜ ବିଭାଗ କାର୍ଯ୍ୟରେ ନିୟୋଜିତ ହୋଇଥିବା ଜଣାପଡିଛି। ଫଳରେ ରାଶନ କାର୍ଡ ସଂଶୋଧନ, ଆଧାର ସଂଯୋଗ, ନାମର ବନାନ ସଂଶୋଧନ, ବାୟୋମେଟ୍ରିକ ଛାପ ମେଳ ଆଦି କାର୍ଯ୍ୟରେ ବିଳମ୍ବ ହେବା ସମ୍ଭାବନା ରହିଛି। ଆସନ୍ତା ଡିସେମ୍ବର ୧୦ ତାରିଖ ମଧ୍ୟରେ କାର୍ଯ୍ୟ ଶେଷ ନ ହେଲେ ୨୦୨୧ ଜାନୁୟାରୀ ମାସର କୋଟା ସମସ୍ତ ହିତାଧିକାରୀ ପାଇପାରିବ ନାହିଁ। ଏହି ସଂଶୋଧନ କାମ ପାଇଁ ଯୋଗାଣ ବିଭାଗ ପକ୍ଷରୁ ଜଣେ ଠିକା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ତେଣୁ ଅନ୍ୟ ବିଭାଗର କାମ ତାଙ୍କ ଉପରେ ନ୍ୟସ୍ତ କରାଯାଇପାରିବ ନାହିଁ। ଏ ସମ୍ପର୍କରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତି ଦେଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମିଟିଂରେ ବ୍ୟସ୍ତ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ହେଲେ ଏହା ସମ୍ବେଦନଶୀଳ ବିଷୟ ହୋଇଥିବାରୁ ବିଡିଓଙ୍କ ସହ ଆଲୋଚନା କରାଯିବ ବୋଲି କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି।



ନୂଆଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିରରେ ଶୁକ୍ରବାର ଶ୍ରୀଜିଉଙ୍କ ନାଗାର୍ଜୁନ ବେଶ।

# ଚାଇନାରେ କୋଭିଡ୍ ଟିକାର କଳାବଜାର



ପରୀକ୍ଷା ନ ସରୁଣୁ ଭାକ୍ସିନ୍ ପାଇଁ ଲମ୍ବା ଧାଡ଼ି

**ବେଜିଂ, ୨୭।୧୧:** ଚାଇନାରେ କରୋନା ଟିକାର ପରୀକ୍ଷା ଶେଷ ହୋଇନି କି ବ୍ୟବହାର ପାଇଁ କର୍ତ୍ତୃପକ୍ଷ ଅନୁମତି ଦେଇନାହାନ୍ତି। ଏହା ସତ୍ତ୍ୱେ ଝେଜିଆଙ୍ଗ ପ୍ରଦେଶର ୟିୟୁ ସହରରେ ଥିବା ଏକ ହସ୍ପିଟାଲ ବାହାରେ ଟିକା ନେବା ଲାଗି ଶହ ଶହ ଲୋକ ଲମ୍ବା ଧାଡ଼ି ଲଗାଇଥିବା ଦେଖିବାକୁ ମିଳିଛି। ଏହା କ୍ଲିନିକାଲ ପରୀକ୍ଷାର ଅଂଶବିଶେଷ ହୋଇ ନ ଥିଲେ ହେଁ ସେମାନେ ପରୀକ୍ଷାମୂଳକ ଭାବେ ଏହାକୁ ନେବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ଚାଇନା ସରକାରଙ୍କ ସମର୍ଥନ ଥିବାରୁ ଯେଉଁମାନଙ୍କ ପାଖରେ ଅର୍ଥ ଅଛି ଓ ଧାଡ଼ିରେ ଛିଡ଼ାହୋଇପାରିବେ, ସେମାନେ ଟିକା ପାଇପାରିବେ ବୋଲି କୁହାଯାଉଛି।

ବେଜିଂର ଚେଙ୍ଗ୍ ନାମକ ଜଣେ ବ୍ୟବସାୟୀ ଆମେରିକା ଯିବା ପୂର୍ବରୁ ଟିକା ନେବା ଲାଗି ଆଗ୍ରହ ପ୍ରକାଶ କରି ଗୁଆଙ୍ଗଡୋଙ୍ଗ୍‌ରେ ଥିବା ତାଙ୍କର ଜଣେ ବନ୍ଧୁଙ୍କୁ କହିଥିଲେ। ସେ ସେଠାକୁ ଯାଇ ୯୧ ଡଲାରରେ ଟିକାର ଦୁଇଟି ଡୋଜ୍ ନେବେ। ସିନୋଫାର୍ମା କମ୍ପାନୀ ଉକ୍ତ ଟିକା ପ୍ରସ୍ତୁତ କରୁଥିବାବେଳେ ତାହା ପରୀକ୍ଷା ପର୍ଯ୍ୟାୟରେ ରହିଛି। ଟିକା ପାଇଁ ଲୋକଙ୍କ ମଧ୍ୟରେ ଦେଖାଦେଇଥିବା ଆଗ୍ରହରୁ ଏହାର କଳାବଜାର ଆରମ୍ଭ ହୋଇଯାଇଛି। ଆଲିପେ ଜରିଆରେ ଦେୟ ପଠାଇଲେ ଟିକା ମିଳିଯାଉଛି। ତେବେ ଏହା କଳାବଜାର ହୋଇଥିବାରୁ ସେ ସବିଶେଷ ସୂଚନା ଦେଇନାହାନ୍ତି।

ଫାଇଜର, ଅଷ୍ଟ୍ରାଜେନିକା ଆଦି କମ୍ପାନୀ ଟିକା ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଏହାର ଉପଯୁକ୍ତ ପରିଚାଳନା ଦେଶଗୁଡ଼ିକ ପାଇଁ ଏବେ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଆବଶ୍ୟକ ପରିମାଣରେ ଟିକା ଯୋଗାଇବା ସମ୍ଭବ ନ ଥିବାରୁ ଏହାର ବେଆଇନ କାରବାର ହେବା ନିଶ୍ଚିତ ବୋଲି କୁହାଯାଉଛି। ଚାଇନାର ଏକ ଘରୋଇ ଟିକାକୁ ଜରୁରୀ ବ୍ୟବହାର ଲାଗି ପରୀକ୍ଷାମୂଳକ ଭାବେ ଅନୁମତି ମିଳିଥିଲା। ଏହା କେବଳ କୋଭିଡ୍ ରୋଗୀଙ୍କ ଚିକିତ୍ସାରେ ନିୟୋଜିତ ଥିବା ମେଡିକାଲ କର୍ମଚାରୀ ଓ ବନ୍ଦର କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ଏହି ନିୟମର ଉଲ୍ଲଂଘନ ହୋଇଥିବା ଜଣାପଡ଼ିଛି। କେତେକ ପାଶ୍ଚାତ୍ୟ କମ୍ପାନୀ ସେମାନଙ୍କ ଟିକାର ସଫଳତା ସମ୍ପର୍କରେ ଘୋଷଣା କରିଥିବାବେଳେ ଚାଇନା ଏପର୍ଯ୍ୟନ୍ତ ତା'ର ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଫଳାଫଳ ସର୍ବସାଧାରଣରେ ଘୋଷଣା କରିନାହିଁ। ତେଣୁ ଚାଇନା ପ୍ରସ୍ତୁତ ଟିକା କେତେ ସଫଳ ତାହା କହିବା କଷ୍ଟକର। ତଥାପି ଲୋକେ ଉକ୍ତ ଟିକା ନେବା ପାଇଁ ବ୍ୟାକୁଳ। ଟିକା ସହ ସମ୍ପୃକ୍ତ ଥିବା ଅନ୍ୟ କୌଣସି ଦେଶକୁ ଏହାକୁ ସ୍ଥାନାନ୍ତର କରାଯାଇପାରେ ବୋଲି ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲର ଲଣ୍ଡନରେ ଥିବା ହେଲ୍‌ଥ ଇନିସିଏଟିଭ୍ ନିର୍ଦ୍ଦେଶକ ରାଚେଲ୍ କୁପର କହିଛନ୍ତି। ମହାମାରୀ ପୂର୍ବରୁ ଚାଇନାରେ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ଲାଞ୍ଚ କାରବାର ଚାଲିଥିଲା ବୋଲି ସେ ସୂଚନା ଦେଇଛନ୍ତି।

# ବିଜେଡି ଜିଲା କମିଟି ପୁନର୍ଗଠିତ

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ବିଜୁ ଜନତା ଦଳର ଜିଲା କମିଟିର ପୁନର୍ଗଠନ କରାଯାଇଛି। ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ କଟକ, ବଲାଙ୍ଗୀର, ମାଲକାନଗିରି ଜିଲା କମିଟିର କର୍ମକର୍ତ୍ତା ଚୟନ କରାଯାଇଛି। ଶୁକ୍ରବାର ଏ ନେଇ ବିଜେଡି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

କଟକ ଜିଲା କମିଟିର କଟକ ସହର ସଭାପତି ଭାବେ ମଧୁସୂଦନ ସାହୁଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ବଲାଙ୍ଗୀର ଜିଲା କମିଟିର କାର୍ଯ୍ୟକାରୀ ସଭାପତି ଭାବେ ଅଶୋକ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ବଲାଙ୍ଗୀର ଜିଲା କମିଟିର ଉପ ସଭାପତି ଭାବେ ମହେଶ୍ୱର ସାହୁ, ସୁରେଶ ନାୟକ, ସୁରେନ୍ଦ୍ର ସାହୁ, ଉମା ସାହୁ ଏବଂ ପ୍ରଦୀପ ଗୁରୁଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ କୈଳାସ ମହାନ୍ତି, ବିଜୟ ପ୍ରଧାନ, ପବିତ୍ର ପୁଟେଲ, ଫିରୋଜ ଖାନ, ରଣା ପୃଷ୍ଟି, ବିଜୟ ଦାସ, ଉମା ସିଂ ଏବଂ ରାଜେନ୍ଦ୍ର ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି। କୋଷାଧ୍ୟକ୍ଷ ଭାବେ ପ୍ରେମ ଚାନ୍ଦ ଜେନାଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସମ୍ପାଦକ ଭାବେ ରଞ୍ଜିତ ମାଝି, ଧନଞ୍ଜୟ ମହାନନ୍ଦ, ପ୍ରେମଚାନ୍ଦ ପୁଟେଲ, ବିନୟ ବିହାର, ଶରତ ସିଂ ଭୋଇ, ଗୋବିନ୍ଦ୍ର ମେହେର, ସୁଶିଲ ଅଗ୍ରୱାଲ, ପ୍ରମୋଦ ପ୍ରଧାନ, ଭକ୍ତ ମାଝି, ଦୋଳମଣି ଥାପ୍ପା, ଅଶୋକ ବରିହା, ଆଶିଷ ସିଂଦେଓ, ଧ୍ରୁବ ଲୁଏଦ, କୁଳମଣି ମେହେରଙ୍କୁ ନିଯୁକ୍ତି ଦିଆଯାଇଛି। କମିଟି ମେମ୍ବର ଭାବେ ୨୮ ଜଣଙ୍କୁ ନିଯୁକ୍ତି ଦିଆଯାଇଛି।

ସେହିପରି ମାଲକାନଗିରି ଜିଲା କମିଟିର କାର୍ଯ୍ୟକାରୀ ସଭାପତି ଭାବେ ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଉପସଭାପତି ଭାବେ ରଜୱନ୍ତ କୌ, ଗୋଅର ଚନ୍ଦ୍ର ସୁଗ୍ରୀ, ହୃଦାନନ୍ଦ ସାହୁ, ଗଣେଶ ମଣ୍ଡଳ ଏବଂ ସୁବାସ ବାନାର୍ଜୀଙ୍କୁ ନିଯୁକ୍ତି ଦିଆଯାଇଛି। ସାଧାରଣ ସମ୍ପାଦକ ଭାବେ ପ୍ରଭାକର ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଗୋପାଳ ପଣ୍ଡା, ରବି ନାରାୟଣ ପାତ୍ର, ପ୍ରତାପ ଚନ୍ଦ୍ର ସାହୁ ଏବଂ ଭବାନୀ ଶଙ୍କର ମିଶ୍ରଙ୍କୁ ସାଧାରଣ ସମ୍ପାଦକ, ସଂଗଠନ ସମ୍ପାଦକ ଭାବ ନୃସିଂହ ଚରଣ ମହାନ୍ତି, କୋଷାଧ୍ୟକ୍ଷ ମନୋଜ ବାରିକ, ସମ୍ପାଦକ ଭାବେ ଏସ. ପ୍ରଭାବ, ଦାଶରଥୀ ବେହେରା, ରୁଦ୍ର ନାରାୟଣ ପାତ୍ର, ନିରୋଦ ମିସ୍ତ୍ରୀ, ଶଙ୍କର ଶାହା, ବିଶ୍ୱନାଥ ରେଡ୍ଡୀ, ଶିବା ଖେମୁଣ୍ଡୁ, ସୁଗନ ବୋଷ, ବିପ୍ଲବ ବିଶ୍ୱାସ, ସରୋଜ ସାହୁ ଏବଂ ଏନ. ନାଗେଶ୍ୱର ରାଓଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଉପଦେଷ୍ଟା ଭାବେ ମୁକୁନ୍ଦ ସୋଡି, ପ୍ରକାଶ ପଟ୍ଟନାୟକ, ରାଜେନ୍ଦ୍ର ପଣ୍ଡା, କେଶବ ନାୟକ, ଭି.ଏଲ ରାଓ ଏବଂ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ୨୪ ଜଣଙ୍କୁ ନିଯୁକ୍ତି ଦିଆଯାଇଛି।



ବଲିଉଡ୍ ଅଭିନେତ୍ରୀ ଦିଶା ପାଟନୀ ସମୁଦ୍ର କୂଳରେ ବିକିନି ପିନ୍ଧିଥିବାର କିଛି ଫଟୋ ସୋସିଆଲ ମିଡ଼ିଆରେ ଶେୟାର କରିଥିଲେ । ହେଲେ ଏହି ଫଟୋଗୁଡ଼ିକ ପାଇଁ ସେ ପ୍ରଶଂସା ଠାରୁ ଅଧିକ ଟ୍ରୋଲ୍‌ର ଶିକାର ହୋଇଛନ୍ତି ।



# ହ୍ୱାଇଟ୍ ହାଉସ୍ କିଚେନ୍

**ସରିଛି ଆମେରିକା ରାଷ୍ଟ୍ରପତି ନିର୍ବାଚନ। ଡୋନାଲ୍ଡ ଟ୍ରମ୍ପଙ୍କୁ ହରାଇ ବାଜି ମାରିଛନ୍ତି ଡେମୋକ୍ରାଟିକ୍ ପାର୍ଟିର ନେତା ଜୋ ବାଇଡେନ୍। ନବନିଯୁକ୍ତ ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ପ୍ରସ୍ତୁତ ହ୍ୱାଇଟ୍ ହାଉସ୍ । ସୁରକ୍ଷା ବ୍ୟବସ୍ଥା, ଅତ୍ୟାଧୁନିକ ସୁବିଧା ଆମେରିକାର ରାଷ୍ଟ୍ରପତି ଭବନକୁ ସର୍ବାଗ୍ରେ ରଖିଥିବାବେଳେ ଏହାର ପରିସରରେ ଥିବା ସୁବ୍ୟବସ୍ଥିତ ପାକଶାଳା ମଧ୍ୟ କିଛି କମ୍ ନୁହେଁ । ରାଷ୍ଟ୍ରପତି, ତାଙ୍କ ପରିବାର ସଦସ୍ୟ ଏବଂ ଏଠାକୁ ଆସୁଥିବା ଅତିଥିଙ୍କ ଲାଗି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରିବାକୁ ଏହି କିଚେନରେ ରହିଛି ସମସ୍ତ ସୁବିଧା।**



**ୱାଶିଂଟନ୍:** ଆମେରିକା ରାଷ୍ଟ୍ରପତି ଭବନ 'ହ୍ୱାଇଟ୍ ହାଉସ୍'କୁ ବିଶ୍ୱର ସବୁଠାରୁ ସୁରକ୍ଷିତ ସୌଧର ମାନ୍ୟତା ମିଳିଛି। ୬ ମହଲା ବିଶିଷ୍ଟ ଏହି କୋଠା ୫୫,୦୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ପରିବ୍ୟାପ୍ତ। ଆମେରିକାର କ୍ଷମତା କେନ୍ଦ୍ରସ୍ଥଳ ଭାବେ ପରିଚିତ ଏହି ଭବ୍ୟ ଅଟ୍ଟାଳିକାରେ ରୁହନ୍ତି ଦେଶର ପ୍ରଥମ ପରିବାର। ଆମେରିକା ରାଷ୍ଟ୍ରପତିଙ୍କ ଅଫିସ କାର୍ଯ୍ୟ ମଧ୍ୟ ଏଠାରୁ ପରିଚାଳିତ ହୋଇଥାଏ।

ହ୍ୱାଇଟ୍ ହାଉସ୍‌ରେ ଦୁଇଟି କାମ ୨୪ ଘଣ୍ଟା ଅନବରତ ଚାଲିଥାଏ। ଗୋଟିଏ ହାଉସ୍ କିପିଂ ଏବଂ ଅନ୍ୟଟି ପାକଶାଳା ପରିଚାଳନା। କର୍ମଚାରୀମାନେ ଲଗାତର ସେବା ପ୍ରଦାନ କରିଥାନ୍ତି। ତେବେ ରୋଷେଇ ଘର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ସ୍ଥାନରୁ ରାଷ୍ଟ୍ରପତି ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଲାଗି ଖାଦ୍ୟପେୟ ପ୍ରସ୍ତୁତ ହୋଇଥାଏ। ବିଭିନ୍ନ ସମୟରେ ଅନ୍ୟ ରାଷ୍ଟ୍ରରୁ ଆସୁଥିବା ରାଷ୍ଟ୍ରମୁଖ୍ୟଙ୍କ ମନପସନ୍ଦର ଭୋଜନ ଏବଂ ଗୁରୁତ୍ୱପୂର୍ଣ୍ଣ ମିଟିଂ ଲାଗି ଖାଦ୍ୟପଦାର୍ଥ ମଧ୍ୟ ଏଠାରେ ପ୍ରସ୍ତୁତ ହୋଇଥାଏ। ରୋଷେଇ ଘର ଦାୟିତ୍ୱରେ ଥିବା କର୍ମଚାରୀମାନେ ଖାଦ୍ୟ ତିଆରି କରିବାଠାରୁ ପରଷିବା ଯାଏ ସମସ୍ତ କାର୍ଯ୍ୟ କରିଥାନ୍ତି। ସାଧାରଣତଃ ରାଷ୍ଟ୍ରପତିଙ୍କ ସ୍ତ୍ରୀ ପାକଶାଳା କାର୍ଯ୍ୟରେ ହସ୍ତକ୍ଷେପ କରିଥାନ୍ତି। ଅନ୍ୟ କେତେଜଣ ଏଥିରୁ ଦୂରେଇ ରୁହନ୍ତି। ଉଦାହରଣ ସ୍ୱରୂପ, ଆମେରିକାର ୩୪ତମ ରାଷ୍ଟ୍ରପତି ଡାଇଟ୍ ଡି. ଆଇସେନହ୍ୱେରଙ୍କ ସ୍ତ୍ରୀ ମେମି ହ୍ୱାଇଟ୍ ହାଉସ୍ କିଚେନ୍‌ରେ ବେଶ୍ ସକ୍ରିୟ ରହୁଥିଲେ। ତେବେ ବର୍ତ୍ତମାନର ରାଷ୍ଟ୍ରପତିଙ୍କ ସହଧର୍ମିଣୀ ମେଲାନିଆ ଟ୍ରମ୍ପ ପାକଶାଳା କାର୍ଯ୍ୟରେ ଦଖଲ ଦେଉ ନ ଥିଲେ।

ହ୍ୱାଇଟ୍ ହାଉସ୍‌ର ୧୩୨ ପ୍ରକୋଷ୍ଠ ମଧ୍ୟରୁ ୩ଟିରେ ରୋଷେଇ ବ୍ୟବସ୍ଥା ରହିଛି। ଏହି କିଚେନ୍ କୌଣସି ସମୟରେ ୧୪୦ଜଣ ଅତିଥିଙ୍କ ଲାଗି ଖାଦ୍ୟ ପରସିବାର କ୍ଷମତା ରଖେ। ଆବଶ୍ୟକ ସମୟରେ ଏଠାରେ ୧୦୦୦ ଲୋକଙ୍କ ଲାଗି ଖାଇବା ବ୍ୟବସ୍ଥା ମଧ୍ୟ କରାଯାଇପାରିବ। ହେଲେ ଏଥିଲାଗି ପୂର୍ବରୁ ରୋଷେଇଶାଳାର ମୁଖିଆଙ୍କୁ ସୂଚିତ କରିବାକୁ ପଡ଼ିଥାଏ। ମୁଖ୍ୟ ପାକଶାଳାକୁ ବାଦ୍ ଦେଲେ ପେଷ୍ଟ୍ରି କିଚେନ ଏବଂ ଫ୍ୟାମିଲି କିଚେନ ମଧ୍ୟ ଅଛି। ଏଠାରେ ସକାଳ ଜଳଖିଆ ପ୍ରସ୍ତୁତ କରାଯାଇଥାଏ। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ସହ କିଚେନ ପ୍ରତ୍ୟକ୍ଷ ଭାବେ ସମ୍ପର୍କିତ। ରାଷ୍ଟ୍ରପତିଙ୍କ ଅଫିସରେ ଏକ ବଟନ୍ ଥାଏ। ଏହାକୁ ଦବାଇ ସେ ନିଜ ଇଚ୍ଛା ଅନୁଯାୟୀ ଖାଦ୍ୟପାନୀୟ ଅର୍ଡର କରିଥାନ୍ତି। ସୂଚନାଯୋଗ୍ୟ, ଡୋନାଲ୍ଡ ଟ୍ରମ୍ପ ବଟନ ଦବାଇ ଅଧିକାଂଶ ସମୟରେ ଫ୍ରେଶ କୋକ୍ ଏବଂ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଗରମ ଚା ଅର୍ଡର କରୁଥିଲେ।

ସୁରକ୍ଷା ଦୃଷ୍ଟିରୁ ଖାଦ୍ୟ ପରିବେଷଣ ପୂର୍ବରୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଥାଏ। ହ୍ୱାଇଟ୍ ହାଉସ୍ ପରିସରକୁ କୌଣସି ବାହାର ଖାଦ୍ୟ ପ୍ରବେଶ କରିବା ଉପରେ କଟକଣା ଜାରି କରାଯାଇଛି। ରାଷ୍ଟ୍ରପତି କିମ୍ବା ତାଙ୍କର ପରିବାର ସଦସ୍ୟ ବ୍ୟକ୍ତିଗତ କାର୍ଯ୍ୟରେ ପାକଶାଳା ବ୍ୟବହାର କଲେ କିମ୍ବା ପାର୍ଟି କଲେ, ଏହାର ଖର୍ଚ୍ଚ ନିଜ ପକେଟରୁ ଦେବାକୁ ପଡ଼ିଥାଏ। ଅନେକ ସମୟରେ ଖୁବ୍ କମ୍ ସମୟରେ ପାକଶାଳା କର୍ମଚାରୀଙ୍କୁ ଏକା ସଙ୍ଗରେ ଅନେକ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରିବାକୁ ପଡ଼େ। ତଥାପି ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି କର୍ମଚାରୀମାନେ ନିର୍ଦ୍ଧାରିତ ସମୟରେ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି।

## ମୁଖ୍ୟ ଶେଫ୍ ଏସୀୟ

ଆମେରିକାର ରାଷ୍ଟ୍ରପତିଙ୍କ ପଦବୀ ଯେତେ ଗୁରୁତ୍ୱପୂର୍ଣ୍ଣ ସେତିକି ତାଙ୍କର ଖାଦ୍ୟପେୟ। ଏଠାରେ ନିୟୋଜିତ ରୋଷେୟା ସମସ୍ତ ପ୍ରକାର ପାକ ପ୍ରସ୍ତୁତିରେ ଧୁରୀଣ। କ୍ରିଷ୍ଟେଟା କମରଫୋର୍ଡ ୧୪ ବର୍ଷ ଧରି ହ୍ୱାଇଟ୍ ହାଉସ୍‌ର ଏକ୍‌ଜିକ୍ୟୁଟିଭ୍ ଶେଫ୍ ଅଛନ୍ତି। ତାଙ୍କ ଘର ଫିଲିପାଇନ୍ସରେ। ଅର୍ଥାତ୍ ତାଙ୍କ ସମ୍ପର୍କ ଏସିଆ ମହାଦେଶ ସହ ଅଛି। ୧୯୮୫ରେ ମାତ୍ର ୨୩ ବର୍ଷ ବୟସରେ ସେ ଫିଲିପାଇନ୍ସରୁ ଆମେରିକା ଚାଲିଯାଇଥିଲେ। କିଚେନରେ ପିଢ଼ି ପରେ ପିଢ଼ି ଧରି ଅନେକେ କାମ କରୁଛନ୍ତି। ଏଠାରେ କାହାରିକୁ ସିଧାସଳଖ ଚାକିରି ମିଳେନାହିଁ। ଷ୍ଟାଫ୍ ମେମ୍ବର୍ସଙ୍କ ସୁପାରିସ କ୍ରମେ ହିଁ ଏଠାରେ ଜଣକୁ ନିଯୁକ୍ତି ମିଳିଥାଏ।

## ରାଷ୍ଟ୍ରପତି ବଦଳିଲେ ବଦଳେ ମେନୁ


ପ୍ରତି ୪ବର୍ଷରେ ଥରେ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ହୁଏ। ନିର୍ବାଚନରେ ପଟ୍ଟ ପରିବର୍ତ୍ତନ ହେଲେ ସ୍ୱତଃ ବଦଳିଯାଇଥାଏ ହ୍ୱାଇଟ୍ ହାଉସ୍ ମେନୁ। ପାରମ୍ପରିକ ନିୟମ ଅନୁଯାୟୀ ନବନିର୍ବାଚିତ ରାଷ୍ଟ୍ରପତି ଜାନୁୟାରୀ ୨୦ରେ ଦାୟିତ୍ୱ ଗ୍ରହଣ କରିବା ସହ ହ୍ୱାଇଟ୍ ହାଉସ୍‌ରେ ପ୍ରବେଶ କରିଥାନ୍ତି। ଏହିଦିନ ପାକଶାଳା କର୍ମଚାରୀଙ୍କୁ ତର ନ ଥାଏ। କାରଣ ସେମାନଙ୍କୁ ପ୍ରଥମାର୍ଦ୍ଧରେ ବିଦାୟୀ ରାଷ୍ଟ୍ରପତିଙ୍କ ମନମୁତାବକ ଖାଦ୍ୟ ପ୍ରସ୍ତୁତ କରିବାକୁ ପଡ଼େ। ହେଲେ ଏହାର ୬ ଘଣ୍ଟା ପରେ ନୂତନ ରାଷ୍ଟ୍ରପତି ଇଚ୍ଛା ଅନୁଯାୟୀ ବ୍ୟଞ୍ଜନ ପରଷିବାକୁ ପଡ଼ିଥାଏ।

# ଓଜନିଆ ଲେହେଙ୍ଗା ପିନ୍ଧି ଚର୍ଚ୍ଚାରେ ରାନୀ



ରାନୀ ଚାଟାର୍ଜୀ

**ମୁମ୍ବାଇ:** ଭୋଜପୁରୀର ହଟ ଏବଂ ବୋଲ୍ଡ ଅଭିନେତ୍ରୀ ରାନୀ ଚାଟାର୍ଜୀ ନିଜର ଫିଲ୍ମ ଏବଂ ଅଭିନୟକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ଭୋଜପୁରୀ ସିନେମାରେ ସଫଳ ହେବା ପରେ ଏବେ ରାନୀ ବଲିଉଡ୍ ମୁହାଁ ହୋଇଛନ୍ତି। ବଲିଉଡ୍‌ରେ କାମ କରିବାକୁ ଚାହୁଁଥିବା ସେ ଅନେକ ଥର କହିସାରିଛନ୍ତି। ସବୁବେଳେ ସୋସିଆଲ ମିଡିଆରେ ଆକ୍ଟିଭ ରହୁଥିବା ରାନୀଙ୍କ ଲାଇଫ୍ ପାର୍ଟନର ବିଷୟରେ ଜାଣିବା ପାଇଁ ପ୍ରଶଂସକ ସବୁବେଳେ ଇଚ୍ଛା ପ୍ରକାଶ କରିଆସିଛନ୍ତି। ତେବେ ରାନୀଙ୍କ କିଛି ପୁରୁଣା ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଥିରେ ତାଙ୍କୁ ବୋହୂ ବେଶରେ ଦେଖିବାକୁ ମିଳୁଛି। ରାନୀଙ୍କ ଏହି ଲେହେଙ୍ଗାର ଓଜନ ୧୮ କେଜି। ୧୮ କେଜି ଓଜନର ଏହି ଲେହେଙ୍ଗାରେ ରାନୀଙ୍କ ବୋହୂ ରୂପକୁ ଦର୍ଶକ ବେଶ୍ ପସନ୍ଦ ମଧ୍ୟ କରୁଛନ୍ତି। ଗୋଲାପି ରଙ୍ଗର ଏହି ଲେହେଙ୍ଗା ସାଙ୍ଗକୁ ରାନୀ ଧଳା ଏବଂ ଗୋଲାପି ରଙ୍ଗର ଅଳଙ୍କାର ପିନ୍ଧିଛନ୍ତି। ତେବେ ରାନୀ ଜଣେ ଟିଭି କଳାକାରଙ୍କ ସହ ରିଲେଶନସିପ୍‌ରେ ଥିବା କିଛି ଦିନ ତଳେ କହିଥିଲେ। ମାତ୍ର ତାଙ୍କ ନାମ ସେ ପ୍ରକାଶ କରି ନ ଥିଲେ। ସମୟ ଆସିଲେ ସମସ୍ତେ ଜାଣିପାରିବେ ବୋଲି ସେ କହିଥିଲେ। ଏହା ପରଠାରୁ ସେ ବ୍ୟକ୍ତିଜଣଙ୍କ କିଏ ତାହା ଜାଣିବାକୁ ସମସ୍ତେ ଚାହିଁ ବସିଛନ୍ତି।



# ହେଲିକପ୍ଟରରେ ଫେରିଲେ ବରକନ୍ୟା

**ଜୟପୁର:** ବାଜା, ବାଣ ରୋଶଣି କରି ଶୋଭାଯାତ୍ରାରେ ବର ଆସି ପହଞ୍ଚେ କନ୍ୟା ଘରେ। କିନ୍ତୁ ବିବାହକୁ ସ୍ମରଣୀୟ କରିବା ପାଇଁ କିଏ କେତେ ପ୍ରକାରରେ ଶୋଭାଯାତ୍ରା କରିଥାନ୍ତି। କେହି କେହି ଘୋଡ଼ାରେ ଚଢ଼ି ଆସନ୍ତି ତ କିଏ ହେଲିକପ୍ଟରରେ ବି ଆସୁଛନ୍ତି ବିବାହ ବେଦିକୁ। ରାଜସ୍ଥାନର କୋଟାରେ ହୋଇଥିବା ବିବାହରେ ହେଲିକପ୍ଟରରେ ବର ଆସିଥିବାରୁ ବିବାହକୁ ନେଇ ଜୋରସୋରରେ ଚର୍ଚ୍ଚା ହୋଇଛି।



ରାଜସ୍ଥାନ କୋଟା ଜିଲାର ମାଲବ ପରିବାରର ବିବାହକୁ ନେଇ ଏବେ ଜୋରଦାର ଚର୍ଚ୍ଚା। କୋଟାର ଅଶୋକ ମାଲବଙ୍କ ଦୁଇ ପୁଅଙ୍କର ବିବାହରେ ବରବେଶରେ ଦୁଇ ପୁଅ ହେଲିକପ୍ଟରରେ ଯାଇ ବେଶ୍ ଚର୍ଚ୍ଚାକୁ ଆସିଛନ୍ତି। ବଡ଼ ପୁଅ ପଙ୍କଜଙ୍କ ବିବାହ ଭବାନୀପୁରାର କୋମଳଙ୍କ ସହିତ ଏବଂ ଛୋଟ ପୁଅ ଲଳିତଙ୍କ ବିବାହ ଦୀପପୁରାର ରଶ୍ମିତାଙ୍କ ସହିତ ସ୍ଥିର ହୋଇଥିଲା। ଦୁଇପୁଅ କିନ୍ତୁ ବରବେଶ ହୋଇ ଯାଇଥିଲେ ହେଲିକପ୍ଟରରେ। ଏଥିପାଇଁ କନ୍ୟାଘରେ ଅସ୍ଥାୟୀଭାବେ ତିଆରି କରାଯାଇଥିଲା ହେଲିପ୍ୟାଡ୍। ଏହାପରେ କନ୍ୟାଘରେ କୋଭିଡ୍ ନିୟମ ଅନୁସାରେ ବିବାହ ଶେଷ ପରେ ଉଭୟ ଯୋଡ଼ି ହେଲିକପ୍ଟରରେ ଫେରିଛନ୍ତି। ଅଶୋକ ମାଲବଙ୍କ କହିବା ଅନୁସାରେ ପୁଅମାନଙ୍କ ବିବାହ ପରେ ବୋହୂଙ୍କୁ ହେଲିକପ୍ଟରରେ ଆଣିବା ପାଇଁ ତାଙ୍କ ମାଆଙ୍କର ଇଚ୍ଛା ରହିଥିଲା। ଏଥିପାଇଁ ସେ ତାଙ୍କର ଦୁଇପୁଅଙ୍କ ବିବାହ ପରେ ହେଲିକପ୍ଟରରେ ବୋହୂଙ୍କୁ ଘରକୁ ଆଣିଥିଲେ।

# ଗୋଲାପୀ ୟୁନିଫର୍ମରେ ପାଠଶାଳା ଯାଆନ୍ତି ବୃଦ୍ଧା



**ଠାଣେ:** ଜୀବନରେ କିଛି କରିବା ଏବଂ ଶିଖିବାକୁ ହେଲେ ବୟସର କୌଣସି ମାନେ ନାହିଁ। ବୟସ କେବଳ ଏକ ସଂଖ୍ୟା ମାତ୍ର। ଏହାର ଏକ ବଡ଼ ଉଦାହରଣ ହେଲା ମହାରାଷ୍ଟ୍ରର ଠାଣେ ଜିଲାରେ ରହିଥିବା ଆଜିବାଇ ଚି ଶାଲା। ଏହି ପାଠଶାଳା କୌଣସି ସାଧାରଣ ସ୍କୁଲ ନୁହେଁ। ପାଠ ପଢ଼ିବାର ସୁଯୋଗ ପାଇ ନ ଥିବା ଏବଂ ଅଧାରୁ ପାଠ ଛାଡ଼ିଥିବା ଆଈ ଏବଂ ଜେଜେମା'ମାନେ ଏଠାକୁ ପଢ଼ିବାକୁ ଯାଆନ୍ତି। ଗୋଲାପୀ ରଙ୍ଗର ଶାଢ଼ି(ୟୁନିଫର୍ମ)ରେ ୬୦ରୁ ୯୦ ବର୍ଷ ବୟସର ମହିଳାମାନେ ଏଠାରେ ପ୍ରାଥମିକ ଶିକ୍ଷା ଗ୍ରହଣ କରୁଛନ୍ତି। ୪୫ ବର୍ଷୀୟ ଶିକ୍ଷକ ଯୋଗେନ୍ଦ୍ର ବାଙ୍ଗରେଙ୍କ ପ୍ରଚେଷ୍ଟାରେ ସ୍ୱତନ୍ତ୍ର ପାଠଶାଳା ଆରମ୍ଭ ହୋଇଥିଲା। ଠାଣେ ଜିଲାର ଫଙ୍ଗାନେ ଗ୍ରାମରେ ଚାଲିଥିବା ଏହି ପାଠଶାଳା ଗଢ଼ିବାରେ ଯୋଗେନ୍ଦ୍ରଙ୍କୁ ଏକ ଟ୍ରଷ୍ଟ ସାହାଯ୍ୟ କରିଥିଲା। ବୃଦ୍ଧାମାନଙ୍କ ପାଇଁ ଏଠାରେ ବସିବା, ୟୁନିଫର୍ମ ଏବଂ ସିଲଟର ବ୍ୟବସ୍ଥା ଉକ୍ତ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ କରାଯାଇଛି। ପାଠ ପଢ଼ି ନ ଥିବା ମହିଳା ଚାଷୀମାନଙ୍କୁ ଶିକ୍ଷାଦାନ କରିବା ଲକ୍ଷ୍ୟନେଇ ଯୋଗେନ୍ଦ୍ର ଏହି ପାଠଶାଳା ଆରମ୍ଭ କରିଥିଲେ। ହେଲେ ପରେ ଅନ୍ୟ ବୃଦ୍ଧାମାନେ ମଧ୍ୟ ଯୋଡ଼ି ହୋଇଥିଲେ। ବିଶେଷକରି ଜୀବନରେ କେବେ ସ୍କୁଲ ଯାଇ ନ ଥିବା ଏବଂ ଦ୍ୱିତୀୟ ଶ୍ରେଣୀ ମଧ୍ୟରେ ଶିକ୍ଷା ସୀମିତ ରହିଥିବା ମହିଳାମାନେ ଏଠାରେ ପଢୁଥିବା ଜଣାପଡ଼ିଛି। ସପ୍ତାହ ଶେଷରେ ହିଁ ଏହି ପାଠଶାଳା ଖୋଲିଥାଏ। ମହିଳାମାନଙ୍କୁ ପ୍ରଥମେ ଲେଖିବା ଏବଂ ପଢ଼ିବା ଏବଂ କବିତା ଶୁଣାଇବାର ଶିକ୍ଷା ଦିଆଯାଇଥାଏ। ବୟସର ସାୟାହ୍ନରେ ମଧ୍ୟ ବୃଦ୍ଧାମାନଙ୍କ ପଢ଼ା ପ୍ରତି ଆଗ୍ରହ ଦେଖିବାକୁ ମିଳିଥାଏ। ଯୋଗେନ୍ଦ୍ର ମହିଳାମାନଙ୍କୁ ଶିକ୍ଷା ସହ ରୋଜଗାରର ମାଧ୍ୟମ ମଧ୍ୟ ଦେଖାଉଥିବା ଜଣାପଡ଼ିଛି। ଏପରି ମହତ କାର୍ଯ୍ୟ ନେଇ ସେ ବେଶ୍ ପରିଚିତ ହୋଇପାରିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ
ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
କାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି ।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତି ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ । ଘରେବସି କାମକରିଥିବା କଥାଗୁପ୍ତ ରହିବ ।

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
BALAJI FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ,
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
08763569043

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

JANODAYA
Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ ।
ମାତ୍ର ୨% ସୁଧ ହାରରେ
Bharatpur, Badahkole, Sambalpur
9438082179
8480403308

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165


# ମୃତବ୍ୟକ୍ତିଙ୍କୁ ବିବାହ

**ନୂଆଦିଲ୍ଲୀ:** ମୃତ ବ୍ୟକ୍ତିଙ୍କୁ ପୁଣି ବିବାହ କେମିତି କରିହେବ ଏକଥାକୁ ଭାବିବା ବି କଷ୍ଟକର। କିନ୍ତୁ ଏଭଳି ଅଜବ ଘଟଣା ଦେଖିବାକୁ ମିଳେ ଫ୍ରାନ୍ସରେ। ଏଠାରେ ଏଭଳି ବିବାହ ନିମନ୍ତେ ସରକାର ଆଇନ ବି କରିଛନ୍ତି। ସମଗ୍ର ୟୁରୋପରେ ଫ୍ରାନ୍ସର ସୌନ୍ଦର୍ଯ୍ୟ ସମସ୍ତଙ୍କୁ ବିମୋହିତ କରିଛି। ଏହି ଦେଶ ବିକଶିତ ହେଲେ ହେଁ ଏଠାରେ ଏଭଳି ଏକ ଅଜବ ନିୟମ ରହିଛି । ଜଣେ ଚାହିଁଲେ କିଛି ବିଶେଷ ପରିସ୍ଥିତିରେ ବି ଏଠାରେ ମୃତବ୍ୟକ୍ତି ବା ମହିଳାଙ୍କୁ ବିବାହ କରିପାରିବେ। ବିଭିନ୍ନ ଧର୍ମରେ ବିବାହକୁ ନେଇ ଭିନ୍ନ ଭିନ୍ନ ପରମ୍ପରା ରହିଛି। ପରମ୍ପରା ଯାହା ବି ହୋଇଥାଉ କିନ୍ତୁ ଜୀବନସାଥୀ ବାଛିବାବେଳେ ସମସ୍ତେ ସତର୍କ ରହିଥାନ୍ତି। ନିଜ ପାଇଁ ମନଲାଖି ଆଉ ଯୋଗ୍ୟ ପ୍ରାର୍ଥୀ ବାଛିବା ପାଇଁ ସମସ୍ତଙ୍କର ଇଚ୍ଛା ରହିଥାଏ। କିନ୍ତୁ ଫ୍ରାନ୍ସରେ କିଛି ଲୋକ ମୃତବ୍ୟକ୍ତିଙ୍କୁ ହିଁ ନିଜର ଜୀବନସାଥୀ ଚୟନ କରିଥାନ୍ତି। ଫ୍ରାନ୍ସର ଏଭଳି ଅଜବ ନିୟମ ଅନୁସାରେ ଯେକୌଣସି ଲୋକ ଚାହିଁଲେ ଜଣେ ମୃତବ୍ୟକ୍ତିଙ୍କୁ ବିବାହ କରିପାରେ। କିନ୍ତୁ ଏଭଳି ବିବାହ କରିବା ପୂର୍ବରୁ ପ୍ରଥମେ ରାଷ୍ଟ୍ରପତିଙ୍କର ଅନୁମତି ନେବାକୁ ହେବ। ସେଭଳି ବିଶେଷ ପରିସ୍ଥିତି ଥିଲେ ରାଷ୍ଟ୍ରପତି ମଧ୍ୟ ଏଭଳି ବିବାହ କରିବା ପାଇଁ ଅନୁମତି ଦେଇଥାନ୍ତି। ଏହାପରେ ଯଥାବିଧି ନିୟମ ଅନୁସାରେ ମୃତବ୍ୟକ୍ତି ବା ମୃତ ମହିଳାଙ୍କ ସହିତ ବିବାହ ଅନୁଷ୍ଠିତ ହୋଇଥାଏ।




## ମନେ ପଡ଼ନ୍ତି

ଦଶମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରେଣୁ ପଟ୍ଟନାୟକ
ସ୍ୱାମୀ: ବାବୁଲାଲ୍ ପଟ୍ଟନାୟକ
ଶାସନ ପଡ଼ିଆ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୧।୦୨।୧୯୫୫
ତିରୋଧାନ: ୨୦।୧୧।୨୦୧୦(ବଡ଼ଓଷା ବୈକୁଣ୍ଠ ଚତୁର୍ଦ୍ଦଶୀ
ଆପଣଙ୍କ ଅମରାତ୍ମାର ସଦ୍‌ଗତି କାମନା କରୁଛୁ।
–:ଶୋକସନ୍ତପ୍ତ:–
ବନ୍ଧୁ ଓ ପରିବାରବର୍ଗ ।
ଧ-୪୬୫୪୯

ପ୍ରଥମ ଶ୍ରାଦ୍ଧବାର୍ଷିକୀର ଶ୍ରଦ୍ଧାସୁମନ



୰ ନିରଞ୍ଜନ ମିଶ୍ର
ଆବିର୍ଭାବ: ୨୭.୦୮.୧୯୩୩
ତିରୋଧାନ: ୧୦.୧୧.୨୦୧୯
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ଶ୍ରଦ୍ଧାଞ୍ଜଳି ।
–: ଶୋକ ସନ୍ତପ୍ତ :–
ଧର୍ମପତ୍ନୀ (ସୁରମା) ଏବଂ ପରିବାର ବୃନ୍ଦ ।
ଧ-୧୯୦୭୧

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ଓ୍ବେସ୍କୋ ଯନ୍ତ୍ରୀ

ସୁନ୍ଦରଗଡ଼, ୨୭।୧୧(ଡି.ଏନ୍.ଏ.)

## ଟ୍ରାନ୍ସଫର୍ମର ବସାଇବା ପାଇଁ ଲାଞ୍ଚ

ସୁନ୍ଦରଗଡ଼ ଜିଲା ସବ୍‌ଡେଗା ବ୍ଲକର ଟାଙ୍ଗର ଗାଁ ମନସିଦ୍‌ପଡାରେ ଟ୍ରାନ୍ସଫର୍ମର ବସାଇବା ପାଇଁ ଜଣେ ଗ୍ରାମବାସୀଙ୍କଠାରୁ ୧୫ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ଓ୍ବେସ୍କୋର କନିଷ୍ଠ ଯନ୍ତ୍ରୀ ଯଶୋବନ୍ତ ନାରାୟଣ ଦେଓ ଶୁକ୍ରବାର ଭିଜିଲାନ୍ସ ବିଭାଗ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ବିଭାଗ ଅଧିକାରୀ ତାଙ୍କଠାରୁ ୧୫ହଜାର ଟଙ୍କା ଜବତ କରିବା ସହ ଗିରଫ କରି ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟକୁ ଚାଲାଣ କରିଥିବା ଜଣାପଡ଼ିଛି। ସବ୍‌ଡ଼େଗା ବିଦ୍ୟୁତ୍ ସେକ୍‌ଶନ ଅନ୍ତର୍ଗତ ଟାଙ୍ଗରଗାଁର ଟ୍ରାନ୍ସଫର୍ମର ଗତ ଏପ୍ରିଲ ମାସରୁ ଅଚଳ ହୋଇପଡିଛି। ବିଦ୍ୟୁତ୍ ସରବରାହ ବନ୍ଦ ଥିବା ଯୋଗୁ ଲୋକେ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ଗ୍ରାମରେ ନୂଆ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଇବା ପାଇଁ ଗ୍ରାମବାସୀ ଓ୍ବେସ୍କୋ ଅଫିସକୁ ଦୌଡିଦୌଡି ନୟାନ୍ତ ହୋଇ ପଡିଥିବାବେଳେ ଏଥି ନିମନ୍ତେ ସମ୍ପୃକ୍ତ ସେକ୍‌ଶନ ଅଫିସର ତଥା କନିଷ୍ଠ ଯନ୍ତ୍ରୀ ୧୫ହଜାର ଟଙ୍କା ଦାବିକରି ଆସୁଥିଲେ। ଟଙ୍କା ନ ଦେଲେ ଟ୍ରାନ୍ସଫର୍ମର ବସିବ ନାହିଁ କହି ହଇରାଣ କରିଆସୁଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ଭିଜିଲାନ୍ସ ବିଭାଗକୁ ଜଣାଇଲା ପରେ ରାଉରକେଲା ଡିଭିଜନ ଭିଜିଲାନ୍ସ ଏସ୍‌ପି ସୁବାସ ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଏକ ମାମଲା ରୁଜୁ କରାଯାଇଥିଲା। ଯୋଜନା ମୁତାବକ ଯନ୍ତ୍ରୀ କରମଡିହି ଗ୍ରୀଡ ଷ୍ଟେଶନଠାରେ ଜଣେ ଗ୍ରାମବାସୀ ସଞ୍ଜୀବ ଡୁଙ୍ଗଡୁଙ୍ଗଙ୍କ ଠାରୁ ଏହି ୧୫ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ଛପି ରହିଥିବା ଭିଜିଲାନ୍ସ ବିଭାଗ ସ୍କ୍ୱାଡ୍ ତାଙ୍କୁ ଗିରଫ କରିଥିଲା। ଏହି ଚଢାଉରେ ଭିଜିଲାନ୍ସ ବିଭାଗ ଇନ୍ସପେକ୍ଟର ସୁଧାଂଶୁ ଶେଖର ପୂଜାରୀ, ପି.କେ ଆଇନ୍ଦ, ରଶ୍ମିତା ଲାକ୍ରା, ସୁଧୀର ସାହୁ, ରଜତ ନାଏକ, ଏଚ୍. କେ ସିଂ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଶିଶୁ ମୃତ୍ୟୁକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭଙ୍ଗାରୁଜା

ଭୋଗରାଇ, ୨୭।୧୧(ଡି.ଏନ.ଏ.)



ଉତ୍ତ୍ୟକ୍ତ ଲୋକେ ରାସ୍ତା ଉପରେ ପୋଡାଜଳା କରୁଛନ୍ତି ।

## ମୃତଦେହ ରଖି ପୋଡାଜଳା, ରାସ୍ତା ଅବରୋଧ

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ସନ୍ଧ୍ୟାରେ ୩ବର୍ଷର ଶିଶୁକନ୍ୟା ମୃତ୍ୟୁକୁ କେନ୍ଦ୍ରକରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଶିଶୁକନ୍ୟା ମୃତଦେହକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ମୁଖ୍ୟ ରାସ୍ତାରେ ରଖି ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହ ଉତ୍ତେଜିତ ଲୋକେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଉଟଡୋର ଝରକା ଭାଙ୍ଗି ଦେଇଥିବା ଜଣାପଡିଛି। ପରିସ୍ଥିତିକୁ ନଜରରେ ରଖି ଘଟଣାସ୍ଥଳରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

ଛୋଟ ମହିଷପୁର ଗ୍ରାମର ଅନିଲ କାମିଲାଙ୍କ ଝିଅ ଅପରାହ୍ନରେ ଖେଳୁ ଖେଳୁ ପାଖ ଗଡ଼ିଆରେ ପଡ଼ି ଯାଇଥିଲେ। ଘର ଲୋକେ ଖୋଜାଖୋଜି କରି ଶିଶୁକୁ ପାଣିରୁ ଅଚେତ୍ ଅବସ୍ଥାରେ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ଡାକ୍ତର ଅଚେତ୍ ଶିଶୁକନ୍ୟାକୁ ଏକ ଘଣ୍ଟା ପର୍ଯ୍ୟନ୍ତ ଚିକିତ୍ସା ନ କରିବାରୁ ତାର ମୃତ୍ୟୁ ହେଲା ବୋଲି ପରିବାର ଲୋକେ ଅଭିଯୋଗ କରି ଡାକ୍ତରଖାନାରେ ଭଙ୍ଗାରୁଜା ସହ ରାସ୍ତା ଅବରୋଧ କରିଥିଲେ। ୧୦ଲକ୍ଷ କ୍ଷତିପୂରଣ ସହ କାର୍ଯ୍ୟରତ ଡାକ୍ତରଙ୍କ ବହିଷ୍କାର ଦାବି କରି ପୋଡ଼ାଜଳା କରିଥିଲେ। ଶେଷରେ ପ୍ରଶାସନ ହସ୍ତକ୍ଷେପ କରିବା ପରେ ରାସ୍ତା ଅବରୋଧ ହଟିଥିଲା।

# ଭୁଜାଲିରେ ହାଣି ୩ ଲକ୍ଷ ଲୁଟ୍

ବାରିପଦା ଅଫିସ,୨୭।୧୧

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଞ୍ଚଳରେ ଡକାୟତି ରାହାଜାନୀ ଓ ଛିନତାଇ ଭଳି ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ସ୍ପଷ୍ଟ ଦିବାଲୋକରେ ଦୁର୍ବୃତ୍ତମାନେ ଏକ ଘରୋଇ କମ୍ପାନୀର ଡିଷ୍ଟ୍ରିବ୍ୟୁଟରଙ୍କୁ ଭୁଜାଲିରେ ଆକ୍ରମଣ କରି ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଥିବା ବ୍ୟାଗକୁ ଲୁଟି ନେଇଛନ୍ତି। ଅଭିଯୋଗ ପାଇ ପୋଲିସ ଏକ ମାମଲା ରୁଜୁ କରିବା ସହ ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ ଜାରି ରଖିଛି।ସୂଚନା ଅନୁଯାୟୀ, ଘରୋଇ କମ୍ପାନୀର ଡିଷ୍ଟ୍ରିବ୍ୟୁଟର ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ବରୁଣସିଂ ଗ୍ରାମର ଗୋପୀନାଥ ବେହେରା ଶୁକ୍ରବାର ଦୋକାନୀମାନଙ୍କଠାରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କଲେକ୍ସନ କରି ବ୍ୟାଗରେ ରଖି ଯାଉଥିଲେ। ଏହି ସମୟରେ ୩ ଦୁର୍ବୃତ୍ତ ଆସି ତାଙ୍କୁ ଭୁଜାଲିରେ ଆକ୍ରମଣ କରି ଟଙ୍କା ବ୍ୟାଗଟିକୁ ଛଡ଼ାଇ ନେଇ ବାଇକ୍ ଯୋଗେ ପଳାଇଥିଲେ।

# ମାଓବାଦୀ ନାଁରେ ଧମକ,ଯୁବକ ଗିରଫ

ବାଲିଗୁଡା,୨୭।୧୧(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ କୋଟଗଡ ପୋଲିସ ମାଓବାଦୀ ନାଁରେ ଧମକ ଦେଉଥିବା ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଗୁମପଦର ଗାଁ ଜୋଡାବାଲି ପଞ୍ଚାୟତର ହାରଣ ବିଶିମାଝି। ଆଇଆଇସି ହାରାମଣି ନାୟକଙ୍କ କହିବା ଅନୁଯାୟୀ, ଧରାକୋଟ ପଞ୍ଚାୟତ ଜିଆରଏସ୍ ଉତ୍ତମ ଉଠାଣସିଂଙ୍କୁ ମାଓବାଦୀ ବୋଲି କହି କେହିଜଣେ ଟଙ୍କା ମାଗିବା ସହ ମାରିଦେବାକୁ ଧମକ ଦେଉଥିବା ଅଭିଯୋଗ ହୋଇଥିଲା। ତାଙ୍କ ଘର ଆଗରେ ଧମକପୂର୍ଣ୍ଣ ପୋଷ୍ଟର ମଧ୍ୟ ଲଗାଯାଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ଗୁରୁବାର ହାରଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପ୍ରଗତି ପଥେ ବିକାଶ ଅଭିମୁଖେ ସ୍ୱାଭିମାନ ଅଞ୍ଚଳ
ଧରିତ୍ରୀର ୪୭ତମ ଜନ୍ମବାର୍ଷିକୀ ଉତ୍ସବ ଅବସରରେ ଚିତ୍ରକୋଣ୍ଡା ବ୍ଲକର ସମସ୍ତ ପଞ୍ଚାୟତ ବିଶେଷ କରି ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ତଥା ଚିତ୍ରକୋଣ୍ଡା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।
ଶ୍ରୀଯୁକ୍ତ ଅମିତ କୁମାର ଅଗ୍ରୱାଲ
ଚିତ୍ରକୋଣ୍ଡାର ପୂର୍ବତନ ବିଧାୟକ ପ୍ରତିନିଧି ତଥା ବିଜୁ ଜନତା ଦଳ କର୍ମୀ

ଶୁଭ ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ପ୍ରତିଷ୍ଠା ଦିବସରେ ବାସୁଦେବପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଶୁଭକାମନା ଜଣାଇବା ସହ ସୁଖ, ସମୃଦ୍ଧି କାମନା କରୁଛି ।
ଅସିତ କୁମାର ଦାଶ
ବିଧାୟକଙ୍କ ପ୍ରତିନିଧି, ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ
ଓଡ଼ିଆ ଖବରକାଗଜ ଧରିତ୍ରୀର ପ୍ରତିଷ୍ଠା ଦିବସରେ ପଦ୍ମୁଆଁ ଗ୍ରାମ ପଞ୍ଚାୟତ ତଥା ବାସୁଦେବପୁର ବ୍ଲକର ସମସ୍ତ ଜନସାଧାରଣଙ୍କର ସୁଖ ସମୃଦ୍ଧି କାମନା କରୁଛି । ଧରିତ୍ରୀର ଶୁଭ ମନାସିବା ସହ କରୋନାକୁ ମୁକାବିଲା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଶକ୍ତି ପ୍ରଦାନ କରନ୍ତୁ ।
ଦୀନବନ୍ଧୁ ଦାସ
ସରପଞ୍ଚ, ପଦ୍ମୁଆଁ ତଥା ବ୍ଲକ ବିଜେଡି ସଭାପତି
ବାସୁଦେବପୁର (ଭଦ୍ରକ)

ଶୁଭ ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଦିବସରେ ଧରିତ୍ରୀର ଉନ୍ନତି କାମନା କରିବା ସହିତ କିଷ୍ଣତକୃଷ୍ଣପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କର ସୁଖ, ସମୃଦ୍ଧି ଓ ଶାନ୍ତି କାମନା କରୁଛି ।
ଚିନ୍ମୟ କୁମାର ବାରିକ
ସମିତି ସଭ୍ୟ
କିଷ୍ଣତକୃଷ୍ଣପୁର ଗ୍ରାମପଞ୍ଚାୟତ, ବାସୁଦେବପୁର (ଭଦ୍ରକ)

ବିକାଶ ଅଭିମୁଖେ ସ୍ୱାଭିମାନ ଅଞ୍ଚଳ
ଧରିତ୍ରୀର ୪୭ତମ ଜନ୍ମଦିନ ଅବସରରେ ବଡ଼ପଡ଼ା, ଧୂଳିପୁଟ ପଞ୍ଚାୟତ ତଥା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।
ଶ୍ରୀ ତପନ କୁମାର ସାହା
ସମାଜସେବୀ, ବଡ଼ପଡ଼ା

ଧରିତ୍ରୀର ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରକୁ ଆମ୍ଭର ହାର୍ଦ୍ଦିକ ଶୁଭେଚ୍ଛା। ବର୍ତ୍ତମାନ ପରିବେଶ ଦୂଷିତ ହେବାର କାରଣ ଜଙ୍ଗଲ କ୍ଷୟ। ନିଜ ବାଡ଼ି ବଗିଚାରେ ବୃକ୍ଷ ରୋପଣ କରିବା ସହ ଜଙ୍ଗଲ ସୁରକ୍ଷାରେ ସମସ୍ତଙ୍କ ସହଯୋଗ କାମନା କରୁଅଛି।
ଶ୍ରୀକାନ୍ତ ନାଏକ
ସହକାରୀ ବନ ସଂରକ୍ଷକ
ମାଲକାନଗିରି ବନଖଣ୍ଡ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା। ଏହି ଅବସରରେ ମାଲକାନଗିରି ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରିବା ସହ ଜିଲ୍ଲାର ପ୍ରଗତି ଏବଂ ଶାନ୍ତି କାମନା କରୁଛି। ଜନସାଧାରଣଙ୍କ ସେବାରେ ପୁଲିସ ସବୁବେଳେ ନିୟୋଜିତ। ତେଣୁ ପୁଲିସକୁ ସହଯୋଗ କରି ଅପରାଧ ନିୟନ୍ତ୍ରଣ କରିବାରେ ସମସ୍ତଙ୍କ କାମନା କରୁଛି।
ରାମପ୍ରସାଦ ନାଗ
ଥାନା ଭାରପ୍ରାପ୍ତ ଅଧିକାରୀ
ମାଲକାନଗିରି ଆଦର୍ଶ ଥାନା

ଧରିତ୍ରୀର ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରକୁ ମୋ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ।
ପ୍ରଫୁଲ୍ଲ କୁମାର ପଣ୍ଡା

ଶୁଭ ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ପ୍ରତିଷ୍ଠା ଦିବସ ଅବସରରେ ବ୍ରାହ୍ମଣ ଗାଁ ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କର ଶୁଭମନାସିବା ସହିତ ଧରିତ୍ରୀର ଉନ୍ନତି କାମନା କରୁଛି ।
ହରିହର ଶିଅଳ
ସରପଞ୍ଚ, ବ୍ରାହ୍ମଣ ଗାଁ ପଞ୍ଚାୟତ
ସରପଞ୍ଚ, ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ପ୍ରତିଷ୍ଠା ଦିବସରେ ଆଙ୍କୁଡା ପ୍ରଗଣାର ଆରାଧ ଦେବୀ ମା' ଆଙ୍କୁଡେଶ୍ୱରୀ ଖରିଦା ବିନାୟକପୁର ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ସୁଖ ସମୃଦ୍ଧି ଓ ଶାନ୍ତି ପ୍ରଦାନ କରନ୍ତୁ । ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି ହେଉ ।
ନିରଞ୍ଜନ ବଳ
ସରପଞ୍ଚ, ଖରିଦା ବିନାୟକପୁର ଗ୍ରାମପଞ୍ଚାୟତ
ବାସୁଦେବପୁର (ଭଦ୍ରକ)

ଧରିତ୍ରୀର ୪୭ତମ ଜନ୍ମବାର୍ଷିକ ଉତ୍ସବ ଅବସରରେ ଟେମ୍ପରାରି କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି, ସମସ୍ତ ଶିକ୍ଷକ ବନ୍ଧୁ, ଟେମ୍ପରାରି କଲୋନୀ ଗ୍ରାମବାସୀ ତଥା ଚିତ୍ରକୋଣ୍ଡା ଏବଂ ବଡ଼ପଦର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।
ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ସେଠୀ
ପ୍ରଧାନ ଶିକ୍ଷକ,
ଟେମ୍ପରାରି କଲୋନୀ
ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଶୁଭ ଅଭିନନ୍ଦନ
ଧରିତ୍ରୀର ପ୍ରତିଷ୍ଠା ଦିବସରେ ବାସୁଦେବପୁର ବ୍ଲକ ତଥା ଜଗନ୍ନାଥପୁର ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସୁଖ, ସମୃଦ୍ଧି ମନାସିବା ସହିତ ଧରିତ୍ରୀର ଉନ୍ନତି କାମନା କରୁଛି ।
ଭାଗୀରଥି ବଳ
ପୂର୍ବତନ ସରପଞ୍ଚ, ଜଗନ୍ନାଥ ପ୍ରସାଦ, ପଞ୍ଚାୟତ
ତଥା ବ୍ଲକ ବିଜେଡି ଉପସଭାପତି, ବାସୁଦେବପୁର, ଭଦ୍ରକ

ଶୁଭ ଅଭିନନ୍ଦନ
ଧରିତ୍ରୀର ସ୍ୱନକ୍ଷତ୍ର ଦିବସରେ ଜଗନ୍ନାଥପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କର ସୁଖ ସମୃଦ୍ଧି କାମନା କରିବା ସହିତ ଧରିତ୍ରୀର ଶୁଭ ମନାସୁଛି ।
ଯଦୁନାଥ ନାୟକ
ସରପଞ୍ଚ, ଜଗନ୍ନାଥପୁର ଗ୍ରାମପଞ୍ଚାୟତ
ବାସୁଦେବପୁର (ଭଦ୍ରକ)

ଧରିତ୍ରୀର ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରକୁ ଆମ୍ଭର ହାର୍ଦ୍ଦିକ ଶୁଭେଚ୍ଛା। ମାଲକାନଗିରି ବନାଞ୍ଚଳ ସମସ୍ତ ବନ ସଂରକ୍ଷଣ ସମିତି ନିଜ ଅଞ୍ଚଳରେ ଜଙ୍ଗଲ ସୁରକ୍ଷା ଏବଂ ବୃକ୍ଷରୋପଣ କରିବା ସହ ବନ୍ୟଜନ୍ତୁ ସଂରକ୍ଷଣରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ପାଇଁ ନିବେଦନ କରୁଅଛି ।
ବାସୁଦେବ ନାୟକ
ବନାଞ୍ଚଳ ଅଧିକାରୀ, ମାଲକାନଗିରି

ଧରିତ୍ରୀର ୪୭ତମ ଜନ୍ମଦିନ ଅବସରରେ ବଡ଼ପଡ଼ା ବିଜେପି ମଣ୍ଡଳ, ରାଲେଗାଡା, ଚିତ୍ରକୋଣ୍ଡା ପଞ୍ଚାୟତ ତଥା ସ୍ୱାଭିମାନ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ସ୍ୱାଗତ ଜଣାଉଛି।
କମଲୁ ହନ୍ତାଳ
ସଭାପତି
ବିଜେପି ବଡ଼ପଡ଼ା ମଣ୍ଡଳ

ଶୁଭ ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଦିବସରେ ବାଲିମେଦ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମା' ଭେଡାନୟକାଣୀ ସୁଖ ଶାନ୍ତିରେ ରଖନ୍ତୁ । ଏଥି ସହିତ ପଞ୍ଚାୟତବାସୀଙ୍କ ସୁଖ ସମୃଦ୍ଧି କାମନା କରି ଧରିତ୍ରୀ ଶୁଭ ମନାସୁଛି ।
ପ୍ରଫୁଲ୍ଲ କୁମାର ପଳିତା
ସରପଞ୍ଚ, ବାଲିମେଦ ଗ୍ରାମପଞ୍ଚାୟତ
ବାସୁଦେବପୁର (ଭଦ୍ରକ)

ଶୁଭ ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଦିବସରେ ସାନକୃଷ୍ଣପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି ମନାସିବା ସହିତ ଧରିତ୍ରୀର ଉନ୍ନତୀ କାମନା କରୁଛି ।
ଗଦାଧର ନାୟକ
ସରପଞ୍ଚ, ସାନକୃଷ୍ଣପୁର ଗ୍ରାମପଞ୍ଚାୟତ
ବାସୁଦେବପୁର (ଭଦ୍ରକ)

ଶୁଭ ଅଭିନନ୍ଦନ
ଦୈନିକ ଓଡ଼ିଆ ଖବର କାଗଜ ଧରିତ୍ରୀର ପ୍ରତିଷ୍ଠା ଦିବସରେ ବାସୁଦେବପୁର ନିର୍ବାଚନମଣ୍ଡଳୀର ସମସ୍ତ ଭାଇ ଭଉଣୀ, ଜନସାଧାରଣଙ୍କୁ ସୁଖ, ସମୃଦ୍ଧି କାମନା କରିବା ସହ ସେମାନଙ୍କର ସାମଗ୍ରିକ ବିକାଶ ଓ ଉତ୍ତରୋତ୍ତର ଉନ୍ନତି ପାଇଁ ପ୍ରଭୁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛି ମହାମାରୀ କରୋନା ସମୟରେ ସମସ୍ତେ ସୁସ୍ଥ ଓ ନିରାମୟ ଜୀବନ ଯାପନ କରିବାରେ ସମର୍ଥ ହୁଅନ୍ତୁ । ଏଥି ସହ ଧରିତ୍ରୀର ଜୟ ଯାତ୍ରା ଅତୁଟ ରହୁ ।
ବିଷ୍ଣୁବ୍ରତ ରାଉତରାୟ
ବିଧାୟକ, ବାସୁଦେବପୁର ନିର୍ବାଚନ ମଣ୍ଡଳୀ, ଭଦ୍ରକ

ଧରିତ୍ରୀର ୪୭ତମ ଜନ୍ମଦିବସ ଅବସରରେ
"ପ୍ରକୃତି କୁଟୀର ୟୁକୋ ପାର୍କ" ଚିତ୍ରକୋଣ୍ଡା
ଆପଣଙ୍କୁ ସ୍ୱାଗତ ଜଣାଉଛି
(ଏଠାରେ ବଣଭୋଜି, ବୋଟିଂ ଓ କ୍ୟାଣ୍ଟିନ୍ ବ୍ୟବସ୍ଥା ଉପଲବ୍ଧ)
ଅନ୍‌ଲାଇନ୍ ବୁକିଂ ପାଇଁ ଯୋଗାଯୋଗ କରନ୍ତୁ-
https://www.ecotourodisha.com
ମାଲକାନଗିରି ବନଖଣ୍ଡ, ଚିତ୍ରକୋଣ୍ଡା ବନାଞ୍ଚଳ

ଧରିତ୍ରୀର ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରକୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ମାଲକାନଗିରି ଜିଲ୍ଲାରେ କୃଷି ଉତ୍ପାଦନ ବୃଦ୍ଧି ଏବଂ କୃଷକମାନଙ୍କ ମଙ୍ଗଳ କାମନା କରୁଅଛି ।
ବାବୁଲା ସାବତ
ମାଲକାନଗିରି

ଶୁଭେଚ୍ଛା ବାର୍ତ୍ତା
ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା ଜଣାଇବା ସହ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଜିଲ୍ଲାର ସମସ୍ତ ବନ ସଂରକ୍ଷଣ ସମିତି ଏବଂ ବନାଞ୍ଚଳରେ ବସବାସ କରୁଥିବା ଅଧିବାସୀମାନେ ଆଗେଇ ଆସିବାକୁ ଅନୁରୋଧ କରୁଅଛି।
ବଳରାମ ନାୟକ
ବନାଞ୍ଚଳ ଅଧିକାରୀ, ଚିତ୍ରକୋଣ୍ଡା

# ପ୍ରଥମ ଦିନିକିଆରେ ଭାରତ ପରାସ୍ତ



ଷ୍ଟିଭ୍ ସ୍ମିଥ୍

## ଫିଞ୍ଚ୍, ସ୍ମିଥ୍‌ଙ୍କ ଶତକ: ଅଷ୍ଟ୍ରେଲିଆ ବିଜୟୀ

**ସିଡନୀ, ୨୭।୧୧(ପି.ଟି.)**

କରୋନା ମହାମାରୀ ଜନିତ ବ୍ରେକ୍ ପରେ ଭାରତୀୟ କ୍ରିକେଟ ଦଳ ଶୁକ୍ରବାର ଖେଳିଥିବା ପ୍ରଥମ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆଠାରୁ ହାରି ଯାଇଛି। ଦୁର୍ବଳ ବୋଲିଂ ଟିମ୍‌ଇଣ୍ଡିଆ ପାଇଁ ମହଙ୍ଗା ପଡ଼ିଛି। ଫଳରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ଦଳକୁ ପରାଜୟ ସ୍ୱାଦ ଚାଖିବାକୁ ପଡ଼ିଛି। ଅନ୍ୟପକ୍ଷରେ ଅଧିନାୟକ ଆରୋନ ଫିଞ୍ଚ୍ ଓ ଷ୍ଟିଭେନ ସ୍ମିଥଙ୍କ ଶତକ ସହାୟତାରେ ଅଷ୍ଟ୍ରେଲିଆ ୬୬ ରନରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୫୦ ଓଭରରେ ୬ ଉଇକେଟ ହରାଇ ୩୭୪ ରନ କରିଥିବାବେଳେ ଭାରତ ପୂରା ଓଭର ଖେଳିଥିଲେ ହେଁ ୮ ଉଇକେଟ ହରାଇ ୩୦୮ ରନ କରି ପାରିଥିଲା। ବିଜୟ ଫଳରେ ଅଷ୍ଟ୍ରେଲିଆ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି। ସ୍ମିଥ୍ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଅଷ୍ଟ୍ରେଲିଆ। ଭାରତୀୟ ବୋଲରମାନେ ୨୭ ଓଭର ପର୍ଯ୍ୟନ୍ତ ଓପନିଂ ଯୋଡ଼ି ଭାଙ୍ଗିପାରି ନ ଥିଲେ। ଦୁଇ ଓପନର ଡେଭିଡ ୱାର୍ନର ଓ ଫିଞ୍ଚ୍ ପ୍ରଥମ ଉଇକେଟରେ ୧୫୬ ରନ ଯୋଗକରି ବଡ଼ ସ୍କୋର ପାଇଁ ପଥ ପରିଷ୍କାର କରିଥିଲେ। ୨୮ତମ ଓଭରର ୫ମ ବଲ୍‌ରେ ୱାର୍ନର (୬୯ ରନ, ୭୬ ବଲ, ୬ ଚୌକା)ଙ୍କୁ ଆଉଟ କରି ମହମ୍ମଦ ଶାମି ଭାରତକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ଫିଞ୍ଚ୍‌ଙ୍କ ସହ ସ୍ମିଥ କ୍ରିଜରେ ଯୋଗଦେବାପରେ ଭାରତୀୟ ବୋଲରଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଥିଲା। ଦୁହେଁ ଦ୍ୱିତୀୟ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ିବା ସହିତ ୪୦ ଓଭର ବେଳକୁ ଦଳୀୟ ସ୍କୋରକୁ ୨୬୪ରେ ପହଞ୍ଚାଇବାପରେ ଫିଞ୍ଚ୍ ୧୧୪ (୧୨୪ ବଲ, ୯ ଚୌକା, ୨ ଛକା) ରନ କରି ଆଉଟ ହୋଇଥିଲେ। ମାର୍କୁସ ଷ୍ଟୋଇନିସ ଖାତା ଖୋଲିପାରି ନ ଥିଲେ ହେଁ ସ୍ମିଥ ଓ ଗ୍ଲେନ୍ ମ୍ୟାକ୍ସୱେଲ ବିସ୍ଫୋରକ ବ୍ୟାଟିଂ କରି ଦଳକୁ ବୃହତ୍ ସ୍କୋର ଆଡ଼କୁ ନେଇ ଯାଇଥିଲେ। ମ୍ୟାକ୍ସୱେଲ ୧୯ ବଲ୍‌ରୁ ୪୫(୫ ଚୌକା, ୩ ଛକା) ଏବଂ ସ୍ମିଥ୍ ମାତ୍ର ୬୬ ବଲ୍‌ରୁ ୧୦୫(୧୧ ଚୌକା, ୪ ଛକା) ରନ ସ୍କୋର କରିଥିଲେ।

ହାର୍ଦ୍ଦିକ ପାଣ୍ଡ୍ୟା ବୋଲିଂ କରିବା ପାଇଁ ପର୍ଯ୍ୟାପ୍ତ ଫିଟ୍ ନ ଥିବାରୁ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ନିକଟରେ କେବଳ ୫ ବୋଲର ଉପଲବ୍ଧ ଥିଲେ। ସମସ୍ତ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିବାବେଳେ ଶାମି ୩ଟି ଏବଂ ଯଶପ୍ରୀତ ବୁମ୍‌ରା, ନବଦୀପ ସଇନୀ ଓ ୟୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବଡ଼ ସ୍କୋରର ପିଛା କରି ଭାରତ ଭଲ ଆରମ୍ଭ କରିଥିଲେ ହେଁ ୨୩ ରନ ମଧ୍ୟରେ ୩ ଉଇକେଟ ପତନ ଯୋଗୁ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ଓପନିଂ ଯୋଡ଼ିରେ ୩୨ ବଲ୍‌ରୁ ୫୩ ରନ ସଂଗ୍ରହ ହେବାପରେ ମୟଙ୍କ ଅଗ୍ରୱାଲ (୨୨ ରନ, ୧୮ ବଲ୍, ୨ ଚୌକା, ୧ ଛକା) ଆଉଟ ହୋଇଥିଲେ। କୋହଲି ୨୧(୨୧ ବଲ, ୨ ଚୌକା, ୧ ଛକା), ଶ୍ରେୟାସ ଆୟାର ୨ ଓ ଲୋକେଶ ରାହୁଲ ୧୨ ରନରେ ଆଉଟ ହେବାରୁ ଭାରତ ୧୩.୩ ଓଭର ମଧ୍ୟରେ ୪ ଉଇକେଟ ହରାଇ ସାରିଥିଲା। ଶିଖର ଧାୱନ ଓ ହାର୍ଦ୍ଦିକ ୫ମ ଉଇକେଟରେ ୧୨୮ ରନର ଦ୍ରୁତ ଭାଗୀଦାରି ଗଢ଼ିଥିଲେ ହେଁ ଦଳକୁ ବିଜୟ ଲକ୍ଷ୍ୟ ନିକଟରେ ପହଞ୍ଚାଇବାପାଇଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଧାୱନ ୮୬ ବଲ୍‌ରୁ ୭୪(୧୦ ଚୌକା) ରନ କରିଥିବାବେଳେ ହାର୍ଦ୍ଦିକ ଆଇପିଏଲ ଫର୍ମ ଜାରି ରଖି ୭୬ ବଲ୍‌ରୁ ୯୦(୭ ଚୌକା, ୪ ଛକା) ରନ କରି ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ଜୋଶ୍ ହାଜେଲଉଡ୍ ୩ ଉଇକେଟ ନେଇ ଭାରତର ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବାବେଳେ ଆଡାମ ଜାମ୍ପା ୪ ଉଇକେଟ ନେଇ ଧାୱନ-ପାଣ୍ଡ୍ୟାଙ୍କ ଯୋଡ଼ି ଭାଙ୍ଗିବା ସହ ସଫଳ ବୋଲର ବିବେଚିତ ହୋଇଥିଲେ। ଶେଷ ଓଭରରେ ମିଚେଲ ଷ୍ଟାର୍କଙ୍କୁ ଗୋଟିଏ ଉଇକେଟ ମିଳିଥିଲା।



ଆରୋନ୍ ଫିଞ୍ଚ


## ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ଇନିଂସ**
ୱାର୍ନର-କ-ରାହୁଲ-ବୋ-ଶାମି-୬୯
ଫିଞ୍ଚ୍-କ-ରାହୁଲ-ବୋ-ବୁମ୍‌ରା-୧୧୪
ସ୍ମିଥ-ବୋ-ଶାମି-୧୦୫
ଷ୍ଟୋଇନିସ-କ-ରାହୁଲ-ବୋ-ଚହଲ-୦
ମ୍ୟାକ୍ସୱେଲ-କ-ଜାଡେଜା-ବୋ-ଶାମି-୪୫
ଲାବୁସ୍କାନ-କ-ଧାୱନ-ବୋ-ସଇନୀ-୨
କାରେ-ନଟଆଉଟ-୧୭
କୁମିନ୍ସ-ନଟଆଉଟ-୧
ଅତିରିକ୍ତ-୨୧
ମୋଟ(୬ ଉଇକେଟ, ୫୦ ଓଭର) ୩୭୪।
ଉଇକେଟ ପତନ:୧/୧୫୬, ୨/୨୬୪, ୩/୨୭୧, ୪/୩୨୮, ୫/୩୩୧, ୬/୩୭୨।
ବୋଲିଂ(ଭାରତ)
ଶାମି ୧୦-୦-୫୯-୩
ବୁମ୍‌ରା ୧୦-୦-୭୩-୧
ସଇନୀ ୧୦-୦-୮୩-୧
ଚହଲ ୧୦-୦-୮୯-୧
ଜାଡେଜା ୧୦-୦-୬୩-୦
**ଭାରତ ଇନିଂସ**
ଅଗ୍ରୱାଲ-କ-ମ୍ୟାକ୍ସୱେଲ-ବୋ-ହାଜେଲଉଡ୍-୨୨
ଧାୱନ-କ-ଷ୍ଟାର୍କ-ବୋ-ଜାମ୍ପା-୭୪
କୋହଲି-କ-ଫିଞ୍ଚ୍-ବୋ-ହାଜେଲଉଡ୍-୨୧
ଆୟାର-କ-କାରେ-ବୋ-ହାଜେଲଉଡ-୨
ରାହୁଲ-କ-ସ୍ମିଥ-ବୋ-ଜାମ୍ପା-୧୨
ହାର୍ଦ୍ଦିକ-କ-ଷ୍ଟାର୍କ-ବୋ-ଜାମ୍ପା-୯୦
ଜାଡେଜା-କ-ଷ୍ଟାର୍କ-ବୋ-ଜାମ୍ପା-୨୫
ସଇନୀ-ନଟଆଉଟ-୨୯
ଶାମି-ବୋ-ଷ୍ଟାର୍କ-୧୩
ବୁମ୍‌ରା-ନଟଆଉଟ-୦
ଅତିରିକ୍ତ-୨୦
ମୋଟ(୮ ଉଇକେଟ, ୫୦ ଓଭର) ୩୦୮
ଉଇକେଟ ପତନ: ୧/୫୩, ୨/୭୮, ୩/୮୦, ୪/୧୦୧, ୫/୨୨୯, ୬/୨୪୭, ୭/୨୮୧, ୮/୩୦୮।
ବୋଲିଂ(ଅଷ୍ଟ୍ରେଲିଆ)
ଷ୍ଟାର୍କ ୯-୦-୬୫-୧
ହାଜେଲଉଡ ୧୦-୦-୫୫-୩
କୁମିନ୍ସ ୮-୦-୫୨-୦
ଜାମ୍ପା ୧୦-୦-୫୪-୪
ଷ୍ଟୋଇନିସ ୬.୨-୦-୨୫-୦
ମ୍ୟାକ୍ସୱେଲ ୬.୪-୦-୫୫-୦।
**ମ୍ୟାନ ଅଫ ଦି ମ୍ୟାଚ: ଷ୍ଟିଭେନ ସ୍ମିଥ**

# ପଡ଼ିଆରେ ୨ବିକ୍ଷୋଭକାରୀ

**ସିଡ୍‌ନୀ, ୨୭।୧୧(ପି.ଟି.)**

ଶୁକ୍ରବାର ଏଠାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଚାଲିଥିବାବେଳେ ପଡ଼ିଆରେ ପ୍ରବେଶ କରିଥିବା ୨ଜଣ ବିକ୍ଷୋଭକାରୀଙ୍କୁ ସୁରକ୍ଷାକର୍ମୀମାନେ କାବୁ କରିନେଇଥିଲେ। ଜଣେ ଅନୁପ୍ରବେଶକାରୀଙ୍କ ହାତରେ ଧରିଥିବା ପ୍ଲାକାର୍ଡରେ ଅଷ୍ଟ୍ରେଲିଆରେ ଆଦାନି ଗ୍ରୁପ୍ କୋଇଲା ପ୍ରକଳ୍ପକୁ ନିନ୍ଦା କରି ଏକ ଲେଖା ପ୍ରକାଶ ପାଇଥିଲା। ଘରୋଇ ଦଳର ଇନିଂସର ୬ଷ୍ଠ ଓଭରରେ ନବଦୀପ ସଇନୀ ବୋଲିଂ କରିବାକୁ ପ୍ରସ୍ତୁତ ହେଉଥିବାବେଳେ ଅନୁପ୍ରବେଶକାରୀ ଦ୍ୱୟ ପିଚ୍ ପାଖାପାଖି ହୋଇଯାଇଥିଲେ। କରୋନା ମହାମାରୀ ଯୋଗୁ ବିଶ୍ୱସାରା ବିନାଦର୍ଶକରେ ଟୁର୍ନାମେଣ୍ଟ ଆୟୋଜନ ହେଉଛି। ଶୁକ୍ରବାର ଏଠାରେ ପ୍ରଥମ ଥର ଦର୍ଶକଙ୍କୁ ଅନୁମତି ଦିଆଯାଇଥିଲା। ଭାରତ-ଅଷ୍ଟ୍ରେଲିଆ ସିରିଜରେ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ସର୍ବାଧିକ ୫୦ ପ୍ରତିଶତ ଦର୍ଶକଙ୍କୁ ଅନୁମତି ଦେଇଛି। ଏହି ସିରଜରେ ତିନୋଟି ଅନ୍ତର୍ଜାତୀୟ ଦିନିକିଆ, ସମାନ ସଂଖ୍ୟକ ଟି୨୦ ଏବଂ ୪ ଟେଷ୍ଟ ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।




ଜଣେ ବିକ୍ଷୋଭକାରୀ ପ୍ଲାକାର୍ଡ ପ୍ରଦର୍ଶନ କରୁଛନ୍ତି।

# ନ୍ୟୁଜିଲାଣ୍ଡ ୫ ଉଇକେଟରେ ବିଜୟୀ

**ଅକଲାଣ୍ଡ,୨୭।୧୧(ଏପି)**

ସ୍ଥାନୀୟ ଇଡେନ ପାର୍କ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ଡକ୍‌ୱର୍ଥ- ଲୁଇସ୍ ନିୟମରେ ୫ ଉଇକେଟରେ ବିଜୟ ହାସଲ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ନ୍ୟୁଜିଲାଣ୍ଡ ୧-୦ରେ ଅଗ୍ରଣୀ ହାସଲ କରିଛି। ୨୧ ରନ ଦେଇ ୫ ଉଇକେଟ ହାସଲ କରିଥିବା ନ୍ୟୁଜିଲାଣ୍ଡ ଅଭିଜ୍ଞ ଦ୍ରୁତ ବୋଲର ଲୋକି ଫର୍ଗୁସନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ବର୍ଷା ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ ହେବା ଫଳରେ ମ୍ୟାଚ୍‌କୁ ୧୬ ଓଭରରେ ସୀମିତ ରଖାଯାଇଥିଲା। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ୭ ଉଇକେଟ ହରାଇ ୧୮୦ ରନ ସଂଗ୍ରହ କରିଥିଲା। ଦଳ ତରଫରୁ କିରନ ପୋଲାର୍ଡ ସର୍ବାଧିକ ଅପରାଜିତ ୭୫ ରନ (୩୭ ବଲ, ୪ ଚୌକା, ୮ ଛକା) ସଂଗ୍ରହ କରିଥିଲେ। ନ୍ୟୁଜିଲାଣ୍ଡ ତରଫରୁ ଫର୍ଗୁସନ ସର୍ବାଧିକ ୫ ଉଇକେଟ ନେଇଥିଲେ।

ଜବାବରେ ନ୍ୟୁଜିଲାଣ୍ଡ ୧୬ ଓଭରରେ ପରିବର୍ତ୍ତିତ ବିଜୟ ଲକ୍ଷ୍ୟ ୧୭୬କୁ ସହଜରେ ହାସଲ କରି ନେଇଥିଲା। ଦଳ ତରଫରୁ ଜେମ୍ସ ନିଶାମ ଅପରାଜିତ ୪୮, ମିଚେଲ ସାଣ୍ଟନର ଅପରାଜିତ ୩୧ ରନ କରି ଦଳକୁ ବିଜୟୀ କରାଇଥିଲେ। ମ୍ୟାଚ୍ ଆରମ୍ଭ ପୂର୍ବରୁ ୱେଷ୍ଟଇଣ୍ଡିଜ ଖେଳାଳିମାନେ ଗୋଟିଏ ଆଣ୍ଠୁ ମାଡି ବସି 'ବ୍ଲାକ ଲାଇଭ୍ସ ମ୍ୟାଟର' ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ।

### ପ୍ରଥମ ଟି୨୦

**ସଂକ୍ଷିପ୍ତ ସ୍କୋର:** ୱେଷ୍ଟଇଣ୍ଡିଜ୍ ୧୬ ଓଭରରେ ୧୮୦/୭(ପୋଲାର୍ଡ- ୭୫*, ଫ୍ଲେଚର- ୩୪, ଆଲେନ- ୩୦, ଫର୍ଗୁସନ- ୫/୨୧, ସୌଦି- ୨/୨୨)। ନ୍ୟୁଜିଲାଣ୍ଡ ୧୫.୨ ଓଭରରେ ୧୭୯/୫ (ନିଶାମ- ୪୮*, ସାଣ୍ଟନର- ୩୧*, କନୱେ- ୪୧, ଫିଲିପ୍ସ- ୨୨, ଥୋମାସ- ୨/୨୩)।

# ଦିନିକିଆ ଦଳରେ ନଟରାଜନ

**ସିଡ୍‌ନୀ, ୨୭।୧୧(ପି.ଟି.):** ନବଦୀପ ସଇନୀ ସମ୍ପୂର୍ଣ୍ଣ ଫିଟ୍ ନ ଥିବାରୁ ଭାରତୀୟ ଦିନିକିଆ କ୍ରିକେଟ ଦଳରେ ବାମହାତୀ ପେସର ଟି. ନଟରାଜନଙ୍କୁ ସାମିଲ କରାଯାଇଛି। ସଇନୀଙ୍କ ପିଠିରେ ଯନ୍ତ୍ରଣା ହେଉଥିବାରୁ ୨୯ ବର୍ଷୀୟ ନଟରାଜନଙ୍କୁ ୫୦ ଓଭର ଫର୍ମାଟରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ପ୍ରକାଶ କରାଯାଇଛି। କ୍ୟାରିୟରରେ ୧୫ଟି ଲିଷ୍ଟ-ଏ ମ୍ୟାଚ ଖେଳିଥିବା ୟର୍କର ସ୍ପେଶାଲିଷ୍ଟ ନଟରାଜନ ଜଣେ ନେଟ୍ ବୋଲରଭାବେ ଅଷ୍ଟ୍ରେଲିଆ ଗସ୍ତ କରିଥିଲେ। ଆହତ ସମସ୍ୟା ଯୋଗୁ ବରୁଣ ଚକ୍ରବର୍ତ୍ତୀ ଓହରିଯିବାରୁ ତାଙ୍କୁ ଭାରତୀୟ ଟି୨୦ ଦଳରେ ସାମିଲ କରାଯାଇଥିଲା। ଏବେ ସେ ଦିନିକିଆ ଦଳର ସଦସ୍ୟ ହୋଇ ଯାଇଛନ୍ତି।

# ମୁଖ୍ୟ କୋଚ୍ ପଦରେ ରହିଲେ ରଶ୍ମି



ରଶ୍ମିରଞ୍ଜନ ପରିଡ଼ା



ଦୀପକ ମଙ୍ଗରାଜ



ଗୌତମ ଗୋପାଳ

## ଦୀପକ ବୋଲିଂ ଓ ଗୋପାଳ ଫିଲ୍ଡିଂ କୋଚ୍

**ଭୁବନେଶ୍ୱର, ୨୭।୧୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ରାଜ୍ୟ ସିନିୟର ଦଳପାଇଁ କୋଚିଂ ଷ୍ଟାଫ୍ ନିଯୁକ୍ତ କରାଯାଇଛି। ରଶ୍ମିରଞ୍ଜନ ପରିଡ଼ା ମୁଖ୍ୟ କୋଚ୍ ପଦରେ ଅପରିବର୍ତ୍ତିତ ରହିଥିବାବେଳେ ଦୀପକ ମଙ୍ଗରାଜ ବୋଲିଂ ଏବଂ ଗୌତମ ଗୋପାଳ ଫିଲ୍ଡିଂ କୋଚ୍‌ଭାବେ ମନୋନୀତ ହୋଇଛନ୍ତି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଅକ୍ଷୟ କୁମାର ସାମନ୍ତ, ଯୁଗ୍ମ ସମ୍ପାଦକ ମେହତାବ ଖାଁ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନ୍ସିଲ ସଦସ୍ୟ ଶୁଭାଶିଷ ସେନାପତି ପ୍ରମୁଖ ନୂଆ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି।

# ଈଶାନ୍ତ ଆଉଟ, ୧୧ରେ ରୋହିତଙ୍କ ନିଷ୍ପତ୍ତି

**ସିଡ୍‌ନୀ, ୨୭।୧୧ (ପି.ଟି.):** ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରୁ ଭାରତର ସବୁଠାରୁ ଅଭିଜ୍ଞ ବୋଲର ଈଶାନ୍ତ ଶର୍ମା ବାଦ୍ ପଡିଛନ୍ତି। ସିରିଜ ବେଳକୁ ସେ ମ୍ୟାଚ୍ ପାଇଁ ସମ୍ପୂର୍ଣ୍ଣ ଫିଟ୍ ହୋଇ ନ ଥିବେ। ତେଣୁ ତାଙ୍କୁ ବାଦ୍ ଦିଆଯାଇଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା କହିଛନ୍ତି। ସେହିପରି ତାରକା ଓପନର ରୋହିତ ଶର୍ମାଙ୍କ ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରି ନେଇ ଡିସେମ୍ବର ୧୧ ତାରିଖରେ ପରୀକ୍ଷା ହେବ ଓ ଏ ନେଇ ଅନ୍ତିମ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ଏକ ଅନ୍‌ଲାଇନ୍ ମିଡିଆ ଆଲୋଚନାରେ ଅଧିନାୟକ ଏ ନେଇ ନିଜର ଅସନ୍ତୋଷ ଜାରି କରିବା ପରେ ବିସିସିଆଇ ଏହି ଦୁଇ ଖେଳାଳିଙ୍କ ନେଇ ଅଧରାତିରେ ଶର୍ଟ ଇଞ୍ଜୁରି ଅପ୍- ଡେଟ୍ ଜାରି କରିଛି। ଋଦ୍ଧିମାନ ଶାହାଙ୍କ ସହିତ ରୋହିତ ଅଷ୍ଟ୍ରେଲିଆରେ କାହିଁକି ରିହାବିଲିଟେଶନରେ ରହିପାରିବେନି ବୋଲି କୋହଲି ପ୍ରଶ୍ନ କରିଥିଲେ। ଜୟ ଶାହା ଏହାର ମଧ୍ୟ ଜବାବ ରଖିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପରେ ରୋହିତ ନିଜ ଅସୁସ୍ଥ ପିତାଙ୍କୁ ଦେଖା କରିବା ପାଇଁ ମୁମ୍ବାଇ ପ୍ରତ୍ୟାବର୍ତ୍ତନ କରିଥିଲେ। ରୋହିତ ଏ ନେଇ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ରିପୋର୍ଟ କରିଛନ୍ତି ବୋଲି ଶାହା ସ୍ପଷ୍ଟ କରିଛନ୍ତି। ତାଙ୍କ ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେବାରୁ ରୋହିତ ଏବେ ବେଙ୍ଗାଲୁରୁ ସ୍ଥିତ ଏନ୍‌ସିଏ ଯାଇ ରିହାବିଲିଟେଶନରେ ଅଛନ୍ତି ବୋଲି ଶାହା କହିଛନ୍ତି। ଆସନ୍ତା ୧୧ ତାରିଖରେ ତାଙ୍କ ଆଘାତ ସମସ୍ୟାର ମୂଲ୍ୟାଙ୍କନ ହେବ ଓ ଏହାପରେ ଟେଷ୍ଟ ସିରିଜରେ ସାମିଲ ହେବେ କି ନା ସ୍ପଷ୍ଟ ହେବ। ଯଦି ରୋହିତ ଅଷ୍ଟ୍ରେଲିଆ ଗସ୍ତ କରନ୍ତି ତେବେ ତାଙ୍କ ପାଇଁ କ୍ୱାରାଣ୍ଟାଇନ ନିୟମ କୋହଳ କରିବାକୁ ଅନୁରୋଧ କରାଯାଇଛି।

### ଟେଷ୍ଟ ସିରିଜ



ଗୋଲ୍‌ସ୍କୋର୍ କରିବା ପରେ ଏଟିକେ ମୋହନବାଗାନର ରୟ କ୍ରିଷ୍ଣା (ଡାହାଣ)।

# ଇଷ୍ଟବେଙ୍ଗଲକୁ ହରାଇଲା ଏଟିକେ ମୋହନବାଗାନ

**ଭାସ୍କୋ, ୨୭।୧୧**

ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଷ୍ଟବେଙ୍ଗଲ ଓ ଏଟିକେ ମୋହନବାଗାନ ମଧ୍ୟରେ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ର ସବୁଠାରୁ ପ୍ରତୀକ୍ଷିତ ମ୍ୟାଚ ଶୁକ୍ରବାର ଆୟୋଜିତ ହୋଇ ଯାଇଛି। କୋଲକାତାର ଏହି ଦୁଇ ଫୁଟବଲ ମହାଶକ୍ତି ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଏଟିକେ ମୋହନବାଗାନ ୨-୦ ଗୋଲରେ ଇଷ୍ଟବେଙ୍ଗଲକୁ ପରାସ୍ତ କରିଛି। ରୟ କ୍ରିଷ୍ଣା ଓ ମନଭୀର ସିଂଙ୍କ ଗୋଲ ଏଟିକେ ମୋହନବାଗାନକୁ ବିଜୟ ସ୍ୱାଦ ଚଖାଇଛି। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଖେଳ ଉତ୍ତେଜନା ପୂର୍ଣ୍ଣ ରହିଥିଲା। ୪୯ତମ ମିନିଟରେ କ୍ରିଷ୍ଣା ଚମତ୍କାର ଢଙ୍ଗରେ ଏକ ଗୋଲ ଦେଇ ଏଟିକେ ମୋହନବାଗାନକୁ ଅଗ୍ରଣୀ କରାଇଥିଲେ। ଇଷ୍ଟବେଙ୍ଗଲ ଗୋଲ ପରିଶୋଧ ପାଇଁ ଉଦ୍ୟମକୁ ଜୋର୍‌ଦାର କରିଥିଲେ ହେଁ ସଫଳ ହୋଇ ନ ଥିଲା। ୮୫ତମ ମିନିଟରେ ମନଭୀର ଆଉ ଏକ ଗୋଲ ଦେଇ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ଫଳରେ ଏଟିକେ ମୋହନବାଗାନର ବିଜୟ ନିଶ୍ଚିତ ହୋଇଯାଇଥିଲା। ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚରେ କେରଳ ବ୍ଲାଷ୍ଟର୍ସକୁ ହରାଇଥିବା ଏଟିକେ ୨ ମ୍ୟାଚରୁ ୨ ବିଜୟ ସହ ୬ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ଆଇଏସଏଲ୍‌ରେ ପ୍ରଥମ ମ୍ୟାଚ ଖେଳିଥିବା ଇଷ୍ଟବେଙ୍ଗଲ ନିଜର ପ୍ରଥମ ବିଜୟ ଅପେକ୍ଷାରେ ରହିଛି।

**ଇଣ୍ଡିଆନ ସୁପରଲିଗ୍**
**(ଶନିବାର ମ୍ୟାଚ)**
ବେଙ୍ଗାଲୁରୁ ବନାମ ହାଇଦ୍ରାବାଦ୍ ଏଫସି
ସ୍ଥାନ: ଫତୋର୍ଦ୍ଦା ଷ୍ଟାଡିୟମ, ଗୋଆ
ସମୟ: ରାତି ୭ଟା ୩୦






40
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ